ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୯/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 9/2023 Page 16 ₹ 7.00
୪୯ଶ ଭାଗ ୧୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 134 ମୂଲ୍ୟ₹୭/-



**ଛୋଟ ପିଲାର ସ୍ୱପ୍ନ ପୂରଣ ହେଲା**
ଅଭିନେତା ରାମ ଚରଣ 'ୟେତଜ୍ଞା'ରେ ଭାଇଜାନ୍ ସଲମାନ୍‌ଙ୍କ ସହ ଡ୍ୟାନ୍ସ କରି ଜଣେ ଛୋଟପିଲାର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି। ୧୩

୧୪ **ତେଜସ୍ୱିନଙ୍କୁ ରୌପ୍ୟ ପଦକ**
ଜିମ୍ କ୍ଲିକ୍ ଶୁଟ୍‌ଆଉଟ୍ ପ୍ରତିଯୋଗିତାରେ ଭାରତୀୟ ହାଇଜମ୍ପର ତେଜସ୍ୱିନ ଶଙ୍କର ଡେକାଥଲନରେ ରୌପ୍ୟପଦକ ଜିତିଛନ୍ତି।





ଶନିବାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନରେ ଉଡ଼ାଣ କରିବା ପରେ ଆସାମର ତେଜପୁର ବାୟୁସେନା ଷ୍ଟେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

# ବଜ୍ରପାତ ନେଲା ୪ଜୀବନ

**ପ୍ରକୃତି କୋପର ଶିକାର କିଏ କେତେବେଳେ ଯେ ହେବ ତାହା କେହି କଳନା କରି ପାରିବେ ନାହିଁ। କେହି କିଛି ଭାବିବା ପୂର୍ବରୁ ଅକାଳରେ ଚାଲିଯାଏ ଜୀବନ। ଶନିବାର ବଜ୍ରପାତରେ ୨ଟି ସ୍ଥାନରେ ୪ ଜୀବନ ଚାଲିଯାଇଛି । ମୟୂରଭଞ୍ଜ ଜିଲା କରଞ୍ଜିଆରେ ଜଣେ ସମ୍ପର୍କୀୟଙ୍କ ଶବସଂସ୍କାର କରିବା ପାଇଁ ଶ୍ମଶାନକୁ ଆସିଥିବା ୩ଜଣ ମହିଳା ଗଛତଳେ ବସିଥିବାବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ସେହିପରି ବାଲେଶ୍ୱର ଜିଲା ସୋର ବ୍ଲକ ଅଞ୍ଚଳରେ ରାସ୍ତା କାମ ତଦାରଖ କରୁଥିବାବେଳେ ବଜ୍ରପାତରେ ଜଣେ ସୁପରଭାଇଜରଙ୍କ ମୃତ୍ୟୁ ଘଟିଛି।**

- **ଶବ ସଂସ୍କାର କରିବାକୁ ଯାଇଥିବା ୩ ମହିଳା ମୃତ**
- **ବଜ୍ରପାତରେ ଜଳିଗଲା ଗଛ**
- **ରାସ୍ତା କାମ ତଦାରଖ କରୁଥିବା ସୁପରଭାଇଜର ମୃତ**

ବାରିପଦା ଅଫିସ/କରଞ୍ଜିଆ/ସୋର, ୮।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସିର ୧୫ନଂ. ୱାର୍ଡ ଅଙ୍କୁରା ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ସହ ବଜ୍ରପାତ ହୋଇ ୩ ମହିଳାଙ୍କ ଜୀବନ ଯାଇଛି। ବନ୍ଧୁ ପରିଜନଙ୍କ ସହ ଶବ ସଂସ୍କାର କରିବାକୁ ନିକଟସ୍ଥ ଶ୍ମଶାନକୁ ଯାଇଥିବାବେଳେ ଏଭଳି ଅଘଟଣ ଘଟିଛି। ମୃତକମାନେ ହେଲେ ଅଙ୍କୁରା ଗ୍ରାମର ସୁବାସିନୀ ଦାସ(୭୦), ଗର୍ଭବତୀ ମହିଳା ହେମଲତା ହୋ(୨୫) ଓ ସରୋଜପଶି ଗ୍ରାମର ଜୀବତୀ ନାଏକ(୩୦)। ବଜ୍ରପାତରେ ୫ଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ସେମାନଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଆହତମାନେ ହେଲେ ଯୁବତୀ ନାଏକ, ମାଳତୀ ନାଏକ, ଭୁବନ ହୋ, ସୋନାଲି ବାସ୍କେ ଓ ଦେଢ଼ବର୍ଷର ଶିଶୁ ତେଜଶ୍ୱରୀ ନାଏକ। ଶନିବାର ସକାଳେ ମୁକ୍ତା ମୁଣ୍ଡା ନାମ୍ନୀ ମହିଳାଙ୍କ ମୃତ୍ୟୁ ହୋଇଥିଲା। ବନ୍ଧୁ ପ୍ରିୟଜନମାନେ ଶବ ସତ୍କାର କରିବାକୁ ନିକଟସ୍ଥ ମଶାଣିକୁ ଯାଇଥିଲେ । ଅପରାହ୍ନରେ କାଳବୈଶାଖୀ ମାଡ଼ି ଆସିବାରୁ ମହିଳାମାନେ ଆମ୍ବଗଛ ମୂଳରେ ଥିବା ଚାଳିଆରେ ଆଶ୍ରୟ ନେଇଥିଲେ । ଏହି ସମୟରେ ଆମ୍ବ ଗଛକୁ ବଜ୍ରପାତ ହେବାରୁ ତଳେ ଆଶ୍ରୟ ନେଇଥିବା ମହିଳାଙ୍କ ମଧ୍ୟରେ ୩ଜଣ ଏହାର ଶିକାର ହୋଇ ଟଳି ପଡ଼ିଥିଲେ। ଆମ୍ବଗଛ ହୁତୁ ହୁତୁ ହୋଇ ଜଳୁଥିବାବେଳେ ଅନ୍ୟମାନେ ଆତଙ୍କିତ ହୋଇପଡିଥିଲେ। ଖବରପାଇ ଅଙ୍କୁରାସ୍ଥିତ ବାସଭବନରେ ଥିବା ମହିଳା ଓ ଶିଶୁ ବିକାଶ ତଥା ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ପଠାଇ ଚିକିତ୍ସା ବିଷୟରେ ବୁଝାଶୁଝା କରିଥିଲେ। ମନ୍ତ୍ରୀଙ୍କ ସହ ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟି, ଦିଲୀପ ସାହୁ, ଗିରିଧାରୀ ପୃଷ୍ଟି, ମହେଶ୍ୱର ନାୟକ, ସିପୁ ନାୟକଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ବାଲେଶ୍ୱର ଜିଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଟିଣା ପୋଲ ନିକଟରେ ☞ପୃଷ୍ଠା-୪

**ରାଜ୍ୟରେ ହେବ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର**
.......୩.........

**ଆଜିର ସମ୍ପାଦକୀୟ**

**ନ କହିବା ଭଲ**

**ଆଜିର ମନ୍ତବ୍ୟ**

"ମନୀଷ ସିସୋଡିଆ ଦିଲ୍ଲୀରେ ଶିକ୍ଷା ବିପ୍ଳବର ସ୍ଥପତି। ଆସୁରିକ ଶକ୍ତିଗୁଡ଼ିକ ତାଙ୍କୁ ଜେଲକୁ ଠେଲି ଦେଇଛନ୍ତି।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ




# ସିମ୍ କେୱାଇସି ଯାଞ୍ଚ ଖୁବ୍‌ଶୀଘ୍ର

**ଦେଶରେ ଫେକ୍ ସିମ୍ କାର୍ଡ ବ୍ୟବହାର କରି ଅନେକ ସାଇବର ଅପରାଧ ଘଟାଯାଉଛି। ଗୋଟିଏ ପରିଚୟପତ୍ରରେ ଅନେକ ସିମ୍ ମିଳୁଥିବାରୁ ସାଇବର ଅପରାଧୀମାନେ ଏହାର ଫାଇଦା ନେଉଛନ୍ତି। ସିମ୍ କାର୍ଡର ଏପରି ଦୁରୁପଯୋଗକୁ ରୋକିବା ପାଇଁ କେନ୍ଦ୍ର ସରକାର ସିମ୍ ଆବେଦନର ନିୟମକୁ କଡ଼ାକଡ଼ି କରିବାକୁ ଯାଉଛନ୍ତି। ଟେଲିକମ୍ୟୁନିକେଶନ ବିଭାଗ (ଡିଓଟି)ର ଯୋଜନା ମୁତାବକ ସିମ୍ କାର୍ଡ ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରକ୍ରିୟା ଆପଣାଯିବ। ନୋ-ୟୋର୍ କଷ୍ଟମର (କେୱାଇସି) ଯାଞ୍ଚ ବିନା ସିମ୍ ମିଳିବ ନାହିଁ। ଏପରି କି ବର୍ତ୍ତମାନ ୟୁଜର୍ସ ଗୋଟିଏ ପରିଚୟପତ୍ରରେ ୯ଟି ସିମ୍ ପାଉଥିବାବେଳେ ଆଗକୁ ଏହା ୫ରେ ସୀମିତ ରହିବ। ଏଥିଯୋଗୁ ମୋବାଇଲ୍ ଫୋନ୍ ବ୍ୟବହାରକାରୀମାନେ ଅନେକ ସୁବିଧାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି।**




- **ଦୁରୁପଯୋଗ କଲେ ଜେଲ, ଜରିମାନା**
- **ଗୋଟିଏ ପରିଚୟପତ୍ରରେ ୯ ପରିବର୍ତ୍ତେ ୫ କାର୍ଡ ଇସ୍ୟୁ ହେବ**

ନୂଆଦିଲ୍ଲୀ, ୮।୪

ମୋବାଇଲ ଫୋନ୍ ଯୋଗେ ଆର୍ଥିକ ଜାଲିଆତି ଓ ଠକେଇ ବଢୁଥିବାରୁ ଏହାକୁ ବନ୍ଦ କରିବା ଲାଗି ଟେଲିକମ୍ୟୁନିକେଶନ ବିଭାଗ ସିମ୍ କାର୍ଡଗୁଡ଼ିକର ନୋ ୟୋର୍ କଷ୍ଟମର (କେୱାଇସି) ଯାଞ୍ଚ କରିବା ପାଇଁ ଯୋଜନା କରିଛି। ଏହାଦ୍ୱାରା ଜାଲ୍ ସିମ୍ କାର୍ଡଗୁଡ଼ିକୁ ଚିହ୍ନଟ କରାଯାଇପାରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନୂଆ କେୱାଇସି ନିୟମାବଳୀରେ ସିମ୍ କାର୍ଡ ଇସ୍ୟୁ ସଂଖ୍ୟାକୁ କମାଇ ଦିଆଯିବ। ଏବେ ଗୋଟିଏ ପରିଚୟ ପତ୍ରରେ ୯ଟି ସିମ୍ କାର୍ଡ ଇସ୍ୟୁ କରାଯାଇ ପାରୁଥିବାବେଳେ ଏହାକୁ ୫କୁ ☞ପୃଷ୍ଠା-୪

## ଫେକ୍ ସିମ୍ ରୋକିବ ଇ-କେୱାଇସି: ବିଶେଷଜ୍ଞ

ଭୁବନେଶ୍ୱର,୮।୪ (ବ୍ୟୁରୋ)

ସାଇବର ଅପରାଧୀମାନେ ମୁଖ୍ୟତଃ ଫେକ୍ ସିମ୍ ବ୍ୟବହାର କରି ଲୋକଙ୍କୁ ଠକିଥାନ୍ତି। ଅନେକ ସମୟରେ ସେମାନେ ସିମ୍ ଦ୍ୱାରା ହ୍ୱାଟ୍‌ସ ଆପ୍ ମେସେଜ ବା କଲ୍ କରିଥାନ୍ତି। ସେମାନେ ଚଞ୍ଚକତା ପୂର୍ବକ ଫେକ୍ ସିମ୍ ହାତେଇ ଲୋକଙ୍କୁ କଲ୍ କରି ଲୁଟିଥାନ୍ତି। ଟଙ୍କା ନେଇ ସାରିବା ପରେ ପୁଣି ସେହି ସିମ୍‌କୁ ଫିଙ୍ଗି ଆଉ ଏକ ସିମ୍‌କୁ ବ୍ୟବହାର କରନ୍ତି। ତେବେ ଏସବୁ ପଛରେ କିଛି ଦୋକାନୀ କିମ୍ବା ଡିଷ୍ଟ୍ରିବ୍ୟୁଟରଙ୍କ ହାତ ଥାଏ। ସେମାନେ ଲୋକଙ୍କ ଆଧାର, ପ୍ୟାନ୍ କାର୍ଡ ଯାଞ୍ଚ କରିବା ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏକାଧିକ ବାର ଟିପଚିହ୍ନ(ଥମ୍ବ ଇମ୍ପ୍ରେଶନ) ☞ପୃଷ୍ଠା-୪

# ଉତ୍ତରପୂର୍ବାଞ୍ଚଳରେ ଭାଜପା କେତେ ସଫଳ

ନୂଆଦିଲ୍ଲୀ, (କୁଳଦୀପ ସିଂ) ୮।୪




କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ଏପ୍ରିଲ ୬ ତାରିଖରେ ୪୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ କ୍ୟାଡରମାନଙ୍କୁ ସମ୍ବୋଧିତ କରି ଅତ୍ୟଧିକ ଆତ୍ମବିଶ୍ୱାସର ଶିକାର ନ ହେବାକୁ ପରାମର୍ଶ ଦେଇଥିଲେ। ନିକଟରେ ଶେଷ ହୋଇଥିବା ୩ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଦଳୀୟ କର୍ମୀମାନଙ୍କ ଲାଗି ଏକ ଉଲ୍ଲେଖନୀୟ ବାର୍ତ୍ତା। ଗତ ମାର୍ଚ୍ଚ ୨ରେ ମେଘାଳୟ, ତ୍ରିପୁରା ଓ ନାଗାଲାଣ୍ଡ ଭୋଟ ଫଳାଫଳ ପ୍ରକାଶ ପାଇଥିଲା। ନିର୍ବାଚନକୁ ଭାଜପା ପୂରା ପୋଛିନେଲା ବୋଲି ଇଣ୍ଟରନେଟ୍‌ରେ ମନ୍ତବ୍ୟ ଛାଇଯାଇଥିଲା। ଗୈରିକ ଦଳ ବିଜୟ ଉତ୍ସବ ମନାଇବା ସହ ୩ ରାଜ୍ୟରେ ମେଣ୍ଟ କିମ୍ବା ବିନା ମେଣ୍ଟରେ ସରକାର ଗଢ଼ିଥିଲା। ଭାଜପା ଉତ୍ତରପୂର୍ବାଞ୍ଚଳରେ ନିଜ ଉପସ୍ଥିତି ବଢ଼ାଇବାରେ ସଫଳ ହୋଇଥିଲେ ମଧ୍ୟ ଉକ୍ତ ଅଞ୍ଚଳରେ କ୍ଲିନ୍ ସୁଇପ୍ ପାଇଁ ଏହି ଦଳକୁ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ। ଆସାମକୁ ବାଦ୍‌ଦେଲେ ୭ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଯଥା ସିକିମ, ତ୍ରିପୁରା, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ମିଜୋରାମ, ମେଘାଳୟ ଏବଂ ମଣିପୁରରେ ମୋଟ ☞ପୃଷ୍ଠା-୪

# ତରଳିଲାଣି ୫୭୦ ନିୟୁତ ହାତୀ ଓଜନର ହିମବାହ

ଲଣ୍ଡନ, ୮।୪



**ହିମାଳୟ ଉପରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ**

- **ସତର୍କ କରାଇଲେ ବିଶେଷଜ୍ଞ**

ତାପମାତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରକୃତି ବ୍ୟାପକ ପ୍ରଭାବିତ ହେବାରେ ଲାଗିଛି। ଏଥିଯୋଗୁ ସମଗ୍ର ପ୍ରାଣୀଜଗତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ହେତୁ ହିମବାହ ତରଳିବାରେ ଲାଗିଛି। କେନ୍ଦ୍ରୀୟ ହିମାଳୟର ହିମବାହ ଦ୍ରୁତ ବେଗରେ ହ୍ରାସ ପାଇଛି, ଯେଉଁଥିପାଇଁ ୨୦୦୦ରୁ ୨୦୨୦ ମସିହା ମଧ୍ୟରେ ଗ୍ଲାସିଆଲ ଲେକ୍ (ହିମବାହ ତରଳି ସୃଷ୍ଟି ହୋଇଥିବା ହ୍ରଦ)ର ସଂଖ୍ୟା ବୃଦ୍ଧି ପାଇଛି। ଗତ ୨୦ ବର୍ଷ ମଧ୍ୟରେ ହିମାଳୟରୁ ୨.୭ ଗିଗା ଟନ୍ (୨୭୦କୋଟି ଟନ୍) ଓଜନର ହିମବାହ ତରଳିଛି। ଏହା ୫୭୦ ନିୟୁତ ହାତୀଙ୍କ ଓଜନ ସହିତ ସମାନ ବୋଲି ବିଶେଷଜ୍ଞ ଦାବି କରିଛନ୍ତି। ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ସେଣ୍ଟ ଆଣ୍ଡ୍ରେୟୁସ୍, ଚାଇନିଜ୍ ଏକାଡେମୀ ☞ପୃଷ୍ଠା-୪



## ଥାଇଲାଣ୍ଡରେ ଗୁଳିକାଣ୍ଡ: ୪ ମୃତ

ସାଉଥର୍ନ ଥାଇଲାଣ୍ଡରେ ଶନିବାର ଗୁଳିକାଣ୍ଡରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୫ଟା ବେଳେ ଖୁରି ରାତ ନିଖୋମ ଜିଲାରେ ଅଭିଯୁକ୍ତ ଗୁଳିକାଣ୍ଡ ଘଟାଇବା ପରେ ଫେରାର୍ ହୋଇଯାଇଥିଲେ। ତେବେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଟାଇୱାନ୍‌କୁ ଚାରିପଟୁ ଘେରିଲା ଚାଇନା

## ବହୁ ଯୁଦ୍ଧଜାହାଜ, ଫାଇଟର ଜେଟ୍ ମୁତୟନ





ବେଜିଂ, ୮।୪

ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଶନିବାର ଟାଇୱାନ୍ ଚାରିପଟେ ବିପୁଳ ସଂଖ୍ୟାରେ ଯୁଦ୍ଧଜାହାଜ ମୁତୟନ କରିବା ସହ ଫାଇଟର ଜେଟ୍ ଉଡ଼ାଇଛି। ଟାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କ ଆମେରିକା ଗସ୍ତ ଏବଂ ହାଉସ୍ ସ୍ପିକର କେଭିନ୍ ମାକାର୍ଥିଙ୍କୁ ଭେଟିବା ପରେ ବେଜିଂ ନିଜର ଆକ୍ରମଣାତ୍ମକ ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିଛି। ସ୍ୱୟଂଶାସିତ ଦ୍ୱୀପ ଦେଶ ଟାଇୱାନ୍‌କୁ ଚାଇନା ନିଜ ଭୂଖଣ୍ଡ ବୋଲି ଦାବି କରିଆସୁଛି।

ଶନିବାର ଟାଇୱାନ୍ ଦ୍ୱୀପ ଚାରିପଟେ ଚାଇନାର ୮ଟି ଯୁଦ୍ଧଜାହାଜ ଏବଂ ୭୧ଟି ଲଢ଼ୁଆ ବିମାନକୁ ଚିହ୍ନଟ କରାଯାଇଥିବା ଟାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ୪୫ ବିମାନ ଟାଇୱାନ୍ ପ୍ରଣାଳୀର ମଧ୍ୟରେଖା ଅତିକ୍ରମ କରିଥିଲା। ୨୯ଟି ଜେଟ୍ ଟାଇୱାନ୍‌ରେ ଦକ୍ଷିଣପଶ୍ଚିମାଞ୍ଚଳ ଏୟାର ଡିଫେନ୍ସ ଆଇଡେଣ୍ଟିଫିକେଶନ ଜୋନ୍ (ଏଡିଆଇଜେଡ୍) ଅତିକ୍ରମ କରିଛି। ଚଳିତ ବର୍ଷ ଗୋଟିଏ ଦିନରେ ଏହା ସର୍ବାଧିକ। ଚେଙ୍ଗଡୁ ଜେ-୧୦, ଶେନ୍ୟାଙ୍ଗ ଜେ-୧୧ ଏବଂ ଶେନ୍ୟାଙ୍ଗ ଜେ-୧୬ ଜେଟ୍ ଏଥିରେ ସାମିଲ ଅଛନ୍ତି। ଟାଇୱାନ୍‌କୁ ଚେତାବନୀ ସ୍ୱରୂପ ୩ ଦିନିଆ ଯୁଦ୍ଧପ୍ରସ୍ତୁତି ପାଟ୍ରୋଲ ଆରମ୍ଭ ହୋଇଥିବା ଚାଇନା ସୈନ୍ୟବାହିନୀ ପକ୍ଷରୁ ଘୋଷଣା କରାଯାଇଛି। ଟାଇୱାନ୍ ଏହାର ତଥ୍ୟତଃ ସ୍ୱାଧୀନତାକୁ ସ୍ଥାୟୀ କରିବାକୁ ଉଦ୍ୟମ ଚଳାଇଥିବାରୁ ଏଭଳି ଚେତାବନୀ ଦିଆଯାଇଥିବା ବେଜିଂ କହିଛି। ତେବେ ପୂର୍ବ ସମରାଭ୍ୟାସର ପୁନରାବୃତ୍ତି ହେବ କି ନାହିଁ ତାହା ସ୍ପଷ୍ଟ କରିନାହିଁ। ପୂର୍ବଥର ଚାଇନା ସେନା ସମରାଭ୍ୟାସ ବେଳେ ସମୁଦ୍ରକୁ କ୍ଷେପଣାସ୍ତ୍ର ନିକ୍ଷେପ କରିବାରୁ ଜାହାଜ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଶନିବାର ଚାଇନା ନୌସେନା ପକ୍ଷରୁ ଟାଇୱାନ ଅପରପାର୍ଶ୍ୱରେ ଥିବା ଫୁଜି ପ୍ରଦେଶର ଲୋୟୁଆନ୍ ବେ'ରେ 'ଲାଇଭ୍ ଫାୟାର ଟ୍ରେନିଂ' ଲାଗି ଯୋଜନା କରିଛି। ଏହି ଫାୟାରିଂ ବେଳେ ଜାହାଜ ଚଳାଚଳକୁ ବନ୍ଦ ରଖାଯିବ। ଆଗାମୀ ଦୁଇ ସପ୍ତାହରେ ୫ ଦିନ ଧରି ଏଭଳି ପ୍ରଶିକ୍ଷଣ ଚାଲିବ ବୋଲି ସ୍ଥାନୀୟ ମେରିଟାଇମ୍ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି।

ଆମେରିକା ହାଉସ୍ ସ୍ପିକର ମାକାର୍ଥି ଗୁରୁବାର କାଲିଫର୍ନିଆରେ ଟାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କ ସହ ଆଲୋଚନା କରିଥିଲେ। ଚାଇନା ଧମକର ସମ୍ମୁଖୀନ ହେଉଥିବା ଟାଇୱାନକୁ ସମର୍ଥନ ସ୍ୱରୂପ ଅନେକ ବିଦେଶୀ ଆଇନପ୍ରଣେତା ସାଇଙ୍କୁ ଭେଟିଛନ୍ତି। ଏହାର ପ୍ରତିକ୍ରିୟାରେ ଶୁକ୍ରବାର ବେଜିଂ ଆମେରିକୀୟ ଗ୍ରୁପ୍ ଏବଂ ସାଇଙ୍କ ଆମେରିକା ଗସ୍ତରେ ସାମିଲ ଥିବା ବ୍ୟକ୍ତିଙ୍କ ବିରୋଧରେ ଭ୍ରମଣ ଉପରେ ବ୍ୟାନ୍ ଲଗାଇବା ସହ ଆର୍ଥିକ କଟକଣା ଜାରି କରିଛି।

୧୯୪୯ ଗୃହଯୁଦ୍ଧ ପରେ ଟାଇୱାନ୍ ଚାଇନାରୁ ଅଲଗା ହୋଇଥିଲା। ଆବଶ୍ୟକ ହେଲେ ବଳପ୍ରୟୋଗ କରି ଏହି ଦ୍ୱୀପକୁ ମୂଳ ଭୂଖଣ୍ଡରେ ସାମିଲ କରାଯିବ ବୋଲି ଚାଇନାର ଶାସକ କମ୍ୟୁନିଷ୍ଟ ପାର୍ଟି କହିଛି। ସ୍ଥାୟୀ ସ୍ୱାଧୀନତା ଚାହୁଁଥିବା ଟାଇୱାନ୍‌କୁ ବିଦେଶ ଅଧିକାରୀମାନେ ପ୍ରୋତ୍ସାହିତ କରୁଛନ୍ତି। ଉକ୍ତ ଅଧିକାରୀମାନଙ୍କ ସହ ବେଜିଂ ଯୋଗାଯୋଗ କରୁଛି। ଏହା ଯୁଦ୍ଧ ଆଡ଼କୁ ନେଇଯାଇପାରେ ବୋଲି ଶାସକ ଦଳ ଚେତାବନୀ ଦେଇଛି।

### ହାଉସ୍ ସ୍ପିକରଙ୍କୁ ଟାଇୱାନ୍ ରାଷ୍ଟ୍ରପତି ଭେଟିବା ପରେ ଶକ୍ତି ଦେଖାଇଲା ବେଜିଂ

## ୨୦୩୦ ସୁଦ୍ଧା କ୍ୟାନ୍‌ସର, ହୃଦ୍‌ରୋଗ ଟିକା

ଲଣ୍ଡନ, ୮।୪(ଆଇଏଏନ୍ଏସ୍)

ଚଳିତ ଦଶନ୍ଧି ଶେଷ ସୁଦ୍ଧା କ୍ୟାନ୍‌ସର ଏବଂ ହୃଦ୍‌ରୋଗ ପାଇଁ ଟିକା ଆସିଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ। ୨୦୩୦ ସୁଦ୍ଧା କ୍ୟାନ୍‌ସର, କାର୍ଡିଓଭାସ୍କୁଲାର ଏବଂ ଅଟୋଇମ୍ୟୁନ୍ ରୋଗ ପାଇଁ ଟିକା ଆସିଯିବ ବୋଲି ଆମେରିକାର ଏକ ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ କହିଛି। ୫ ବର୍ଷ ମଧ୍ୟରେ ମଡର୍ନା ଔଷଧ କମ୍ପାନୀ ଏଭଳି ରୋଗ ପାଇଁ ଚିକିତ୍ସା ଉପଲବ୍ଧ କରାଇବାରେ ସମର୍ଥ ହେବ ବୋଲି ଏହାର ମୁଖ୍ୟ ମେଡିକାଲ ଅଫିସର ପାଉଲ୍ ବୁର୍ଟୋନ କହିଛନ୍ତି। କରୋନା ଟିକା ବିକଶିତ କରିଥିବା ଏହି କମ୍ପାନୀ ବିଭିନ୍ନ ଟ୍ୟୁମର ଭଳି କ୍ୟାନ୍‌ସରର ଚିକିତ୍ସା ପାଇଁ ଟିକା ବିକଶିତ କରୁଛି।

## ସକ୍ରିୟ ମାମଲା ୩୧ ହଜାର ଟପିଲା

ନୂଆଦିଲ୍ଲୀ, ୮।୪

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୬,୧୫୫ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ରମାଗତ ଭାବେ କୋଭିଡ୍ ମାମଲା ବଢ଼ିବା ପରେ ଦେଶରେ କରୋନା ଆକ୍ଟିଭ୍ ମାମଲା ୩୧, ୧୯୪ରେ ପହଞ୍ଚିଥିବା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶନିବାର ସକାଳ ୮ଟା ସୁଦ୍ଧା କରୋନାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୪.୪୭ କୋଟି ରହିଥିବାବେଳେ ମୃତ୍ୟୁସଂଖ୍ୟା ୫,୩୦,୯୫୪ ରହିଛି। ଅନ୍ୟପକ୍ଷେ ବୃଦ୍ଧି ପାଉଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଦେଶ ଫେରନ୍ତାଙ୍କ ପାଇଁ କୋଭିଡ୍ ଟେଷ୍ଟ ବାଧ୍ୟତାମୂଳକ କରିଛନ୍ତି ଉତ୍ତର ପ୍ରଦେଶ ସରକାର।

## ସଂକ୍ଷେପରେ

### ଦଳିତ ମହିଳାଙ୍କୁ ବଳାତ୍କାର ପରେ ଜାଳିଦେଲେ

ବାଡମିର, ୮।୪: ରାଜସ୍ଥାନ ବାଡମିରରେ ଜଣେ ଦଳିତ ମହିଳାଙ୍କୁ ବଳାତ୍କାର ପରେ ପୋଡ଼ିଦେବା ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ଶରୀରର ୪୦% ପୋଡ଼ିଯାଇଥିବାବେଳେ ଯୋଧପୁର ଡାକ୍ତରଖାନାରେ ମହିଳାଙ୍କ ଚିକିତ୍ସା ଚାଲିଛି। ଅଭିଯୁକ୍ତ ଶାକୁର ଗୁରୁବାର ମହିଳାଙ୍କୁ ବଳାତ୍କାର କରିବା ପରେ ତାଙ୍କ ଉପରେ କିଛି କେମିକାଲ୍ ଢାଳି ଜାଳି ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଏମର୍ଜେନ୍ସି ଡୋର୍ ଖୋଲି ବିମାନ ଯାତ୍ରୀ ଗିରଫ

ନୂଆଦିଲ୍ଲୀ, ୮।୪: ଦିଲ୍ଲୀରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ବିମାନର ଏମର୍ଜେନ୍ସି ଡୋର ଖୋଲିବା ଅଭିଯୋଗରେ ୪୦ ବର୍ଷୀୟ ଯାତ୍ରୀଙ୍କୁ ପୋଲିସ ଗିରଫ କରିଛି। ଶନିବାର ଇଣ୍ଡିଗୋ ବିମାନ ୬ଇ ୩୦୮ ଇନ୍ଦିରାଗାନ୍ଧୀ ଇଣ୍ଟରନ୍ୟାଶନାଲ ବିମାନବନ୍ଦରରୁ ୭ଟା ୫୬ମିନିଟ୍‌ରେ ଉଡ଼ାଣ ଭରିଥିଲା। ନିଶାସକ୍ତ ଅବସ୍ଥାରେ ଥିବା ଜଣେ ଯାତ୍ରୀ ଏମର୍ଜେନ୍ସି ଡୋର୍‌ର ଫ୍ଲାପ୍ ଖୋଲିବାକୁ ଚେଷ୍ଟା କରିଥିଲେ। ସହଯାତ୍ରୀ ଏ ନେଇ ଅଭିଯୋଗ କରିବା ପରେ ଯୁବକଙ୍କୁ ଏପରି କରିବାକୁ ବାରଣ କରାଯାଇଥିଲା। ବିମାନଟି ବେଙ୍ଗାଲୁରୁରେ ଅବତରଣ କରିବା ପରେ ଯାତ୍ରୀଙ୍କୁ ସିଆଇଏସ୍ଏଫ୍‌କୁ ହସ୍ତାନ୍ତର କରାଯାଇଥିବା ବିମାନ କର୍ତ୍ତୃପକ୍ଷ କହିଛନ୍ତି।

### କିରେନ ରିଜିଜୁଙ୍କ ଗାଡ଼ି ସହ ପିଟିହେଲା ଟ୍ରକ୍

ଶ୍ରୀନଗର, ୮।୪: ଜମ୍ମୁ-କଶ୍ମୀରର ରାମବାନରେ ଶନିବାର କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁଙ୍କ ଗାଡ଼ି ସହ ଏକ ଟ୍ରକ୍ ପିଟି ହୋଇଛି। ତେବେ ଘଟଣାରେ କାହାରି ଜୀବନହାନି ହୋଇ ନ ଥିବା ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ କୁହାଯାଇଛି। ମାଲ୍ ବୋଝେଇ ଟ୍ରକ୍ କେନ୍ଦ୍ରମନ୍ତ୍ରୀଙ୍କ ସ୍କର୍ପିଓରେ ପିଟିହେବା ପରେ ସୁରକ୍ଷାକର୍ମୀ ତୁରନ୍ତ ଡୋର୍ ଖୋଲି କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନଙ୍କୁ କାର୍‌ରୁ ବାହାର କରିଥିଲେ। ଜମ୍ମୁରୁ ଉଧମପୁରରେ ଲିଗାଲ୍ ସର୍ଭିସ୍ କ୍ୟାମ୍ପକୁ ଯିବା ସମୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।



କିରେନ ରିଜିଜୁ

### ଝିଅକୁ ବଳାତ୍କାର ମାମଲା: ବାପାଙ୍କୁ ମୃତ୍ୟୁ ଦଣ୍ଡାଦେଶ

ଇସ୍‌ଲାମାବଦ୍, ୮।୪: ପାକିସ୍ତାନ ପଞ୍ଜାବ ପ୍ରଦେଶରେ ନିଜ ନାବାଳିକା ଝିଅଙ୍କୁ ବଳାତ୍କାର ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପାକ୍‌ର ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ୪ ମାସ ପୂର୍ବେ ପରଭେଜ୍ ଶେହଜାଦ ନିଜ ୧୩ ବର୍ଷ ଝିଅକୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଆଈଙ୍କୁ ଏ ସମ୍ପର୍କରେ କହିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ଶୁକ୍ରବାର ଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ବାବଦକୁ ୪ ଲକ୍ଷ ୪୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଇରାନୀୟ ମହିଳାଙ୍କ ଉପରେ ନଜର ରଖିବ କ୍ୟାମେରା

ତେହରାନ୍, ୮।୪: ଇରାନ୍‌ରେ ଏଣିକି ମହିଳାଙ୍କ ଉପରେ କ୍ୟାମେରା ନଜର ରଖିବ। ଯେଉଁ ମହିଳାମାନେ ହିଜାବ ପିନ୍ଧୁ ନାହାନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଇରାନ୍‌ର ରକ୍ଷଣଶୀଳ ସରକାର ସାର୍ବଜନୀନ ସ୍ଥାନରେ କ୍ୟାମେରା ଖଞ୍ଜିଛନ୍ତି। ଇରାନୀୟ ଇସ୍‌ଲାମିକ୍ ଶାରିନ୍ ନିୟମ ଅନୁସାରେ ମହିଳାମାନେ କେଶ ଘୋଡ଼ାଇ ରଖିବାକୁ କୁହାଯାଇଛି। ହିଜାବ ପିନ୍ଧି ନ ଥିବା ମହିଳାଙ୍କୁ ଦଣ୍ଡିତ କରିବା ପାଇଁ ଏହି ଉପାୟ ଅବଲମ୍ବନ କରାଯାଇଥିବା ଇରାନୀୟ ରକ୍ଷଣଶୀଳ ପୋଲିସ କହିଛି। ନିୟମ ଉଲ୍ଲଂଘନ କରିଥିବା ମହିଳାଙ୍କୁ ପ୍ରଥମେ ଟେକ୍ସ ୱାର୍ନିଂ ମେସେଜ୍ ପଠାଯିବ। ଗତବର୍ଷ ସେପ୍ଟେମ୍ବରରେ ଇରାନରେ ହିଜାବ ବିରୋଧୀ ଆନ୍ଦୋଳନ ବଡ଼ ରୂପ ନେଇଥିଲା। ୨୨ ବର୍ଷୀୟା ମହସା ଆମିନ ଭୁଲ୍ ଢଙ୍ଗରେ ହିଜାବ ପିନ୍ଧିବା ଯୋଗୁ ଇରାନ୍‌ର ରକ୍ଷଣଶୀଳ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ଆମିନଙ୍କ ହାଜତ ମୃତ୍ୟୁ ଘଟିଥିଲା। ମହସାଙ୍କୁ ନ୍ୟାୟ ଦାବିରେ ଇରାନ୍‌ରେ ସରକାରଙ୍କ ବିରୋଧରେ ବଡ଼ ଧରଣର ଆନ୍ଦୋଳନ କରାଯାଇଥିଲା।

## ତେଜପୁରରୁ ସୁଖୋଇରେ ଉଡ଼ିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୮।୪

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଆସାମର ତେଜପୁର ବାୟୁସେନା ଷ୍ଟେଶନରୁ ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନରେ ଉଡ଼ିଛନ୍ତି। ସେ ଏକ ମାଧ୍ୟାକର୍ଷଣ ନିରୋଧୀ ସୁଟ୍ ପିନ୍ଧିଥିବା ଦେଖାଯାଇଥିଲା। ଭାରତୀୟ ସଶସ୍ତ୍ର ବଳର ସର୍ବୋଚ୍ଚ କମାଣ୍ଡର ରାଷ୍ଟ୍ରପତି ପ୍ରାୟ ୩୦ ମିନିଟ୍ ଯୁଦ୍ଧବିମାନରେ ଉଡ଼ିଥିଲେ। ସେ ହିମାଳୟ ସମେତ ବ୍ରହ୍ମପୁତ୍ର ଓ ତେଜପୁର ଉପତ୍ୟକା ଦେଖିବାର ସୁଯୋଗ ପାଇଥିଲେ। ବହୁତ ଭଲ ଲାଗିଲା ବୋଲି ଅବତରଣ କରିବା ପରେ ରାଷ୍ଟ୍ରପତି ଖବରଦାତାମାନଙ୍କୁ କହିଛନ୍ତି। ୩ ଦିନିଆ ଆସାମ ଗସ୍ତରେ ଥିବା ରାଷ୍ଟ୍ରପତି ମୁର୍ମୁ ଶନିବାର ତେଜପୁରରେ ପହଞ୍ଚିବା ପରେ ତାଙ୍କୁ ଏୟାରବେସ୍‌ରେ ଏୟାର ମାର୍ଶାଲ ଏସ୍.ପି. ଧାରକର, ରାଜ୍ୟପାଳ ଗୁଲାବ ଚାନ୍ଦ୍ କାଟାରିଆ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସ୍ୱାଗତ କରିଥିଲେ। ବାୟୁସେନା ଯବାନମାନେ ତାଙ୍କୁ ଗାର୍ଡ ଅଫ୍ ଅନର ଦେଇଥିଲେ। ପରେ ସେ ଫ୍ଲାଇଂ ସୁଟ୍ ପିନ୍ଧି ହ୍ୟାଙ୍ଗରରେ ପହଞ୍ଚି ଯୁଦ୍ଧବିମାନରେ ଚଢ଼ିଥିଲେ। ୧୦୬ ସ୍କ୍ୱାଡ୍ରନ୍‌ର କମାଣ୍ଡିଂ ଅଫିସର ଗ୍ରୁପ୍ କ୍ୟାପ୍‌ଟେନ୍ ନବୀନ କୁମାର ଯୁଦ୍ଧବିମାନ ଉଡ଼ାଇଥିଲେ। ଏହା ସମୁଦ୍ର ପତ୍ତନଠାରୁ ୨ କିଲୋମିଟର ଉଚ୍ଚରେ ୮୦୦ କିଲୋମିଟର ବେଗରେ ଉଡ଼ିଥିଲା। ଯୁଦ୍ଧବିମାନରେ ଉଡ଼ିବାରେ ମୁର୍ମୁ ତୃତୀୟ ରାଷ୍ଟ୍ରପତି ଏବଂ ଦ୍ୱିତୀୟ ମହିଳା ରାଷ୍ଟ୍ରପତି।



ଅଗରତାଲାରେ ବିକ୍ଷୋଭବେଳେ ସୁରକ୍ଷାବଳ ସହ କଂଗ୍ରେସକର୍ମୀଙ୍କ ଧସ୍ତାଧସ୍ତି।

## ଆଜି ଭାରତ ଆସିବେ ୟୁକ୍ରେନ୍ ମନ୍ତ୍ରୀ

ନୂଆଦିଲ୍ଲୀ, ୮।୪

ୟୁକ୍ରେନ୍‌ର ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭା ସୋମବାର ୪ ଦିନିଆ ଭାରତ ଗସ୍ତରେ ଆସିବେ। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଗୋଟିଏ ବର୍ଷ ବିତିଯାଇଥିବାବେଳେ ୟୁକ୍ରେନୀୟ ମନ୍ତ୍ରୀଙ୍କର ଏହା ପ୍ରଥମ ଭାରତ ଗସ୍ତ ବୋଲି କେନ୍ଦ୍ରୀୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏମିନ୍ ଭାରତ ଗସ୍ତ ଅବସରରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ, ୟୁକ୍ରେନ୍‌ର ବର୍ତ୍ତମାନ ସ୍ଥିତି ଉପରେ ଆଲୋଚନା କରାଯିବା ନେଇ ଆକଳନ କରାଯାଉଛି। ଗସ୍ତ ଅବସରରେ ଏମିନ୍ ବହିର୍ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମିନାକ୍ଷୀ ଲେଖି, ଜାତୀୟ ସୁରକ୍ଷା ଉପ-ପରାମର୍ଶଦାତା ବିକ୍ରମ ମିସ୍ରିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଗତ ୩୦ ବର୍ଷ ଧରି ୟୁକ୍ରେନ୍ ସହିତ ଭାରତର ଦ୍ୱିପାକ୍ଷୀକ ସମ୍ପର୍କ ବେଶ୍ ମଜଭୁତ ରହିଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶର ସହଭାଗିତା ରହିଛି । ରୁଷିଆ ଆକ୍ରମଣରେ ନଷ୍ଟ ହୋଇଯାଇଥିବା ଏନର୍ଜି ଇନ୍‌ଫ୍ରାଷ୍ଟ୍ରକ୍ଚରର ମରାମତି ଏବଂ ମାନବୀୟ ସହାୟତା ୟୁକ୍ରେନ୍ ମାଗିବା ନେଇ ଆଲୋଚନା କରାଯାଉଛି। ଅନ୍ୟପକ୍ଷେ କିଭ୍ ଗସ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏମିନ୍ ପ୍ରସ୍ତାବ ଦେବାର ସମ୍ଭାବନା ରହିଥିବା କୁହାଯାଉଛି।



ଏମିନ୍ ଝାପରୋଭା

### ଗଣବଳାତ୍କାର ମାମଲା

## ୨୧ ଆନ୍ଧ୍ର ପୋଲିସ ଦୋଷମୁକ୍ତ

ବିଶାଖାପାଟଣା, ୮।୪

୧୬ ବର୍ଷ ପୂର୍ବର ଗଣବଳାତ୍କାର ମାମଲାରେ ଆନ୍ଧ୍ରପ୍ରଦେଶର ୨୧ ଅଭିଯୁକ୍ତ ପୋଲିସଙ୍କୁ ଏକ ସ୍ୱତନ୍ତ୍ର ଅଦାଲତ ଦୋଷମୁକ୍ତ କରିଛନ୍ତି। ୨୦୦୭ ଅଗଷ୍ଟରେ ଆନ୍ଧ୍ରପ୍ରଦେଶର ଆଲ୍ଲୁରି ଜିଲାର ଏକ ଗ୍ରାମରେ ୧୧ ଜଣ କନ୍ଧ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ମାମଲାରେ ଗ୍ରେହାଉଣ୍ଡ ବାହିନୀର ୨୧ ପୋଲିସ ଅଭିଯୁକ୍ତ ଥିଲେ। ଦୁଇ ତଦନ୍ତକାରୀ ଅଫିସର ନିରପେକ୍ଷ ତଦନ୍ତ କରିବାରେ ବିଫଳ ହୋଇଥିବାରୁ ଅଭିଯୁକ୍ତମାନଙ୍କୁ ଦୋଷମୁକ୍ତ କରିଦିଆଯାଇଛି। ଜିଲା ନ୍ୟାୟିକ ସେବା କର୍ତ୍ତୃପକ୍ଷ ଜରିଆରେ ପୀଡ଼ିତାମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଆନ୍ଧ୍ରରୁ ୧୫ ବିରଳ ମୃତ୍ତିକା ଉପାଦାନ ଠାବ

ହାଇଦ୍ରାବାଦ, ୮।୪

ଆନ୍ଧ୍ରପ୍ରଦେଶର ଅନନ୍ତପୁର ସହରରୁ ହାଇଦ୍ରାବାଦର ସିଏସ୍ଆଇଆର-ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଜିଆର୍ଆଇ)ର ବୈଜ୍ଞାନିକମାନେ ୧୫ଟି ହାଲୁକା ବିରଳ ମୃତ୍ତିକା ଉପାଦାନ (ଆର୍ଇଇ) ଠାବ କରିଛନ୍ତି। ଅନେକ ଇଲେକ୍ଟ୍ରୋନିକ୍ ଉପକରଣରେ ଆର୍ଇଇ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହା ବ୍ୟତୀତ ମେଡିକାଲ ପ୍ରଯୁକ୍ତି, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ ଶିଳ୍ପ କାରଖାନାରେ ଏହାକୁ ଉପଯୋଗ କରାଯାଇଥାଏ। ହାଲୁକା ବିରଳ ମୃତ୍ତିକା ଉପାଦାନ ମଧ୍ୟରେ ରହିଛି ଲେନ୍ଥାନମ୍, ସେରିଅମ୍, ପାସିଓଡିମିଅମ୍, ନିଓଡିମିଅମ୍, ୟଟ୍ରିଅମ୍, ହାଫ୍‌ନିଅମ୍, ଟାଣ୍ଟାଲମ୍, ନିଓବିଅମ୍, ଜିର୍କୋନିଅମ୍ ଏବଂ ସ୍କାଣ୍ଡିଅମ୍। ଏନ୍‌ଜିଆର୍ଆଇର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡ. ପି.ଭି. ସୁନ୍ଦର ରାଜୁ ଏହି ସୂଚନା ଦେଇଛନ୍ତି।

## ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଲାଗି ଏନ୍‌ସିଇଆର୍‌ଟିର ପ୍ରସ୍ତାବ

### ନବମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ୮ ସେମିଷ୍ଟର

ନୂଆଦିଲ୍ଲୀ, ୮।୪

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ନବମରୁ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ପରୀକ୍ଷା ଢାଞ୍ଚାରେ ବଡ଼ ଧରଣର ପରିବର୍ତ୍ତନ ଲାଗି ପ୍ରସ୍ତାବ ରଖିଛି। ୯ମରୁ ୧୨ଶ ଶ୍ରେଣୀ ମଧ୍ୟରେ ପିଲାମାନଙ୍କୁ ୮ଟି ସେମିଷ୍ଟର ବା ବୋର୍ଡ ପରୀକ୍ଷା ଦେବାକୁ ପଡ଼ିବ। ଅର୍ଥାତ୍ ପ୍ରତି ଶିକ୍ଷାବର୍ଷରେ ସେମାନେ ଦୁଇଟି ସେମିଷ୍ଟର ବା ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବେ। ଯଦି ସେମାନେ ଗୋଟିଏ ସେମିଷ୍ଟରରେ ଭଲ ନ କରନ୍ତି, ତେବେ ପରବର୍ତ୍ତୀ ସେମିଷ୍ଟରରେ ସେମାନଙ୍କୁ ଆଉ ଏକ ସୁଯୋଗ ମିଳିବ ବୋଲି ସ୍କୁଲ୍ ଶିକ୍ଷା ପାଇଁ ଥିବା ନୂଆ ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍)ରେ କୁହାଯାଇଛି। କେନ୍ଦ୍ର ଦ୍ୱାରା ନିଯୁକ୍ତ ଜାତୀୟ ଷ୍ଟିଅରିଂ କମିଟି ପ୍ରସ୍ତାବ ଅନୁଯାୟୀ କଳା ବିଭାଗର ପିଲାମାନେ ବାଣିଜ୍ୟ ଓ ବିଜ୍ଞାନ ପାଠ ପଢ଼ିପାରିବେ। ସେହିପରି ବାଣିଜ୍ୟ ଓ ବିଜ୍ଞାନ ପିଲାଙ୍କୁ ମଧ୍ୟ କଳା ବିଭାଗର ବିଷୟ ପଢ଼ିବାର ସୁଯୋଗ ମିଳିବ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରିରଙ୍ଗନ ଜାତୀୟ ଷ୍ଟିଅରିଂ କମିଟିର ମୁଖ୍ୟ ରହିଛନ୍ତି। ପରୀକ୍ଷା ଢାଞ୍ଚାରେ ପ୍ରସ୍ତାବିତ ପରିବର୍ତ୍ତନ ଉପରେ ଏନ୍‌ସିଇଆର୍‌ଟି ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନଙ୍କଠାରୁ ପ୍ରସ୍ତାବ ମାଗିଛି।

## ସିକନ୍ଦରାବାଦ-ତିରୁପତି ବନ୍ଦେ ଭାରତ ଟ୍ରେନ୍ ଶୁଭାରମ୍ଭ

- କାର୍ଯ୍ୟକ୍ରମରେ ସାମିଲ ହେଲେନି କେସିଆର୍
- ଚେନ୍ନାଇ ବିମାନବନ୍ଦର ନୂଆ ଟର୍ମିନାଲ ବିଲ୍ଡିଂ ଉଦ୍‌ଘାଟିତ

ହାଇଦ୍ରାବାଦ/ଚେନ୍ନାଇ, ୮।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ହାଇଦ୍ରାବାଦଠାରେ ସିକନ୍ଦରାବାଦ-ତିରୁପତି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଛନ୍ତି। ସେ ଉକ୍ତ ଟ୍ରେନ୍‌ରେ ଚଢ଼ି ସ୍କୁଲ୍ ପିଲାମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ଟ୍ରେନ୍ ଚଳାଚଳ ଯୋଗୁ ତେଲଙ୍ଗାନାର ସିକନ୍ଦରାବାଦ ଏବଂ ଆନ୍ଧ୍ରପ୍ରଦେଶର ତିରୁପତି ମଧ୍ୟରେ ଯାତ୍ରା ସମୟ ସାଢ଼େ ୩ ଘଣ୍ଟା ହ୍ରାସ ପାଇବା ସହ ଦୁଇ ରାଜ୍ୟର ତୀର୍ଥଯାତ୍ରା ଲାଗି ଲାଭଦାୟକ ହେବ। ଏହି କାର୍ଯ୍ୟକ୍ରମରେ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଉପସ୍ଥିତ ଥିଲେ। ତେବେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ବେଗୁମପେଟ୍ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ମଧ୍ୟ କେସିଆର୍ ଆସି ନ ଥିଲେ। ତେଲଙ୍ଗାନାରେ ପ୍ରଧାନମନ୍ତ୍ରୀ ଅନେକ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ପ୍ରୋଟୋକଲ ଅନୁଯାୟୀ କେସିଆର୍‌କୁ ଏଥିରେ ଭାଗ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନିମନ୍ତ୍ରଣ ପଠାଯାଇଥିଲେ ମଧ୍ୟ ସେ ସାମିଲ ହୋଇ ନ ଥିଲେ।

ତାମିଲନାଡୁର ଚେନ୍ନାଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂଆ ସମନ୍ୱିତ ଟର୍ମିନାଲ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ଶନିବାର ଉଦ୍‌ଘାଟନ କରିଛନ୍ତି। ୧,୨୬୦ କୋଟି ଟଙ୍କାରେ ନିର୍ମିତ ଏହି ଟର୍ମିନାଲ ବିଲ୍ଡିଂ ଯାତ୍ରୀ ପରିଚାଳନା ବଢ଼ାଇବାରେ ସହାୟକ ହେବ। ରାଜ୍ୟର ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ଏହି ବିଲ୍ଡିଂର ଅନନ୍ୟ ଡିଜାଇନରେ ଦେଖିବାକୁ ମିଳିଛି।



ହାଇଦ୍ରାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ସିକନ୍ଦରାବାଦ-ତିରୁପତି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳର ଶୁଭାରମ୍ଭ କରୁଛନ୍ତି।

# ରାଜ୍ୟରେ ହେବ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର

## କ୍ୱୋଟୋରେ ପର୍ଯ୍ୟଟନ, କ୍ରୀଡ଼ା ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଓଡ଼ିଶାରେ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର ନିର୍ମାଣ ହେବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଜାପାନର କ୍ୱୋଟୋଠାରେ ଶନିବାର ରାଜ୍ୟ କ୍ରୀଡ଼ା ବିଭାଗ ଓ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍/ଏନ୍‌ପି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଜାପାନ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ ଅଧିକାରୀଙ୍କ ଏ ନେଇ ଆଲୋଚନା ହୋଇଛି। ଏହି ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ ସେଣ୍ଟର ଭବିଷ୍ୟତରେ ଜିମ୍ନାଷ୍ଟିକ କ୍ଷେତ୍ର ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ। ପର୍ଯ୍ୟଟନ ଶିଳ୍ପ, କ୍ରୀଡ଼ା କ୍ଷେତ୍ରର ବିକାଶ ଉପରେ ଜାପାନ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଏଥିସହିତ ଜାପାନ-ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା କରାଯାଇଛି।

ଓଡ଼ିଶା ସରକାର ହକି ଉପରେ ଅଧିକ ଫୋକସ ଦେଉଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ୧୫ ମାସ ମଧ୍ୟରେ ନିର୍ମାଣ କରାଯାଇଛି। ରାଜ୍ୟ ସରକାର ତୃଣମୂଳ ସ୍ତରରୁ କିପରି କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ




ମୁଖ୍ୟମନ୍ତ୍ରୀ କହିଛନ୍ତି। କିଛିଦିନ ତଳେ କିଓଟୋର ଦୋଶିସା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ଏକ ପ୍ରତିନିଧି ଦଳ କିଟ୍ ବିଶ୍ୱବିଦ୍ୟାଳୟ ଆସିଥିଲେ। ସେମାନେ ଓଡ଼ିଶା ଆସି ଏଠାରେ ଅନେକ ସମ୍ଭାବନାର ସୁଯୋଗ ଦେଖିବାକୁ ପାଇଥିଲେ। ଓଡ଼ିଶାରେ କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସୁଯୋଗର ଫାଇଦା ନେବାକୁ ମୁଖ୍ୟମନ୍ତ୍ରୀ ଷ୍ଟେକ୍‌ହୋଲ୍ଡରମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟର କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଜାପାନ ପ୍ରତିନିଧିଙ୍କୁ ଆମନ୍ତ୍ରଣ କରିଛନ୍ତି।

ଆଲୋଚନାରେ ହସ୍ପିଟାଲିଟି ଓ କ୍ରୀଡ଼ା କ୍ଷେତ୍ରର ଜାପାନ ଟୁର୍ ଅପରେଟର, କ୍ରୀଡ଼ା ସଂଘ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକ ବିଷୟରେ ଉଲ୍ଲେଖ କରିବା ସହ ଧଉଳି, ଲଳିତଗିରି, ରତ୍ନଗିରିର ବୌଦ୍ଧ ଐତିହ୍ୟ ଓ ପରମ୍ପରା ବିଷୟରେ ସୂଚନା ଦେଇଥିଲେ। ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ରାଜ୍ୟର କ୍ରୀଡ଼ା ଜାପାନ କ୍ରୀଡ଼ା ସଂଘ ଓ ପ୍ରତିନିଧିଙ୍କ

### ରାଜ୍ୟ ସରକାର-ଏଏମ୍/ଏନ୍‌ଏସ୍ ଏମ୍ଓୟୁ ସ୍ୱାକ୍ଷର

ସହଯୋଗରେ ଆହୁରି ବିକାଶ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ଓଡ଼ିଶାରେ କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ ପୁଞ୍ଜିନିବେଶ ପାଇଁ ଜାପାନ ପ୍ରତିନିଧିମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟ ଜାପାନ ଏବଂ ଓଡ଼ିଶାର ପ୍ରତିନିଧିମଣ୍ଡଳୀ କ୍ରୀଡ଼ା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପରସ୍ପର ମଧ୍ୟରେ ରାଉଣ୍ଡଟେବୁଲ ଆଲୋଚନା କରିଛନ୍ତି। କିଓଟୋରେ ମିଳିଥିବା ଆତିଥ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଏହି ଗସ୍ତ ଜାପାନ ଏବଂ ଓଡ଼ିଶାର ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଛନ୍ତି। ଶିଳ୍ପ ସଚିବ ହେମନ୍ତ ଶର୍ମା କ୍ରୀଡ଼ା କ୍ଷେତ୍ର ପାଇଁ ରାଜ୍ୟ ନୀତିରେ ଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କ୍ରୀଡ଼ା ଓ ଯୁବବ୍ୟାପାର ସଚିବ ଆର୍. ଭିନିଲ କ୍ରିଷ୍ଣା କ୍ରୀଡ଼ା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ୧୧ରେ ବିଶ୍ୱ ଛେନାପୋଡ଼ ଦିବସ

ନୟାଗଡ଼ ଅଫିସ, ୮।୪

- ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଜୋର୍‌ଦାର ପ୍ରୟାସ
- ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳନ ହେବ
- ଟିମ୍ ନୟାଗଡ଼ରେ କାର୍ଯ୍ୟକ୍ରମର ଫଟୋ ପୋଷ୍ଟ କରାଯିବ
- ପ୍ରକାଶ ପାଇଲା ଜିଲାପାଳଙ୍କ ନିର୍ଦ୍ଦେଶନାମା



ଆସନ୍ତା ୧୧ ତାରିଖକୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଭଳିସ୍ଥଳେ ଏପ୍ରିଲ ୧୧ ପୂର୍ବାହ୍ନ ୧୧ଟାରେ ଜିଲାର ସବୁ ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ କାଟି ଉତ୍ସବ ପାଳନ କରିବାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଫଟୋ ଉତ୍ତୋଳନ କରି ଟିମ୍ ନୟାଗଡ଼ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ପୋଷ୍ଟ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଛେନାପୋଡ଼ ପ୍ରସ୍ତୁତକର୍ତ୍ତା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସ ଏପ୍ରିଲ ୧୧ରେ ଏହି ଉତ୍ସବ ପାଳନ କରାଯିବ। ଏନେଇ ଜିଲାପାଳଙ୍କ ଅଫିସ ପକ୍ଷରୁ ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲାସ୍ତରୀୟ ଲାଇନ୍ ବିଭାଗର ଅଧିକାରୀ, ତହସିଲଦାର ଓ ବିଡିଓ, ଏନ୍‌ଏସି ଓ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ସିଡିପିଓ, ଡିଏଫ୍‌ଓ, ଜିଲା ଶିକ୍ଷା ବିଭାଗ ପରି ବିଭାଗୀୟ କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳନ କରିବାକୁ ଚିଠି ହୋଇଛି।

ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ଛେନାପୋଡ଼ ହେଉଛି ନୟାଗଡ଼ର ଅନ୍ୟତମ ପରିଚୟ। ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗ୍‌ର ଚେନ୍ନାଇ ଅଫିସକୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷେ ଏପ୍ରିଲ ୧୧କୁ ସରକାରୀ ଭାବେ ବିଶ୍ୱସ୍ତରୀୟ ଛେନାପୋଡ଼ ଦିବସ ଭାବେ ପାଳନ କରାଯିବାକୁ ଜିଲାର ସବୁ ସରକାରୀ କାର୍ଯ୍ୟାଳୟକୁ ଚିଠି କରାଯାଇଛି ବୋଲି କହିଛନ୍ତି।




# ଓଏମ୍‌ଡିସି କର୍ମଚାରୀଙ୍କୁ ଗୁଳିକରି ହତ୍ୟା



ଓଏମ୍‌ଡିସି କର୍ମଚାରୀ ଦୁଃଶାସନ ବାରିକଙ୍କ ମୃତଦେହ।

ବଡ଼ବିଲ, ୮।୪ (ସ୍ୱ.ପ୍ର.)

- ୨ ରାଉଣ୍ଡ ଜୀବନ୍ତ ଗୁଳି ଜବତ
- ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସର ତନାଘନା
- ଜମିଜମା ବିବାଦରୁ ସମ୍ପର୍କୀୟ ହତ୍ୟା କରିଥିବା ସନ୍ଦେହ

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଠାକୁରାଣୀ ଦଲକି ବସ୍ତିରେ ରହୁଥିବା ଓଏମ୍‌ଡିସି (ଓଡ଼ିଶା ମିନେରାଲ ଡେଭଲପମେଣ୍ଟ କମ୍ପାନୀ)ର କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକ ହେଲେ ଦୁଃଶାସନ ବାରିକ (୫୫)। ଦାମୁ ହଟିଂସ୍ଥିତ ଇଲେକ୍ଟ୍ରିକ ଗ୍ରୀଡ୍ ନିକଟ ଏକ ହାଇଟେନ୍‌ସନ୍ ଟାୱାର ତଳେ ଦୁଃଶାସନଙ୍କ ମୃତଦେହ ପୋଲିସ ଠାବ କରିଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ଭିଡିଓ ରେକର୍ଡିଂ ସହ ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରୁ ପୋଲିସ ୨ ଟି ୯ ଏମ୍‌ଏମ୍ ଜୀବନ୍ତ ଗୁଳି ଜବତ କରି ତଦନ୍ତ କରୁଛି। ଜମିଜମା ବିବାଦରୁ ସମ୍ପର୍କୀୟମାନେ ହତ୍ୟା କରିଥିବା ସନ୍ଦେହ ଉପୁଜିଛି।

ସୂଚନା ଅନୁଯାୟୀ, ଦୁଃଶାସନ ଶୁକ୍ରବାର ମଧ୍ୟାହ୍ନ ବିରତି ପରେ ଡ୍ୟୁଟିକୁ ଫେରି ନ ଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ରାତିରେ ପୋଲିସକୁ ଜଣାଇଥିଲେ। ଶନିବାର ସକାଳେ ଦୁଃଶାସନଙ୍କ ମୃତଦେହ ଦାମୁ ହଟିଂସ୍ଥିତ ଇଲେକ୍ଟ୍ରି ଗ୍ରୀଡ୍ ନିକଟ ଏକ ହାଇଟେନସନ ଟାୱାର ତଳେ ପଡ଼ିଥିବା ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଦୁଃଶାସନଙ୍କ ପୁଅ ଯଶୋବନ୍ତ ମୃତଦେହ ଚିହ୍ନଟ କରିଥିଲେ। ମୃତ ଦୁଃଶାସନଙ୍କ ମୁଣ୍ଡରେ ଗୁଳି ବାଜିଥିବା ଚିହ୍ନ ରହିଥିବା ବେଳେ ଅଳ୍ପ ଦୂରରେ ତାଙ୍କ ବାଇକ ଷ୍ଟାଣ୍ଡ ମରା ହୋଇରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ନିକଟରେ ୩ଟି ବିୟର ବୋତଲ ଓ ଦୁଇଟି ୯ ଏମ୍‌ଏମ୍ ଜୀବନ୍ତ ଗୁଳିକୁ ପୋଲିସ ଜବତ କରିଛି। ପୋଲିସକୁ ତଦନ୍ତରେ ସହାୟତା ନିମନ୍ତେ କେନ୍ଦୁଝର ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିଲା। ତେବେ ମୃତକଙ୍କ ପରିବାରଙ୍କ ଅଭିଯୋଗ ଅନୁଯାୟୀ, ଜମି ପାର୍ଟିସନ ନିମନ୍ତେ କିଛିଦିନ ତଳେ ଦୁଃଶାସନ ଆବେଦନ କରିଥିଲେ। ଏହାକୁ ନେଇ ତାଙ୍କ ଭଉଣୀ, ଭିଣୋଇ ଓ ଭଣଜାଙ୍କ ସହ ବିବାଦ ରହିଥିଲା। ବିବାଦ ତୁଟାଇବା ନିମନ୍ତେ ଆପୋସ ବୁଝାମଣା ହୋଇ ୨୦ଲକ୍ଷ ଟଙ୍କା ଦେବାକୁ ଦୁଃଶାସନ ସହମତି ପ୍ରକାଶ କରିଥିଲେ। ସେଥିନିମନ୍ତେ ୪ ଲକ୍ଷ ଟଙ୍କା ଅଗ୍ରିମ ମଧ୍ୟ ଭଉଣୀ, ଭିଣୋଇଙ୍କୁ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ୫ ତାରିଖ ବୁଧବାର ପୁଣି ବିବାଦ ଉପୁଜିବାରୁ ଅଗ୍ରିମ ଟଙ୍କା ଫେରାଇବାକୁ ଦୁଃଶାସନ କହିଥିଲେ। ଏହାକୁ ନେଇ ତିକ୍ତତା ବଢ଼ିଥିଲା। ଏଥିପାଇଁ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି। ମୃତକଙ୍କ ପରିବାର ପକ୍ଷରୁ ଏନେଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୦୯/୨୦୨୩) ରୁଜୁ କରି ପରିବାର ଲୋକଙ୍କୁ ପଚରାଉଚୁରା କରୁଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

## ସୀମାନ୍ତରୁ ୨ ମାଓବାଦୀ ଗିରଫ



ମାଲକାନଗିରି,୮।୪(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ପୋଲିସ କୋମ୍ବିଂ ଅପରେଶନ ବେଳେ ୨ଜଣ ମାଓବାଦୀଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ମୁଚାକି ସୁଖ୍ରାମ ଏବଂ ହଡମା ମାଡଭି। ସେମାନଙ୍କ ନାମରେ ପୂର୍ବରୁ ୧ ଲକ୍ଷ ଲେଖାଏ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ମାଓବାଦୀ ଦମନ ଲାଗି ସୁକ୍‌ମା ପୋଲିସ କୁକାନାର ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଗତିବିଧି ନେଇ ସୂଚନା ପାଇଥିଲା। ପରେ ଜିଲା ପୋଲିସ ବାହିନୀ ଏବଂ ଡିଆରଜି ମିଳିତ ଭାବେ କୁକାନାରର କାନଭାପାରା ଏବଂ ପେଡାପାରା ଜଙ୍ଗଲରେ ମିଳିତ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ କେତେ ଜଣ ସନ୍ଦିଗ୍ଧ ବ୍ୟକ୍ତି ଜଙ୍ଗଲକୁ ପୋଲିସ ଆସୁଥିବା ଦେଖି ଲୁଚିଯିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ତୁରନ୍ତ ସେମାନଙ୍କୁ କାବୁ କରି ପଚରାଉଚରା କରିଥିଲା। ଏହି ସମୟରେ ସେମାନେ ଉଭୟେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ଏହି ମାଓବାଦୀ ଦ୍ୱୟ ପୂର୍ବରୁ ଅନେକ ବଡ ବଡ ହିଂସାରେ ଜଡିତ ଥିବା ପୋଲିସ ସୂଚନା ଦେଇଛି।

## ଜାଲ୍‌ନୋଟ୍ କାରବାର ଓ ଅପହରଣ ମାମଲା

# ୭ ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୮।୪

### ନକଲି ଟଙ୍କା, ସ୍କର୍ପିଓ ଓ ବୋଲେରୋ ଜବତ

ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଜାଲ୍ ନୋଟ୍ କାରବାରରେ ଜଡ଼ିତ ଓ ଉକ୍ତ ମାମଲାକୁ ନେଇ ଅପହରଣ ମାମଲାରେ ସଦର ଥାନା ପୋଲିସ ଶନିବାର ୭ ଜଣଙ୍କୁ ଗିରଫ କରିଛି। ଜାଲ୍‌ନୋଟ୍ କାରବାରକୁ ନେଇ ମହାଦେବ ସିଂଙ୍କ ଅଭିଯୋଗକ୍ରମେ ପୋଲିସ (ନଂ. ୭୦/୨୩) ମାମଲା ରୁଜୁ କରି ବଡ଼ସାହି ଥାନା ଅଧୀନ ଯଦୁନାଥପୁର ଅଞ୍ଚଳର ଲୁଟା ବେହେରା(୬୨), ଗଜେନ୍ଦ୍ର ବେହେରା(୨୩), ମଧୁପୁର ଗ୍ରାମର ଶୁକୁରାମ ସିଂ(୪୫), କୁଲିଅଣା ଥାନା କୁଚେଇ ଗ୍ରାମର ରଞ୍ଜିତା ବେହେରା(୩୦) ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ବେହେରା(୩୩) ଫେରାର ଅଛନ୍ତି। ଜାଲ୍‌ନୋଟ୍ କାରବାରକୁ ନେଇ ଅପହରଣ ମାମଲାରେ ଲୁଟା ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ (ନଂ.୭୧/୨୩)ମାମଲା ରୁଜୁ କରି ଶାମାଖୁଣ୍ଟା ବ୍ଲକ୍ ଅଞ୍ଚଳ ଶାଳବଣୀ ଗ୍ରାମର ମହାଦେବ ସିଂ(୬୨), ଶ୍ୟାମ ବିନ୍ଧାଣି(୩୨) ଓ ସାନଶୋଳ ଗ୍ରାମର ଠାକୁରା ସିଂ(୩୦)ଙ୍କୁ ଗିରଫ କରିଛି। ଉଭୟ ମାମଲାରେ ବ୍ୟବହୃତ ଗୋଟେ ସ୍କର୍ପିଓ, ବୋଲେରୋ, ଏକ ବାଇକ, ତିନୋଟି ମୋବାଇଲ ସମେତ ତିନୋଟି ନକଲି ନୋଟ୍ ବିଡ଼ା ଜବତ କରିଛି। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା, ସଦର ଥାନା ଆଇଆଇସି



ଜାଲ୍‌ନୋଟ୍ କାରବାର ଅଭିଯୋଗରେ ଗିରଫ ଅଭିଯୁକ୍ତ।

ମଧୁମିତା ମହାନ୍ତି ସୂଚନା ପ୍ରଦାନ କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ଓ ରଞ୍ଜିତା ନିଜକୁ କଟକ ଅଞ୍ଚଳର ପରିଚୟ ଦେଇ ଶିମିଳିପାଳ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ୨ ଦିନରେ ଟଙ୍କା ତିନିଗୁଣା କରି ଦେବାର ଲୋଭ ଦେଖାଉଥିଲେ। ପ୍ରଥମେ କିଛି ଅସଲି ଶହେ ଓ ଦୁଇ ଶହ ଟଙ୍କିଆ ନୋଟ୍‌କୁ ଦେଇ ବଜାରରେ ସଉଦା କିଣିବା ଓ ପରେ ଆଉ କିଛି ଟଙ୍କା ଏଟିଏମ୍‌ରେ ଭର୍ତ୍ତି କରିବାକୁ କହି ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ। ପରେ ଯଦୁନାଥପୁର ଗ୍ରାମରେ ଚାକିରିରୁ ଅବସର ଗ୍ରହଣ କରିଥିବା ଅଭିଯୋଗକାରୀ ମହାଦେବ ସିଂଙ୍କ ଘରେ ପହଞ୍ଚି ଏକ ଲକ୍ଷ ଟଙ୍କା ନେଇ ୨ ଦିନ ପରେ ୨ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମହାଦେବଙ୍କୁ ଦିଆଯାଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରିବାରୁ ଆଉ ୨ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ କହିଥିଲେ। ୨ଲକ୍ଷ ଦେଲେ ୧୦ଲକ୍ଷ ଟଙ୍କା ନେଇ ଘରକୁ ଯିବୁ ବୋଲି କହିବାରୁ ଟଙ୍କା ଦେବାକୁ ମହାଦେବ ରାଜି ହୋଇଥିଲେ। ଗତ ଏପ୍ରିଲ ୧ତାରିଖରେ ଠକ ସଂସ୍ଥାର କେତେଜଣ ଲୋକ ଏକ ସ୍କର୍ପିଓରେ ଆସି ୨ଲକ୍ଷ ଟଙ୍କା ନେଇ କାଗଜ ପେଟି ଦେଇ ୧୦ ଲକ୍ଷ ସିଲ୍ ଥିବା କହି ଫେରାର ହୋଇଯାଇଥିଲେ। ପେଟି ଖୋଲିବାରୁ ବିସ୍କୁଟ ପ୍ୟାକେଟ ଓ ୩ଟି ବିଡାର ଉପର ଓ ତଳ ନୋଟ୍‌ଟି ଅସଲି ରହିଥିବା ବେଳେ ବାକି କାଗଜ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଠକାମୀର ଶିକାର ହୋଇଥିବା ଜାଣି ଏକ ବୋଲେରୋରେ କେତେ ଜଣ ଯୁବକଙ୍କୁ ନେଇ ଏଜେଣ୍ଟ ଗଜେନ୍ଦ୍ରଙ୍କୁ ୭ ଏପ୍ରିଲରେ ଅପହରଣ କରିନେଇଥିଲେ। ଗଜେନ୍ଦ୍ରଙ୍କ ବାପା ଲୁଟାଙ୍କୁ ୩ଲକ୍ଷ ଟଙ୍କା ମୁଣ୍ଡଜାମିନ ମାଗିଥିଲେ। ଏ ନେଇ ଲୁଟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ରଙ୍ଗାମାଟିଆ ହାଟ ପାଖ କ୍ଲବ୍ ଘରୁ ଗଜେନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ। ସିସିଟିଭି ଫୁଟେଜକୁ ଆଧାରକରି ବାରିପଦା ଟାଉନ ଥାନା ତୁଳସୀଚଉରା ଅଞ୍ଚଳର ବୋଲେରୋକୁ ପୋଲିସ ଠାବ କରିବା ପରେ ଘଟଣାର ରହସ୍ୟ ପଦାକୁ ଆସିଥିଲା। ତେବେ ଠକାମି ଓ ଅପହରଣ ମାମଲାର ଅଭିଯୋଗକ୍ରମେ ପୋଲିସ ପୃଥକ୍ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ବହୁ ରହସ୍ୟ ଉନ୍ମୋଚିତ ହେବ ବୋଲି ତଦନ୍ତକାରୀ ଅଧିକାରିଣୀ ମଧୁମିତା ମହାନ୍ତି ପ୍ରକାଶ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନା ବୋଲେ ଶୁଣି ଯାଅ,**
**ନଡ଼ିଆ ଗଛ ମୂଳେ ଚିଟା ଦିଅ।**
**ଗଛ ହେବ ବହୁତ ମୋଟା,**
**ଶୀଘ୍ର ଶୀଘ୍ର ଧରେ ଗୋଟା।**

ସାଧାରଣତଃ ନଡ଼ିଆ ଗଛ ମୂଳେ ଅଗାଡ଼ି ଦେଲେ ନଡ଼ିଆ ଗଛଟିର ଆକାର ବୃଦ୍ଧି ପାଇଥାଏ। ଏଥିସହିତ ନଡ଼ିଆ ଗଛଟିରେ ଶୀଘ୍ର ଫଳ ଧରିବା ସହ ଫଳର ଆକାର ମଧ୍ୟ ବଡ଼ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଖା ମୁଢ଼ି ପି'ପାଣି**
**ବାପା ଯାଇଛି ବଇଦ ଆଣି।**

ସାଧାରଣତଃ ମୁଢ଼ି ଖାଇ ସାରିବା ପରେ ପାଣି ପିଆଯାଇ ନ ଥାଏ। ଏପରି କରିବା ସ୍ୱାସ୍ଥ୍ୟପକ୍ଷେ ଅହିତକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ରାଣୀ ପଣ୍ଡାଙ୍କ ସହ ସେଲ୍ଫି ପାଇଁ ଗୋଷ୍ଠୀସଂଘର୍ଷ

ଭଞ୍ଜନଗର,୮।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଭେଜିପୁଟରେ ପଞ୍ଚୁଦଣ୍ଡ ଯାତ୍ରା ହେଉଥିବା ବେଳେ ଅଭିନେତ୍ରୀ ରାଣୀ ପଣ୍ଡାଙ୍କ ସହ ସେଲ୍ଫିପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ପ୍ରକାଶ ଯେ, ଭେଜିପୁଟରେ ଶୁକ୍ରବାର ପଞ୍ଚୁଦଣ୍ଡ ଯାତ୍ରା ହେଉଥିଲା। ଉକ୍ତ ଯାତ୍ରାକୁ ଅଭିନେତ୍ରୀ ରାଣୀ ପଣ୍ଡା ଆସିଥିଲେ। ତାଙ୍କୁ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ବିଳମ୍ବିତ ରାତିରେ ନାଚ ଚାଲିଥିଲା। ରାଣୀ ପଣ୍ଡା ମଞ୍ଚ ଉପରକୁ ନୃତ୍ୟ କରିବାକୁ ଆସିଥିଲେ। ଯଦିଓ ତାଙ୍କ ନୃତ୍ୟରେ ଅଶ୍ଳୀଳତା ନ ଥିଲା, ତଥାପି ତାଙ୍କ ସହିତ ଫଟୋ ଏବଂ ସେଲ୍ଫି ଉଠାଇବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ସମୟରେ ଠେଲାପେଲା ହୋଇ ଗୋଷ୍ଠୀସଂଘର୍ଷ ଘଟିଥିଲା। ଏଥିରେ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିପରି ଗତ ୨ ତାରିଖରେ ନୂଆଁ ମହୁଲିଆରେ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଡୁରୁମୁରେ ମଧ୍ୟ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ଚାଲିଥିବା ବେଳେ ଗୋଷ୍ଠୀ ସଂଘର୍ଷ ହୋଇଥିଲା।

# ଭୁଲ୍ ଇଞ୍ଜେକ୍ସନ ନେଲା ଗ୍ରାମରକ୍ଷୀଙ୍କ ଜୀବନ

- ଅଭିଯୋଗ ଆଣିଲେ ସ୍ତ୍ରୀ
- ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

ବାଣପୁର,୮।୪(ଡି.ଏନ୍.ଏ.)

ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ କୋଳଅଡ଼ିହ ଗ୍ରାମର ପାଣ୍ଡବ ନାୟକ (୫୪)। ସେ ବାଣପୁର ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ମଞ୍ଜୁ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୭୩/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପାଣ୍ଡବଙ୍କ ହାତରେ ଘା' ହୋଇଥିବାରୁ ଚିକିତ୍ସା ପାଇଁ ସ୍ତ୍ରୀଙ୍କ ସହିତ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେହି ସମୟରେ ଉପସ୍ଥିତ ଡାକ୍ତରଙ୍କୁ ଦେଖାଇବା ପରେ ପାଣ୍ଡବଙ୍କ ହାତରେ ବ୍ୟାଣ୍ଡେଜ୍ କରାଯାଇଥିଲା। ଡାକ୍ତର ଲେଖିଥିବା ପ୍ରେସ୍କ୍ରିପଶନ ଦେଖି ନର୍ସ ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ନେବା ପରେ ତାଙ୍କ ପାଟି ଅଠା ହୋଇଯିବା ସହ ତଣ୍ଟି ଶୁଖିଯାଇଥିଲା। ଏପରିକି ପାଟିରୁ ଫେଣ ବାହାରିବାରୁ ମଞ୍ଜୁ ତୁରନ୍ତ ଡାକ୍ତରଙ୍କୁ ଡାକିଥିଲେ। ଡାକ୍ତର ପହଞ୍ଚି ଦେଖିବା ସହ ପାଣ୍ଡବଙ୍କୁ ମୃତ ଘୋଷଣା କରିଥିଲେ। ୫ ମିନିଟ୍ ମଧ୍ୟରେ ଏହି ଘଟଣା ଘଟିଯାଇଥିଲା। ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ପାଇଁ ପାଣ୍ଡବଙ୍କ ଜୀବନ ଯାଇଥିବା ମଞ୍ଜୁ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କ ମତାମତ ମିଳିପାରି ନାହିଁ।

# ୪୦ ଡିଗ୍ରୀ ମୁହାଁ ପାରଦ, ବାରିପଦା ସବୁଠୁ ଉତ୍ତପ୍ତ

### ୧୧ରୁ ବର୍ଷା କମିବ, ତାତି ଅସହ୍ୟ ହେବ



ଭୁବନେଶ୍ୱର,୮।୪(ବ୍ୟୁରୋ)

ରାଜ୍ୟରେ ଶନିବାର ପାଗ ପ୍ରାୟ ଶୁଖିଲା ରହିଥିଲା। ତେବେ ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ, ବାଲେଶ୍ୱର, କନ୍ଧମାଳ, ରାୟଗଡା, ବୌଦ୍ଧ ଓ କଳାହାଣ୍ଡି ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡଘଡି ସହ ବର୍ଷା ଓ ପବନ ହୋଇଥିଲା। ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅନ୍ୟପକ୍ଷରେ ପୂର୍ବଠାରୁ ରାଜ୍ୟରେ ବର୍ଷା କମିଥିବାବେଳେ ତାପମାତ୍ରା ବଢ଼ି ଚାଲିଛି। ଶନିବାର ୩୧ ସହରରେ ପାରଦ ସ୍ୱାଭାବିକଠାରୁ ଉପରେ ରହିବା ସହ ୪୦ ଡିଗ୍ରୀ ମୁହାଁ ହୋଇଛି। ୩୯.୪ ଡିଗ୍ରୀ ସେଲସିୟସ୍ ସହ ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ୯ ସହରରେ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ୍ ଓ ଏହାଠାରୁ ଅଧିକ ରହିଛି। ଅନୁଗୋଳରେ ୩୮.୭, ଝାରସୁଗୁଡ଼ା ୩୮.୬, ଭବାନୀପାଟଣା ଓ ଟିଟିଲାଗଡ଼ରେ ୩୮.୫, ଚାନ୍ଦବାଲି ଓ ତାଳଚେରରେ ୩୮.୨ ଡିଗ୍ରୀ, ସୁନ୍ଦରଗଡ଼ ଓ ବୌଦ୍ଧରେ ପାରଦ ୩୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ତେବେ ୧୧ ତାରିଖରୁ ରାଜ୍ୟରେ ବର୍ଷା କମିବ ଓ ପ୍ରବଳରୁ ଅତିପ୍ରବଳ ଗରମ ହେବା ନେଇ ଆଞ୍ଚଳିକ ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି। ବଙ୍ଗୋପସାଗରରୁ କ୍ରମାଗତ ଭାବେ ଥଣ୍ଡା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସ୍ଥଳଭାଗ ଆଡ଼କୁ ପ୍ରବାହିତ ହେଉଥିବାରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଉପରବେଳା କାଳବୈଶାଖୀ ବର୍ଷା ହେଉଛି। ରବିବାର ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢ଼େଙ୍କାନାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଆଦି ୧୪ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି। ସୋମବାର ୯ ଜିଲା କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ କୋରାପୁଟକୁ ବର୍ଷା ୱାର୍ନିଂ ଜାରି ହୋଇଛି। ୧୧ ତାରିଖଠାରୁ ରାଜ୍ୟରେ ବର୍ଷା ପରିମାଣ କମିବା ସହ ପାରଦ ଉପରମୁହାଁ ହେବ। ୧୮ରୁ ୨୦ ତାରିଖ ସୁଦ୍ଧା ଏହା ୪୧ରୁ ୪୪ ଡିଗ୍ରୀ ଯାଏ ବୃଦ୍ଧିପାଇବ ବୋଲି ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମଡି)ର ଏକାଧିକ ପାଣିପାଗ ମଡେଲ ପୂର୍ବାନୁମାନ କରିଛି।

# +୨ ମୂଲ୍ୟାୟନରେ ସହଯୋଗ କରିବେ ୬୬୨ ବର୍ଗ ଅଧ୍ୟାପକ

### ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କ ଅନୁପସ୍ଥିତି ଯୋଗୁ ଘୁଞ୍ଚିଲା ଆଲୋଚନା

ଭୁବନେଶ୍ୱର,୮।୪(ବ୍ୟୁରୋ)

ଆସନ୍ତା ୧୦ ତାରିଖରୁ +୨ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେଉଛି। ସେତେବେ ଆନ୍ଦୋଳନକୁ ଓହ୍ଲାଇଥିବା ୬୬୨ ବର୍ଗ ଅଧ୍ୟାପକମାନେ ସର୍ତ୍ତମୂଳକ ଭାବେ ମୂଲ୍ୟାୟନରେ ସହଯୋଗ କରିବେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଓଡ଼ିଶାରେ ନ ଥିବାରୁ ଦାବି ପୂରଣ ନେଇ ଆଲୋଚନା ହୋଇପାରି ନାହିଁ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି +୨ ମୂଲ୍ୟାୟନ କାର୍ଯ୍ୟରେ ୬୬୨ ବର୍ଗ କଲେଜ ସଂଘ ସହଯୋଗ କରିବ। ସରକାର ପ୍ରତିଶ୍ରୁତି ରକ୍ଷା ନ କଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମାନ ଗ୍ରେଡ-ପେ'କୁ ସମାନ ଦରମା ବୃଦ୍ଧି, ସମସ୍ତ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଦେବା ଓ ପେନ୍ସନ ପରିସରଭୁକ୍ତ କରିବା, ୨୦୧୮ ଜି.ଓ.ରେ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ୭ମ ବେତନ ହାରରେ ଦରମା ଦେବା, ଅନୁଦାନରୁ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ୪ଦଫା ଦାବି ନେଇ ୫୫ ଦିନ ହେବ ଅହୋରାତ୍ର ଆନ୍ଦୋଳନ ଚାଲିଛି। ପରୀକ୍ଷା ପୂର୍ବରୁ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟି ସହ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗତ ୬ ତାରିଖରେ କଳାପଟି ବାନ୍ଧି, ମହମବତି ଜାଳି ଅଧ୍ୟାପକ ଓ କର୍ମଚାରୀମାନେ ପ୍ରତିବାଦ କରିଥିଲେ। ଏଥିସହ ଆଗକୁ +୨ ମୂଲ୍ୟାୟନରେ ଅସହଯୋଗ କରିବା ନେଇ ସଂଘ ଚେତାବନୀ ଦେଇଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ ଓଡ଼ିଶାରେ ନାହାନ୍ତି। ଅନୌପଚାରିକ ଆଲୋଚନାରେ ସେମାନେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ ସଂଘକୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି +୨ ମୂଲ୍ୟାୟନ କାର୍ଯ୍ୟରେ ସହଯୋଗ କରାଯିବ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି। ହେଲେ ପ୍ରତୀକାତ୍ମକ ଧାରଣା ଜାରି ରହିବାନେଇ ଦୁଇ ସାଧାରଣ ସମ୍ପାଦକ ସତାପ ଉଦ୍ଦିନ ଅହମ୍ମଦ ଓ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଡ. ଗଗନ ବେଉରା, ତପନ କୁମାର ଜେନା, ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସୁଧୀର ମହାନ୍ତି, ସରୋଜ ରଥ, ଅଶୋକ ବେହେରା ପ୍ରମୁଖ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସିମ୍‌ର କେୱାଇସି ଯାଞ୍ଚ ...

ହ୍ରାସ କରାଯିବ। ସିମ୍ କାର୍ଡ ଇସ୍ୟୁ ପାଇଁ ଡିଜିଟାଲି ଯାଞ୍ଚ ହୋଇଥିବା ଦସ୍ତାବିଜ୍‌କୁ ବ୍ୟବହାର କରାଯିବ। ସିମ୍ କାର୍ଡର ଦୁରୁପଯୋଗ କରୁଥିଲେ କିମ୍ବା ଉକ୍ତ କାର୍ଡ ପାଇବା ପାଇଁ ଜାଲ୍ ଦସ୍ତାବିଜ ଦେଇଥିଲେ, ଜରିମାନା ସାଙ୍ଗକୁ ଜେଲଦଣ୍ଡ ବ୍ୟବସ୍ଥା ରହିବ। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିନିଧିଙ୍କ ସହ ବିଚାରବିମର୍ଶ କରି ଟେଲିକମ୍ ବିଭାଗର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡିଜିଟାଲ ଇଣ୍ଟେଲିଜେନ୍ସ ୟୁନିଟ୍ ୬ ମାସ ମଧ୍ୟରେ ନୂଆ କେୱାଇସି ନିୟମାବଳୀ ଉପରେ ବିଜ୍ଞପ୍ତି ପ୍ରକାଶ କରିବ। କେୱାଇସି ନିୟମାବଳୀରେ ପରିବର୍ତ୍ତନ ସହ ଦୁଇ ମାସ ମଧ୍ୟରେ ଟେଲିକମ୍ ଆନାଲିଟିକ୍ସ ଫର୍ ଫ୍ରଡ୍ ମ୍ୟାନେଜମେଣ୍ଟ ଆଣ୍ଡ କଞ୍ଜ୍ୟୁମର ପ୍ରୋଟେକ୍ସନ (ଟିଏଏଫ୍-ସିଓପି) ପୋର୍ଟାଲ ବିଭାଗ ପକ୍ଷରୁ ସାରା ଦେଶରେ ଲଞ୍ଚ୍ କରାଯିବ। ଏବେ ଏହି ପୋର୍ଟାଲ ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ, ତେଲଙ୍ଗାନା, ଜମ୍ମୁ-କଶ୍ମୀର ଆଦି ରାଜ୍ୟରେ ସକ୍ରିୟ ରହିଛି। ଜଣେ ଗ୍ରାହକଙ୍କ ନାମରେ କୋଟିଏ ମୋବାଇଲ ସଂଯୋଗ କାର୍ଯ୍ୟ କରୁଛି, ତାହା ଏହି ପୋର୍ଟାଲ ଜଣାଇଦେବ। ଗ୍ରାହକଙ୍କ ଜ୍ଞାତସାର ବିନା ଯଦି ତାଙ୍କ ନାମରେ ଅତିରିକ୍ତ ମୋବାଇଲ ସଂଯୋଗ ଥାଏ, ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସେଣ୍ଟ୍ରାଲ ଇକ୍ୱିପ୍‌ମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର (ସିଇଆଇଆର୍) ପୋର୍ଟାଲ ଟେଲିକମ୍ ଅପରେଟରମାନଙ୍କ ପାଇଁ ଏକ କେନ୍ଦ୍ରୀୟ ସିଷ୍ଟମ ଭାବେ କାର୍ଯ୍ୟ କରିବ। ଏହା କଳାତାଲିକାଭୁକ୍ତ ମୋବାଇଲ ଡିଭାଇସ୍‌ଗୁଡ଼ିକୁ ସେମାନଙ୍କ ମଧ୍ୟରେ ଶେୟାର କରିବ। ଯାହା ଫଳରେ ଗୋଟିଏ ନେଟ୍‌ୱର୍କରେ ବ୍ଲାକ୍‌ଲିଷ୍ଟ ହୋଇଥିବା ମୋବାଇଲ ଫୋନ୍ ଅନ୍ୟ ନେଟ୍‌ୱର୍କରେ କାର୍ଯ୍ୟ କରିବ ନାହିଁ, ଏପରିକି ସିମ୍ କାର୍ଡ ବଦଳାଇଲେ ମଧ୍ୟ ହେବ ନାହିଁ। ଉକ୍ତ ପୋର୍ଟାଲ ବ୍ୟବହାର କରି ୟୁଜରମାନେ ସେମାନଙ୍କ ଡିଭାଇସ୍‌ର ପ୍ରାମାଣିକତା ଯାଞ୍ଚ କରିପାରିବେ ଏବଂ ଏହା ଚୋରି ମୋବାଇଲ ସେଟ୍ ହୋଇଥିଲେ ରିପୋର୍ଟ କରିପାରିବେ। ୨୦୧୯ରେ ଲଞ୍ଚ ହୋଇଥିବା ସିଇଆଇଆର୍ ପୋର୍ଟାଲ ଗତ ମାସରେ ସାରା ଦେଶର ସମସ୍ତ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ହୋଇଛି। ଜାଲ୍ ସିମ୍ କାର୍ଡ ଚିହ୍ନଟ କରି ସେଗୁଡ଼ିକୁ ବ୍ଲକ୍ କରିବା ଲାଗି ସରକାର ସାରା ଦେଶରେ ସିମ୍‌କାର୍ଡ ଗ୍ରାହକଙ୍କ ମୁହଁକୁ ଚିହ୍ନି ପାରୁଥିବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତାଯୁକ୍ତ ବ୍ୟବସ୍ଥା (ଏଏସ୍‌ଟିଆର୍) କାର୍ଯ୍ୟକାରୀ କରୁଛନ୍ତି। ହରିୟାଣାର ମେୱାତ୍‌ରେ ଏହାକୁ ପାଇଲଟ୍ ପ୍ରୋଗ୍ରାମ ଭାବେ ଆରମ୍ଭ କରାଯାଇଥିଲା।

ଜାଲ୍ ଦସ୍ତାବିଜ୍ ଆଧାରରେ ତୃତୀୟ ପକ୍ଷ ନାମରେ ଅନେକ ସିମ୍ କାର୍ଡ ଇସ୍ୟୁ କରାଯାଉଛି। ଏହି ସିମ୍ କାର୍ଡଗୁଡ଼ିକ ସାଇବର କ୍ରାଇମ୍‌ରେ ବ୍ୟବହୃତ ହେଉଛି, ଯାହାକୁ ଚିହ୍ନଟ କରିବା କଷ୍ଟକର। ତେବେ ଜଣେ ଉପଭୋକ୍ତାଙ୍କ ସମାନ ଫଟୋକୁ ବିଭିନ୍ନ ନାମରେ ବ୍ୟବହାର କରାଯାଇଥିଲେ, ଏଏସ୍‌ଟିଆର୍ ବ୍ୟବହାର କରି ତାହାକୁ ଧରିହେବ। ଏହା ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣା ଓ ଅନ୍ୟାନ୍ୟ କେୱାଇସି ବିବରଣୀର ମଧ୍ୟ ଯାଞ୍ଚ କରିବ। ୨୦୨୧ ସେପ୍ଟେମ୍ବରରେ ଟେଲିକମ୍‌ରେ ସଂସ୍କାର ଅଣାଯାଇ ସିମ୍ କାର୍ଡ ଇସ୍ୟୁ ପାଇଁ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟାର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଆଗକୁ କେୱାଇସି ନିୟମାବଳୀରେ ପରିବର୍ତ୍ତନ ତାହାର ପରିବର୍ତ୍ତିତ ରୂପ। ବର୍ତ୍ତମାନ ୯୭ ପ୍ରତିଶତ ସିମ୍ କାର୍ଡ ଡିଜିଟାଲି ଯାଞ୍ଚ ହୋଇଥିବା ଦସ୍ତାବିଜ୍‌ରେ ଦିଆଯାଉଛି। ସାଇବର ଜାଲିଆତି ବନ୍ଦ କରିବାକୁ ହେଲେ ଏହି ଟାର୍ଗେଟ୍‌କୁ ୧୦୦ ପ୍ରତିଶତ କରିବାକୁ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଫେକ୍ ସିମ୍ ରୋକିବ...

ନେଇଯାଇଥାନ୍ତି। ପରେ ଉକ୍ତ ଲୋକଙ୍କୁ ଗୋଟିଏ ସିମ୍ ଦେଇ ଅନ୍ୟଗୁଡ଼ିକୁ ଚୋରାରେ ବିକ୍ରି କରିଦେଇଥାନ୍ତି। ସେହି ସିମ୍‌କୁ ନେଇ ସାଇବର ଠକମାନେ ସେମାନଙ୍କ ଲୁଟ୍‌ରେ ବ୍ୟବହାର କରିଥାନ୍ତି। ତେଣୁ ଏଥର ଯେଉଁ ଇ-କେୱାଇସି ନିୟମ ହେବାକୁ ଯାଉଛି ତାହା ସାଇବର ଫ୍ରଡ୍ ବା ଠକେଇ ରୋକିବାରେ ସହାୟକ ହୋଇପାରିବ। କାରଣ ଏବେ ଗୋଟିଏ ଲୋକ ଅତିବେଶିରେ ୫ଟି ସିମ୍ ନେଇପାରିବେ। ଯେତେଗୁଡ଼ିଏ ସିମ୍ ଅଛି ବା ନୂଆ ନେବେ ତାହାର ସବୁ ଡିଜିଟାଲ କେୱାଇସି କରାଯିବ। ଯେତେବେଳେ ଜଣେ ଲୋକ ସିମ୍ କିଣିବାକୁ ଯିବେ ତାଙ୍କର ଫଟୋ ଉଠାଯିବ, ଯାହାକି ସେଣ୍ଟ୍ରାଲାଇଜ ଅନୁସାରେ ଡାଟା ବେସ୍ ରହିବ। ତେଣୁ ସେହି ଲୋକ ଯଦି ୫ଟି ପରେ ଆଉ କୌଣସି ଜାଗାରେ ନାମ ବଦଳାଇ ସିମ୍ ବାହାର କରେ ତାହା ଜଣାପଡ଼ିଯିବ। ତେଣୁ ସିମ୍‌କୁ ଆୟତ୍ତ କରାଯାଇପାରିଲେ ସାଇବର ଫ୍ରଡ୍ କମିଯିବାର ସମ୍ଭାବନା ରହିଛି। ଏହାସହ ଲୋକମାନେ ମଧ୍ୟ ସଚେତନ ରହିବା ଆବଶ୍ୟକ ବୋଲି ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁ କହିଛନ୍ତି।

### ଉତ୍ତରପୂର୍ବାଞ୍ଚଳରେ ଭାଜପା...

ବିଧାନସଭା ଆସନ ମଧ୍ୟରୁ ଭାଜପାକୁ ୩୭.୭ ପ୍ରତିଶତ ମିଳିଛି। ଉକ୍ତ ଅଞ୍ଚଳରେ ମୋଟ ୩୭୧ ଆସନ ମଧ୍ୟରୁ ଭାଜପା ୧୪୦ଟି ଆସନ ଅକ୍ତିଆର କରିପାରିଛି। ୧୦ ବର୍ଷ ପୂର୍ବରୁ ଉତ୍ତରପୂର୍ବାଞ୍ଚଳରେ ଗୈରିକ ଦଳର ସ୍ଥିତି ନଗଣ୍ୟ ଥିଲା। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଭାଜପା ତ୍ରିପୁରାରେ ୪ ଆସନ ହରାଇଥିବାବେଳେ ନାଗାଲାଣ୍ଡ ଓ ମେଘାଳୟରେ ପୂର୍ବ ସ୍ଥିତି ବଜାୟ ରଖିଛି। ତେବେ ତ୍ରିପୁରା ଓ ମେଘାଳୟରେ ଦଳର ଭୋଟ ଭାଗ କମିଥିବାରୁ ଏହା ଭାଜପା ନେତୃବୃନ୍ଦଙ୍କ ପାଇଁ ଚିନ୍ତାଜନକ। ୨୦୧୮ ନିର୍ବାଚନରେ ଭାଜପା ତ୍ରିପୁରାରେ ୩୬ ଆସନ ପାଇଥିବାବେଳେ ଏଥର ୩୨ଟିରେ ସନ୍ତୁଷ୍ଟ ହୋଇଛି। ସେହିପରି ସେଠାରେ ଭାଜପାର ଭୋଟ ହାର ପାଖାପାଖି ୫% କମିଛି। ମେଘାଳୟରେ ଏଥର ଭାଜପା ସମସ୍ତ ୬୦ ଆସନରେ ଲଢ଼ି ମାତ୍ର ୨ ଆସନରେ ଜିତିଛି। ଏହାର ଭୋଟ ଭାଗ ମଧ୍ୟ ପୂର୍ବାପେକ୍ଷା ହ୍ରାସ ପାଇଛି। ଏହି ରାଜ୍ୟରେ ଝୁଲା ବିଧାନସଭା ସ୍ଥିତି ସୃଷ୍ଟି ହୋଇଥିବାରୁ କ୍ଷମତାରେ ରହିବା ପାଇଁ ଭାଜପାକୁ ୨୬ ଆସନ ଦଖଲ କରିଥିବା ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)କୁ ସମର୍ଥନ ଦେବାକୁ ପଡ଼ିଛି। ଉଲ୍ଲେଖଯୋଗ୍ୟ, ମେଘାଳୟ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଏନ୍‌ପିପିକୁ ଛାଡ଼ି ଏକାକି ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲା। ତେବେ ଖ୍ରୀଷ୍ଟିଆନ ବହୁଳ ରାଜ୍ୟ ନାଗାଲାଣ୍ଡରେ ଭାଜପାର ଭୋଟ ହାର ୩ ପ୍ରତିଶତ ବୃଦ୍ଧି ପାଇଛି। ନାଗାଲାଣ୍ଡରେ ଭାଜପା ୧୨ ଆସନ ଜିତିଥିବାବେଳେ ୨୫ ଆସନ ଦଖଲ କରିଥିବା ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) ସହ ମେଣ୍ଟ ସରକାର ଗଢ଼ିଛି। ଉଭୟ ମେଘାଳୟ ଓ ନାଗାଲାଣ୍ଡରେ ଦୁଇ ଆଞ୍ଚଳିକ ଦଳ ଏନ୍‌ପିପି ଏବଂ ଏନ୍‌ଡିପିପି ୨୦୧୮ ନିର୍ବାଚନ ତୁଳନାରେ ଏଥର ଅଧିକ ଆସନ ଦଖଲ କରିଛନ୍ତି। ପୂର୍ବରୁ ଏନ୍‌ଡିପିପିର ୧୮ ବିଧାୟକ ଥିବାବେଳେ ଏଥର ଏହି ସଂଖ୍ୟା ଆଉ ୭ ବଢ଼ିଛି। ଏନ୍‌ପିପି ମଧ୍ୟ ପୂର୍ବଠାରୁ ୬ ଅଧିକ ଆସନ ଦଖଲ କରିଛି। ଏହି ୩ ରାଜ୍ୟକୁ ବାଦ୍‌ଦେଲେ ଭାଜପା ଆସାମ, ଅରୁଣାଚଳପ୍ରଦେଶ, ସିକିମ ଓ ମଣିପୁରରେ ମଧ୍ୟ କ୍ଷମତାରେ ରହିଛି। ଉତ୍ତରପୂର୍ବାଞ୍ଚଳରେ ଭାଜପାର ବିକାଶମୂଳକ କାର୍ଯ୍ୟ ଓ ନୂଆ ପ୍ରକଳ୍ପ ଆରମ୍ଭକୁ ନେଇ ରଣନୀତି ପ୍ରସ୍ତୁତି ଦଳକୁ ଫାଇଦା ଦେଇଛି। ଅନ୍ୟପକ୍ଷରେ ମିଜୋରାମରେ ଏହି ଦଳର ସ୍ଥିତି ଆଖିଦୃଶିଆ ନୁହେଁ। ଏହି ରାଜ୍ୟର ବିଧାନସଭାରେ ଭାଜପାର ଜଣେ ମାତ୍ର ବିଧାୟକ ଅଛନ୍ତି। ମେଘାଳୟରେ ମଧ୍ୟ ଦଳ ନିଜର ସ୍ଥିତି ବଢ଼ାଇପାରି ନାହିଁ। ହିନ୍ଦୁତ୍ୱ ଭାବମୂର୍ତ୍ତି ସତ୍ତ୍ୱେ ଭାଜପା ଉତ୍ତରପୂର୍ବାଞ୍ଚଳରେ ଗୋମାଂସ ବିରୋଧୀ ଅଭିଯାନ ଓ ଧର୍ମାନ୍ତରୀକରଣ ବିରୋଧୀ ଅଭିଯାନରୁ ନିଜକୁ ଦୂରେଇ ରଖିଛି। ତଥାପି ମେଘାଳୟ ଭଳି ଖ୍ରୀଷ୍ଟିଆନ୍ ବହୁଳ ରାଜ୍ୟରେ ଭାଜପା ଉପରେ ଲୋକଙ୍କ ଆସ୍ଥା ନାହିଁ।

### ତରଳିଲାଣି ୫୭୦ ନିୟୁତ ...

ଅଫ୍ ସାଇନ୍ସ, ଅଷ୍ଟ୍ରେଲିଆର ଗ୍ରାଜ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଏବଂ ଗର୍ନେଜ ମେଲୋନ ୟୁନିଭର୍ସିଟି ପକ୍ଷରୁ ହିମବାହ କ୍ଷୟ ବିଷୟରେ ଅଧ୍ୟୟନ କରାଯାଇଛି। ହିମବାହ ତରଳିବା କାରଣରୁ ହିମାଳୟ ପର୍ବତରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ପ୍ରଥମ ଥର ପାଇଁ ହିମାଳୟରୁ କ୍ଷୟ ହୋଇଥିବା ହିମବାହର ପରିମାଣ ଆକଳନ ବିଶେଷଜ୍ଞମାନଙ୍କ ଦ୍ୱାରା ସମ୍ଭବ ହୋଇଛି। ଅଧ୍ୟୟନ ସମ୍ପର୍କିତ ରିପୋର୍ଟରେ ବିସ୍ତୃତ ବିବରଣୀ ଜର୍ନାଲ୍ 'ନେଚର ଜିଓସାଇନ୍ସ'ରେ ପ୍ରକାଶ ପାଇଛି। ହିମାଳୟର ଅନ୍ୟ ପାର୍ଶ୍ୱ ଅପେକ୍ଷା କେନ୍ଦ୍ରୀୟ ଅଞ୍ଚଳରେ ଅଧିକ ମାତ୍ରାରେ ହିମବାହ ତରଳୁଥିବା ବିଶେଷଜ୍ଞମାନେ ଲକ୍ଷ୍ୟ କରିଛନ୍ତି। ଗ୍ଲାସିଓ-ହାଇଡ୍ରୋଲୋଜିକାଲ ମଡେଲ ଜରିଆରେ ସାଟେଲାଇଟ୍‌ରୁ ସଂଗୃହୀତ ଡେଟା ଦ୍ୱାରା ହିମବାହ କ୍ଷୟ ସମ୍ପର୍କରେ ତଥ୍ୟ ହାସଲ କରାଯାଇଛି। ଅନ୍ୟପକ୍ଷେ ପୂର୍ବ ଅଧ୍ୟୟନଗୁଡ଼ିକର ବିଶେଷଜ୍ଞମାନେ ଏ ବିଷୟରେ ଅବଗତ ନ ଥିବା ରିପୋର୍ଟରେ କୁହାଯାଇଛି। ୨୦୦୦ରୁ ୨୦୨୦ ମଧ୍ୟରେ ହିମାଳୟରେ ପ୍ରୋଗ୍ଲାସିଆଲ୍ ଲେକ୍ ସଂଖ୍ୟା ବଢ଼ିଛି। ଗ୍ଲାସିଆଲ୍ ଲେକ୍ ସଂଖ୍ୟାରେ ୪୭% ବୃଦ୍ଧି ଘଟିଥିବାବେଳେ ଅଞ୍ଚଳରେ ୩୩% ଏବଂ ଆୟତନରେ ୪୨% ବୃଦ୍ଧି ଘଟିଛି।

### ବଜ୍ରପାତ ନେଲା ...

ଶନିବାର ପୂର୍ତ୍ତ ବିଭାଗ ରାସ୍ତାକାମ ଚାଲିଥିବାବେଳେ ବଜ୍ରପାତ ହେବାରୁ ସେଠାରେ ଉପସ୍ଥିତ ଜଣେ ସୁପରଭାଇଜରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳଗିରି ଥାନା ମିତ୍ରପୁର ପାଟଣା ଗ୍ରାମର ବୈଦ୍ୟନାଥ ରାଉତ (୨୫)। ସେ ଖନ୍ତାପଡା ଅଞ୍ଚଳର ଠିକାଦାର ଗଣେଶ ପ୍ରଧାନଙ୍କ ପାଖରେ ସୁପରଭାଇଜର ଭାବେ କାମ କରୁଥିଲେ। ଶ୍ରମିକ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଦ୍ୟନାଥଙ୍କ ଆସନ୍ତା ୧୭ ତାରିଖରେ ବିବାହ ହୋଇଥାନ୍ତା ବୋଲି ଶ୍ରମିକମାନେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା ସମୟରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା ଯୋଗୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହାନୁଭୂତି ଲାଭ କରିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ପରିସ୍ଥିତି ଜଟିଳ ହେବ ନାହିଁ। ପରିଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ଆଜି ନୂତନ କାର୍ଯ୍ୟାରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। କିନ୍ତୁ ଯାହାକଲେ ମଧ୍ୟ ବିନା ଖର୍ଚ୍ଚରେ କାମ ହାସଲ ହୋଇ ପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଅବହେଳାର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି।

**କର୍କଟ** ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** କୌଣସି କ୍ଷେତ୍ରକୁ ନ ଡାକିଲେ ଯାଆନ୍ତୁ ନାହିଁ ଏବଂ ନ ପଚାରିଲେ କିଛି କହିବା ଠିକ୍ ହେବନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଭାବରେ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଅସାବଧାନତା କାରଣରୁ ଆଘାତ ପ୍ରାପ୍ତି କିମ୍ବା ଧନହାନିର ସମ୍ଭାବନା ରହିଛି। ଚିନ୍ତା କରିଥିବା କାମଗୁଡ଼ିକ ଆଜି ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ସମସ୍ୟା ମଧ୍ୟରେ ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଖର୍ଚ୍ଚାନ୍ତ ହେଲେ ମଧ୍ୟ ଶେଷ କରିପାରିବେନି। ପ୍ରତିଟି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ଅତୀତର ଘଟଣା ମାନସିକ ସ୍ଥିତିକୁ ଚିନ୍ତିତ କରାଇପାରେ। କାଳେ ସାହାଯ୍ୟ କରିବାକୁ ପଡ଼ିପାରେ ଏହି ଚିନ୍ତାରେ ନିକଟ ସମ୍ପର୍କୀୟମାନେ ମଧ୍ୟ ଆଜି ପାଖ ମାଡ଼ିବେ ନାହିଁ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** ଆଜି ଆପଣ ଯେଉଁ କାମରେ ହାତ ଦେବେ, ସେଥିରେ ନିଶ୍ଚିତ ସଫଳତା ପାଇବେ। ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହଠାତ୍ ସମସ୍ୟା ସୃଷ୍ଟି ହେବା କାରଣରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ। ଆଜି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ଆଜି ଯାହା କରିବେ କିମ୍ବା କହିବେ, ପ୍ରତ୍ୟେକ ଦିଗରୁ ତାହା ଅନୁକୂଳ ସୁଫଳ ପ୍ରଦାନ କରିବ। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି ପ୍ରସ୍ତୁତିପଥେ କର୍ମମୁଖର ରହିପାରନ୍ତି। ଶୁଣା କଥାକୁ ବିଶ୍ୱାସ ନ କରି କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର, ଏପ୍ରିଲ ୯ ତାରିଖ, ଇଷ୍ଟର ରବିବାର, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୦୧।୫୯ ଗତେ, ଅନୁରାଧା ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ଘ. ୦୯।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୨୬ ଗତେ ଘ.୦୫।୫୯ ମଧ୍ୟେ ରାହୁକାଳ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶନିବାର ଚେନ୍ନାଇ ଗସ୍ତକୁ ଜଣେ କଂଗ୍ରେସ ସମର୍ଥକ ବିରୋଧ ପ୍ରଦର୍ଶନ କରୁଛନ୍ତି।

# ପ୍ରିୟଙ୍କା ହୋଇପାରନ୍ତି ପ୍ରଧାନମନ୍ତ୍ରୀ ପ୍ରାର୍ଥୀ: ପ୍ରମୋଦ କ୍ରିଷ୍ଣମ୍

ପ୍ରୟାଗରାଜ,୮।୪

ପ୍ରିୟଙ୍କା ଗାନ୍ଧୀ ଭଦ୍ରା କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଉତ୍ତରପ୍ରଦେଶର ବରିଷ୍ଠ ନେତା ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣମ୍ କହିଛନ୍ତି। ପ୍ରୟାଗରାଜଠାରେ ଶନିବାର ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବା ଅବସରରେ ସେ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ଶେଷ ହେବାର ଅର୍ଥ ନୁହେଁ ଯେ ରାଜନୀତି ସମାପ୍ତ ହୋଇଛି। ରାହୁଲ ଲୋକସଭା ଆସନ ହରାଇଛନ୍ତି, କିନ୍ତୁ ଦେଶର ଲୋକଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ଯାହାକୁ ଜନସାଧାରଣ ଚାହାଁନ୍ତି, ସେ କ୍ଷମତାର ସିଂହାସନରେ ପହଞ୍ଚିଥାନ୍ତି। ରାହୁଲ ୨୦୨୪ରେ ଆମେଠିରୁ ଲୋକସଭା ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ରାହୁଲ ଏବଂ ଗାନ୍ଧୀ ପରିବାର ଏହି ନିଷ୍ପତ୍ତି ନେବେ। ୨୦୧୯ରେ ରାହୁଲ ୱାୟନାଡ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ପ୍ରସଙ୍ଗରେ ସେ କହିଛନ୍ତି ୱାୟନାଡ୍ ମଧ୍ୟ ଭାରତରେ ଅଛି। ଯଦି ଆସନ ବଦଳାଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ଗୁରୁତର ସହ ନିଆଯାଏ, ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ବାହାରେ ବାରାଣାସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ ନୁହେଁ।

ଅପରପକ୍ଷେ ପ୍ରିୟଙ୍କା କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ପ୍ରମୋଦ କହିଛନ୍ତି। ୨୦୨୪ରେ ବିରୋଧୀ ଏକତାର ପ୍ରୟାସ ସତ୍ତ୍ୱେ ବିଭିନ୍ନ ଦଳ କଂଗ୍ରେସକୁ ଗ୍ରହଣ ନ କରିବା ପ୍ରଶ୍ନରେ ସେ କହିଛନ୍ତି, ଯଦି ଜାତୀୟ ରାଜନୈତିକ ଦୃଷ୍ଟିକୋଣକୁ ଦେଖିବା କଂଗ୍ରେସ ଏଭଳି ଏକ ଦଳ ଯାହା କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ବିରୋଧରେ ଲଢ଼େଇ କରୁଛି। ଆଗାମୀ ଲୋକସଭା ନିର୍ବାଚନ ଦୁଇଟି ମତବାଦ ମଧ୍ୟରେ ହେବ। ଗୋଟିଏ ହେଉଛି କଂଗ୍ରେସର ଆଦର୍ଶ ଏବଂ ଅନ୍ୟଟି ଆରଏସଏସର ଆଦର୍ଶ। ତ୍ରିରଙ୍ଗାକୁ ସମର୍ଥନ କରିବାକୁ ସମସ୍ତ ଦଳର ନେତାମାନଙ୍କୁ ନିବେଦନ କରାଯାଇଛି। କଂଗ୍ରେସକୁ ସମର୍ଥନ କରିବାକୁ ସେ ମମତା ବାନାର୍ଜୀ, ନୀତୀଶ କୁମାର, ଅରବିନ୍ଦ କେଜରିୱାଲ, କେସିଆର ଏବଂ ଶରଦ ପାୱାରଙ୍କୁ ଅନୁରୋଧ କରିଛନ୍ତି। ରାହୁଲଙ୍କ ସଦସ୍ୟତା ଉପରେ ଆଇନଗତ ସଙ୍କଟ ଦେଖାଦେଇଛି। ଦଳ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀଙ୍କୁ ଆଗକୁ ନିଆଯାଉଛି। ଲୋକ ଚାହୁଁଛନ୍ତି ପ୍ରିୟଙ୍କା ପ୍ରଧାନମନ୍ତ୍ରୀ ହୁଅନ୍ତୁ।

# ସୁଶାନ୍ତ ସିଂଙ୍କୁ ନେଇ ତେଜିଲା ରାଜନୀତି

ଭୁବନେଶ୍ୱର,୮।୪(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ଝାରସୁଗୁଡ଼ା ଉପନିର୍ବାଚନରୁ ଦୂରେଇ ରଖାଯାଇଛି। ବରିଷ୍ଠ ପର୍ଯ୍ୟବେକ୍ଷକ କିମ୍ବା ବିଜେଡି ବ୍ଲକ ଓ ମ୍ୟୁନିସିପାଲିଟି ପର୍ଯ୍ୟବେକ୍ଷକ ତାଲିକାରେ ମଧ୍ୟ ତାଙ୍କ ନାମ ନାହିଁ। କେଉଁଥିପାଇଁ ତାଙ୍କୁ ଦଳର ପ୍ରମୁଖ ପରିଚାଳନା ତାଲିକାରୁ ବାଦ୍ ଦିଆଯାଇଛି ତାହା ଅସ୍ପଷ୍ଟ ରହିଛି। ତେବେ ଏହାକୁ ନେଇ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ଭାଜପା ବିଜେଡିକୁ ଶାଣିତ ଆକ୍ରମଣ କରିଛି। ସୁଶାନ୍ତଙ୍କ ନାଁ ନ ନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନବ ଦାସଙ୍କ ହତ୍ୟା ପଛରେ ତାଙ୍କର ସମ୍ପୃକ୍ତି ରହିଛି ବୋଲି ବିଜେଡି ଅଫିସିଆଲି ପ୍ରମାଣ କରିଛି। ପୂର୍ବରୁ ବିରୋଧୀ ଦଳ ନେତା ଯାହା କହିଥିଲେ, ବିଜେଡି ସେହି କଥାକୁ ଅଫିସିଆଲି ସ୍ୱୀକାର କରିଛି। ତାଙ୍କ ଉପରେ ଝାରସୁଗୁଡ଼ାରେ ନବ ଦାସଙ୍କ ସମର୍ଥକଙ୍କ ଆକ୍ରୋଶ ରହିଛି। ଏହି ଆକ୍ରୋଶରୁ ବିଜେଡି ବର୍ତ୍ତିବାକୁ ଚାହୁଁଛି। ଜାଣିଶୁଣି ପର୍ଯ୍ୟବେକ୍ଷକ ତାଲିକାରୁ ସେହି ନେତାଙ୍କୁ ବାଦ୍ ଦିଆଯାଇଛି। ଦଶାହ କାର୍ଯ୍ୟରୁ ମଧ୍ୟ କିଛି ଲୋକଙ୍କୁ ଦୂରେଇ ରଖାଯାଇଥିଲା। ନବ ଦାସ ହତ୍ୟାକାଣ୍ଡ ସହ ତାଙ୍କର ସମ୍ପୃକ୍ତି ଅଛି ବୋଲି ରାଜ୍ୟ ସରକାର ବିଶ୍ୱାସ କରୁଛନ୍ତି। ପୂର୍ବରୁ ତାଙ୍କ ନାଁରେ ଅଭିଯୋଗ ରହିଛି ବୋଲି ପୃଥ୍ୱୀରାଜ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁ କହିଛନ୍ତି, ଦଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେଉଁ ଦୃଷ୍ଟିରୁ ଏବଂ କେଉଁ କାରଣ ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି ସେ ହିଁ କହିପାରିବେ। ବିଜୁ ଜନତା ଦଳରେ ସମସ୍ତେ ଦକ୍ଷ ନେତା। କିଏ କ'ଣ କହୁଛି ତାକୁ ନେଇ କିଛି କହିହେବନାହିଁ। ନବ ଦାସ ହତ୍ୟା ମାମଲାର ତଦନ୍ତ ଚାଲିଛି। ବିରୋଧୀ ଦଳ ବହୁତ କଥା କହୁଛନ୍ତି। ଜଣେ ଆକ୍ଟିଭ ଲୋକଙ୍କୁ ସବୁବେଳେ ସବୁ ଜାଗାରେ ଦାୟିତ୍ୱ ଦିଆଯିବ କି ? ସେ ଅଞ୍ଚଳରେ ଆମର ଆହୁରି ଆକ୍ଟିଭ ଲୋକ ଅଛନ୍ତି।

- ବିଜେଡି ଅଫିସିଆଲି ସ୍ୱୀକାର କଲା ନବ ଦାସ ହତ୍ୟାକାଣ୍ଡରେ ନେତାଙ୍କ ସମ୍ପୃକ୍ତି ରହିଛି: ପୃଥ୍ୱୀରାଜ
- ବିରୋଧୀଙ୍କ କଥାରେ ଆମେ କ'ଣ ନାଚିବୁ: ମହେଶ
- ନିର୍ବାଚନକୁ ଗଲେ ନବଙ୍କ କର୍ମୀ, ପରିବାର ବିରୋଧ କରିବେ: ସାଲୁଜା

ଏହା ଦଳର ନିଷ୍ପତ୍ତି ହୋଇଥିବ। ଦଳର ନିଷ୍ପତ୍ତିକୁ କାର୍ଯ୍ୟକର୍ତ୍ତାମାନେ ଗ୍ରହଣ କରିବେ। ବିରୋଧୀ ଦଳ କ'ଣ ପ୍ରତିକ୍ରିୟା ଦେଲେ, ତାଙ୍କ କଥାରେ କ'ଣ ନାଚିବୁ? ବିରୋଧୀ ଦଳ କ'ଣ ଜଜ୍ ବୋଲି ମହେଶ ପ୍ରଶ୍ନ କରିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ନାମ ଝାରସୁଗୁଡ଼ା ଉପନିର୍ବାଚନ ବିଜେଡି ପର୍ଯ୍ୟବେକ୍ଷକ ତାଲିକାରୁ କାଟି ଦିଆଯାଇଛି। ସେ ପୂର୍ବରୁ ବିଜେପୁର, ପଦ୍ମପୁର, ବ୍ରଜରାଜନଗର ଦାୟିତ୍ୱରେ ଥିଲେ। ଗତ ଏନ୍‌ଏସି ନିର୍ବାଚନରେ ମଧ୍ୟ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ତାଙ୍କୁ ଉପନିର୍ବାଚନ ତାଲିକାରୁ ବାଦ୍ ଦିଆଯାଇଛି। ତାଙ୍କ ନାଁ ନବ ଦାସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା କୁହାଯାଉଛି। ଯଦି ସୁଶାନ୍ତ ଉପନିର୍ବାଚନକୁ ଯିବେ ତେବେ ନବ ଦାସଙ୍କ କର୍ମୀ, ତାଙ୍କ ଘର ଲୋକ ଯିଏ ପ୍ରାର୍ଥୀ ହୋଇଛନ୍ତି ସେ ମଧ୍ୟ ବିରୋଧ କରିବେ। ସେଥିପାଇଁ ତାଙ୍କୁ ଝାରସୁଗୁଡ଼ା ନିର୍ବାଚନରୁ ବାହାରେ ରଖାଯାଇଛି।

## ଭାଜପା ନେତା ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି: ବିଜେଡି

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମରେ ଦେଇଥିବା ବିବୃତିର କଡ଼ା ଜବାବ ଦେଇଛି ବିଜେଡି। ଜୀବନରେ ଥରେ କାଉନସିଲର ଭୋଟରେ ଜିତି ନ ଥିବା ଏହି ଭାଜପା ନେତା ଏଭଳି ଅରୁଚିକର ମନ୍ତବ୍ୟ ଦେବା ପୂର୍ବରୁ ଲଜ୍ଜାବୋଧ କରିବା କଥା ବୋଲି ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି, ଏହା ପୂର୍ବରୁ ଭାଜପାରେ ଥିବା କିଛି ଅଭ୍ୟାସଗତ ଅପରାଧୀ ନେତା ନବ ଦାସ ହତ୍ୟାକାଣ୍ଡକୁ ନେଇ ଅନେକବାର ପାଗଳଙ୍କ ଭଳି ପ୍ରଳାପ କରିଛନ୍ତି ଏବଂ ଅପମାନିତ ହୋଇଛନ୍ତି। ଏବେ ଆଉ ଜଣେ ଭାଜପା ନେତା ମଧ୍ୟ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ନିଜ ହୀନମନ୍ୟତାର ପରିଚୟ ଦେଇଛନ୍ତି।

# ପଦ୍ମ ଧରିଲେ ସି. ରାଜଗୋପାଳାଚାରୀଙ୍କ ଅଣନାତି

ନୂଆଦିଲ୍ଲୀ,୮।୪



କେନ୍ଦ୍ର ମନ୍ତ୍ରୀ ଭି.କେ. ସିଂଙ୍କ ସହ ସି.ଆର କେଶବନ୍।

କଂଗ୍ରେସର ପୂର୍ବତନ ନେତା ତଥା ପ୍ରଥମ ଭାରତୀୟ ଗଭର୍ନର ଜେନେରାଲ ସି ରାଜାଗୋପାଳାଚାରୀଙ୍କ ନାତି ସି.ଆର କେଶବନ୍ ଶନିବାର ଭାଜପାରେ ଯୋଗ ଦେଇଛନ୍ତି। କେଶବନ୍ ଫେବୃଆରୀରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଭାଜପାରେ ଯୋଗଦେବା ପରେ ସେ କହିଛନ୍ତି, ମୋ ଘରେ ଥିବା ଲୋକଙ୍କୁ ମୁଁ ଜାଣେ, ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ସ୍ଥାୟୀ ଘର ପାଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ତିନି କୋଟି ଘର ନିର୍ମାଣ କରାଯାଇଛି। ଥରେ ଅମିତ ଶାହା କହିଥିଲେ ଯେ ଡିବିଟି ପୂର୍ବରୁ 'ଡିଲର ଦଲାଲ ଟ୍ରାନ୍ସଫର' ଥିଲା, କିନ୍ତୁ ବର୍ତ୍ତମାନ ଏହା 'ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର'ରେ ପରିଣତ ହୋଇଛି। ତାହା ହେଉଛି, ପୂର୍ବରୁ ଘରଗୁଡିକ ଡିଲରଙ୍କ ମାଧ୍ୟମରେ ଲୋକଙ୍କୁ ଦିଆଯାଇଥିଲା, କିନ୍ତୁ ବର୍ତ୍ତମାନ ସିଧାସଳଖ ଯୋଗ୍ୟ ଲୋକଙ୍କୁ ଦିଆଯାଉଛି। ତେବେ କେଶବନ୍ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ଲେଖିଥିଲେ,ସେ ଗତ ଦୁଇ ଦଶନ୍ଧି ଧରି ଦଳ ପାଇଁ କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଦଳର ମୂଲ୍ୟବୋଧ କମିବାରେ ଲାଗିଛି।

## ରାଜ୍ୟ ଖବର

# ଟ୍ରକ୍ ପଛରେ ପିଟିହେଲା ପିକ୍‌ଅପ୍: ୩ ମୃତ, ୬ ଗୁରୁତର

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୮।୪(ସ୍ୱ.ପ୍ର.)

ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ ନଂ.ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଛକ ନିକଟରେ ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ଗାଡ଼ି ହେଲ୍‌ପର ମାନସ ଦେହୁରି(୩୫), ବ୍ରହ୍ମପୁର ଅଞ୍ଚଳରୁ ଆସି ବାଲିଚନ୍ଦ୍ରପୁର ଅଞ୍ଚଳରେ ଶୁଖୁଆ ବ୍ୟବସାୟ କରୁଥିବା ମମି ବେହେରା (୩୫) ଓ ମମତା ବେହେରା(୪୦)। ଗୁରୁତର ଆହତମାନେ ହେଲେ ଯାଜପୁର ଛତିଆ ଅଞ୍ଚଳର ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ସରଜୁ ସିଂହ(୩୫), ବାଲିଚନ୍ଦ୍ରପୁର ଅଞ୍ଚଳର କମଳୀ ବେହେରା (୬୦), ଲକ୍ଷ୍ମୀ ବେହେରା (୪୮), କାମୁଳୀ



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ।

ବେହେରା (୫୦), ଗୁରା ବେହେରା (୫୧) ଓ ଗୀତାଞ୍ଜଳି ବେହେରା (୪୨)।

ଛତିଆରୁ ଏକ ପିକ୍‌ଅପ ଭ୍ୟାନ୍ (ଓଡି-୦୪-ଇ-୧୨୩୧) ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଧାନ ଚଷୁ ଆଣିବାକୁ ଯାଉଥିଲା। ବାଟରେ ବାଲିଚନ୍ଦ୍ରପୁର ନିକଟରୁ ୬ଜଣ ଶୁଖୁଆ ବ୍ୟବସାୟୀ ଉକ୍ତ ଗାଡ଼ିରେ ଉଠିଥିଲେ। ଏହାପରେ ଗାଡ଼ିଟି ଚାରିନଙ୍ଗଳ ଛକ ନିକଟରେ ଠିଆ ହୋଇଥିବା ଏକ ଲୁହାପଥର ବୋଝେଇ ଟ୍ରକ୍(ଓଡି-୦୪-ଏଲ-୪୧୧୭) ପଛରେ ପିଟିହୋଇ ଯାଇଥିଲା। ଘଟଣାସ୍ଥଳରେ ଭ୍ୟାନ୍ ହେଲପର ମାନସଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟମାନେ ଗୁରୁତର ହୋଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। କିନ୍ତୁ କଟକ ବଡ଼ ମେଡିକାଲରେ ମମତା ଓ ମମିଙ୍କ ମୃତ୍ୟୁ ହୋଇଥିଲା। ଡ୍ରାଇଭର ସରଜୁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଭୋର ସମୟରେ କୁହୁଡି ହେଉଥିଲେ ମଧ୍ୟ ଗାଡ଼ିଚାଳକ ନିଶାଶକ୍ତ ହୋଇ ଦ୍ରୁତଗତିରେ ଯିବାରୁ ଦୁର୍ଘଟଣା ଘଟିଥିଲା ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ମାଲ ପରିବହନ ଗାଡ଼ିରେ ଚାଳକ ଲୋକଙ୍କୁ ପରିବହନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ବାଲିଚନ୍ଦ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ୩ ଜଣଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥିବା ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର ପ୍ରକାଶ କରିଛନ୍ତି।

# ପୋଖରୀରେ ବୁଡ଼ି ୨ ଛାତ୍ର ମୃତ

ଧାମନଗର,୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଚିଲପଦୀ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ଶନିବାର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ଦକ୍ଷିଣବାଡ଼ ଗ୍ରାମର ସୁଦର୍ଶନ ମଲ୍ଲିକଙ୍କ ପୁଅ କମଳ ଲୋଚନ(୧୭) ଓ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ପଣ୍ଡୁ ଗ୍ରାମର ପ୍ରମୋଦ କୁମାର ଗିରିଙ୍କ ପୁଅ ମୁକେଶ(୧୬)। କମଳ ଧାମନଗର କଲେଜର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ଥିବା ବେଳେ ମୁକେଶ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ଏନେଇ ଧାମନଗର ଥାନା ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

ମୁକେଶ ଦକ୍ଷିଣବାଡ଼ ଗ୍ରାମରେ ତାଙ୍କ ଭଉଣୀ ଘରେ ରହି ପଢୁଥିଲେ। ସେ, କମଳ ଓ ଅନ୍ୟ ଜଣେ ସାଙ୍ଗ ଜ୍ୟୋତି ପ୍ରକାଶ ଦାସ ଦିନ ପ୍ରାୟ ୨ଟା ବେଳେ ଗ୍ରାମଠାରୁ ୧ କି.ମି. ଦୂର ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ମୁକେଶ ଓ କମଳ ପାଣିରେ ବୁଡ଼ିଯିବାରୁ ଜ୍ୟୋତି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିବା ସହ ଦମକଳ ବାହିନୀ ଓ ଧାମନଗର ଥାନାକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ପୋଖରୀରୁ ଦୁଇଜଣଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବରପାଇ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା ଓ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଧାମନଗର ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ।



ପୋଖରୀରେ ଦମକଳ ବାହିନୀର ଉଦ୍ଧାର କାର୍ଯ୍ୟ ଚାଲିଛି।

# ଅଷ୍ଟପ୍ରହରରେ ପ୍ରସାଦ ଖାଇ ଶତାଧିକ ଅସୁସ୍ଥ



ସାଲେପୁର/ନିଶ୍ଚିନ୍ତକୋଇଲି, ୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ କାନପୁର(ଦରିଆପୁର) ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞରେ ପ୍ରସାଦ ଖାଇ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଦରିଆପୁର ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଶନିବାର ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ୫ ଜଣିଆ ଡାକ୍ତରୀ ଦଳ ପହଞ୍ଚି ଚିକିତ୍ସା ଆରମ୍ଭ କରିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳ ସେଠାରେ ୮୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା କରିଛି। ଏଥିସହ ଖାଦ୍ୟ ଓ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି ବୋଲି ଚିକିତ୍ସା ଅଧିକାରୀ ପ୍ରଧାନ ସୂଚନା

## ୫ ଜଣିଆ ଡାକ୍ତରୀ ଦଳର ଚିକିତ୍ସା

ଦେଇଛନ୍ତି। ପ୍ରାୟ ତିନି ଦିନ ପରେ ପରୀକ୍ଷା ରିପୋର୍ଟ ଆସିବ ବୋଲି କୁହାଯାଉଛି। ଏହା ଆସିବା ପର୍ଯ୍ୟନ୍ତ ଗ୍ରାମରେ ଡାକ୍ତରୀ ଦଳ ରହିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ଏହି ଗ୍ରାମର ସତ୍ୟ ସନାତନ ଭାଗବତ ଟୁଙ୍ଗି ନିକଟରେ ପଞ୍ଚମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ। ପ୍ରସାଦ ଖାଇବା ପରେ ବହୁ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ସରଗିତଳିଆ ଅଞ୍ଚଳରେ ଅପପୁଷ୍ଟି

- ଶିକାର ହେଲେଣି ୩୦ରୁ ଉର୍ଦ୍ଧ୍ୱ ଶିଶୁ
- ଖାଉଛନ୍ତି ମହୁଲ ସିଝା, ତେନ୍ତୁଳି ମଞ୍ଜି ଛେଚା

ଯୋଡ଼ା,୮।୪(ଡି.ଏନ୍.ଏ)

ଓଡ଼ିଶାର ରତ୍ନଗର୍ଭା ଜିଲା କେନ୍ଦୁଝରର ଯୋଡ଼ା ପୌରପାଳିକା ୧୩ ନଂ. ୱାର୍ଡ ଅଧୀନ ସରଗିତଳିଆ ଅଞ୍ଚଳବାସୀ ଦାରିଦ୍ର୍ୟର କଷାଘାତରେ ପେଷି ହେଉଛନ୍ତି। ଖଣିଖାଦାନ ଘେରା ଅଞ୍ଚଳବାସୀ କାମ ଅଭାବରୁ ଅସହାୟ ଅବସ୍ଥାରେ କାଳତିପାତ କରୁଛନ୍ତି। ଖାଦ୍ୟ ଅଭାବରୁ ମହୁଲ ସିଝା, ତେନ୍ତୁଳିମଞ୍ଜି ଛେଚା ଓ ଜଙ୍ଗଲ ଜାତ ଦ୍ରବ୍ୟକୁ ଆହାର ଭାବେ ଗ୍ରହଣ କରିବାକୁ ବାଧ ହେଉଛନ୍ତି। ଆବଶ୍ୟକ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ନ ପାଇ ଅଞ୍ଚଳରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି।

ଭୌଗୋଳିକ ଦୃଷ୍ଟିକୋଣରୁ ସରଗିତଳିଆର ଚତୁର୍ଦ୍ଦିଗରେ ଖଣି ରହିଛି। ଆୟତନ ଅନୁସାରେ ପୌରପାଳିକାର ଏହି ୱାର୍ଡଟି ବୃହତ୍ ହୋଇଥିବା ବେଳେ ସରଗିତଳିଆର ସୁରିସାହି, ଲତାରସାହି ଓ ଚିତାନସାହିରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ଭୋଟର ତାଲିକା ଅନୁଯାୟୀ ଏଠାରେ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୩୦୦ ଲୋକ ବସବାସ କରୁଛନ୍ତି। ଅଞ୍ଚଳରେ ଖଣି, ରେଲସାଇଡିଂ, ପରିବହନ କାର୍ଯ୍ୟ ହେଉଥିଲେ ହେଁ ଏଠାକାର ଲୋକ ରୋଜଗାର ପାଉନାହାନ୍ତି। ପ୍ରାୟତଃ ଜଙ୍ଗଲରୁ କାଠ, ଦାନ୍ତକାଠି, ଶାଳପତ୍ର, କେନ୍ଦୁ, ଚାହାଁର, ଆମ୍ବ, କୋଳି ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ସରକାରୀ ଯୋଜନାରେ ମିଳୁଥିବା ଚାଉଳ ନିଅଣ୍ଟ ହେଉଥିବାରୁ ମହୁଲ ସିଝା, ତେନ୍ତୁଳି ମଞ୍ଜି, ଜଙ୍ଗଲର ପିତାଳୁ, ଶିଆଳି ମଞ୍ଜି, କୁରକୁଟି (କାଇଜନ୍ଦା) ଆଦି ଆହାର ଭାବେ ଖାଉଥିବା ସ୍ଥାନୀୟ ବାସିନ୍ଦା ସୋନୁ ମୁଣ୍ଡା, ତମ୍ପା ମୁଣ୍ଡା ଓ ଗୁରୁଚରଣ ମୁଣ୍ଡା କହିଛନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରୁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। କୈଳାଶ ମୁଣ୍ଡା କହିଛନ୍ତି, ଖାଦ୍ୟ ଅଭାବରୁ ଦୁର୍ବଳତା ଏବଂ ପରେ ରକ୍ତହୀନତା ଯୋଗୁ ତାଙ୍କ ୩ ବର୍ଷର ଶିଶୁକନ୍ୟା ସାଳିନୀ ମୁଣ୍ଡା ରୋଗଗ୍ରସ୍ତ ହୋଇଥିଲେ। ପ୍ରଥମେ ଯୋଡ଼ା ଟାଟା ଡାକ୍ତରଖାନା ପରେ କେନ୍ଦୁଝର ଓ କଟକ ଶିଶୁଭବନକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ କଟକରେ ଡିଏମ୍‌ଏଫ୍ ଜରିଆରେ ତାଙ୍କୁ ପ୍ରତିଦିନ ୨୦୦ ଟଙ୍କା ଖର୍ଚ୍ଚ ବାବଦକୁ ମିଳୁଥିବା କହିଥିଲେ। ବୃଦ୍ଧା ସୁଦୁରା ମୁଣ୍ଡା କହିଥିଲେ, ପୁଅର ମୃତ୍ୟୁ ପରେ ୩ ନାତୁଣୀ ଓ ନାତିଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ। ସରକାରୀ ଚାଉଳ ନିଅଣ୍ଟ ହେଉଥିବାରୁ ଛୁଆ ଓଳିଏ ଖାଇଲେ ଓଳିଏ ଉପାସ ରହୁଛନ୍ତି। ସେହିପରି ଅଞ୍ଚଳର ଜୁଲୁ ମୁଣ୍ଡା, ସୁଦନ ମୁଣ୍ଡା, ସୋନୁ ମୁଣ୍ଡା କହିଛନ୍ତି, ଖାଦ୍ୟ ଅଭାବରୁ ଅଞ୍ଚଳରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଶିଶୁ ଦୁର୍ବଳ ହୋଇ ରୋଗଗ୍ରସ୍ତ ହୋଇଯାଇଛନ୍ତି। ପ୍ରାୟ ୩ କି.ମି. ଦୂର ଖୁଣ୍ଟପାଣିରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଣୁ ଶିଶୁମାନେ ଚିକିତ୍ସାରୁ ବଞ୍ଚିତ ରହୁଛନ୍ତି। ସ୍କୁଲ ଥାଇ ମଧ୍ୟ ସୁବିଧା ନ ଥିବାରୁ ପାଠରେ ଡୋରି ବନ୍ଧା ହୋଇଛି। ନିକଟରେ ବୈତରଣୀ ନଦୀ ଥାଇ ମଧ୍ୟ ସ୍ୱଚ୍ଛ ପାନୀୟଜଳ ମିଳୁନାହିଁ, ନଳକୂପ ଅଚଳ ହୋଇପଡ଼ିଛି। ହାତୀଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି ବୋଲି କହିଥିଲେ।



ଅପପୁଷ୍ଟିର ଶିକାର ଶିଶୁମାନେ।

ସ୍ଥାନୀୟ ସାମାଜିକ କର୍ମୀ ଚର୍ଚ୍ଚିଲ ମହାକୁଡ଼ ନିଜ ଖର୍ଚ୍ଚରେ ଏକ କୂଅକୁ ପୁନରୁଦ୍ଧାର କରି ଜଳ ଯୋଗାଇବା ପାଇଁ ଚେଷ୍ଟା କରୁଛନ୍ତି। ଟାଟାଷ୍ଟିଲ ପକ୍ଷରୁ ମୋଟର ପମ୍ପ ବ୍ୟବସ୍ଥା କରାଯାଇଥିଲେ ହେଁ ବିଦ୍ୟୁତର ଅନିଶ୍ଚିତତା ଯୋଗୁ ଜଳ ସଂକଟ ସୃଷ୍ଟି ହୋଇଛି। ୨୦୧୨ ପୌରପାଳିକା ଦ୍ୱାରା ବୈତରଣୀ ନଦୀ କୂଳରେ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ପାର୍କ ନିର୍ମାଣ କରାଯାଇଥିଲା। ମାତ୍ର ବନ ବିଭାଗ ଓ ପୌରପାଳିକାର ସମନ୍ୱୟ ଅଭାବରୁ ଏହା ଅଧା ପନ୍ତରିଆ ହୋଇ ପଡ଼ିରହିଛି। ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ଅବିଳମ୍ବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟାରେ କହିଥିଲେ। ଅନ୍ୟପକ୍ଷେ ଶନିବାର ଯୋଡ଼ା ବ୍ଲକ ଗୁଡ଼ାସାହିଠାରେ ଜିଲା ଡାକ୍ତରୀ ଟିମ ଯାଞ୍ଚ କରି ୨ ଜଣ ପୁଷ୍ଟିହୀନ ଶିଶୁଙ୍କୁ ବଡ଼ବିଲଠାରେ ଥିବା ଏନ୍‌ଆରସି (ନିୟୁଟ୍ରିସନ ରିହାବିଲିଟେସନ) ସେଣ୍ଟରକୁ ପଠାଇଛନ୍ତି। ସାହିରେ ଗତ ବୁଧବାର ଓ ଶୁକ୍ରବାର ମୃତ୍ୟୁ ଘଟିଥିବା ଦୁଇ ଶିଶୁଙ୍କର ଆପପୁଷ୍ଟିରେ ମୃତ୍ୟୁ ହୋଇନାହିଁ। ତାଙ୍କର ମୃତ୍ୟୁ ନିମୋନିଆ ଓ ଯକ୍ଷ୍ମା ହେତୁ ହୋଇଛି ବୋଲି ବଡ଼କାଳୀମାଟି ଡାକ୍ତର ରମଣୀ ରଞ୍ଜନ ପାତ୍ର କହିଛନ୍ତି।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। – ଶ୍ରୀଅରବିନ୍ଦ

# ନ କହିବା ଭଲ



ଆକାର ପଟେଲ

କେନ୍ଦ୍ର ସରକାର ୬ ଏପ୍ରିଲ ୨୦୨୩ରେ ଅନ୍‌ଲାଇନ ମିଡିଆକୁ ନେଇ ନୂଆ ଆଇନ ପାସ୍ କରିଥିଲେ। ସରକାରଙ୍କ ସମ୍ପର୍କିତ ନକଲି କିମ୍ବା ଭୁଲ୍ ଅବା ଭ୍ରମ ସୃଷ୍ଟିକାରୀ ଅନ୍‌ଲାଇନ ବିଷୟବସ୍ତୁ ଚିହ୍ନଟ କରିବା ପାଇଁ ଏଥିରେ ପ୍ରାବଧାନ ଅଛି। ସରକାରଙ୍କ ଦ୍ୱାରା ଗଠିତ ଏକ 'ଫ୍ୟାକ୍ଟ ଚେକ୍ ୟୁନିଟ୍' ଏହା କରିବା ସହ ଭୁଲ୍, ଅବୈଧ କିମ୍ବା ନକଲି ବିଷୟବସ୍ତୁଗୁଡ଼ିକୁ ହଟାଇ ଦେବା ଲାଗି ସୋସିଆଲ ମିଡିଆ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେବ ବୋଲି ଏଥିରେ କୁହାଯାଇଛି। ଏହା ନିଶ୍ଚିତ କରେ ଯେ, ଭୁଲ୍ କିମ୍ବା ଭ୍ରମାତ୍ମକ ନ୍ୟୁଜଗୁଡ଼ିକୁ ଚିହ୍ନଟ କରି ହଟାଇବା କେବଳ ସରକାରଙ୍କ ଉପରେ ନିର୍ଭର କରେ। ଏଭଳି ବିଷୟବସ୍ତୁକୁ ହଟାଇ ନେବା ଲାଗି ସୋସିଆଲ ମିଡିଆ ଉପରେ ଚାପ ପ୍ରୟୋଗ କରିବା କିମ୍ବା କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉକ୍ତ ଆଇନ ସରକାରଙ୍କୁ ଅଧିକାର ଦେଲା। ଏହା ଉପରେ ଭାରତର ସ୍ୱାଧୀନ ଡିଜିଟାଲ ସଂସ୍ଥା ଦି ଇଣ୍ଟର୍‌ନେଟ ଫ୍ରିଡମ୍ ଫାଉଣ୍ଡେଶନ କହିଛି ଯେ, ଅନ୍‌ଲାଇନ ବିଷୟବସ୍ତୁର ସତ୍ୟାସତ୍ୟ ନିର୍ଦ୍ଧାରଣ କରିବା ପାଇଁ କୌଣସି ୟୁନିଟ୍‌କୁ ଦାୟିତ୍ୱ ଦେବା ଭଳି ସରକାରଙ୍କର ସ୍ୱେଚ୍ଛାଚାରିତା ତଥା ବ୍ୟାପକ କ୍ଷମତା ସ୍ୱାଭାବିକ ନ୍ୟାୟିକ ସିଦ୍ଧାନ୍ତଗୁଡ଼ିକୁ ଅଣଦେଖା କରିବ। ଏଣୁ ସରକାରଙ୍କ ଏଭଳି ନିଷ୍ପତ୍ତି ଅସାମ୍ବିଧାନିକ। ଏହିସବୁ ସଂଶୋଧିତ ଆଇନର ଅଧିସୂଚନା ସହିତ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ସମ୍ପର୍କିତ ବୈଧ ଅଧିକାରର ସମ୍ବନ୍ଧ ଅଛି। ଦି ଏଡିଟର୍ସ ଗୁଇଲ୍ଡ ଅଫ୍ ଇଣ୍ଡିଆ ଏଥିରେ ଅତ୍ୟଧିକ ଅସନ୍ତୁଷ୍ଟ ପ୍ରକାଶ କରି କହିଲା ଯେ, ଏଭଳି ସଂଶୋଧିତ ଆଇନରେ ଫ୍ୟାକ୍ଟ ଚେକିଂ ୟୁନିଟ୍ ପାଇଁ ଶାସକୀୟ ସଞ୍ଚାଳନ ବ୍ୟବସ୍ଥା କ'ଣ ରହିବ ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ଯଦି ସରକାର ଭୁଲ୍ କିମ୍ବା ନକଲି ବିଷୟ ପ୍ରସାରଣ କରୁଥିବା ସୋସିଆଲ ମିଡିଆକୁ ଠାବ କଲେ ସେକ୍ଷେତ୍ରରେ ନ୍ୟାୟିକ ସମୀକ୍ଷା କିମ୍ବା ଅପିଲ କରିବାର ଅଧିକାର କ'ଣ ରହିବ ତା' ଉପରେ କିଛି ସୂଚନା ଦିଆଯାଇ ନାହିଁ। ଏସବୁ ଆମ ସ୍ୱାଭାବିକ ନ୍ୟାୟିକ ବିଚାରଧାରାଗୁଡ଼ିକୁ ବିରୋଧ କରେ ଏବଂ ଏହା ଗଣମାଧ୍ୟମର ପ୍ରସାରଣକୁ ବିରୋଧ କରିବା ଭଳି କାର୍ଯ୍ୟ ବୋଲି ପ୍ରକାଶ କରିଥିଲା। ବୁଝିବାକୁ ହେବ ଯେ, ବିଶେଷକରି ସ୍ୱାଧୀନ ୱେବ୍‌ସାଇଟ୍‌ଗୁଡ଼ିକ ସରକାରଙ୍କ ଟାର୍ଗେଟ୍‌ରେ ଅଛନ୍ତି।

ଏକ ନିର୍ଦ୍ଦିଷ୍ଟ ବିଷୟ କିମ୍ବା ପୃଷ୍ଠଭୂମିକୁ ଆଧାର କରି ନୂଆ ଆଇନଗୁଡ଼ିକ ସାମ୍ନାକୁ ଆସିଛି। ଗତ କିଛିବର୍ଷ ହେଲା ଇଣ୍ଟର୍‌ନେଟ ବନ୍ଦ କରିବାରେ ବିଶ୍ୱରେ ସବୁଠୁ ଆଗରେ ଅଛି ଭାରତ। ଭାରତରେ ୨୦୧୪ରେ ୬ ଥର, ୨୦୧୫ରେ ୧୪, ୨୦୧୬ରେ ୩୧, ୨୦୧୭ରେ ୭୯, ୨୦୧୮ରେ ୧୩୪, ୨୦୧୯ରେ ୧୨୧, ୨୦୨୦ରେ ୧୦୯, ୨୦୨୧ରେ ୧୦୬ ଏବଂ ୨୦୨୨ରେ ୮୪ଥର ଇଣ୍ଟର୍‌ନେଟ ବନ୍ଦ କରାଯାଇଥିଲା। ୨୦୧୯ରେ ବିଶ୍ୱରେ ମୋଟ ୨୧୩ଥର ଇଣ୍ଟର୍‌ନେଟ ବନ୍ଦ କରାଯାଇଥିଲାବେଳେ ଏହାର ୫୬% ହୋଇଥିଲା ଭାରତରେ। ୨୦୨୦ରେ ଏହା ୧୫୫ଥର ବନ୍ଦ କରାଯାଇଥିବାବେଳେ ଭାରତରେ ବନ୍ଦ ହାର ଥିଲା ତାହାର ୭୦%। ଏପରିକି ଲୋକ କିମ୍ବା ରୋଗୀଙ୍କୁ ଟେଲି ମେଡିସିନ ପାଇବା ଓ ମହାମାରୀ ସମୟରେ ପିଲାଙ୍କୁ ଅନ୍‌ଲାଇନ ଶିକ୍ଷା ଲାଭ କରିବାରୁ ବଞ୍ଚିତ କରାଯାଇଛି। କଶ୍ମୀରରେ ୧୭ ମାସ ଇଣ୍ଟର୍‌ନେଟ ଉପରେ ପ୍ରତିବନ୍ଧକ ଲଗାଗଲା ଓ ପରେ ଶଟ୍‌ଡାଉନ କରି ଦିଲ୍ଲୀ ବାହାରେ କୃଷକ ଆନ୍ଦୋଳନକୁ ଟାର୍ଗେଟ୍ କରାଗଲା। କିନ୍ତୁ ଏହା ଏବେ ସବୁଠି ଏକ ସାଧାରଣ କଥା ହୋଇଯାଇଛି। ନିକଟରେ ଭାରତ ସରକାରଙ୍କ ଦ୍ୱାରା ପଞ୍ଜାବର ଅଧିକାଂଶ ଲୋକଙ୍କର ସୋସିଆଲ ମିଡିଆ ଆକାଉଣ୍ଟ ଏପରି କି ବିବିସିର ପଞ୍ଜାବ ସେବାକୁ କିଛି ସମୟ ପାଇଁ ରୋକାଯାଇଥିଲା। ଯେଉଁ ଗଣତନ୍ତ୍ରରେ ବାକ୍ ସ୍ୱାଧୀନତା ଏକ ମୌଳିକ ଅଧିକାର ସେଠାରେ ଏସବୁ ଘଟିବା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ନୂତନ ଭାରତରେ ଯେଉଁମାନେ ସରକାରଙ୍କ ସହ ଅସହମତ ସେମାନଙ୍କୁ ନୂଆ ତଥା ଅଭିନବ ବ୍ୟବସ୍ଥା ମାଧ୍ୟମରେ ସବୁବେଳେ ଟାର୍ଗେଟ କରାଯାଉଛି। ଅପରାଧ ଆଇନର ଦୁର୍ବ୍ୟବହାର ଏବଂ ଭିଡ଼ ହିଂସାର ଭୟ ବାକ୍ ସ୍ୱାଧୀନତାର ସମ୍ପୂର୍ଣ୍ଣ କଣ୍ଠରୋଧ କରିଛି। କିଛି ନିର୍ଦ୍ଦିଷ୍ଟ ବିଷୟରେ ଜଣେ କହିଲେ ସମସ୍ୟାରେ ପଡୁଛନ୍ତି। ସରକାର ତାଙ୍କ ବିରୋଧରେ ଅପରାଧ ମାମଲା ରୁଜୁ କରୁଛନ୍ତି, ଅନ୍ୟମାନେ ବି ଏଫ୍‌ଆଇଆର୍ ଦାଏର କରୁଛନ୍ତି। ଏଣୁ ସତ ହୋଇଥିଲେ ସମସ୍ୟା ସମ୍ପର୍କରେ ଲୋକେ ନ କହି ତା'ଠାରୁ ଦୂରେଇ ରହିବା ସବୁଠୁ ଭଲ ବୋଲି ଭାବୁଛନ୍ତି।

ସମାଲୋଚକ ଏବଂ ବିରୋଧୀଙ୍କ କାର୍ଯ୍ୟ ଉପରେ ସରକାରଙ୍କର କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉଛି ଏକ ପ୍ରତିରୋଧକ ବ୍ୟବସ୍ଥା। ଏଭଳି କାର୍ଯ୍ୟାନୁଷ୍ଠାନ ଅନ୍ୟମାନଙ୍କୁ ସମାନ କାର୍ଯ୍ୟ କରିବାରୁ ବିରତ କରିବ ଏବଂ ଯେଉଁମାନେ କିଛି କହିବାକୁ ଚାହୁଁଛନ୍ତି ସେମାନଙ୍କୁ ରୋକିବ। ଭାରତରେ ଅଧିକାଂଶ କ୍ଷେତ୍ରରେ ମୁଖ୍ୟ ଧାରାର ମିଡିଆକୁ ଧମକାଇବା ଆବଶ୍ୟକ ପଡୁନାହିଁ, କାରଣ ସେମାନେ ସରକାରଙ୍କ ଉପରେ ଲାଇସେନ୍ସ ଓ ବିଜ୍ଞାପନ ପାଇଁ ନିର୍ଭରଶୀଳ। ଅଧିକାଂଶ ମିଡିଆ ମାଲିକାନାରେ କର୍ପୋରେଟର ଅଂଶୀଦାର ଥିବା ଯୋଗୁ ସେମାନେ ସରକାର ପ୍ରତି ସମସ୍ୟା ସୃଷ୍ଟି ନ କରି ଯାହା ଚାହୁଁଛନ୍ତି ତାହା କରୁଛନ୍ତି। କିନ୍ତୁ ଭାରତରେ ସୋସିଆଲ ମିଡିଆ ୟୁଜର୍‌ମାନେ ଏହି ସମାନ ବିଷୟ କରିନାହାନ୍ତି। ସେଥିପାଇଁ ନୂଆ ଆଇଟି ନିୟମରେ ସେମାନଙ୍କ ପ୍ରତି ଯେଉଁସବୁ ସମସ୍ୟା ସୃଷ୍ଟି କରାଯାଇଛି, ତାହା ଉପରେ ଦୃଷ୍ଟି ଆକର୍ଷଣ କରାଯିବା ଦରକାର। ଏବେ ଟୁଇଟରକୁ ବାର୍ଷିକ ହଜାର ସଂଖ୍ୟକ ଟେକ୍‌ଡାଉନ ନୋଟିସ ଜାରି କରାଯାଉଛି। ଶାସକ ଦଳରେ କିମ୍ବା ଏହା ସହ ଜଡ଼ିତ ଥିବା ଲୋକଙ୍କ ଦ୍ୱାରା ଘୃଣା ମନ୍ତବ୍ୟ ପୋଷ୍ଟ କରାଗଲେ ତାହାର ସତ୍ୟାସତ୍ୟ ପରଖିବା ବଦଳରେ ହଟାଇ ଦିଆଯାଉଛି। ଏ ବିଷୟରେ ଲେଖିବା ଓ ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ କାରଣ ନୂଆ ନିୟମକୁ ସାଙ୍ଗରେ ନେଇ ସରକାର ସମସ୍ୟାକୁ ଆହୁରି ବଢ଼ାଇବାକୁ ସ୍ଥିର କରିଛନ୍ତି। ତେବେ ବାସ୍ତବ ଗଣତନ୍ତ୍ର ନ ଥିବା ଏକ ଦେଶରେ ସରକାର କ'ଣ ତାଙ୍କ ସମ୍ପର୍କରେ ଯେଉଁ ରିପୋର୍ଟ କରାଯାଉଛି ସେଥିରେ କେଉଁଟି ସତ ଏବଂ ଭ୍ରମାତ୍ମକ ତାହା ନିଶ୍ଚିତ କରିବାକୁ ନିଜକୁ ସଶକ୍ତ କରିପାରିବେ ତ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 1 | 5 | 2 |
| | | 7 | 1 | | | | | 8 |
| | | 3 | | 9 | | | | |
| | 1 | | 3 | | | | | 6 |
| | | | 9 | | | 3 | 4 | |
| | | 5 | | | 6 | | | |
| 8 | 9 | | 7 | 3 | | | | |
| 3 | | | | | | | 6 | |
| | | | | | | 2 | 9 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 2 | 5 | 6 | 1 | 9 | 7 |
| 5 | 7 | 1 | 4 | 9 | 3 | 2 | 6 | 8 |
| 2 | 9 | 6 | 1 | 8 | 7 | 4 | 5 | 3 |
| 4 | 3 | 7 | 6 | 2 | 9 | 8 | 1 | 5 |
| 1 | 5 | 9 | 8 | 7 | 4 | 6 | 3 | 2 |
| 8 | 6 | 2 | 5 | 3 | 1 | 9 | 7 | 4 |
| 7 | 4 | 5 | 9 | 6 | 2 | 3 | 8 | 1 |
| 9 | 1 | 3 | 7 | 4 | 8 | 5 | 2 | 6 |
| 6 | 2 | 8 | 3 | 1 | 5 | 7 | 4 | 9 |

ଗତ କାଲିର ଉତ୍ତର

# ହରିନାମେ କି ରସ ଅଛି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜେ ନ ମଲେ ଯେମିତି ଯମରାଜଙ୍କ ଦର୍ଶନ ମିଳେନା, ସେମିତି ନିଜେ ନ ପିଇଲେ ହରିନାମରେ ଥିବା ରସର ସ୍ୱାଦ ଜାଣିହୁଏନା। ଏକାନ୍ତ ବ୍ୟକ୍ତିଗତ ଯେ ଅନୁଭବ, ଯାହାକୁ କାହା ସହିତ ବାଣ୍ଟିହୁଏନା କି ଯେତେ ପିଇଲେ ବି ତୃଷ୍ଣା ମେଣ୍ଟେନା। ବିଜ୍ଞାନ ଓ ଆଧୁନିକତାର ଆବାହନ ମଧ୍ୟରେ ପରିପୁଷ୍ଟ ହେଉଥିବା ଏବେକାର ମଣିଷଙ୍କ ଉନ୍ନତ ଚେତନାରେ ହରିନାମର ଆକର୍ଷଣ ଯେତେ ଦୁର୍ବଳ ହେଲେ ବି ସେମାନଙ୍କ ଅବଚେତନରେ ଏହାର ପ୍ରଭାବ ଓ ପ୍ରତିଷ୍ଠାକୁ ଅସ୍ୱୀକାର କରାଯାଇପାରେନା। ସକାଳର ଶଯ୍ୟାତ୍ୟାଗ ପୂର୍ବରୁ ଭକ୍ତି ସଙ୍ଗୀତଟିଏ ଶୁଣିଦେଲେ ଦେହମନରେ ଯେଉଁ ଅପୂର୍ବ ପୁଲକ ଜାତ ହୁଏ, ତାହା ପ୍ରକୃତରେ ଅନିର୍ବଚନୀୟ। ଭକ୍ତ ଜଣେ ତନ୍ମୟ ଚିତ୍ତରେ ଯେତେବେଳେ ଭଗବାନ୍‌ଙ୍କ ଭଜନ ଶୁଣୁଥାଏ, ସେତେବେଳେ ତା' ଆଖିରୁ ଝରିପଡୁଥିବା ଲୁହକୁ ଲକ୍ଷ୍ୟ କଲେ ଜାଣିହେବ, କେତେ ଶକ୍ତିଶାଳୀ ହୋଇପାରେ ଈଶ୍ୱରଙ୍କ ପ୍ରତି ମଣିଷର ଆସ୍ଥା ଓ ବିଶ୍ୱାସ। ନାସ୍ତିକଙ୍କ ବିଜ୍ଞାନ ବିଚାରକୁ ପ୍ରତିହତ କରି ସଦର୍ପ ଛିଡ଼ାହୁଏ ଆସ୍ତିକଙ୍କ ବିମଳ ବିଶ୍ୱାସ।

ଜୀବନର ଅଧା ସମୟ ବିଜ୍ଞାନାଗାରରେ ବିତାଇଥିବା ଜଣେ ବରିଷ୍ଠ ବୈଜ୍ଞାନିକଙ୍କ ଘରୁ ପ୍ରତିଦିନ ପ୍ରଭାତରେ ଶୁଣିବାକୁ ମିଳେ କେତୋଟି ସୁନ୍ଦର ଭକ୍ତିଭାବ ଉଦ୍ରେକକାରୀ ରେକର୍ଡ ସଙ୍ଗୀତ। ଆଶ୍ଚର୍ଯ୍ୟ ଲାଗେ, ହାଟ ମଧ୍ୟରେ ବ୍ରହ୍ମଜ୍ଞାନ! ବିଜ୍ଞାନ ବିହାରରେ ଭଜନ ଜଣାଣ! ମାତ୍ର ବୈଜ୍ଞାନିକ କହନ୍ତି, ''ସକାଳୁ ହରିନାମ ନ ଶୁଣିଲେ ସମଗ୍ର ଦିନଟି ମୋତେ ଅପୂର୍ଣ୍ଣ ମନେହୁଏ। ଗବେଷଣାରେ ମନ ଲାଗେ ନାହିଁ। ଲାଗେ, ସତେ ସେମିତି କେଉଁଠି କିଛି ହଜାଇ ଦେଇ ଆସିଛି।'' ସେ ପୁଣି କହନ୍ତି, ''ଜଗନ୍ନାଥ ଜଣାଣ, ରାମ ଚରିତ ମାନସ ବା କୃଷ୍ଣ କଥାମୃତର ସୁଲଳିତ ଗାୟନ ମୋ ହୃଦୟକୁ ଯେଉଁ ଆନନ୍ଦରେ ଭରିଦିଏ, ବିଜ୍ଞାନାଗାରର କୌଣସି ଅଭିନବ ଉଦ୍‌ଭାବନ ସେଭଳି ଆନନ୍ଦ ଦେଇପାରେନା। ଅଥଚ ଶ୍ରୀଜଗନ୍ନାଥ, ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କ ଐଶ୍ୱରୀୟ ଚିତ୍ର ଓ ଚରିତ୍ର ବିଜ୍ଞାନ ଓ ବୈଜ୍ଞାନିକତାର ଏକାନ୍ତ ପରିପନ୍ଥୀ।''

ପ୍ରକୃତରେ ବିଜ୍ଞାନର ବୌଦ୍ଧିକ ଆବେଦନ ଓ ଆଧୁନିକତାର ଉଗ୍ର ଆବାହନ ସଭ୍ୟ ମଣିଷର ଜୀବନକୁ ଯେତେ ଉଦ୍‌ଭାସିତ କଲେ ବି ଏକ ବିଚିତ୍ର ଅଭାବବୋଧ ଓ ଅସହାୟତା ନେଇ ମଣିଷ ନିଜକୁ ଅପୂର୍ଣ୍ଣ ମନେକରେ। ଏହି ଅପୂର୍ଣ୍ଣତାର ଅନ୍ଧକାରରୁ ମୁକ୍ତି ଦେବା ପାଇଁ ଯେଉଁ ଆଲୋକ ଆବଶ୍ୟକ,ତାହା ଉପଲବ୍ଧ ହୁଏ ମନ୍ଦିରରେ ପୂଜାର୍ଚ୍ଚନାରୁ, ବିଭିନ୍ନ ତୀର୍ଥାଟନରୁ ଓ ହରିକଥା ଶ୍ରବଣରୁ। ଆଧ୍ୟାତ୍ମିକତାର ଏଇ ଆଲୋକ ସଂସ୍ପର୍ଶରେ ଆସି ଆଧୁନିକତାର ଅତିରିକ୍ତ ଔଜ୍ଜ୍ୱଲ୍ୟରେ ଆସ୍ତେ ଆସ୍ତେ ଅନ୍ଧ ହୋଇଯାଉଥିବା ମଣିଷ ଚକ୍ଷୁଷ୍ମାନ୍ ହୁଏ। ତା' ଭିତରର ଦେବତ୍ୱର ବିକାଶ ଘଟେ। ଦୂରୀଭୂତ ହୁଏ ସକଳ ଅହଂକାର। ମଣିଷ ନିଜକୁ ଅମୃତର ସନ୍ତାନ କହିବାର ସାହସ ଓ ସାମର୍ଥ୍ୟ ହାସଲ କରେ।



ମାତ୍ର ଏ ସବୁ ହୁଏନାହିଁ କାହିଁକି? ଏଠିତ ତୀର୍ଥକ୍ଷେତ୍ରର ଅଭାବ ନାହିଁ। ତୀର୍ଥରେ ମନ୍ଦିର ଅଛି, ମନ୍ଦିରରେ ପୂଜା ପାଉଛନ୍ତି ଦେବଦେବୀ। ଦେବତାଙ୍କ ସ୍ତୁତି ପାଇଁ ଲେଖା ଓ ବୋଲାଯାଉଛି ଶହ ଶହ ଭକ୍ତି ଗୀତ ଓ ସଙ୍ଗୀତ। କିନ୍ତୁ ତଥାପି କାହିଁକି ବିଲୁପ୍ତ ହୋଇପାରୁନି ମଣିଷ ମନରୁ ଅସତ୍ୟ, ଅନାଚାର, ଔଦ୍ଧତ୍ୟ ଓ ଅହଂକାରର ନୀଳ ଜହର! ନିଜ ଆଚାର ବ୍ୟବହାରରେ ଥୋକେ ମଣିଷ କାହିଁକି ପାଲଟି ଯାଉଛନ୍ତି ପଶୁଠାରୁ ମଧ୍ୟ ଆହୁରି ଅସଭ୍ୟ, ଆହୁରି ଇତର! ତେବେ କ'ଣ ନିଷ୍ପ୍ରଭ ହୋଇଗଲାଣି ଆଧ୍ୟାତ୍ମିକ ଆଲୋକ? ମିଥ୍ୟା ଓ ରସଶୂନ୍ୟ ହୋଇଗଲାଣି ହରିନାମର ଓଁକାର ଉଚ୍ଚାରଣ!

ନା, ବିଜ୍ଞାନର ସକଳ ଔଜ୍ଜ୍ୱଲ୍ୟ ସତ୍ତ୍ୱେ ଏବେ ବି ବିଚ୍ଛୁରିତ ହେଉଛି ଈଶ୍ୱର ବିଶ୍ୱାସ ଓ ଆଧ୍ୟାତ୍ମିକତାର ଆଲୋକ। ଏବେ ବି ବିଶ୍ୱର ପ୍ରତ୍ୟେକ ବସ୍ତୁରେ ସଂଜୀବିତ ଅଛନ୍ତି ସର୍ବବ୍ୟାପୀ ଈଶ୍ୱର। ସ୍ରଷ୍ଟା ଓ ସୃଷ୍ଟି ବା ଭକ୍ତ ଓ ଭଗବାନ୍‌ଙ୍କ ମଧ୍ୟରେ ଥିବା ସମ୍ପର୍କରେ କିଛି ବି ପରିବର୍ତ୍ତନ ଘଟିନାହିଁ। କେବଳ ଯାହା ବଦଳିଯାଇଛି ପ୍ରଗତିଶୀଳ ବୋଲାଉଥିବା ସମାଜର ପରିଚୟ ଓ ଆଧୁନିକ ବୋଲାଉଥିବା ମଣିଷର ମାନସିକତା। ସମାଜର ସେହିଭଳି କେଇଜଣ ଆଧୁନିକ ମଣିଷଙ୍କ ଦୃଷ୍ଟିରେ ବିଶ୍ୱର ଆଜି ଭକ୍ତି ଭାବନାର ସର୍ବଶ୍ରେଷ୍ଠ ସଂକଳ୍ପ ଓ ସିଦ୍ଧି ସାଧନାର ସର୍ବଶେଷ ସିଦ୍ଧାନ୍ତ ନ ହୋଇ ପାଲଟି ଯାଇଛନ୍ତି ବିଳାସ ବା ଫେଶନର ବସ୍ତୁ। ସୁତରାଂ, ମଣିଷର ଚାରିତ୍ରିକ ଅବକ୍ଷୟ ଓ ସମାଜର ଅଧଃପତନ ପାଇଁ ଉଭୟର ଅନ୍ତରକୁ ନିରୀକ୍ଷଣ ନ କରି 'ହରିନାମ ରସଶୂନ୍ୟ ହୋଇଗଲାଣି' ବା 'ଈଶ୍ୱର ଚାଲି ଗଲେଣି' ବୋଲି ଚିତ୍କାର କରିବା କାହିଁକି?

ଅଳ୍ପଦିନ ତଳେ ଆମ ରାଜଧାନୀ ନଗରୀର ଏକ ଉପାନ୍ତ ଅଞ୍ଚଳରେ ଗୋଟିଏ ନବନିର୍ମିତ ପ୍ରାସାଦର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥାଏ। ଗୃହସ୍ୱାମୀ ଏହି ଉପଲକ୍ଷେ ଦୁଇଦିନବ୍ୟାପୀ ପୂଜାପାଠ ଓ ଭଜନ କୀର୍ତ୍ତନର ଆୟୋଜନ କରିଥା'ନ୍ତି। ପ୍ରଥମ ଦିନ ଏକାଧିକ ବ୍ରାହ୍ମଣଙ୍କ ଛନ୍ଦମୟ ମନ୍ତ୍ରପାଠ ଓ ଦ୍ୱିତୀୟ ଦିନ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନର ଉତ୍ତାଳ କୋରସ୍। ଭଗବତ୍ ପ୍ରେମର ଅମୃତ ଧ୍ୱନିରେ ଆଖପାଖ ବିସ୍ତୀର୍ଣ୍ଣ ଅଞ୍ଚଳକୁ ପ୍ଳାବିତ କରୁଥିଲା ହରିନାମ ମହାମନ୍ତ୍ର। ଦୁଇଟି ଶକ୍ତିଶାଳୀ ମାଇକ୍ରୋଫୋନ୍ ସାହାଯ୍ୟରେ ଝାଞ୍ଜ ମୃଦଙ୍ଗର ତାଳେ ତାଳେ ଦୀର୍ଘ ଚବିଶ ଘଣ୍ଟାଯାଏ ଅବିରାମ ଭାବେ ଉଚ୍ଚାରିତ ହେଉଥିଲା 'ହରେକୃଷ୍ଣ ହରେରାମ ହରେହରେ' ସଂକୀର୍ତ୍ତନ ସଙ୍ଗୀତ। ଏ ସବୁ ଗାନ କରୁଥିଲେ କିଛି ଯୁବକ, ଯେଉଁମାନେ ଫିଲ୍ମ ସଙ୍ଗୀତର ସୁର ସହିତ ସୁର ମିଳାଇ ଏମିତି ଗାଉଥିଲେ ଯେ ଦୂରରୁ ଜଣାପଡୁଥିଲା, ସତେଯେମିତି ମାଇକ୍ରୋଫୋନ୍‌ରୁ ହରିନାମ ଧ୍ୱନିତ ହେବା ପରିବର୍ତ୍ତେ ଭାସିଆସୁଛି କିଛି ଲୋକପ୍ରିୟ ସିନେମା ସଙ୍ଗୀତ। ହରିନାମ ମହାମନ୍ତ୍ରର ଉଦ୍‌ଗାତା ଗୌରାଙ୍ଗ ଶ୍ରୀଚୈତନ୍ୟ ଯେଉଁ ଆଦ୍ୟ ସୁରରେ ଏହି ସଂକୀର୍ତ୍ତନକୁ ସଜାଇଥିଲେ, ତାହା ବୋଧହୁଏ ଶ୍ରୁତିକଟୁ ବୋଧ ହେଉଥିଲା ଏଇ ଆଧୁନିକ ଯୁବ ସଂକୀର୍ତ୍ତନକାରୀଙ୍କୁ।

ସେଇ ଅଞ୍ଚଳରେ ବେଶ୍ କିଛି ଝିଅ ପୁଅମାନେ ଅଳ୍ପଦିନ ପରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଘଣ୍ଟାଏ କି ଦୁଇଘଣ୍ଟା ନୁହେଁ, ଦୀର୍ଘ ସମୟ ମାଇକ୍ରୋଫୋନ୍‌ର ବୁକୁଫଟା ଗର୍ଜନ ଅସହ୍ୟ ହେବାରୁ କେଇଜଣ ଅଭିଭାବକ ବିନା ମାଇକ୍ରୋଫୋନ୍‌ରେ ସଂକୀର୍ତ୍ତନ କରିବାକୁ ଅନୁରୋଧ କଲେ ସଂପୃକ୍ତ ଗୃହସ୍ୱାମୀଙ୍କୁ। ତାତି ଉଠିଲେ ମାଲିକ। ଯଜ୍ଞ, ହୋମ ଓ ନାମ ସଂକୀର୍ତ୍ତନ ଆଦି ପବିତ୍ର କର୍ମରେ ଆପତ୍ତି ଉଠାଉଥିବାରୁ ଅଭିଭାବକମାନଙ୍କୁ ଧର୍ମଦ୍ରୋହୀ ବୋଲି ଭର୍ତ୍ସନା କଲେ ଓ ସ୍ପଷ୍ଟଭାବେ ଶୁଣାଇଦେଲେ, ''ଆପଣଙ୍କ ପିଲାଙ୍କ ପରୀକ୍ଷାଠାରୁ ମୋ ଗୃହପ୍ରତିଷ୍ଠା ଅଧିକ ମହତ୍ତ୍ୱପୂର୍ଣ୍ଣ। ମାଇକ୍ରୋଫୋନ୍ ବ୍ୟବହାର କରି ମୁଁ କେବଳ ମୋ ଗୃହକୁ ନୁହେଁ, ଆଖପାଖ ଇଲାକାର ସମଗ୍ର ପରିବେଶକୁ ହରିରସରେ ପ୍ଳାବିତ କରୁଥିବା ବେଳେ ଆପଣଙ୍କର ଏ ଅଭିଯୋଗ ଆଦୌ ସ୍ପୃହଣୀୟ ନୁହେଁ।''

ପ୍ରକୃତରେ କେଡ଼େ କଥା କରୁ ନ ଥିଲେ ସେଇ ଧାର୍ମିକ ଗୃହସ୍ୱାମୀ ଜଣକ ମାଇକ୍ରୋଫୋନ୍‌ରେ ହରିଙ୍କୁ ଡାକି ଓ ସେ ଡାକ ଅନ୍ୟମାନଙ୍କୁ ଶୁଣାଇ! ତେଣିକି ପ୍ରତିବେଶୀ କିଶୋରୀ କିଶୋରମାନଙ୍କ ପରୀକ୍ଷା ଚୁଲିକୁ ଯାଉପଛେ! ସନ୍ଥ କବୀର ଦିନେ କହିଥିଲେ, ''ଏତେ ଉଚ୍ଚ ସ୍ୱରରେ ଚିତ୍କାର କରି ଏମାନେ କେଉଁ ଆଲ୍ଲା ବା ଈଶ୍ୱରଙ୍କୁ ଡାକୁଛନ୍ତି କେଜାଣି? ମୁଁ ଯେଉଁ ପ୍ରଭୁଙ୍କୁ ଜାଣେ, ଗୋଟିଏ ପିମ୍ପୁଡ଼ି ପାଦରେ ଘୁଙ୍ଗୁର ବାନ୍ଧିଦେଲେ ବି ସେ ତା'ର ଶବ୍ଦ ଶୁଣିପାରିବେ।'' ଆଧୁନିକ ଦୁନିଆର ଶବ୍ଦ ପ୍ରଦୂଷଣ ମଧ୍ୟରେ ସେକାଳର କବୀରଙ୍କ ପ୍ରଭୁ କ'ଣ ଏବେ ଏତେ ବଧିର ହୋଇଗଲେଣି ନା ଏକାଳର ଆଧୁନିକ ମଣିଷ ପ୍ରଭୁଙ୍କୁ ଚିହ୍ନିବାର ଶକ୍ତି ହରାଇ ବସିଲେଣି? କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଚନ୍ଦ୍ରାଭିମୁଖୀ ମହାକାଶଚାରୀ

ବ୍ୟକ୍ତିତ୍ୱ



ଖ୍ରୀଷ୍ଟିନା ହାମୋକ୍ କୋଚ୍

ପିଲାଟି ବେଳୁ ଇଚ୍ଛା ଥିଲା ମହାକାଶକୁ ଯିବେ। ତାହା ସମ୍ଭବ ହେଲା। ଏବେ ପୃଥିବୀର ପ୍ରଥମ ମହିଳା ଭାବେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ଆଶା ତାଙ୍କର ପୂରଣ ହେବାକୁ ଯାଉଛି। ସେ ହେଲେ ଆମେରିକୀୟ ମହାକାଶ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ମହାକାଶଚାରୀ ଖ୍ରୀଷ୍ଟିନା ହାମୋକ୍ କୋଚ୍। ତାଙ୍କ ସହ ଅନ୍ୟ ଯେଉଁ ତିନି ଜଣ ଚନ୍ଦ୍ରକୁ ଯିବେ ବୋଲି ନାମ ଘୋଷଣା କରାଯାଇଛି, ସେମାନେ ହେଲେ ନାସାର ଗ୍ରିଗୋରି ଆର୍. ୱାଇଜ୍‌ମେନ୍, ଭିକ୍ଟୋର ଗ୍ଲୋଭର ଏବଂ କାନାଡୀୟ ମହାକାଶ ଏଜେନ୍ସି ମହାକାଶଚାରୀ ଜେରେମି ହାନ୍‌ସେନ୍। ତେବେ ଆର୍ଟେମିସ୍-୨ କ୍ରିଉର ମିଶନ୍ ସ୍ପେଶାଲିଷ୍ଟ ଭାବେ ଖ୍ରୀଷ୍ଟିନାଙ୍କୁ ଚୟନ କରାଯାଇଥିବାରୁ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଚନ୍ଦ୍ରର ବାହ୍ୟପାର୍ଶ୍ୱ ଯାଏ ୬,୪୦୦ ମାଇଲରୁ ଅଧିକ ଯାତ୍ରା କରିବାକୁ ଥିବା ଏକ ଶକ୍ତିଶାଳୀ ରକେଟ୍ (ଓରିଅନ୍ ସ୍ପେସ୍‌କ୍ରାଫ୍ଟ)ରେ ଏହି ମହାକାଶଚାରୀମାନେ ଗମନ କରିବାର କାର୍ଯ୍ୟକ୍ରମ ରହିଛି। ଖ୍ରୀଷ୍ଟିନା ଏଥିଲାଗି ଖୁବ୍ ଉତ୍ସାହିତ ଥିବା କହିଛନ୍ତି। ୧୦ ଦିନିଆ ଆର୍ଟେମିସ୍-୨ ମିଶନ୍ ଲାଗି ପ୍ରସ୍ତୁତି ଜୋରସୋରରେ ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୨ରେ ଆପୋଲୋ ୧୭ ଜରିଆରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ମାନବ ପାଦ ଥାପିଥିଲା। ଏହାର ଅର୍ଦ୍ଧଶତାବ୍ଦୀ ପରେ ପୁଣି ମାନବର ଚନ୍ଦ୍ର ଯାତ୍ରା ଓ ସେଥିରେ ଜଣେ ମହିଳା ମହାକାଶଚାରୀଙ୍କ ଉପସ୍ଥିତି ଆଉ ଏକ ଇତିହାସ ରଚିବ ବୋଲି କୁହାଯାଉଛି।

ଖ୍ରୀଷ୍ଟିନା ଆମେରିକା ମିଚିଗାନ୍‌ର ଗ୍ରାଣ୍ଡ୍ ରାପିଡ୍‌ସରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ନର୍ଥ କରୋଲିନାର ଜାକ୍ସନଭିଲେରେ ସେ ବଢ଼ିଥିଲେ। ନର୍ଥ କରୋଲିନା ସ୍କୁଲ୍ ଅଫ୍ ସାଇନ୍ସ ଆଣ୍ଡ୍ ମାଥ୍‌ମେଟିକ୍ସରୁ ସେ ୧୯୯୭ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ନର୍ଥ କରୋଲିନା ଷ୍ଟେଟ୍ ୟୁନିଭର୍ସିଟିରେ ନାମ ପଞ୍ଜୀକରଣ କରିଥିଲେ। ସେଠାରୁ ସେ ୨୦୦୧ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥ ବିଜ୍ଞାନରେ ଦୁଇଟି ବ୍ୟାଚେଲର ଅଫ୍ ସାଇନ୍ସ ଡିଗ୍ରୀ ହାସଲ କରିଥିଲେ। ସେହିବର୍ଷ ସେ ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରରେ ନାସା ଏକାଡେମି ପ୍ରୋଗ୍ରାମ୍‌ର ଗ୍ରାଜୁଏଟ୍ ହୋଇପାରିଥିଲେ। ୨୦୦୨ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର କରିବା ପରେ ସେ ସ୍ପେସ୍ ସାଇନ୍ସରେ ଆଗକୁ ବଢ଼ିବା ଲାଗି ଗବେଷଣା ଓ ପ୍ରଶିକ୍ଷଣ ନେବାରେ ଲାଗିପଡ଼ିଥିଲେ। ୨୦୦୪ରୁ ୨୦୦୭ ଯାଏ ଖ୍ରୀଷ୍ଟିନା ୟୁନାଇଟେଡ୍ ଷ୍ଟେଟ୍ସ ଆଣ୍ଟାର୍କଟିକ୍ ପ୍ରୋଗ୍ରାମ୍‌ରେ ରିସର୍ଚ୍ଚ ଆସୋସିଏଟ୍ ଭାବେ କାର୍ଯ୍ୟ କରିଥିଲେ। ଫଳରେ ଆର୍କଟିକ୍ ଓ ଆଣ୍ଟାର୍କଟିକ୍ ଅଞ୍ଚଳରେ ସେ ସାଢ଼େ ତିନି ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରା କରିବାର ସୁଯୋଗ ପାଇଥିଲେ। ସାଉଥ୍‌ପୋଲ ଷ୍ଟେଶନର ଅମୁଣ୍ଡସେନ୍-ସ୍କଟ୍‌ରେ ମାଇନସ୍ ୧୧୧ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ୱିଣ୍ଟର ଓଭର ସିଜିନ୍‌ରେ ଅଂଶ ଗ୍ରହଣ କରି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ଆଣ୍ଟାର୍କଟିକାରେ ଥିବା ବେଳେ ଫାୟାରଫାଇଟିଂ ଟିମ୍ ଏବଂ ଓସେନ୍/ଗ୍ଲେସିଅର ସର୍ଚ୍ଚ ଆଣ୍ଡ୍ ରେସ୍‌କ୍ୟୁ ଟିମ୍‌ରେ ଜଣେ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ କହିଛନ୍ତି ଯେ, ସାଉଥ୍‌ପୋଲରେ କାର୍ଯ୍ୟ କରିବା ତାଙ୍କ ସକାଶେ ଶାରୀରିକ ତଥା ମାନସିକ ସ୍ତରରେ ଚ୍ୟାଲେଞ୍ଜିଂ ଥିଲା। ମାସ ମାସ ଧରି ସୂର୍ଯ୍ୟଙ୍କୁ ଦେଖିବାକୁ ପାଉ ନ ଥିଲେ କି ଭଲ ଖାଇବାକୁ ମିଳୁ ନ ଥିଲା। ପରିବାର ଓ ବନ୍ଧୁ ପରିଜନଙ୍କ ସହ ଯୋଗାଯୋଗ ହେବାର ସୁଯୋଗ ମଧ୍ୟ ନ ଥିଲା। ଅତ୍ୟନ୍ତ କଠୋର ସ୍ଥିତିରେ କିଭଳି ବଞ୍ଚିବାକୁ ହୋଇଥାଏ ସେ ସେହିଠାରୁ ଶିଖିବାକୁ ପାଇଥିଲେ। ଏହା ପରେ ସେ ୨୦୦୭ରୁ ୨୦୦୯ ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟିର ସ୍ପେସ୍ ଡିପାର୍ଟମେଣ୍ଟ ଅଫ୍ ଦି ଆପ୍‌ଲାଏଡ୍ ଫିଜିକ୍ସ ଲାବରେଟୋରିରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ। ସେଠାରେ ନାସା ମିଶନ ଲାଗି ରେଡିଏଶନ୍ ପାର୍ଟିକିଲ୍ସ ଉପରେ ହେଉଥିବା ଅଧ୍ୟୟନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହି ସମୟ ମଧ୍ୟରେ ସେ ଆଣ୍ଟାର୍କଟିକ୍‌ର ପାଲ୍‌ମେର ଷ୍ଟେଶନ ଏବଂ ଗ୍ରୀନ୍‌ଲାଣ୍ଡର ସୁଉଚ୍ଚକୁ ଏକାଧିକ ଥର ଭ୍ରମଣ କରିଥିଲେ। ୨୦୧୨ରେ ସେ ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଓଏଏ)ରେ ପ୍ରଥମେ ଫିଲ୍ଡ ଇଞ୍ଜିନିୟର ଏବଂ ପରେ ଆମେରିକାନ୍ ସାମୋଏ ଅବର୍ଜଭେଟୋରିରେ ଷ୍ଟେଶନ ଚିଫ୍ ହୋଇଥିଲେ। ତେବେ ଖ୍ରୀଷ୍ଟିନାଙ୍କ ବାସ୍ତବ ମହାକାଶ ସମ୍ବନ୍ଧୀୟ ଯାତ୍ରା ୨୦୧୩ରେ ଆରମ୍ଭ ହୋଇଥିଲା। ନାସା ଦ୍ୱାରା ବଛାଯିବା ପରେ ସେ ଆଷ୍ଟ୍ରୋନଟ୍ ଗ୍ରୁପ୍ ୨୧ରେ ସାମିଲ ହେବାର ସୁଯୋଗ ପାଇଥିଲେ। ୨୦୧୯ରେ ତାଙ୍କ ମହାକାଶ ଅଭିଯାନ ଆରମ୍ଭ ହୋଇଥିଲା। ମହାକାଶରେ ୩୨୮ ଦିନ ରହିବା ପରେ ସେ ୨୦୨୦ ଫେବୃୟାରୀ ୬ରେ ପୃଥିବୀକୁ ଫେରିଥିଲେ। ତେବେ ତାଙ୍କ ଦୀର୍ଘ ବର୍ଷର କଠିନ ପରିଶ୍ରମ ଓ ମହାକାଶ ସମ୍ବନ୍ଧୀୟ ଗଭୀର ଅନୁଧ୍ୟାନ ତାଙ୍କୁ ୨୦୨୪ରେ ହେବାକୁ ଥିବା ଆର୍ଟେମିସ୍ ମିଶନର ଅଂଶବିଶେଷ କରାଇପାରିଛି। ନାସାରେ କାର୍ଯ୍ୟ କଲା ବେଳେ ସେ ଜନ୍ ହପ୍‌କିନ୍ସ ସମ୍ମାନଠାରୁ ଆରମ୍ଭ କରି ୟୁନାଇଟେଡ୍ ଷ୍ଟେଟ୍‌ସ କଂଗ୍ରେସ ଆଣ୍ଟାର୍କଟିକ୍ ସର୍ଭିସ ମେଡାଲ ପାଇପାରିଛନ୍ତି।

ବ୍ୟକ୍ତିଗତ ଜୀବନ କହିଲେ ଖ୍ରୀଷ୍ଟିନା ଏବେ ତାଙ୍କ ସ୍ୱାମୀ ରବର୍ଟ କୋଚ୍‌ଙ୍କ ସହ ଟେକ୍ସାସ୍‌ରେ ରହୁଛନ୍ତି। ପାହାଡ଼ ଚଢ଼ିବା, ଜଳଯାତ୍ରା କରିବା, ଦୌଡ଼ିବା, ଯୋଗ କରିବା, ଫଟୋଗ୍ରାଫିରେ ରୁଚି ରଖିବା ସହ ଗୋଷ୍ଠୀଗତ ସେବାରେ ନିଜକୁ ନିୟୋଜିତ କରିବାରେ ଆନନ୍ଦ ଅନୁଭବ କରିଥାଆନ୍ତି।

– ଜିତେନ୍ଦ୍ର କୁମାର ନାୟକ

# ଏଇ ଭାରତରେ

ନାଁ ରୁହାନି ବର୍ମା। ବୟସ ୧୮। ସେ ଏହି ବୟସରେ ଆର୍କିଟେକ୍ ଶ୍ରୀଧର ରାଓଙ୍କ ସହ ମିଶି ଏକ କାର୍ବନ ନିର୍ଗମନ ଶୂନ୍ୟ ଶୌଚାଳୟ ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ବଡ଼ କଥା ହେଉଛି, ରୁହାନି ଏହି ଶୌଚାଳୟକୁ କେବଳ ପ୍ଲାଷ୍ଟିକ ବର୍ଜ୍ୟରେ ନିର୍ମାଣ କରିଛନ୍ତି। ସେ ୪ ଲକ୍ଷ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ୧୦୦୦ ଟାଇଲ ତିଆରି କରି ଶୌଚାଳୟରେ ଲଗାଇଛନ୍ତି। ରୁହାନି ଉକ୍ତ ଶୌଚାଳୟକୁ ଅମୃତସର ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର ପାର୍କିଂ ସ୍ଥଳରେ ରଖିଛନ୍ତି। ରୁହାନି ଜୟପୁରର ଜୟଶ୍ରୀ ପେରିୱାଲ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢୁଛନ୍ତି। ସ୍କୁଲରେ ଇକୋ ପ୍ରୋଜେକ୍ଟରୁ ଏକ ପରିବେଶ ଉପଯୋଗୀ ଟଏଲେଟ ନିର୍ମାଣ କରିବାର ପ୍ରେରଣା ମିଳିଥିଲା। ଏଥିପାଇଁ ସେ ଛୁଟିରେ ଏକ ଆର୍କିଟେକ୍ଟର ଫାର୍ମରେ ଇଣ୍ଟର୍ନସିପ୍ କରିବା ପରେ ଆର୍କିଟେକ୍ ଶ୍ରୀଧର ରାଓଙ୍କ ସହଯୋଗରେ କାର୍ଯ୍ୟ ଆରମ୍ଭ କରି ଏହି ସଫଳତା ପାଇଛନ୍ତି। ଏଭଳି ଶୌଚାଳୟ ଅଧିକ ସଂଖ୍ୟାରେ ନିର୍ମାଣ କରାଯାଇପାରିଲେ ଉଭୟ ବର୍ଜ୍ୟ ଓ କାର୍ବନ ନିର୍ଗମନ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି କହନ୍ତି ରୁହାନି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୯୮

- ଆଦିବାସୀ ଉଗ୍ରପନ୍ଥୀଙ୍କ ଦ୍ୱାରା ଗୁଆହାଟୀରୁ ଅଗରତାଲା ଅଭିମୁଖେ ଯାଉଥିବା ବସ୍‌ରୁ ୩୦ ଯାତ୍ରୀ ଅପହୃତ।
- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଭୂପୃଷ୍ଠ ପରିବହନ ମନ୍ତ୍ରୀ ଏସ୍.ଆର୍, ମୁଥାୟାଙ୍କ ଇସ୍ତଫା ପ୍ରଦାନ।
- ଆନ୍ଧ୍ରପ୍ରଦେଶରେ କ୍ଷମତାସୀନ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସହ ୧୫ ବର୍ଷ ଧରି ରଖିଥିବା ସମ୍ପର୍କ ସିପିଆଇ ଆନୁଷ୍ଠାନିକ ଭାବେ ଛିନ୍ନ କରିଛି।

## ଚିରନ୍ତନୀ

ହେ ପାଷାଣ! ମାଗୁନାହିଁ ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମର୍ତ୍ତ୍ୟ ଭୁବନ
ମୋ ସ୍ନେହ-ସଦନ,
ଏ ଧରଣୀ
ସୁଖମଣି।

(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅଦିନିଆ ଝଡ଼ରେ ବ୍ୟାପକ କ୍ଷତି

ମହାଶୟ,

ଅଦିନିଆ ଝଡ଼ବର୍ଷା, ପବନ ଓ କୁଆପଥର ମାଡ଼ ପରିବା ଚାଷୀଙ୍କୁ ହତାଶ କରିଛି। ହଜାର ହଜାର ଟଙ୍କା ଋଣ କରି ଚାଷୀମାନେ ବିଭିନ୍ନ ପରିବା ଚାଷ କରିଥିଲେ। ଫସଲ ଅମଳ ବେଳକୁ ସେସବୁ ଛାରଖାର ହୋଇଗଲା। ବିଶେଷ କରି ତୈଳବୀଜ ଫସଲ , ତରଭୁଜ , କାକୁଡ଼ି ଆଦି ମାଟିରେ ମିଶିଯାଇଛି। ଚାଷୀ ମୁଣ୍ଡରେ ହାତ ଦେଇ ହିଡ଼ ଉପରେ ବସିଛି। ଋଣ କିପରି ଶୁଝିବ ସେ କଥା ଭାବୁଛି। ଏଥିରୁ ବର୍ତ୍ତିବା ପାଇଁ ତାଙ୍କୁ ସାହାଯ୍ୟ କରିବା ନିହାତି ଆବଶ୍ୟକ। ପଞ୍ଚାୟତ ସ୍ତରରେ କ୍ଷୟକ୍ଷତି ଆକଳନ କରି ତୁରନ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଉ। ଖାଉଟିଙ୍କ ପାଇଁ ଯୋଗାଉଥିବା ପରିବା ଚାଷୀଙ୍କୁ ସହାୟତା ନ ମିଳିଲେ ଚାଷୀ ଚାଷ କରିବା ପାଇଁ କୁଣ୍ଠାବୋଧ କରିବେ।

– ଯଦୁନାଥ ସାହୁ, ବରିଷ୍ଠ ନାଗରିକ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଷାକ୍ତ ପାଣି ଛାଡୁଛନ୍ତି ରାଇସ୍ ମିଲ୍

- ଚାଷୀକୁଳ କ୍ଷତିଗ୍ରସ୍ତ
- ଆଶୀର୍ବାଦ ରାଇସ୍ ମିଲ୍ ବିରୋଧରେ ଏସ୍‌ପିସିବିର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଯାଜପୁର ଅଫିସ୍/କୋରେଇ (ଡି.ଏନ୍.ଏ.),୮।୪



ଏସ୍‌ପିସିବିର ଦ୍ୱାରସ୍ଥ ହୋଇଥିବା ପଥରପଦା ଗ୍ରାମବାସୀ।

ଯାଜପୁର ଜିଲାର ବିଭିନ୍ନ ରାଇସ୍ ମିଲ୍‌ରୁ ବାହାରୁଥିବା ବର୍ଜ୍ୟ ପାଣି ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦର କାରଣ ହୋଇଛି। ଏହାର ବିଶୋଧନ ପାଇଁ ଉନ୍ନତମାନର ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ଲଗାଯାଇ ନ ଥିବାରୁ ବେଳକୁ ବେଳ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବାରେ ଲାଗିଛି। ଭୂଗର୍ଭ ଜଳ, ବାୟୁମଣ୍ଡଳ ଓ ମାଟିକୁ ଏହା ବିଷାକ୍ତ କରିବାରେ ଲାଗିଛି। କୋରେଇ ବ୍ଲକ ପଥରପଦା ପଞ୍ଚାୟତ ମୁଲରି ମୌଜାରେ ଥିବା ଆଶୀର୍ବାଦ ରାଇସ୍ ମିଲ୍ ବିଷାକ୍ତ ପାଣି ବାହାରକୁ ଛାଡୁଥିବା ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ବାୟୁ ଓ ଜଳ ପ୍ରଦୂଷଣ ଆଇନ-୧୯୮୧ର ଧାରା ୩୩(କ)ର ଖୋଲା ଉଲ୍ଲଂଘନ ହୋଇଥିବା ଦର୍ଶାଇ ୨୦୦୯ରେ ହାଇକୋର୍ଟ ସମସ୍ତ ରାଇସ୍ ମିଲ୍‌ରେ ଇଟିପି ସ୍ଥାପନ ବାଧ୍ୟତାମୂଳକ ବୋଲି ରାୟ ଦେଇଥିଲେ। ଇଟିପି ସ୍ଥାପନ କରୁ ନ ଥିବା ରାଇସ୍ ମିଲ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ଏହି ନିର୍ଦ୍ଦେଶ ପରେ ଯାଜପୁର ଜିଲାର ବିଭିନ୍ନ ରାଇସ୍ ମିଲ୍‌ରେ ଇଟିପି ସ୍ଥାପନ ହୋଇଥିଲା। ପରବର୍ତ୍ତୀ ସମୟରେ ଉନ୍ନତମାନର ଇଟିପି ସ୍ଥାପନ ଏବଂ ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପାଣିକୋଇଲି ଓ ବଡ଼ଚଣା ଅଞ୍ଚଳର କେତେକ ପୁରୁଣା ରାଇସ୍ ମିଲ୍ ଏ ପର୍ଯ୍ୟନ୍ତ ନବୀକରଣ କରି ନ ଥିବା ଅଭିଯୋଗ ହୋଇଛି। ଇଟିପି ନିର୍ମାଣ ଏବଂ ନକ୍ସା ମଞ୍ଜୁରରେ ମଧ୍ୟ ଦୁର୍ନୀତି ହୋଇଥିବା କୁହାଯାଉଛି। ନିମ୍ନମାନର ଇଟିପି ସ୍ଥାପନ ଏବଂ ଇଟିପି ବାହାର ରାସ୍ତା ଦେଇ ବର୍ଜ୍ୟପାଣି ଛଡ଼ା ଯାଉଥିବାରୁ ଜଳ ପ୍ରଦୂଷଣ ଉତ୍କଟ ହେଉଛି। ଅଭିଯୋଗ ଅନୁସାରେ ରାଇସ୍ ମିଲ୍‌ରେ ଧାନ ବତୁରାଇବାକୁ ଦୈନିକ ୧ ଲକ୍ଷ ଲିଟର ଯାଏ ପାଣି ବ୍ୟବହାର କରିଥାନ୍ତି। ସେଥିରୁ ପ୍ରାୟ ୧୫ ପ୍ରତିଶତ ପାଣି ଧାନ ଶୋଷି ନେଇଥାଏ। ୮ଘଣ୍ଟା ଧାନ ବତୁରାଯିବା ପରେ ସେହି ପାଣିକୁ ବାହାରେ ଛାଡ଼ି ଦିଆଯାଏ। ଏହି ବର୍ଜ୍ୟପାଣି ମାଟିର ଉର୍ବରତାକୁ ନଷ୍ଟ କରିଦେବା ସହ ବାୟୁ ଓ ଜଳ ପ୍ରଦୂଷଣ ସୃଷ୍ଟି କରୁଛି। ଏଥିଯୋଗୁ ଲୋକେ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ବର୍ଜ୍ୟପାଣିକୁ ଅତି ସତର୍କତାର ସହ ପରିଚାଳନା କରିବା ପାଇଁ ପ୍ରଦୂଷଣ ବୋର୍ଡ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। କିନ୍ତୁ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ହେଉଛି।

ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି ଯେ, ଆଶୀର୍ବାଦ ମିଲ୍‌ରୁ ପ୍ରତିଦିନ ରାତି ପ୍ରାୟ ୧୦ଟା ପରେ ବିଷାକ୍ତ ଜଳ ନିର୍ଗତ ହେଉଛି। ତାହା ନିକଟସ୍ଥ ନାଳ ଦେଇ ପୋଖରୀଗୁଡ଼ିକରେ ମିଶୁଛି। ଫଳରେ ବିଭିନ୍ନ ଗୃହପାଳିତ ପ୍ରାଣୀ ଏବଂ ଚାଷୀକୁଳ ପ୍ରଭାବିତ ହେଉଛନ୍ତି। ରାଇସ୍ ମିଲ୍ ପଛପଟେ ମୁଲରି ଗ୍ରାମର କୈଳାସ କବି ବ୍ୟାଙ୍କ ଋଣ ନେଇ ନିଜ ଚାଷ ଜମିରେ ପୋଖରୀ ଖନନ କରି ମାଛ ଚାଷ କରିଥିଲେ। ହେଲେ ରାଇସ୍ ମିଲ୍‌ରୁ ନିର୍ଗତ ବର୍ଜ୍ୟଜଳ ପ୍ରଭାବରେ କୈଳାସଙ୍କ ପୋଖରୀରୁ ସବୁ ମାଛ ମରିଯାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କେବଳ କୈଳାସ ନୁହନ୍ତି, ଗତ ୪ ତାରିଖରେ ଗ୍ରାମର ଅକ୍ଷୟ ସାମଲ, ମଦନମୋହନ ଯେନା, ଗୋଲେଖ ଧଳ, ଆଲୋକ ବେହେରା, ପ୍ରକାଶ ମଲ୍ଲିକ, ସତୀଶ ଧଳ ପ୍ରମୁଖ ଗ୍ରାମବାସୀ ଏସ୍‌ପିସିବି ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକ ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଆଶୀର୍ବାଦ ରାଇସ୍ ମିଲ୍ ମ୍ୟାନେଜର ବାବୁଲା ଦାସ ଉପରୋକ୍ତ ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ପ୍ରାୟ ୧୫ ବର୍ଷ ହେଲା ରାଇସ୍ ମିଲ୍ ଏସ୍‌ପିସିବିର ଆଇନ ଅନୁସାରେ ଚାଲିଛି। କେବେ କୌଣସି ଅଭିଯୋଗ ଆସି ନ ଥିଲା। ଏବେ ଯେଉଁ ଲୋକମାନେ ଅଭିଯୋଗ କରୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା।

# ୯୮,୨୯୪ ବର୍ଗଫୁଟ୍‌ର ରିବନ୍‌ରେ ମାନସିକ ସ୍ୱାସ୍ଥ୍ୟ ସଚେତନତା

**ଗ୍ଲୋବାଲ ରେକର୍ଡ ଓ ଏସିଆ ପାସିଫିକ୍ ରେକର୍ଡ ହାସଲ**

ଯାଜପୁର ରୋଡ୍, ୮।୪(ଡି.ଏନ୍.ଏ.)



ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ତିଆରି ହୋଇଥିବା ରିବନ।

ଯାଜପୁର ରୋଡ୍‌ର ବ୍ୟାସନଗର ଷ୍ଟାଡିୟମଠାରେ ଶନିବାର ମାନସିକ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରାକ୍ଟ କ୍ଲବ ଭୁବନେଶ୍ୱର ରୟାଲ ଓ ରୋଟାରାକ୍ଟ କ୍ଲବ ବ୍ୟାସଭୂମି ଯାଜପୁର ରୋଡ୍‌ର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଛି। ମାନସିକ ସ୍ୱାସ୍ଥ୍ୟ ଓ ଚାପ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ନିମନ୍ତେ ଲୋକମାନଙ୍କୁ ସଚେତନ ଏବଂ ସକାରାତ୍ମକ ବାର୍ତ୍ତା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରେରଣ କରାଯାଇଛି। ପୂର୍ବରୁ ମାନସିକ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ସ୍ପେନର ଏକ ସଂସ୍ଥା ୬୦,୫୦୦ ବର୍ଗଫୁଟ ରିବନ୍ ତିଆରି କରି ରେକର୍ଡ କରିଥିଲା। ଏହି ରେକର୍ଡକୁ ଭାଙ୍ଗି ରୋଟାରାକ୍ଟ କ୍ଲବ ଭୁବନେଶ୍ୱର ରୟାଲ ୯୮ ହଜାର ୨୯୪ ବର୍ଗଫୁଟ୍‌ର ସବୁଜ କପଡ଼ାରେ ଏକ ରିବନ୍ ଆକୃତି ତିଆରି କରି ଗ୍ଲୋବାଲ ରେକର୍ଡ ଓ ଏସିଆ ପାସିଫିକ୍ ରେକର୍ଡ ସୃଷ୍ଟି କରିଛି। ଏହି ରେକର୍ଡର ନିରୀକ୍ଷଣ ଓ ତଦାରଖ ପାଇଁ ଗ୍ଲୋବାଲ ରେକର୍ଡ ଆଣ୍ଡ ରେଫରେନ୍ସର ଏକ ଟିମ୍ ଆସିଥିଲେ। ସେମାନେ ସମସ୍ତ ପ୍ରକାରର ଗଣନା, ରିବନର ଦୈର୍ଘ୍ୟପ୍ରସ୍ଥର ହିସାବ କରିବା ପରେ ରୋଟାରାକ୍ଟ ରୟାଲ କ୍ଲବ ଗ୍ଲୋବାଲ ରେକର୍ଡ ଓ ଏସିଆ ପାସିଫିକ୍ ରେକର୍ଡ କରିଥିବା ଘୋଷଣା କରିଥିଲେ। ଏହାପରେ ରୋଟାରାକ୍ଟ ରୟାଲ କ୍ଲବକୁ ଉକ୍ତ ଟିମ୍ ୨ ରେକର୍ଡ ନିମନ୍ତେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଯାଜପୁର ରୋଡ୍‌ର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ୯୮,୨୯୪ ବର୍ଗଫୁଟ କପଡ଼ାରେ ତିଆରି ରିବନ ଆକୃତିର ଚାରିପଟେ ଠିଆ ହୋଇଥିଲେ। ଏହି ଅବସରରେ ରୋଟାରାକ୍ଟ ୩୨୬୨ର ମୁଖ୍ୟ ଅଭିଳାଷ ବୋଇତାଇ, କାର୍ଯ୍ୟକ୍ରମର ଚେୟାରମ୍ୟାନ ଡା. ସତ୍ୟବ୍ରତ କର, ରୋଟାରୀ ୩୨୬୨ର ମୁଖ୍ୟ ପ୍ରଭୁଦ ସୁବୁଦ୍ଧି, ଗ୍ଲୋବାଲ ରେକର୍ଡ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେଶନର ମୁଖ୍ୟ ମନମୋହନ ରାୱାତ, ଜୟଶ୍ରୀ ବିଶ୍ୱାଳ, ସୋମ ଶାସ୍ତ୍ରୀ, ଗୁରୁବିନ୍ଦର ସିଂହ, ଅରୁଣ କୁମାର, ଅଭୟ ପତି ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱର ରୟାଲ ଓ ରୋଟାରୀ କ୍ଲବ ଯାଜପୁର ରୋଡ୍ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଛି।

ସୁସ୍ଥ, ନିରାମୟ ଜୀବନଯାପନକୁ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ଲକ୍ଷ୍ୟ ନେଇ ମାନସିକ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ଅଭିଳାଷ ବୋଇତାଇ କହିଛନ୍ତି। ସେହିପରି ଚେୟାରମ୍ୟାନ କର କହିଛନ୍ତି ଯେ ଅବସାଦ, ବିଷାଦ ଆଦି ମାନସିକ ରୋଗ ନୁହେଁ, ତାହା ମାନସିକ ବିକାର। ଯୁବତୀଯୁବକଙ୍କ ମଧ୍ୟରେ ଏହା ଅଧିକ ଦେଖାଦେଉଛି। ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସହଯୋଗ ମାଧ୍ୟମରେ ମାନସିକ ଅସୁସ୍ଥତା, ବିଷାଦକୁ କମ୍ କରାଯାଇପାରିବ। ଆଗାମୀ ପିଢ଼ିକୁ ସଚେତନ କରିବା ଏବଂ ସମସ୍ତଙ୍କୁ ଦୈନନ୍ଦିନ ଜୀବନରେ ଅବସାଦରୁ ମୁକ୍ତି ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କର କହିଛନ୍ତି।

## ଦୁର୍ଘଟଣାରେ ମିନିଟ୍ରକ୍ ଚାଳକଙ୍କ ମୃତ୍ୟୁ

ଧର୍ମଶାଳା,୮।୪(ଡି.ଏନ.ଏ.):

ଧର୍ମଶାଳା ଥାନା ଅଧୀନ ୫୩ ନଂ. ଜାତୀୟ ରାଜପଥର ଆରୁହା ଛକ ନିକଟରେ ଶନିବାର ଅପରାହ୍ଣରେ ଏକ ବିସ୍କୁଟ ବୋଝେଇ ମିନିଟ୍ରକ୍ ସହିତ ଏକ ଟ୍ରେଲରର ଧକ୍କା ହୋଇଛି। ଏଥିରେ ମିନିଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ଜାନୁଗଞ୍ଜ ଅଞ୍ଚଳର ତପନ କୁମାର ଜେନା(୩୯)। ଦୁର୍ଘଟଣାପରେ ଟ୍ରେଲରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ମୁତାବକ, ମିନିଟ୍ରକ୍ ନଂ.(ଓଡି-୨୨-ଟି-୮୬୬୨) ବିସ୍କୁଟ ବୋଝେଇ କରି ଚଣ୍ଡିଖୋଲ ପଟୁ ଡୁବୁରୀ ଅଭିମୁଖେ ଯାଉଥିବା ବେଳେ ଆରୁହା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲରର ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ମିନିଟ୍ରକ୍ ଚାଳକ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ସିଂହପୁର,୮।୪(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ମନମାନିରେ ଅତିଷ୍ଠ ହୋଇପଡ଼ିଲେଣି ଉପଭୋକ୍ତା। ଅଞ୍ଚଳର ସିଂହପୁର, ବାଛୋଳ, ଫତେପୁର, ଟିଣା ଓ ଓଳେଇ ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଅଘୋଷିତ ବିଦ୍ୟୁତ୍ କାଟ ଗ୍ରାହକଙ୍କୁ ଅତିଷ୍ଠ କରୁଛି। ବର୍ତ୍ତମାନ ଖରାର ପ୍ରକୋପ ବଢୁଥିବାବେଳେ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ବିଭିନ୍ନ ଆଳ ଦେଖାଇ ବିଭାଗ ଏଭଳି ବେଆଇନ ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ କାଟକୁ ନେଇ ବିଭିନ୍ନ ଅଞ୍ଚଳରେ ଜନଅସନ୍ତୋଷ ଦେଖିବାକୁ ମିଳୁଛି। ଉପଯୁକ୍ତ କାରଣ ନ ଥାଇ ବିଦ୍ୟୁତ କାଟ କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ନିଘା ଦେଉ ନ ଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଯଦି ଏଭଳି ବେଆଇନ ବିଦ୍ୟୁତ୍ କାଟ ବନ୍ଦ ନ ହୁଏ ତେବେ ଉପଭୋକ୍ତା ବିଦ୍ୟୁତ୍ କମ୍ପାନୀ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ୩ କୋଟି ଟଙ୍କା ଅନୁଦାନରେ ହେବ ବିକାଶ

**ଦଶରଥପୁର ଉଚ୍ଚ ବିଦ୍ୟାଳୟରେ ବିଧାୟକ, ଜିଲାପାଳ**

ଝୁମ୍ପୁରୀ,୮।୪(ଡି.ଏନ୍.ଏ.):



ଜିଲାପାଳ ଓ ବିଧାୟକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଦଶରଥପୁର ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ୩ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯିବ ବୋଲି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ଏହି ଅର୍ଥରେ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତିକରଣ କରାଯିବା ସହ ଏହାକୁ ଏକ ମିନି ଷ୍ଟାଡିୟମରେ ପରିଣତ କରାଯିବ। ଏଥିସହ ଉଚ୍ଚ ବିଦ୍ୟାଳୟର ୪ କ୍ଲାସ୍ ରୁମ୍ ଓ ଉଚ୍ଚତର ବିଦ୍ୟାଳୟର ନୂତନ ୬ କ୍ଲାସ୍ ରୁମ୍ ନିର୍ମାଣ କରାଯିବ। ସେହିପରି ଏହି ବିଦ୍ୟାଳୟ ପରିସରରେ ଏକ ଜିମ୍ ସେଣ୍ଟର ସହ ସୌନ୍ଦର୍ଯ୍ୟକରଣ ପାଇଁ ପାର୍କ ପ୍ରତିଷ୍ଠା କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ତତ୍‌ସହିତ ବିଦ୍ୟାଳୟର ଏକ ଉନ୍ନତମାନର ଲାଇବ୍ରେରି ଓ ବିଜ୍ଞାନାଗାର ଏହି ଅର୍ଥରେ ନିର୍ମାଣ କରାଯିବ ବୋଲି ବିଧାୟକ ଦାସ କହିଛନ୍ତି।

ଶନିବାର ପୂର୍ବାହ୍ଣରେ ବିଧାୟକ ଦାସଙ୍କ ସହ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବିଦ୍ୟାଳୟ ପରିଦର୍ଶନ କରିବାପରେ ଏହି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ବିଧାୟକ ଓ ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ଚମ୍ପେଇପାଳ ସରପଞ୍ଚ ହିମାଂଶୁ କୁମାର ନାୟକ, ଜୟନ୍ତରା ସରପଞ୍ଚଙ୍କ ପ୍ରତିନିଧି ଅଜିତ କୁମାର ସାମଲ, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କ୍ରାନ୍ତିକୁମାରୀ ସଂଘମିତ୍ରା ଜେନା, ଉଚ୍ଚତର ବିଦ୍ୟାଳୟର ଅଧ୍ୟକ୍ଷ ଡ. କାହ୍ନୁଚରଣ ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ମନ୍ଦିର ଦଧିନଉତି ଭାଙ୍ଗିଲା

ଚଣ୍ଡିଖୋଲ,୮।୪(ଡି.ଏନ.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତ ଉତ୍ତର କବାଟ ସାହିରେ ଥିବା ବାସୁଦେବ ମନ୍ଦିରକୁ ଗୁରୁବାର ବଜ୍ରପାତ ହେବାରୁ ମନ୍ଦିରର ଦଧିନଉତି ଭାଙ୍ଗି ଛାରଖାର ହୋଇଯାଇଛି। ସେଦିନ ସନ୍ଧ୍ୟାରେ ବର୍ଷା ପବନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ ମନ୍ଦିରର ଉପରି ଭାଗର ଦଧିନଉତି ଭାଙ୍ଗି ଗଳି ପଡ଼ି ଥିବାବେଳେ ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବିପୁଳ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ମନ୍ଦିର ଭାଙ୍ଗିଯିବା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହିମାଂଶୁ



@ ରଶ୍ମି



@ ସଞ୍ଜୀବ



@ ସତ୍ୟପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ମିଡିଏଟର ମହାସଂଘ ବୈଠକ



ବୈଠକରେ ଯୋଗଦେଇଥିବା ମିଡିଏଟର ସଂଘର କର୍ମକର୍ତ୍ତା।

ରସୁଲପୁର,୮।୪(ଡି.ଏନ.ଏ.):

**ଶତାଧିକଙ୍କୁ ପରିଚୟପତ୍ର ବଣ୍ଟନ**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଶୁକ୍ରବାର ଓଡ଼ିଶା ମିଡିଏଟର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରବୀନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ମିଡିଏଟର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ଜିଲାର ସାମାଜିକ କର୍ମୀ ପଙ୍କଜ କୁମାର ଚକ୍ର ଯୋଗଦେଇ ମିଡିଏଟରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମିଡିଏଟରମାନେ ଏକାଧିକ ପରିବାର ପରିଚୟ ସୃଷ୍ଟି କରିବାର ସୂତ୍ରଧର ସାଜୁଛନ୍ତି। ମାତ୍ର ସେମାନଙ୍କ ପରିଚୟ ସଙ୍କଟାପନ୍ନ ହୋଇପଡ଼ିଛି ବୋଲି କହିଥିଲେ। ତେଣୁ ପ୍ରତ୍ୟେକ ମିଡିଏଟରଙ୍କୁ ପରିଚୟପତ୍ର ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶତାଧିକ ମିଡିଏଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଘ କାର୍ଯ୍ୟକର୍ତ୍ତା କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଓ ଯାଜପୁର ଜିଲାର ଜାରକାଠାରେ ଶାଖା କାର୍ଯ୍ୟାଳୟ ଖୋଲାଯାଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସଂଘ ଉପସଭାପତି ସୁବାସ ରଥ, ସମ୍ପାଦକ ମିହିର କୁମାର ରାଉତ, କୋଷାଧ୍ୟକ୍ଷ ଅନିଲ କୁମାର ସାହୁ, ଅରୂପ କର, ରାମଚନ୍ଦ୍ର ମଲିକ, ପାର୍ଥସାରଥି ଦେବତା ଓ ସନାତନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– 16/ RCD/Daltonganj/ 2022-23/ 347 आमंत्रित की गई है, जिसका PR No. 293635 Road (22-23)_D है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ସୁନା ଗହଣା, ଟଙ୍କା ଲୁଟ

ଏରସମା,୮।୪(ସ୍ୱ.ପ୍ର.) : ଏରସମା ଥାନା ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ଦେଇକା ଗ୍ରାମର ସନ୍ତୋଷ କୁମାର ବେହେରାଙ୍କ ଘରୁ ଡକାୟତି ହୋଇଛି। ଗତ ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ସୁନାଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି। ସନ୍ତୋଷ କିଛିଦିନ ହେବ ଅନୁପସ୍ଥିତ ଥିଲେ । ଘରେ କେବଳ ସ୍ତ୍ରୀ ଓ ୮ ବର୍ଷର ଝିଅ ରହୁଥିଲେ । ଏହାର ସୁଯୋଗ ନେଇ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଦୁର୍ବୃତ୍ତମାନେ ରୋଷେଇ ଘର ଝରକା ଗ୍ରୀଲ୍‌ର ପେଚ ଖୋଲି ଘରେ ପଶିଥିଲେ । ଶବ୍ଦ ଶୁଣି ମା' ଓ ଝିଅ ଉଠି ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଭୟଭୀତ କରାଇଥିଲେ। ଝିଅ ବେକରେ ମାରଣାସ୍ତ୍ର ଲଗାଇ ଘରୁ ସୁନାଗହଣା ସମେତ ଲକ୍ଷାଧିକ ଟଙ୍କା ନେଇଯାଇଥିଲେ। ଏଥିସହ ଘରର ସିସିଟିଭି ଭାଙ୍ଗି, ସମସ୍ତ ଲାଇଟ ବନ୍ଦକରି ଘରର ମୁଖ୍ୟଦ୍ୱାର ଦେଇ ପଳାଇ ଯାଇଥିଲେ। ରିପୋର୍ଟ ଲେଖାହେବା ବେଳକୁ କାହାରିକୁ ଗିରଫ କରାଯାଇନାହିଁ।

### ଚଟୁଆ ରାସ୍ତା, ହାଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କୁଜଙ୍ଗ,୮।୪ (ଡି.ଏନ୍.ଏ.) : କୁଜଙ୍ଗ-ଚଟୁଆ ରାସ୍ତା ଓ ତାଳଦଣ୍ଡାଠାରେ ନୂତନ ସାପ୍ତାହିକ ହାଟ ଖୋଲିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଭୟ ସ୍ଥାନରେ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ଆୟୋଜିତ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ, ବନ୍ଦିତା ଦାସ, ପୁଷ୍ପଲତା ବେହେରା, ଅରୁଣ ବେହେରା, ପ୍ରଭାଞ୍ଜଳି ସେଠୀ, ଅରୁପ୍ରସାଦ ମହାନ୍ତି, ସସ୍ମିତା ନାୟକ ଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଦଣ୍ଡାଠାରେ ଅଧକ୍ଷା ସାହୁ, ପ୍ରମୋଦ ସ୍ୱାଇଁ, ଧ୍ରୁବ ଚରଣ ନାୟକ, ପ୍ରଭାତୀ ଦାଶ, ବିଷ୍ଣୁ ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ।

### ଗୋସିଗାଁରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ

ରାଜନଗର,୮।୪(ଡି.ଏନ.ଏ.) ରାଜନଗର ବ୍ଲକ ଗୋସିଗାଁଠାରେ ୩ଦିନ ଧରି ଚାଲିଥିବା ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ୫ ତାରିଖ ଅପରାହ୍ନରେ କଳସ ଶୋଭାଯାତ୍ରା କରି ଗ୍ରାମର ଆରାଧ୍ୟ ବାବା ଗର୍ତ୍ତେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ପୁଷ୍କରିଣୀରୁ ଜଳ ଉଠାଇ ଗ୍ରାମର ବାସୁଦେବ ମଠ ପ୍ରାଙ୍ଗଣରେ ଘଟସ୍ଥାପନ କରାଯାଇଥିଲା। ଅଧିବାସ ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରି ନାମ କରିଥିଲେ। ସକାଳେ ଏହି ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଶେଷ ହୋଇଥିଲା। ପରେ ନଗର କୀର୍ତ୍ତନ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ସାନବଡ଼ଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଯୁବନେତା ସୁଶାନ୍ତ କୁମାର କୁଣ୍ଡ, ବାଇଧର ସ୍ୱାଇଁ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ସନ୍ଧ୍ୟା ଆଳତି ଦର୍ଶନ କରିଥିଲେ। ଅନ୍ତକିଶୋର ରାଉତ, ଆକୁଳୀ ଚରଣ ରାଉତ, ନାରାୟଣ ରାଉତ, କୈଳାଶ ଚନ୍ଦ୍ର ରାଉତ, ସୁକାନ୍ତ ବିଶ୍ୱାଳ, ଅଭିରାମ ପ୍ରଧାନ, ନାଲୁ ମହାନ୍ତି ପ୍ରମୁଖ ସଂକୀର୍ତ୍ତନ ପରିଚାଳନା କରିଥିଲେ। ମହେଶ୍ୱର ବିଶ୍ୱାଳ, ଗଣେଶ୍ୱର ରାଉତ, କ୍ଷୀରୋଦ ରାଉତ, ରଞ୍ଜନ କୁମାର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରମ୍ବଲ୍ସ ନିର୍ମାଣ ଦାବିରେ ଗଣଧାରଣା


ରମ୍ବଲ୍ସ ନିର୍ମାଣ ଦାବିରେ ଧାରଣାରେ ବସିଥିବା ଗ୍ରାମବାସୀ ।

ରାଜକନିକା,୮।୪(ଡି.ଏନ.ଏ.)

ରାଜକନିକାର ତରାସ ନେତାଜୀ ଛକ, ଆରସା ଛକ ଏବଂ କଣ୍ଟପଡ଼ା ବଜାରସ୍ଥିତ ଷ୍ଟ୍ରକଚର ଛକରେ ସବୁଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏଥିରେ ଅନେକ ଧନଜୀବନ ଯାଉଛି । ଦୁର୍ଘଟଣାକୁ ରୋକିବା ପାଇଁ ୨୦୨୨ ଡିସେମ୍ବର ୧୭ରେ କନିକା ତହସିଲଦାରଙ୍କ ଜରିଆରେ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସମେତ ମନ୍ତ୍ରୀ, ଗୃହ ସଚିବ ଏବଂ ପୂର୍ତ୍ତ ବିଭାଗକୁ ଏହି ୩ ଛକରେ ଯାନବାହାନର ଦ୍ରୁତଗତି ରୋକିବା ନେଇ ରମ୍ବଲ୍ସ ନିର୍ମାଣ ଏବଂ ରେଡିୟମ ସୂଚନା ଫଳକ ଲଗାଇବା ନେଇ ତରାସର ନେତାଜୀ କ୍ଲବ ପକ୍ଷରୁ ନିବେଦନ କରାଯାଇଥିଲା । ହେଲେ ସାଢେ ତିନି ମାସ ବିତିଯାଇଥିଲେ ମଧ ପ୍ରଶାସନ ତରଫରୁ କୌଣସି ତତ୍ପରତା ଦେଖା ନ ଯିବା ନେଇ ଶନିବାର ପୂର୍ବାହ୍ନରେ ନେତାଜୀ କ୍ଲବ ଆହ୍ୱାନରେ କ୍ରମେ ନେତାଜୀ ଛକଠାରେ କ୍ଲବର ସଭ୍ୟଙ୍କ ସମେତ ଅଞ୍ଚଳବାସୀ ଗଣ ଧାରଣା ଦେଇଥିଲେ । ଗଣଧାରଣାକୁ ସମର୍ଥନ ଜଣାଇ ରାଜକନିକା ଧର୍ମ ରକ୍ଷା ସେନା, ଓକିଲ ସଂଘ, ସାମ୍ବାଦିକ ସଂଘ, କନିକା ପ୍ରେସ କ୍ଲବ, କଲେଜ ଛାତ୍ରୀଛାତ୍ର, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମୀମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଗଣ ଧାରଣା ଶନିବାର ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା । ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ କେନ୍ଦ୍ରାପଡ଼ାରୁ ଏକ ପ୍ରତିନିଧି ଦଳ ଗଣ ଧାରଣା ସ୍ଥଳରେ ପହଞ୍ଚି ମଙ୍ଗଳବାର ଦିନ ଦାବି ମୁତାବକ ରାଜକନିକାର ତିନୋଟି ଜାଗା ଯଥା ଓସ୍ତିଆ ଛକ, ନେତାଜୀ ଛକ ଏବଂ ଆରାସା ଛକଠାରେ ସୂଚନା ଫଳକ ତଥା ଗତି ପ୍ରତିରୋଧକ ୬ ଥାକିଆ ରମ୍ବଲ୍ସ ନିର୍ମାଣ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ

### ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ହୋଇଥିଲା । ଏହି ଧାରଣାରେ ନେତାଜୀ କ୍ଲବର ପୂର୍ବତନ ସମ୍ପାଦକ ଶୁଭ୍ରାଜିତ୍ ବିଶ୍ୱାଳ, ଦେବଜ୍ୟୋତି ଜେନା, ରାଜେଶ ବିଶ୍ୱାଳ, ଗୌତମ ବାରିକ, ସତ୍ୟଜିତ ନାୟକ, ଅନିଲ ମଲିକ, ସୁମନ୍ତ ନାୟକ, ସୁଜିତ ଜେନା ସମେତ କ୍ଲବର ବରିଷ୍ଠ ସଦସ୍ୟ ସାରଦା ପ୍ରସାଦ ମଲ୍ଲିକ, ମୁରଲୀଧର ନାୟକ, ପ୍ରଦୀପ୍ତ ଖଟୁଆ, ଅଞ୍ଜନ ନାୟକ, ରମେଶ ଦଳାଇ, ଭାଗିରଥି ରାଉତ , ଆଇନଜୀବୀ ଶାରଦା ପତି, ନୀଳାମ୍ବର ପ୍ରଧାନ, ଧର୍ମରକ୍ଷା ସେନାର ଦିଲ୍ଲୀପ ପରିଡ଼ା, ସିଲୁ ସିଂହ, ରଜତ ଦାସ, ତପନ ପଣ୍ଡା, ନିରାକାର ରାଉତ, ବିଶ୍ୱଜିତ ନାୟକ ଓ ସାମାଜିକ କର୍ମୀ ସରାଜ ଦାସ, ବିନୋଦ ଥକୁମାର ନାୟକ, ଜଗନ୍ନାଥ ସାମଲ, ପ୍ରବେଶନ ମଲ୍ଲିକ ପ୍ରମୁଖ ଗଣ ଧାରଣାରେ ସାମିଲ ହୋଇଥିଲେ। କ୍ଲବର ସମ୍ପାଦକ ସୁବର୍ଣ୍ଣ କେଶରୀ ଦଳାଇ ଧନ୍ୟବାଦ ପ୍ରଦାନ କରିଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ହିମାଂଶୁ


@ ରଶ୍ମି


@ ସଞ୍ଜୀବ


@ ସତ୍ୟପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫-ଟି ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା

ରଘୁନାଥପୁର,୮।୪(ଡି.ଏନ୍.ଏ.)

ଜଗତସିଂହପୁର ଜିଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରନାରାଣ ଦାଶ ରଘୁନାଥପୁର ବ୍ଲକରେ ଥିବା ୫-ଟି ସ୍କୁଲଗୁଡ଼ିକରେ ପହଞ୍ଚି ଏହାର ରୂପାନ୍ତରୀକରଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍ମାର୍ଟ ୧, ସ୍ମାର୍ଟ ୨ ଏବଂ ଇ- ଲାଇବ୍ରେରୀ ଓ ସାଇନ୍ସ ଲାବ୍‌ର ସମସ୍ତ କାର୍ଯ୍ୟ ଟିକିନିଖି ତଦାରଖ କରିଛନ୍ତି। ଏହାଛଡା ସ୍କୁଲ ବଗିଚା, ଖେଳପଡିଆ ଓ ଶୌଚାଳୟଗୁଡ଼ିକ ଗାଇଡ ଲାଇନ ଅନୁସାରେ ହୋଇଛି କି ନାହିଁ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି। ଆଗାମୀ ୧୦ ତାରିଖ ମଧରେ ବାକିଥିବା ସମସ୍ତ ରୂପାନ୍ତରୀକରଣ କାର୍ଯ୍ୟ ଶେଷ କରିବା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଆଲୁମ୍ନି ସଭାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ ପୂର୍ବାହ୍ନରେ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ ସେଠାରୁ ବର୍ତ୍ତିସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଟିକିଣିଆ ଏଚ୍‌ଏମ୍‌ଟି ଉଚ୍ଚ ବିଦ୍ୟାଳୟ, ରାମଚନ୍ଦ୍ରପୁର ଜୟପ୍ରକାଶ ଶିକ୍ଷା ନିକେତନ ଓ ଗନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରିଥିଲେ। ବିଡିଓ ତପନ କୁମାର ସେନାପତି ଓ ଟିସି ରାଜଲକ୍ଷ୍ମୀ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଆଲୁମନି ସଦସ୍ୟମାନେ ଉପସ୍ଥିତ ରହି ଅଧିକାରୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ।


ସାରଦା ଉଚ୍ଚବିଦ୍ୟାଳୟରେ ରୁଦ୍ରନାରାୟଣ ଦାସ ରୂପାନ୍ତରୀକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ସ୍ମୃତି ପ୍ଲାବନ ଉତ୍ସବ

କୁଜଙ୍ଗ,୮।୪(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ ପଞ୍ଚାୟତ ଚୂନବେଲାରିସ୍ଥିତ ଶୈଶବ ପାଠଶାଳାର ୪୦ରୁ ଉର୍ଦ୍ଧ୍ୱ ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ସ୍ମୃତି ପ୍ଲାବନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକ ଏକତ୍ରିତ ହୋଇ ଅତୀତର ଶିକ୍ଷକତା ଜୀବନର ସ୍ମୃତି ସାଉଁଟି ଥିଲେ। ଏଥିସହ ବର୍ତ୍ତମାନର ଶିକ୍ଷାଦାନ ପଦ୍ଧତି ଉପରେ ପରିଚାଳନା ସମିତି ସହ ଆଲୋଚନା କରିଥିଲେ । ଏହି ଅବସରରେ ପୂର୍ବତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ବିପିନ ସାମନ୍ତରାୟ, ଉପଦେଷ୍ଟା ମାୟାଧର ଦାସ, ପୂର୍ବତନ ଅଧକ୍ଷ ଦୈତାରୀ ସାମଲ, ବରିଷ୍ଠ ଶିକ୍ଷକ କେଲୁ ଚରଣ ବେହେରା, ଡ. ରବୀନ୍ଦ୍ରନାଥ ସାମଲ, କବୟିତ୍ରୀ ଗୋଲାପ ରାଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରୁପମା ସ୍ୱାଇଁ, ଅମ୍ରିତା ଦାସ, ନିବେଦିତା, ସସ୍ମିତା, କଲ୍ଲୋଳିନୀ ସାମନ୍ତରାୟ, ଓ ନିତମ୍ବିନୀ ସାମନ୍ତରାୟ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ସଞ୍ଚାଳିକା ମାମିନା ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜନଗର ଶ୍ରୀରାମ ନବମୀ ଉତ୍ସବ ଉଦ୍‌ଯାପିତ


ଶ୍ରୀରାମ ନବମୀ ଉତ୍ସବରେ ନାମ ସଂକୀର୍ତ୍ତନ ଚାଲିଛି ।

ରାଜନଗର,୮।୪(ଡି.ଏନ.ଏ.)

ମର୍ଯ୍ୟାଦା ପୁରୁଷପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଗତ ୩୦ରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ରାଜନଗର ଦେବୀମଣ୍ଡପଠାରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ନବଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ସହିତ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା, ପ୍ରତିଦିନ ସନ୍ଧ୍ୟାରେ ଓଡିଶାର ଜଣାଶୁଣା ପ୍ରବଚକଙ୍କ ଦ୍ୱାରା ପ୍ରବଚନ, ଭଜନ ଓ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତ ବର୍ଷ ଖୁବ୍ ଧୁମଧାମରେ ପାଳନ କରାଯାଉଛି। ପଣ୍ଡିତ ବିଜୟ କୁମାର ନନ୍ଦ, ହରକୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ରାମଚରିତ ମାନସ ପଠନ ସହିତ ପୂଜାର୍ଚ୍ଚନା କରିଛନ୍ତି। ଶ୍ରଦ୍ଧାଳୁ ଭକ୍ତମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରୁଛନ୍ତି। ଶୁକ୍ରବାର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ହରିହାଟ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତିକୁ ଘଣ୍ଟପାଟୁଆ, ଢୋଲ ବଜାଇ ରାଜନଗର ଗ୍ରାମ ଓ ବଜାର ପରିକ୍ରମା କରାଯାଇ ହଂସୁଆ ନଦୀରେ ବିସର୍ଜନ କରାଯାଇଛି। ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସମ୍ପାଦକ ରବିନ୍ଦ୍ର କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡ଼ା, ବିଚିତ୍ର କୁମାର ମଳିକ, ସୁବାସ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ବାଇଧର ସେଠୀ, ସତ୍ୟବାନ ସେଠୀ, ଗଙ୍ଗାଧର ସେଠୀ, କମଳାକାନ୍ତ ମିଶ୍ର, ପ୍ରେମାନନ୍ଦ ଲେଙ୍କା, ହରେକୃଷ୍ଣ ଲେଙ୍କା, ଶ୍ରୀନିବାସ ରାଉଳ, ବଟକୃଷ୍ଣ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ଲାଲ, ହୃଷିକେଶ ସାହୁ, ପ୍ରିୟଦର୍ଶୀ ରାଉଳ, ଅଜୟ କୁମାର ନନ୍ଦ, ସୁରେନ୍ଦ୍ର କୁମାର ସାହୁ, ବିଭୂତି ନାୟକ, ସୋମନାଥ ବାରିକଙ୍କ ସମେତ ସମସ୍ତ ବ୍ୟବସାୟୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶ୍ରୀରାମପୁର ସ୍ପର,ପଥର ପ୍ୟାକିଂ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୮।୪(ସ୍ୱ.ପ୍ର.)

ଶ୍ରୀରାମପୁରଠାରେ ୬ କୋଟି ୬୮ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀରେ ସ୍ପର ଓ ପଥରପ୍ୟାକିଂ କାମ ହେବ । ଏହାର ଶିଳାନ୍ୟାସ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଦ୍ୱାରା ଶନିବାର ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଏଥିରେ ପୌରୋହିତ୍ୟ କରିଥିଲେ । ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ.ଉମେଶ ସେଠୀ,ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗରବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟା ରଶ୍ମି ମଲିକ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ସମିତିସଭ୍ୟ ଉତ୍ତମ ଜେନା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଡାମରପୁର ସମବାୟ ସମିତି ସଭାପତି ସୁବାସ ଦାଶ ପ୍ରମୁଖ ଭାଷଣ ଦେଇଥିଲେ । ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବରିଷ୍ଠନେତା କ୍ଷୀରୋଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।

# ଅକ୍ଷୟତୃତୀୟାରେ ବିଶ୍ୱ ରସାବଳି ଦିବସ ପାଳନ ଦାବି

କେନ୍ଦ୍ରାପଡ଼ାଅଫିସ,୮।୪

କେନ୍ଦ୍ରାପଡ଼ା ରସାବଳୀର ରାଜ୍ୟରେ ଯଥେଷ୍ଟ ପ୍ରଭାବ ପକାଇଛି । ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କୁ ପ୍ରତ୍ୟେହ ୩୨ଟି ରସାବଳୀ ଭୋଗ ଲାଗି କରାଯାଉଛି। ତେବେ ଏହି ସୁସ୍ୱାଦ ମିଷ୍ଟାନ୍ନର ପ୍ରଚାର ପ୍ରସାର ନ ଥିବାରୁ ଲୋକଲୋଚନ ଆଢୁଆଳରେ ରହିଯାଉଛି। ଆସନ୍ତା ଅକ୍ଷୟତୃତୀୟାରେ ବିଶ୍ୱ ରସାବଳୀ ଦିବସ ପାଳନ କରାଯାଇ ପାରିଲେ କେନ୍ଦ୍ରାପଡ଼ା ଜିଲାର ଏହି ମିଷ୍ଟାନ୍ନ ଆସନ୍ତା ଦିନରେ ଜିଆଇ ଟ୍ୟାଗ୍ ମାନ୍ୟତା ପାଇ ପାରିବ। ଏଥିପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିସ୍ଥିତ ଉତ୍କଳମଣୀ ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା ଜିଲାପାଳଙ୍କୁ ଶନିବାର ଭେଟି ନିବେଦନ କରିଛନ୍ତି। ଏସମ୍ପର୍କରେ ସେ କହିଛନ୍ତି, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ କୃଷିର ପ୍ରତୀକ ଭାବେ ଉଭା ହୋଇଛନ୍ତି। ସାଧାରଣରେ ଅକ୍ଷୟତୃତୀୟା କୃଷି କାର୍ଯ୍ୟ ପାଇଁ ପ୍ରାରମ୍ଭ ସମୟ ହୋଇଥିବା ବେଳେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପାଇଁ କାଠ ଅନୁକୂଳ ହୋଇଥାଏ। ସେଦିନରେ ରସାବଳୀ ଦିବସ ପାଳନ କଲେ ଏହା ସୁଦୂର ପ୍ରସାରୀ ହେବ ।



ରାସାବଳୀ ଛେନା ପ୍ରସ୍ତୁତ ମିଷ୍ଟାନ୍ନ। ପ୍ରତ୍ୟେହ ଶ୍ରୀଜୀଉଙ୍କୁ ଭୋଗ ଲାଗି ପାଇଁ ମହାରାଜା ଅନଙ୍ଗଦେବ ସମୟରୁ ପ୍ରଚଳିତ ଅଛି । ଏସମ୍ପର୍କରେ ଚଣ୍ଡୀପୁରାଣ, ଦାଣ୍ଡି ରାମାୟଣ, ଗଙ୍ଗ ବଂଶାନୁଚରିତ ସହିତ କେତେକ ଛାନ୍ଦ ଓ ଜଣାଣ ଆଦିରେ ଉଲ୍ଲେଖ ଅଛି । କେନ୍ଦ୍ରାପଡ଼ାର ରସାବଳୀକୁ ପ୍ରାଧାନ୍ୟ ଦେବାକୁ ଅକ୍ଷୟ ତୃତୀୟା ଦିବସ ସର୍ବୋତ୍କୃଷ୍ଟ ହେବ ବୋଲି ସେ କହିଛନ୍ତି।

# ସରକାରୀ କୋଠରି ଭିତରେ ସୀମିତ ସଚେତନତା

ଜଗତ୍‌ସିଂହପୁର ଅଫିସ, ୮।୪

ଜଗତ୍‌ସିଂହପୁର ଜିଲାରେ ସମ୍ପ୍ରତି ଅଧିକାଂଶ ଦିନ ସରକାରୀ ଭାବେ ବିଭିନ୍ନ ଦିବସ ପାଳନ କରାଯାଉଛି । ଏଥିରେ ବରିଷ୍ଠ, କନିଷ୍ଠ ସରକାରୀ କର୍ମଚାରୀ ସାମିଲ ହେଉଛନ୍ତି । ଏହି ଦିବସ ରୁଦ୍ଧଦ୍ୱାର କୋଠରିରେ ସୀମିତ ରହୁଛି। ଆଉ ନିର୍ଦ୍ଦିଷ୍ଟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ରାୟତଃ ଉପସ୍ଥିତ ରହୁଛନ୍ତି। ଏହାଦ୍ୱାରା ଜନସାଧାରଣଙ୍କର କ'ଣ ଲାଭ ହେଉଛି ସେନେଇ ନାନା ପ୍ରଶ୍ନ ଉଙ୍କିମାରୁଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନ୍ୟ ଦିବସ ପରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ୨ଟି ନର୍ସିଂ ସ୍କୁଲ୍‌ର ଛାତ୍ରୀଛାତ୍ର, ଅଧକ୍ଷ, ହାତଗଣତି ଆଶା, ସ୍ୱାସ୍ଥ୍ୟ କର୍ମୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୁକାନ୍ତ କୁମାର ପ୍ରଧାନ ସଭା ପରିଚାଳନା ଓ ଜିଲା ଜନସ୍ୱାସ୍ଥ୍ୟ (ଯୋଗାଯୋଗ) ଅଧିକାରିଣୀ ସଚଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ଦିବସରେ କୁହାଯାଇଥିଲା ଯେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୧୯୪୮ ମସିହା ଏପ୍ରିଲ ୭ରେ ଗଠନ ହୋଇଥିଲା। ଏହି ଦିନକୁ ମନେରଖିବା ପାଇଁ ପ୍ରତିବର୍ଷ ସାରା ପୃଥିବୀରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି। ଏହାବାଦ୍ ବିଗତ ଦିନ ଅପେକ୍ଷା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ'ଣ ଉନ୍ନତି ହୋଇଛି ଓ ଏହି ସେବାକ୍ଷେତ୍ରରେ କେତେ ଗୁଣବତ୍ତା ବଜାୟ ରଖାଯାଇପାରୁଛି ତା' ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଓ ଭବିଷ୍ୟତର ନାନା ଚ୍ୟାଲେଞ୍ଜର ମୁକାବିଲା ନିମନ୍ତେ ଲୋକଙ୍କୁ ସଚେତନ କରିବା ଜରୁରୀ। ଯେପରି ନୂତନ ପ୍ରଣାଳୀର

### ପ୍ରହସନ ପାଲଟିଛି ଦିବସ ପାଳନ

ସ୍ୱାସ୍ଥ୍ୟସେବାକୁ ଲୋକେ ଗ୍ରହଣ ପାଇଁ ଉତ୍ସାହିତ ହେବା ଉଚିତ୍। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକଙ୍କୁ ନିଜର ଜୀବନଶୈଳୀ ବଦଳାଇବାକୁ ପଡ଼ିବ। ସୁଷମ ଖାଦ୍ୟାଭ୍ୟାସ, ବ୍ୟାୟାମ, ଚିନ୍ତାମୁକ୍ତ ରହିବା ଆଦି ଅଭ୍ୟାସ କରିବା ଉପରେ ପରସ୍ପର ଭାବର ଆଦାନପ୍ରଦାନ କରିଥିଲେ। ଦିବସରେ ଚଳିତ ବର୍ଷର ବାର୍ତ୍ତା –ଉତ୍ତମ ସ୍ୱାସ୍ଥ୍ୟ ସଭିଙ୍କ ପାଇଁ– ବୋଲି କୁହାଯାଇ ଏହି ଅଧିକାର ପ୍ରତ୍ୟେକ ହାସଲ କରିବା ଏବଂ ନିଜର ସ୍ୱାସ୍ଥ୍ୟଭିତ୍ତିକ ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ବଦଳାଇବା ଉପରେ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କ ନାନା ଯୋଜନାର ସଫଳ ରୂପାୟନ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କୁହାଯାଇଥିଲା । ଏହି ଅବସରରେ କିଛି ସମୟ ପାଇଁ ଯୋଗାଭ୍ୟାସ କରାଯାଇଥିଲା। ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ୧୦ ଜଣଙ୍କୁ ସମ୍ମାନିତ କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି ସ୍ୱାସ୍ଥ୍ୟସେବାରେ କାର୍ଯ୍ୟରତ କର୍ମଚାରୀ, ଆଶା, ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖଙ୍କୁ ତାଲିମ ପରେ ନିଯୁକ୍ତି ଦିଆଯାଇଛି। ସ୍ୱାସ୍ଥ୍ୟସେବାରେ ସେମାନେ ବ୍ରତୀ ହେବାକୁ ପ୍ରତି କାର୍ଯ୍ୟକ୍ରମରେ କୁହାଯାଉଛି। ଅଧିକାଂଶ ଦିବସରେ ସମାନ କଥା ଦୋହରାଯାଉଛି । ସରକାରୀ ନିର୍ଦ୍ଦିଷ୍ଟ କର୍ମଚାରୀ ମଧ ଅଧିକାଂଶ ଦିବସରେ ଉପସ୍ଥିତ ରହୁଛନ୍ତି। କିନ୍ତୁ ଫଳ ଆଶାଜନକ ହେଉନି। କେବଳ କର୍ମଚାରୀମାନଙ୍କ ମୂଲ୍ୟବାନ୍ ସମୟ ଅପଚୟ ହେଉଛି । ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କଥା ଛାଡ଼ନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରୋଗୀଙ୍କୁ ନର୍ସିଂହୋମ୍‌ମୁହାଁ କରୁଛନ୍ତି। ନମୁନା ପରୀକ୍ଷା ମଧ ବାହାର କ୍ଲିନିକ୍‌ରେ କରିବାକୁ ପ୍ରବର୍ତ୍ତାଯାଉଛି। ଏପରି କି ଯେଉଁ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇପାରିବ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ବାହାରକୁ ରେଫର କରିଦିଆଯାଉଛି । ଅତୀତରେ ଏ ସଂକ୍ରାନ୍ତରେ ଅନେକ ଅଭିଯୋଗ ହୋଇଛି। ଅନ୍ୟପଟେ ଡାକ୍ତର ପଦବୀ ପୂରଣ କରାଯାଉନାହିଁ। ଏହି ବାହାନାରେ ଅନେକ ଡାକ୍ତର ମନମାନି କରୁଛନ୍ତି। ବାସ୍ତବରେ କହିବାକୁ ଗଲେ ତୃଣମୂଳସ୍ତରରେ ଆଶାଜନକ ସଚେତନତା କରାଯାଉନାହିଁ। କେବଳ ସରକାରୀ ଅର୍ଥ ତୋଷରପାତ ପାଇଁ କାଗଜ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

# ବିଶ୍ୱ ଛେନାପୋଡ଼ ଦିବସ ପାଇଁ ସବୁଠି ଉତ୍ସାହ


ଛେନାପୋଡ଼ ଦିବସ ପୋଷ୍ଟରକୁ ପ୍ରଦର୍ଶନ କରାଯାଉଛି।


ନୟାଗଡ଼ରେ ବିକ୍ରି ପାଇଁ ରଖାଯାଇଥିବା ଛେନାପୋଡ଼।

- ଭୁବନେଶ୍ୱର ଓ ନୟାଗଡ଼ରେ ବ୍ୟାପକ ପ୍ରସ୍ତୁତି
- ଛେନାପୋଡ଼ ସଙ୍ଗୀତ ଲୋକାର୍ପଣ ହେବ

**ନୟାଗଡ଼ ଅଫିସ, ୮।୪**

ଆସନ୍ତା ୧୧ ତାରିଖକୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ କରାଯିବ। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଭଳିସ୍ଥଳେ ଏପ୍ରିଲ ୧୧ ପୂର୍ବାହ୍ନ ୧୧ଟାରେ ଜିଲାର ସବୁ ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ କାଟି ଉତ୍ସବ ପାଳନ କରିବାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ଏହି ଅବସରରେ ନୟାଗଡ଼ ଦରବ ଓଡ଼ିଶାର ଗରବ ଛେନାପୋଡ଼କୁ ନେଇ ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଓଡିଆ ମିଡିଆ ପ୍ରାଇଭେଟ ଲିମିଟେଡ ସହଯୋଗରେ ଭୁବନେଶ୍ୱର ଜୟଦେବ ଭବନରେ ପାଳନ ହେବ ୨ୟ ଛେନାପୋଡ଼ ଦିବସ । ୧୧ ଏପ୍ରିଲ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାୟ ୫ ଘଣ୍ଟା ଏହି କାର୍ଯ୍ୟକ୍ରମ ପାଳନ କରାଯିବ । ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ କୁମାର ବେହେରା, ପଦ୍ମଶ୍ରୀ ସାବରମତୀ, କଣ୍ଠଶିଳ୍ପୀ ତାନସେନ ସିଂ, ସାହିତ୍ୟିକ ଦାଶ ବେନହୁର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସଭାପରେ ସମ୍ବର୍ଦ୍ଧନା, ଦାଶକାଠିଆ, ପାଲା, ଭାଲୁ ନାଚ, ଠକରା ବାଦ୍ୟ, ଘୁଡୁକୀ, ଖଞ୍ଜଣୀ, ପାରମ୍ପରିକ ଓ ଆଧୁନିକ ସଙ୍ଗୀତ ପରିବେଷଣ ହେବ । ଛେନାପୋଡ଼ ସମେତ ମୁଗ ବରା, ମୁଗ ମଣ୍ଡା ସମେତ ନୟାଗଡ଼ର ବିଭିନ୍ନ ଖାଦ୍ୟର ପସରା ଖୋଲିବ । ଛେନାପୋଡ଼ ସଙ୍ଗୀତ ଲୋକର୍ପଣ ହେବ । ଛେନାପୋଡ଼ ସଙ୍ଗୀତକୁ ରଚନା ଓ ପରିକଳ୍ପନା କରିଛନ୍ତି ଶୁଭ୍ରାଂଶୁ ପଣ୍ଡା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ୍ ମିଶ୍ର । ଗୀତରେ ଛେନାପୋଡ଼ର ମହିମା ମଣ୍ଡନ ସାଙ୍ଗକୁ ନୟାଗଡ଼ ଜିଲାର ବିଭିନ୍ନ ଐତିହ୍ୟ, ପରମ୍ପରା, ପର୍ବପର୍ବାଣୀ ଓ ମହାପୁରୁଷଙ୍କ ବିଷୟରେ ବର୍ଣ୍ଣନା ରହିଛି ।

## ସନ୍ଧ୍ୟାରେ ହେଲ୍ପିଂ ହ୍ୟାଣ୍ଡର କାର୍ଯ୍ୟକ୍ରମ

ନୟାଗଡ଼ ଜିଲା ସଦର ମହକୁମାରେ ଏପ୍ରିଲ ୧୧ ଅପରାହ୍ନ ୫ଟାରେ ହେଲପିଂ ହ୍ୟାଣ୍ଡସ ନୟାଗଡ଼ ପରିବାର ପକ୍ଷରୁ ୨ୟ ଛେନାପୋଡ଼ ଦିବସ ପାଳନ କରାଯିବ । ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିବେ । ସେଦିନ ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ୯୧ ତମ ଜନ୍ମ ବାର୍ଷିକ । ଏହି ଅବସରରେ ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ନୟାଗଡ଼ର ପୁରୁଣା ବସଷ୍ଟାଣ୍ଡରେ ସନ୍ଧ୍ୟାରେ ହେଲପିଂ ହ୍ୟାଣ୍ଡ ନୟାଗଡ଼ ପରିବାର ପକ୍ଷରୁ ୧୧ କେଜି ଓଜନର ଏକ ଛେନାପୋଡ଼କୁ କଟାଯାଇ ବଣ୍ଟନ କରାଯାଇ ନୂଆ ଦିବସର ସ୍ମୃତିକୁ ମନେ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ମାଛିପଡ଼ାର କାରିଗରମାନେ ୧୧ କେଜି ଓଜନର ଛେନାପୋଡ଼ ତିଆରି କରିଥିଲେ। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା,ବିଶ୍ୱ ଦରବାରରେ ନୟାଗଡ଼ର ଛେନାପୋଡ଼କୁ ପରିଚୟ ସୃଷ୍ଟି କରିବା ଓ ଏପ୍ରିଲ ୧୧କୁ ଛେନାପୋଡ଼ ଦିବସ ଭାବେ ପାଳନ କରିବାକୁ ସ୍ୱତନ୍ତ୍ର ଅଭିଯାନ ହୋଇଥିଲା। ଆମ ପାଇଁ ବଡ଼ ଆମ ଛେନାପୋଡ଼ର ଦାବିକୁ ତ୍ୱରାନ୍ୱିତ କରାଯାଇଥିଲା ।

## ସଂକ୍ଷେପରେ

### ଭାପୁରରେ ଚୈତ୍ର ମହୋତ୍ସବ ପାଳିତ

**ଭାପୁର,୮।୪(ଡି.ଏନ୍.ଏ.)**-ନୟାଗଡ଼ ଜିଲା ଭାପୁର ବ୍ଲକର ପଦ୍ମାବତୀ ଗ୍ରାମ ପାଟଣା ସାହିର କୈବର୍ତ୍ତ ସମାଜ ତରଫରୁ ଚୈତ୍ର ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମୀ ଉପଲକ୍ଷେ ବାଲୁଙ୍କେଶ୍ୱର ପୀଠରେ ମା'ପାର୍ବତୀଙ୍କ ପାଖରେ ପୂଜାର୍ଚ୍ଚନା କରି ଆଜ୍ଞା ମାଳ ପାଇଲା ପରେ ଆରାଧ୍ୟା ଦେବୀ ମା'ବାସୁଳେଇଙ୍କ ପୀଠରେ ପୂଜା ଶେଷ ହୋଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାରମ୍ପରିକ ଘୋଡାନାଚ ପରିବେଷଣ କରାଯାଇଥିଲା । କୈବର୍ତ୍ତ ସମାଜର ମୁରବୀ ତଥା ଥାନି ମହନ୍ତ ବେହେରାଙ୍କ ପୌରୋହିତ୍ୟରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧାପକ ଡ.ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଚୈତ୍ର କମିଟିର ସଭାପତି ଅନି ବେହେରା, ୱାର୍ଡସଭ୍ୟ ପ୍ରାଣକୃଷ୍ଣ ବେହେରା ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଚୈତ୍ର ମହୋତ୍ସବ କମିଟିର ସମ୍ପାଦକ ସୁଶାନ୍ତ କୁମାର ବେହେରା ଓ କୋଷାଧକ୍ଷ କୈଳାସ ବେହେରା ସଂଯୋଜନା କରିଥିଲେ। ମହୋତ୍ସବରେ ଅତିଥିମାନେ କୈବର୍ତ୍ତ ସମାଜର ପୁରୋଧା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ କୈବର୍ତ୍ତ ସମାଜର ଯୁବ ଆୟୋଜନ ଓ ବହୁ ଦର୍ଶକ ଉପସ୍ଥିତ ଥିଲେ। ଶେଷରେ କଟକରୁ ଆସିଥିବା ସଂସ୍କୃତି ଡ୍ୟାନ୍ସ ଗ୍ରୁପ୍ ତରଫରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବହୁ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

### ଖଣ୍ଡପଡ଼ାରେ ଅଷ୍ଟଶମ୍ଭୁଙ୍କ ମହାମିଳନ ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.)**- ଆସନ୍ତା ୧୦ ତାରିଖ ଅପରାହ୍ନ ୫ଟାରେ ଦଣ୍ଡପର୍ବ ଅବସରରେ ଚଳିତବର୍ଷ ପ୍ରଥମ ଥର ପାଇଁ ଖଣ୍ଡପଡ଼ା ମଧୁବନ ଖେଳ ପଡ଼ିଆରେ ଅଷ୍ଟଶମ୍ଭୁଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହେବ । ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ୮ ପ୍ରସିଦ୍ଧ ଶୈବପୀଠର ମାନସିକଧାରୀ ଦଣ୍ଡୁଆମାନେ ବିଗ୍ରହଙ୍କୁ ଧରି ବିରାଟ ପାଟପଟୁଆରରେ ମହାମିଳନ ପର୍ବରେ ସାମିଲ ହେବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଖଣ୍ଡପଡ଼ା ସହରରେ ବିଜେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ବାଇଗୁଣିଆ ଗ୍ରାମର ଶ୍ରୀପଞ୍ଚରୁଦ୍ର ଦେବ, ମଙ୍ଗଳପୁର ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ, ଶିଖରପୁର ଗ୍ରାମର ଶ୍ରୀଲିଙ୍ଗରାଜ ଦେବ, ଖପରମଲ୍ଲ ଓ ଗୋହିରାପଡା ଗ୍ରାମର ଶ୍ରୀଚନ୍ଦ୍ରଶେଖର ଦେବ, ରାଣୀପଡ଼ା ଓ ବୋରଗାଁ ଗ୍ରାମରୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ମହାମିଳନ ପର୍ବକୁ ନିମନ୍ତ୍ରଣ କରାଯାଇଥିବା ଖଣ୍ଡପଡା ମା'ବେଢାକାଳୀ ଦଣ୍ଡ କାମନା କୋଠିରେ ଭକ୍ତମାନେ କହିଛନ୍ତି ।

## ସ୍ତ୍ରୀଙ୍କ ସହ ଡକାୟତ ଗିରଫ, ୨ଲକ୍ଷ ୨୦ହଜାର ଟଙ୍କା ଜବତ





ଗିରଫ ଦମ୍ପତି ଓ ଜବତ ବାଇକ।

**ଶରଣକୁଳ,୮।୪ (ଡି.ଏନ.ଏ.)**

ଶନିବାର ଶରଣକୁଳ ଥାନା ପୋଲିସ ଆସ୍କା ନିକଟରୁ ଜଣେ ଡକାୟତ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏ. ଶ୍ରୀନୁ ଓ ତାଙ୍କ ସ୍ତ୍ରୀ ଏ.ଦୂର୍ଗା । ସେମାନଙ୍କ ପାଖରୁ ୨ଲକ୍ଷ ୨୦ହଜାର ଟଙ୍କା ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପୋଲିସ ଏକ ଦାମୀ ବାଇକ୍ ଜବତ କରିଛି । ସେହି ବାଇକ୍‌ଟି ଡକାୟତ ଏ.ଶୀନୁଙ୍କ ନାମରେ ରହିଛି ବୋଲି ପୋଲିସ କହିଛି ।

ସୂଚନା ଅନୁଯାୟୀ, ଗତମାସ ୧୧ ତାରିଖ ଦିନ ନୟାଗଡ଼ ବ୍ୟବସାୟୀ ରଞ୍ଜନ ପୃଷ୍ଟିଙ୍କ ମ୍ୟାନେଜର ନିରଞ୍ଜନ ମହାନ୍ତି ଓଡ଼ଗାଁରୁ ଟଙ୍କା ଆଦାୟ କରି ଫେରୁଥିଲେ । ସେ ପଞ୍ଚରିଡ଼ା ଛକଠାରେ ଜଣେ ଦୋକାନୀଙ୍କଠାରୁ ବାକି ଟଙ୍କା ଆଦାୟ କରୁଥିବା ସମୟରେ ୨ ଡକାୟତ ନିରଞ୍ଜନଙ୍କ ବାଇକ ଡ଼ିକି ଭାଙ୍ଗି ୨ ଲକ୍ଷ ୪୨ ହଜାର ଟଙ୍କା ଧରି ବାଇକ୍‌ରେ ଚମ୍ପଟ ମାରିଥିଲେ । ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସିସିଟିଭି ଫୁଟେଜ୍‌କୁ ସବୁ ଥାନାକୁ ପଠାଇଥିଲା । ସେମାନଙ୍କ ଘର ଆସ୍କା ନିକଟ ସାହାପୁର ଡୁକୁଣି ଅଞ୍ଚଳର ବୋଲି ଜାଣି ପାରିଥିଲା । ଶନିବାର କୌଣସି ସୂତ୍ରରୁ ଖବର ପାଇ ଶରଣକୂଳ ଥାନା ଅଧିକାରୀ ଜୟଦୀପ ମହାନ୍ତି, ଏଏସ୍‌ଆଇ ହାଇଦର ଅଲ୍ଲୀ ସଦଳବଳେ ଆସ୍କା ଥାନା ପୋଲିସ ସହାୟତାରେ ଡକାୟତ ଏ. ଶ୍ରୀନୁଙ୍କ ଘର ଉପରେ ଚଢ଼ାଉ କରି ଗିରଫ କରିଛି । ଏହି ଘଟଣାରେ ତାଙ୍କ ସ୍ତ୍ରୀ ଏ. ଦୁର୍ଗାଙ୍କୁ ବି ଗିରଫ କରାଯାଇଛି । ତାଙ୍କ ପାଖରୁ ୪୦ ହଜାର ଟଙ୍କା ଜବତ କରାଯାଇଛି । ଏ. ଶ୍ରୀନୁ ଦୋଷ ସ୍ୱୀକାର କରି ସୂଚନା ଦେବା ପରେ କଟରାଝରୀ ବନ୍ଧ ନିକଟ ଏସ.ଆର. ପେଟ୍ରୋଲ ପମ୍ପ ପଛ ପଟେ ଏକ ଜରିରେ ରଖି ମାଟି ତଳେ ପୋତାଯାଇଥିବା ଅବଶିଷ୍ଟ ୧ ଲକ୍ଷ ୮୦ହଜାର ଟଙ୍କା ସାକ୍ଷୀମାନଙ୍କ ଉପସ୍ଥିତିରେ ପୋଲିସ ଜବତ କରିଥିଲା। ଆଉ ୨୨ ହଜାର ଟଙ୍କା ଏ.ଶ୍ରୀନୁଙ୍କ ସ୍ତ୍ରୀ ଏ.ଦୁର୍ଗା ଖର୍ଚ୍ଚ କରି ଦେଇଥିଲେ । ପରେ ଗିରଫ ଅଭିଯୁକ୍ତ୨ ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା । ଜବତ ହୋଇଥିବା ୨ ଲକ୍ଷ ୨୦ ହଜାର ଟଙ୍କାକୁ ଅଭିଯୋଗକାରୀ ନିରଞ୍ଜନ ମହାନ୍ତିଙ୍କୁ ଶରଣକୂଳ ଥାନା ଅଧିକାରୀ ଜୟଦୀପ ମହାନ୍ତି ଫେରାଇ ଦେଇଥିଲେ।

## ଯାନବାହନ ଯାଞ୍ଚ, ୧.୫୬ ଲକ୍ଷ ଟଙ୍କାର ଜରିମାନା ଆଦାୟ

**ଖଣ୍ଡପଡ଼ା,୮।୪(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ଅବସରରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଇଥିଲା। ଖଣ୍ଡପଡ଼ା ଥାନାଧିକାରୀ ରମେଶ କୁମାର ଦେବତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଜନଗହଳିପୂର୍ଣ୍ଣ ଛକ ବଜାର ଓ ବାଇପାସ୍ ରାସ୍ତାରେ ଯାନବାହନ ଯାଞ୍ଚ କରିଥିଲେ । ଟ୍ରାଫିକ ନୀତି ନିୟମକୁ ଉଲ୍ଲଂଘନ କରୁଥିବା ଚାଳକମାନଙ୍କଠାରୁ ଜରିମାନା ବାବଦରେ ୧ ଲକ୍ଷ ୫୬ ହଜାର ଟଙ୍କା ଆଦାୟ କରାଯାଇଛି। ପ୍ରତ୍ୟେକ ବାଇକ୍ ଚାଳକ ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ଯାତ୍ରା ସମୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜାତ ପାଖରେ ରଖିବା, ମଦ୍ୟପାନ କରି ବାଇକ୍ କିମ୍ବା ଗାଡ଼ି ନ ଚଳାଇବା ପାଇଁ ପୋଲିସ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯିବା ସହିତ ସତର୍କ କରାଯାଇଥିଲା । ସେହିପରି ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତଙ୍କ ଦ୍ୱାରା ଦଣ୍ଡିତ ଜଣେ ମଦ୍ୟପ ଗାଡ଼ି ଚାଳକଙ୍କଠାରୁ ଜରିମାନା ବାବଦରେ ୧୦ହଜାର ୫ଶହ ଟଙ୍କା ଆଦାୟ କରାଯାଇଥିବା ନେଇ ଖଣ୍ଡପଡ଼ା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଶ୍ରୀରାମ,ଲକ୍ଷ୍ମଣଙ୍କ ସହ ଅଷ୍ଟସେନାଧକ୍ଷଙ୍କ ଯୁଦ୍ଧ ଯାତ୍ରା

### ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ନବମ ସନ୍ଧ୍ୟା

**ଓଡ଼ଗାଁ,୮।୪(ସ୍ୱ.ପ୍ର.)**


ଶ୍ରୀରାମ, ଲକ୍ଷ୍ମଣଙ୍କ ଯୁଦ୍ଧଯାତ୍ରା ବେଶ।

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ୧୦ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରା ଶନିବାର ନବମ ଦିବସରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଅଷ୍ଟସେନାଧକ୍ଷ ଯୁଦ୍ଧ ଯାତ୍ରାରେ ବାହାରି ଥିବା ବେଶରେ ଦର୍ଶନ ଦେଇଛନ୍ତି। ଅଗଣିତ ଶ୍ରଦ୍ଧାଳୁଙ୍କ ମୁହଁରେ ଗୋଟିଏ କଥା ରାବଣଙ୍କ ଅନ୍ତ ହେବ । ପ୍ରଭୁ ଶ୍ରୀରାମ କୋଦଣ୍ଡ ଧାରଣ କରି ପରମଭକ୍ତ ବୀର ହନୁମାନଙ୍କ କାନ୍ଧରେ ବସି ଯୁଦ୍ଧରେ ବାହାରି ଥିବା ବେଳେ ମିତ୍ର ବିଭୀଷଣ ପାଖରେ ରହି ପରାମର୍ଶ ଦେଉଛନ୍ତି । ବୀର ଲକ୍ଷ୍ମଣ ଅଙ୍ଗଦଙ୍କ କାନ୍ଧରେ ବସି ରଣ ହୁଙ୍କାର ଭକ୍ତଙ୍କୁ ଉଲ୍ଲସିତ କରିଛି । ବେନି ଧନୁର୍ଦ୍ଧର ଭ୍ରାତାଙ୍କ ଉଭୟ ପାର୍ଶ୍ୱରେ ଅଷ୍ଟ ସେନାଧକ୍ଷ ସମର ସଜ୍ଜାରେ ଦଣ୍ଡାୟମାନ ଅଛନ୍ତି । ଶ୍ରୀରଘୁନାଥ ଲଙ୍କା ଆକ୍ରମଣ କରି ରାବଣଙ୍କୁ ନିଧନ କରିବା ସହିତ ମା'ଜାନକୀଙ୍କୁ ଉଦ୍ଧାର କରିବେ ଏବଂ ଅଯୋଧ୍ୟାବାସୀଙ୍କ ସମେତ ଅଗଣିତ ସନ୍ତାନ ମା'ଙ୍କୁ ଫେରି ପାଇବେ । ଏହା ସହିତ ପ୍ରଭୁ ବିଭୀଷଣଙ୍କୁ ଲଙ୍କାରେ ଅଧିଷ୍ଠିତ କରିବା ପରେ ନିଜର ୧୪ ବର୍ଷ ବନବାସ ସମାପ୍ତ କରି ଅଯୋଧ୍ୟା ଫେରିବେ । ରବିବାର ଶେଷ ସନ୍ଧ୍ୟାରେ ପ୍ରଭୁ ରାଜାଭିଷେକ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏତଦ୍‌ବ୍ୟତୀତ ବିଳମ୍ବିତ ରାତିରେ ରାବଣ ପୋଡ଼ି କମିଟି ଆନୁକୂଲ୍ୟରେ ରାବଣ ପୋଡ଼ି ସହିତ ଆତସବାଜୀ କାର୍ଯକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରାୟ ୩୦ ଫୁଟ ଉଚ୍ଚର ରାବଣଙ୍କୁ ପ୍ରଭୁ ଶ୍ରୀରାମ ତୀର ନିକ୍ଷେପ କରି ଧାରାଶାୟୀ କରିଛନ୍ତି । ଏହି ଉତ୍ସବ ଦେଖିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି । ଏଥି ନିମନ୍ତେ ପୋଲିସ, ପ୍ରଶାସନ ତଥା ସ୍ଥାନୀୟ ସାମାଜିକ କର୍ମୀଙ୍କ ତରଫରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହିମାଂଶୁ


@ ରଶ୍ମି


@ ସଞ୍ଜୀବ


@ ସତ୍ୟପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ




**ଭାପୁର, ୮।୪ (ଡି.ଏନ୍.ଏ.)**

ଭାପୁର ବ୍ଲକ ଅଧୀନ ବାଇଗୁଣିଆ ଗ୍ରାମରେ ରାତିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବାଇଗୁଣିଆ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ପୂର୍ବତନ ବିଧାୟକ ତଥା ରାଜ୍ୟ ସରକାରଙ୍କ ଆଇଟି ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥୀ ରୂପେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ କବିତା ମହାରଣା, ସାମାଜିକ କର୍ମୀ ଦେବୀପ୍ରସାଦ ମିଶ୍ର, ଲକ୍ଷ୍ମୀଧର ମହାରଣା, ମାନସ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟ ୧୬ ଦଳକୁ ନେଇ ଆୟୋଜିତ ହୋଇଥିବା ସୂଚନା ମିଳିଛି। ଶନିବାର ରାତିରେ ୮ଟି ଦଳ ବିଜୟୀ ହୋଇ ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଦଘାଟନୀ ମ୍ୟାଚରେ କୁଞ୍ଜବନ ପ୍ରସାଦ କ୍ଲବ ଏବଂ ପଥୁରିଆ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ଅମ୍ପାୟାର ବିଶ୍ୱରଞ୍ଜନ ସାହୁ ଓ ଜିତେନ୍ଦ୍ର କୁମାର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ନିଉତ୍ରନ ଦତ୍ତ ସ୍କୋରର ଦାୟିତ୍ୱରେ ଥିଲେ। କ୍ରୀଡା ଶିକ୍ଷକ ନିହାର ରଞ୍ଜନ ଦାଶ ସମସ୍ତ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ସୁଦର୍ଶନ ମଳିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରବିବାର ଉଦଯାପନୀ ଦିବସରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି ।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

## ସଂକ୍ଷେପରେ

### ବରିଆନାରେ ଅଲେଖ ମହିମା ବିଶ୍ୱଶାନ୍ତି ଅଖଣ୍ଡ ମହାଯଜ୍ଞ

ଝୁମ୍ପୁରୀ,୮।୪(ଡି.ଏନ୍.ଏ.):ଦଶରଥପୁର ବ୍ଲକ୍ ଚମ୍ପେଇପାଳ ପଞ୍ଚାୟତସ୍ଥ ବରିଆନା ଗ୍ରାମରେ ଶ୍ରୀଶ୍ରୀ ଅଲେଖ ମହିମା ବିଶ୍ୱଶାନ୍ତି ଅଖଣ୍ଡ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଭୀମଭୋଇ ସଂସଦ ଓ ମହିମା ଆଶ୍ରମ ଆୟୋଜନରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଏହି ଅଖଣ୍ଡ ମହାଯଜ୍ଞ ଆୟୋଜନ କରାଯାଇଥିଲା। ଯୋରନ୍ଦା ମହିମା ଗାଦୀର ପ୍ରସିଦ୍ଧ ସାଧୁସନ୍ଥ ବୀର ବାବା, ଗୋକୁଳାନନ୍ଦ ବାବା, ଭାଗିରଥି ବାବା, ଚରଣ ବାବାଙ୍କ ସହ ବହୁ ସାଧୁସନ୍ଥ ମହାଯଜ୍ଞରେ ସାମିଲ ହୋଇଥିଲେ। ପ୍ରାତଃରୁ ଅପରାହ୍ନ ପର୍ଯ୍ୟନ୍ତ ସ୍ତୁତି ଚିନ୍ତାମଣି ଓ ଭୀମଭୋଇଙ୍କ ଗୀତା ପଠନ ସହ ସନ୍ଧ୍ୟାରେ ଅଖଣ୍ଡ ଧ୍ୱନି ଓ ଅଖଣ୍ଡବତୀର ଘୃତାହୁତି ପ୍ରଦାନ କରାଯାଇ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ମହାଯଜ୍ଞରେ କଟିକଟା, ଚମ୍ପେଇପାଳ, ଦଶରଥପୁର, ଇଜାପୁର, ଜୟନ୍ତରା, ନନ୍ଦିପୁର ଓ ବିହାରୀ ପଞ୍ଚାୟତର ଶତାଧିକ ଅଲେଖ ଭକ୍ତ ସାମିଲ ହୋଇ ବିଭୁକୃପା ଅର୍ଜନ କରିଥିଲେ। ମହାଯଜ୍ଞ ପରିଚାଳନାରେ ସୂର୍ଯ୍ୟମଣି ଦାସ, ରାମଚନ୍ଦ୍ର ସାହୁ, ଗୋପାଳ ଦାସ, ବାସୁ ଦାସ, ପରିକ୍ଷିତ ସେନାପତି, ଉଦ୍ଧବ ନାୟକ ଓ ଭକ୍ତ ବ୍ରହ୍ମାନନ୍ଦ ସାମଲଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

### କୋରାବନ୍ଧୀରେ ଅଷ୍ଟପ୍ରହରୀ ନାମଯଜ୍ଞ

ରଗଡି,୮।୪(ଡି.ଏନ.ଏ.):କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତର କୋରାବନ୍ଧୀରେ ୧୧ତମ ଅଷ୍ଟ ପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀଧର ଦାସ ମୁଖ୍ୟ ପୂଜକ ଏବଂ ସୁବାସ ଚନ୍ଦ୍ର ସେଠୀ ଦଧିଭାଣ୍ଡ ଭାଙ୍ଗିଥିବାବେଳେ ଜଗବନ୍ଧୁ ସେଠୀ, ରମେଶ ସେଠୀ, ଦିଲୀପ କୁମାର ସେଠୀ, ରବୀନ୍ଦ୍ର ସେଠୀ, ପ୍ରତାପ ସେଠୀ, ବନମାଳୀ ସେଠୀ, କାର୍ତ୍ତିକ ସେଠୀ, ସନ୍ଦୀପ ସେଠୀ, ସୁକାନ୍ତ ସେଠୀ, ଟିଟୁ ସେଠୀ, ସନ୍ତୋଷ ସେଠୀ, ଚଗଲା ସେଠୀ ପ୍ରମୁଖ କଲସିଆ କାର୍ଯ୍ୟ ସମ୍ପାଦନ କରିଥିଲେ। ମାନଳିଆ, ନାଆମି,ଆଖୁଆପଦା, ଉତ୍ତର ଖଜିରା, ଝୁମ୍ପାନ, ସୃତି, ଅମ୍ବରାପୁର ଆଦି ସ୍ଥାନରୁ ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ।

### ମା’ ତାରିଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ରସୁଲପୁର,୮।୪(ଡି.ଏନ.ଏ.): ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତ ବାମଦେବପୁରସ୍ଥିତ କପିଳେଶର ପୀଠରେ ମା’ତାରିଣୀଙ୍କ ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟି ସଭାପତି ବିଜୟ ଶରଣଙ୍କ ନେତୃତ୍ୱରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ଯଜ୍ଞରେ ଶୁକ୍ରବାର ରାତିରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ବିକ୍ରମ ମହାପାତ୍ର ଓ ସୋନାଲି ଶତପଥୀ କାର୍ଯ୍ୟ ତୁଲାଇଥିଲେ। ପୂଜକ ଅଣାକାର ଦାଶ, ସୁଧୀର ମିଶ୍ର, ପବିତ୍ର ଦାଶ ଓ ପ୍ରମୋଦ ମହାପାତ୍ର ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯଜ୍ଞ ମଣ୍ଡପ ଉତ୍ସବ ମୁଖରିତ ହୋଇଥିଲା। ଆଖପାଖ ଗ୍ରାମର ଭକ୍ତ ମା’ଙ୍କ ଦର୍ଶନ ପାଇଁ ଆସିଥିଲେ। କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



### ଅଷ୍ଟପ୍ରହରୀରେ ଯୋଗଦେଲେ ମୋ କଲେଜ ଅଧକ୍ଷ

ରସୁଲପୁର,୮।୪(ଡି.ଏନ.ଏ.): ରସୁଲପୁର ବ୍ଲକ୍ ବାହାଦଲାପୁର ପଞ୍ଚାୟତ ଅନ୍ତର୍ଗତ ସରିଫାବାଦ ଗ୍ରାମରେ ୩ ଦିନଧରି ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ନାମ ସଙ୍କୀର୍ତ୍ତନମଣ୍ଡଳୀ ଦଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋ କଲେଜ୍ ଅଧକ୍ଷ ତଥା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩୩ ନମ୍ବର ଜିଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, ବାହାଦଲାପୁର ସମିତିସଭ୍ୟା ମାମି ମହାନ୍ତି, ଯୁବ ବିଜେଡି ନେତା ଚନ୍ଦ୍ରଶେଖର ନାୟକ, ନରହରି ସ୍ୱାଇଁ, ରଞ୍ଜନ ସାହୁ , କୈଳାସ ପଣ୍ଡା ଓ ସୁଧାକର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅବଧି ଶେଷ ପରେ ବି ସରୁନି ରାସ୍ତା ନିର୍ମାଣ

**ବୈରୀ-ଚଣ୍ଡିଖୋଲ ହାଇଲେଭଲ କେନାଲ ରାସ୍ତା**

- ଗୁପ୍ତଟେଣ୍ଡର ଜରିଆରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ

ଚଣ୍ଡିଖୋଲ,୮।୪(ଡି.ଏନ.ଏ.):


ବୈରୀ-ଚଣ୍ଡିଖୋଲ ହାଇଲେଭଲ କେନାଲ ରାସ୍ତା।

ମାତ୍ର ୩ ବର୍ଷ ହେବ ଜଳ ସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ରାସ୍ତା ନିର୍ମାଣ ଆଳରେ ବିପୁଳ ଟଙ୍କା ବିଭାଗୀୟ ଅଧିକାରୀମାନେ ଲୁଟ୍ କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବୈରୀ-ଚଣ୍ଡିଖୋଲ ହାଇଲେଭଲ କେନାଲ ବନ୍ଧ ରାସ୍ତାରେ। ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଓ ବଡ଼ଚଣା ସବ୍‌ଡିଭିଜନରେ ରହିଛି ଏହି ରାସ୍ତା। ରାସ୍ତାରେ ୫୦ରୁ ଊର୍ଦ୍ଧ୍ୱ ଗୁପ୍ତ ଟେଣ୍ଡର କରି ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଥିବା ଜଣାପଡ଼ିଛି। ହେଲେ ଅବଧି ଶେଷ ହୋଇଥିଲେ ବି ଏ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇ ପାରିନାହିଁ।

ପୂର୍ବରୁ ହାଇଲେଭଲ କେନାଲ ବନ୍ଧ ରାସ୍ତାଟି ଜାରକା ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। ୨୦୧୬ରେ ଜଳ ସମ୍ପଦ ବିଭାଗ ପକ୍ଷରୁ ନାବାର୍ଡ ସହାୟତାରେ ଏହି ରାସ୍ତା ପିଚୁ କରାଯାଇଥିଲା। ପରେ ଏହାକୁ ଉନ୍ନତମାନର ରାସ୍ତାରେ ପରିଣତ ପାଇଁ ୨୦୧୯ ଡିସେମ୍ବରରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ କେତେଜଣ ବିଭାଗୀୟ ଅଧିକାରୀ ରାସ୍ତା ନିର୍ମାଣ ବଦଳରେ କିପରି ଲୁଟ କରିହେବ ସେହି ଯୋଜନା ପ୍ରସ୍ତୁତ କରିଥିଲେ। ୫ ଲକ୍ଷ ଟଙ୍କାରୁ କମ୍ କରି ଗୁପ୍ତ ଟେଣ୍ଡର ଜରିଆରେ ମରାମତି କାମ ଆଳରେ ଲୁଟିବା ଯୋଜନା କରିଥିଲେ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରଥମେ ୨୦୨୦ ଫେବୃୟାରୀ ୧୫ରେ ୨ ଲକ୍ଷ ୫୪ ହଜାର ୮୫୦ ଟଙ୍କା, ମାର୍ଚ୍ଚ ୬ରେ ୨ ଲକ୍ଷ ୯୨ ହଜାର ୮୮୬ ଟଙ୍କା, ୨ ଲକ୍ଷ ୫୬ ହଜାର ୮୧୩ ଟଙ୍କା, ୧ ଲକ୍ଷ ୯୭ ହଜାର ୪୦ ଟଙ୍କା, ଏହାର ଗୋଟିଏ ଦିନ ପରେ ଅର୍ଥାତ୍ ୭ ତାରିଖରେ ୧ ଲକ୍ଷ ୮୨ ହଜାର ୨୩ ଟଙ୍କା, ୧ ଲକ୍ଷ ୮୫ ହଜାର ୪୪ ଟଙ୍କା, ୨ ଲକ୍ଷ ୫୦ ହଜାର ୫୧୫ ଟଙ୍କାର ଗୁପ୍ତ ଟେଣ୍ଡର ହୋଇଛି। ପୁନର୍ବାର ସେହି ମାର୍ଚ୍ଚ ୧୫ରେ ୨ ଲକ୍ଷ ୫୪ ହଜାର ୮୫୦ ଟଙ୍କା, ଅଗଷ୍ଟ ୧୩ରେ ୩ ଲକ୍ଷ ୫୧ ହଜାର ୨୬୯ ଟଙ୍କା, ୨୦୨୧ ଜାନୁୟାରୀ ୧୩ରେ ୪ ଲକ୍ଷ ୮୮ ହଜାର ୨୮୭ ଟଙ୍କା, ସେହି ମାସ ୨୨ରେ ୪ ଲକ୍ଷ ୭୫ ହଜାର ୩୨୦ ଟଙ୍କା, ୩ ଲକ୍ଷ ୬୦ ହଜାର ୬୦୦ ଟଙ୍କା, ୪ ଲକ୍ଷ ୪୩ ହଜାର ୭୮୫ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି।

ସେହି ବର୍ଷ ଫେବୃୟାରୀ ୨ରେ ୪ ଲକ୍ଷ ୧୬ ହଜାର ୬୬ ଟଙ୍କା, ୨୫ ତାରିଖରେ ୩ ଲକ୍ଷ ୩୭ ହଜାର ୩୮ ଟଙ୍କା, ୩ ଲକ୍ଷ ୯୫ ହଜାର ୪୩୫ ଟଙ୍କା, ପୁନର୍ବାର ସେହିବର୍ଷ ନଭେମ୍ବର ୧ ରେ ୨ ଲକ୍ଷ ୯୧ ହଜାର ୪୩୨ ଟଙ୍କା, ୨୫ ତାରିଖରେ ୧୫ ଲକ୍ଷ ୧୮ ହଜାର ୨୮୨ ଟଙ୍କାର ଟେଣ୍ଡର ହୋଇଛି।

ଏହାପରେ ସମ୍ପୃକ୍ତ ରାସ୍ତାକୁ ୨୦୨୧ ଡିସେମ୍ବରରେ ଦୁଇ ଭାଗ କରି ଟେଣ୍ଡର କରାଗଲା। ବୈରୀଠାରୁ ଖଇରା ପର୍ଯ୍ୟନ୍ତ ୬ କି.ମି. ୬୦୦ ମିଟର ରାସ୍ତା ପାଇଁ ୯ କୋଟି ୯୩ ଲକ୍ଷ ୫୮ ହଜାର ୩୭୬ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହା ୯ ମାସ ମଧ୍ୟରେ ଅର୍ଥାତ୍ ସେପ୍ଟେମ୍ବର ୨୨ ସୁଦ୍ଧା କାମ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଲା। ଏହାମଧ୍ୟରେ ଅବଧି ଶେଷ ହୋଇଥିଲାବେଳେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଟେଣ୍ଡର ପ୍ରକ୍ରିୟା ପରେ ମଧ୍ୟ ଗୁପ୍ତ ଟେଣ୍ଡର ବନ୍ଦ ହୋଇନାହିଁ।

ତଥ୍ୟ ଅନୁଯାୟୀ, ଟେଣ୍ଡର ପରେ ଡିସେମ୍ବର ୧୫ରେ ୪ ଲକ୍ଷ ୪୦ ହଜାର ୯୩୩ ଟଙ୍କା, ୩ ଲକ୍ଷ ୯୮ ହଜାର ୩୬୨ ଟଙ୍କା, ୨୦୨୨ ଜାନୁୟରୀ ୭ରେ ୪ ଲକ୍ଷ ୪୯ ହଜାର ୯୯୧ ଟଙ୍କା, ୪ ଲକ୍ଷ ୪୨ ହଜାର ୭୮୨ ଟଙ୍କା, ୩ ଲକ୍ଷ ୯୯ ହଜାର ୯୧୩ ଟଙ୍କା, ସେହି ମାସ ୧୦ ତାରିଖରେ ୩ ଲକ୍ଷ ୮ ହଜାର ୯୪୪ ଟଙ୍କା, ମାର୍ଚ୍ଚ ୪ରେ ୪ ଲକ୍ଷ ୨୪ ହଜାର ୨୨୨ ଟଙ୍କା, ୨୧ ତାରିଖରେ ୪ ଲକ୍ଷ ୬୦ ହଜାର ୭୯୬ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି।

ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ରାସ୍ତାରେ ଗୁପ୍ତଟେଣ୍ଡର ଜରିଆରେ ବିପୁଳ ଟଙ୍କା ବିଭାଗୀୟ ଅଧିକାରୀମାନେ ହଡ଼ପ କରିଥିବା ଜଣାପଡିଛି। ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରି ଯେଉଁମାନେ ଦୁର୍ନୀତିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ମରାମତି କାର୍ଯ୍ୟରେ କୌଣସି ଅନିୟମିତତା ହୋଇନାହିଁ। ଏବେ ଯେଉଁ କାର୍ଯ୍ୟ ଚାଲିଛି ଖୁବ୍‌ଶୀଘ୍ର ଶେଷ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶିକ୍ଷକ ଅଭାବ, ଶିକ୍ଷାଦାନ ବାଧାପ୍ରାପ୍ତ

ପ୍ରୀତିପୁର,୮।୪(ଡି.ଏନ୍.ଏ.):

ବିଞ୍ଝାରପୁର ବ୍ଲକ କପିଳା ପଞ୍ଚାୟତ ଅନ୍ତର୍ଗତ ମାନ୍ଧାତା ପାଟଣାସ୍ଥ ଜାନକୀ ମଧୁସୂଦନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏପରି କି ଏହି ବିଦ୍ୟାଳୟ ବନ୍ଦ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ୧୯୯୦ ମସିହାରେ ପ୍ରତିଷ୍ଠା ହୋଇଥିବା ଉକ୍ତ ବିଦ୍ୟାଳୟଟିରେ ମୁଖ୍ୟତଃ ଦଳିତ ଶ୍ରେଣୀର ଛାତ୍ରୀଛାତ୍ର ଶିକ୍ଷାଲାଭ କରିଥାନ୍ତି। ନିକଟରେ ଅନ୍ୟ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଆଖପାଖର ଛାତ୍ରୀଛାତ୍ର ଏହି ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଗତ କିଛି ଦିନ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିଥିବାବେଳେ ଜଣେ ମାତ୍ର ଶିକ୍ଷକ ଏଠାରେ ଶିକ୍ଷାଦାନ କରୁଛନ୍ତି। ଆସନ୍ତା ମେ’ରେ ସେ ମଧ୍ୟ ଅବସର ନେବାକୁ ଯାଉଛନ୍ତି। ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ଦେବଦତ୍ତ ସେଠୀ, ଶିକ୍ଷାବିତ୍ ରବିନାରାୟଣ ସାମଲ, ପ୍ରମୋଦ ସାମଲ, ସରୋଜ ମଲ୍ଲିକ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, କରୁଣାକର ମଲ୍ଲିକ, ଅଶୋକ ଜେନା ଓ ରବୀନ୍ଦ୍ର ନାୟକ ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନିମନ୍ତେ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଦାନଗଦି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ


ନବ ନିର୍ବାଚିତ କର୍ମକର୍ତ୍ତା ଶପଥପାଠ କରୁଛନ୍ତି।

କଳିଙ୍ଗନଗର,୮।୪(ଡି.ଏନ.ଏ.):

ଦାନଗଦି ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ଶନିବାର ଡୁବୁରୀସ୍ଥିତ କପିଳେଶର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ଧନେଶ୍ୱର ପୃଷ୍ଟି ସଭାପତିତ୍ୱ କରି ନାମାଙ୍କନପତ୍ର ଯାଞ୍ଚ କରିବା ସହ ନିର୍ବାଚନ ପରିଚାଳନା କରିଥିଲେ। କୋରେଇ ବ୍ଲକ ଶିକ୍ଷକ ସଂଘ ପୂର୍ବତନ ସଭାପତି ପୀତାମ୍ବର ରାଉତ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ନବନିର୍ବାଚିତ ସଭ୍ୟଭାବେ ସଂଯୋଜକ ନିର୍ମଳ କୁମାର ରାୟ, ସଭାପତି ବିଜୟ କୁମାର ରାଉତ, ସମ୍ପାଦକ ସନ୍ତୋଷ କୁମାର ସାହୁ, ଉପସଭନେତ୍ରୀ ପ୍ରମିଳା ସାହୁ, ଉପସଭାପତି ଅମୂଲ୍ୟ କୃଷ୍ଣ ବେହେରା, ସହସମ୍ପାଦକ ବୋମ୍ୟାକେଶ ସାହୁ, ଶ୍ରୀଧର ଶତପଥୀ, ଉମେଶ ଚନ୍ଦ୍ର ଜେନା, କୋଷାଧକ୍ଷ ଭାବେ ସୁବ୍ରତ କୁମାର ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ନବ ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ ଯାଜପୁର ଜିଲା ଶିକ୍ଷକ ସଂଘ ସଭାପତି ବିଜୟ କୁମାର ନାୟକ ଶପଥ ପାଠ କରାଇବା ସହ ନିଷ୍ଠାପର ଓ ସମର୍ପିତ ଭାବେ ଶିକ୍ଷକଙ୍କ ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

## ସେତୁ ସଫେଇ କଲେ ସାମାଜିକ କର୍ମୀ

ରସୁଲପୁର,୮।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ନିକଟସ୍ଥ ଯୋକଡ଼ିଆଠାରେ ଥିବା ଖରସ୍ରୋତା ନଦୀର ବିଜୁ ସେତୁ ସେଫଇ କରାଯାଇଛି। ଟିକରପଡା ପଞ୍ଚାୟତ ହେଲ୍ଥ ଓଡ଼ିଶା ଆଦର୍ଶ ସଂଗଠନର ସାମାଜିକ କର୍ମୀମାନେ ଏକତ୍ରିତ ହୋଇ ସେତୁ ଉପରୁ ବାଲି, ମାଟି ମିଶା କାଦୁଅକୁ ସଫା କରିଛନ୍ତି। ଉକ୍ତ ସେତୁ ଶୋଚନୀୟ ହୋଇପଡ଼ିଥିଲା। ସେତୁରେ ବିଭିନ୍ନ ଗାଡ଼ିରୁ ବାଲି, ମାଟି ପଡ଼ି ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ପଶ୍ଚିମାଝଡ଼ ପ୍ରଭାବରେ ଝଡ଼ ତୋଫାନ ଯୋଗୁ ପୋଲ ଉପରେ ପାଣି ଜମି ରହୁଥିଲା। ବାଲିମାଟି ମିଶା ପାଣିକାଦୁଅରେ ପୋଲ ବିପଦସଂକୁଳ ହୋଇପଡ଼ିଥିଲା। ଏଥିରେ ଯାତାୟାତ କରିବାରେ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ସଂଗଠନର ସାମାଜିକ କର୍ମୀମାନେ ସେତୁ ସଫେଇ କରିବାକୁ ଆଗେଇ ଆସିଥିଲେ। ଅନୁଷ୍ଠାନ ପକ୍ଷରୁ ସିଦ୍ଧାର୍ଥ ପାତ୍ର, ଚନ୍ଦ୍ରଶେଖର ବେହୁରାୟ, ରବୀନ୍ଦ୍ର ପାତ୍ର, ରାଜେଶ ପାତ୍ର, ଅଜୟ ନାୟକ, ବିକ୍ରମ ବେହୁରା, ପୀତବାସ ପାତ୍ର, ସୁଧାଂଶୁ ରାଉତ, ରଜତ ବେହୁରା ପ୍ରମୁଖ ସଫେଇ କାର୍ଯ୍ୟ କରିଥିଲେ। ଯାଜପୁର ରୋଡ୍ ପୂର୍ତ୍ତ ବିଭାଗ ଅଧୀନ ଏହି ସେତୁର ଅବସ୍ଥା ଦୁର୍ବଳ ହୋଇପଡ଼ିଛି। ସେତୁର ସୁରକ୍ଷାବାଡ଼ ନଷ୍ଟ ହୋଇଗଲାଣି। ପୋଲ ଛାତର ଯୋଡ଼େଇ ସ୍ଥାନରେ ଫାଟ ସୃଷ୍ଟି ହେଲାଣି। ଛାତ ଉପରୁ ପିଚୁ ଉଠିଗଲାଣି। ଏଭଳିସ୍ଥିତିକୁ ବିଭାଗ ପକ୍ଷରୁ ଅଣଦେଖା କରାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଅଭିଯୋଗ କରିଛନ୍ତି। ପୋଲ ଉପରେ ବାଲିମାଟି କାଦୁଅର ଆସ୍ତରଣ ପଡ଼ିରହି ଯାତାୟାତରେ ବାଧା ଉପୁଜିବା ଘଟଣା ସମ୍ପର୍କରେ ବିଭାଗ ଅବଗତ ଅଛି। ହେଲେ କୌଣସି ପଦକ୍ଷେପ ନେଉନାହିଁ। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ଏହି ପୋଲର ମରାମତି କରିବାକୁ ଦାବି ହୋଇଛି।

## ଭୁବନପୁରରେ ମା’ କାଳିଆଶୁଣି ବିଶ୍ୱଶାନ୍ତି ମହାଯଜ୍ଞ

କବାଟବନ୍ଧ,୮।୪(ଡି.ଏନ୍.ଏ.)


ମହାଯଜ୍ଞ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତର ଭୁବନପୁର ଗ୍ରାମରେ ମା’ କାଳିଆଶୁଣି ବିଶ୍ୱଶାନ୍ତି ମହାଯଜ୍ଞର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇ ୧୦ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହେବ। ଶନିବାର ସକାଳୁ ଗ୍ରାମ ନିକଟ ମା’ କାଳିଆଶୁଣି ପୁଷ୍କରିଣୀରୁ କଳସ ଶୋଭାଯାତ୍ରା ବାହାରିଥିଲା। ଏଥିରେ କୀର୍ତ୍ତନ ମଣ୍ଡଳୀ, ଢୋଲ, ବାଦ୍ୟ ସହିତ ଆତଶବାଜିରେ ଗାଁ ଦାଣ୍ଡ ଫାଟିପଡ଼ିଥିଲା। ଏହି ଯାତ୍ରା ଗ୍ରାମରୁ ବାହାରି ମଧୁପୁରଗଡର କୁକୁଡା ଖାଳେଇ ଛକ ଦେଇ ପୁଣି ଭୁବନପୁର କାଳିଆଶୁଣି ପୀଠରେ ପହଞ୍ଚିଥିଲା। ଏହି ଅବସରରେ ମେଲୋଡି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ପ୍ରତେକ ଦିନ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଛି।

## ଥାନା ଘେରାଉ ଘଟଣାରେ ୩ ଗିରଫ

ଧର୍ମଶାଳା,୮।୪(ଡି.ଏନ.ଏ.):

ଧର୍ମଶାଳା ଅଞ୍ଚଳର ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିନା ଅନୁମତିରେ ଥାନା ଘେରାଉ କରାଯାଇଥିବା ଘଟଣାରେ ପୋଲିସ ଟ୍ରଷ୍ଟର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନାରାୟଣ ମଲିକ, ଜୀବନାନନ୍ଦ ମହାପାତ୍ର ଓ ଦୀପକ ସାହୁ।

ସୂଚନା ମୁତାବକ, ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଗରିବମାନଙ୍କୁ ଦିଆଯାଉଥିବା ସହାୟତା ବନ୍ଦ କରିବା ପାଇଁ ପୋଲିସ ଚାପ ପକାଇଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଗତ ୩ ତାରିଖ ଅପରାହ୍ନରେ ଟ୍ରଷ୍ଟ ସମ୍ପାଦକ ହିମାଂଶୁ କୁମାର ସାହୁ, ନାରାୟଣ ମଲ୍ଲିକ ଓ ସୁଧୀର ବେହେରାଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଏକ ଶୋଭାଯାତ୍ରାରେ ଥାନା ଫାଟକ ପର୍ଯ୍ୟନ୍ତ ଯାଇ ମାଇକ ଯୋଗେ ପୋଲିସକୁ ଭର୍ତ୍ସନା କରି ହୋହଲ୍ଲା କରିଥିଲେ। ସେଠାରେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅପମାନିତ କରିବା ସହିତ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘେରାଉ ଏବଂ ମାଇକ ବ୍ୟବହାର ପାଇଁ କୌଣସି ଅନୁମତି ନ ନେଇ ଗଣ୍ଡଗୋଳ ପାଇଁ ଶତାଧିକ ବ୍ୟକ୍ତି ଥାନା ଅଞ୍ଚଳକୁ ଆସିଥିବା ଥାନା ଏଏସ୍‌ଆଇ ବିଜୟ ବେହେରା ଥାନାରେ ଅଭିଯୋଗ କରିଥିଲେ। ଘଟଣାଦିନ ଏ ସମ୍ପର୍କରେ ଏଏସ୍‌ଆଇ ବେହେରା ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରିଥିଲେ। ଏଏସ୍‌ଆଇ ଅଭିଯୋଗ କରିବା ପରେ ପୋଲିସ ନଂ.୧୭୫/୨୩ରେ ଟ୍ରଷ୍ଟର ସମ୍ପାଦକଙ୍କ ସମେତ ଅନ୍ୟ ୨୫୦ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଗକୁ ଗିରଫଦାରୀ ଜାରିରହିବ ବୋଲି ପୋଲିସ ସୂଚନା ଦେଇଛି।

## ବାଇକ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

ରସୁଲପୁର,୮।୪(ଡି.ଏନ.ଏ.):

କୁଆଖିଆ ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ସୁଆଁସାହି ନିକଟରେ ସାଇକେଲକୁ ପଛପଟୁ ଏକ ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ସାଇକେଲ ଆରୋହୀ ନଟବର ମଲିକଙ୍କ ମୃତ୍ୟୁ ହୋଇଛି। ବାଇକ୍ ଆରୋହୀ ଦୁଇ ଯୁବକ ଗୁରୁତର ହୋଇଛନ୍ତି।

ସୁଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ୨ ଯୁବକ ସୁଭମ ପାଣିଗ୍ରାହୀ ଏବଂ ତନ୍ମୟ ପାଣି ଏକ ବାଇକ୍ (ନଂ.ଓଡି-୦୫-ବିଜେ-୭୮୪୩)ଯୋଗେ ସୁକିନ୍ଦା ଅଶୋକଝରରୁ ନିଜ ଘରକୁ ଫେରୁଥିଲେ। ସୁଆଁସାହି ଗ୍ରାମର ନଟବର ସାଇକେଲ ଯୋଗେ ସାହାପୁରରୁ ଘରକୁ ଫେରୁଥିବାବେଳେ ସୁଆଁସାହି ମୋଡ଼ ନିକଟରେ ନଟବରଙ୍କ ସାଇକେଲକୁ ବାଇକଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଦୁଇ ଯୁବକଙ୍କୁ ଅଟକ ରଖିଥିଲେ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତ ବ୍ୟକ୍ତିଙ୍କୁ ପାଣିକୋଇଲି ପାଟ୍ରୋଲିଂ ପୋଲିସ ନିଜ ଭ୍ୟାନ ଯୋଗେ ଯାଜପୁର ଟାଉନ ମେଡିକାଲ ପଠାଇଥିଲା। ଗୁରୁତର ଯୁବକ ଦ୍ୱୟଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଆସିବାରୁ ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ଚାଳକଙ୍କୁ ଫେରାଇ ଦେଇଥିଲେ। ସେମାନେ ଦୁଇ ଯୁବକଙ୍କ ସହ ବାଇକକୁ ଅଟକ ରଖିଥିଲେ। ପରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ କୁଆଖିଆ ପୋଲିସ ବିଳମ୍ବରେ ପହଞ୍ଚିଥିଲା। ତେବେ ଏଭଳି ଘଟଣା ସମ୍ପର୍କରେ ଥାନା ଆଇଆଇସି ଜାଣି ନ ଥିଲେ ବୋଲି କହିବାରୁ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ ଏବଂ ଥାନା କର୍ମଚାରୀଙ୍କ ମଧ୍ୟରେ ବଚସା ହୋଇଥିଲା।

## ବ୍ୟାସନଗର ମହାବିଦ୍ୟାଳୟ ନିତ୍ୟ ଯୋଗ କକ୍ଷର ବାର୍ଷିକ ଉତ୍ସବ

ଯାଜପୁର ରୋଡ୍,୮।୪(ଡି.ଏନ.ଏ.):

ବ୍ୟାସନଗର ମହାବିଦ୍ୟାଳୟ ନିତ୍ୟ ଯୋଗ କକ୍ଷର ବାର୍ଷିକ ଉତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରର ମୁକ୍ତମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଯୋଗଗୁରୁ ବଟକୃଷ୍ଣ ପ୍ରଧାନ ଓ ବିଭୀଷଣ ନାୟକଙ୍କ ଦ୍ୱାରା ପ୍ରାତଃ ୫ଟା୩୦ରୁ ଯୋଗାଭ୍ୟାସ ଓ ପ୍ରଣାୟାମ ଅଭ୍ୟାସ କରାଯାଇଥିଲା। ପ୍ରାଣାୟାମର ବିଭିନ୍ନ ଉପାୟମାନ ସବିଶେଷଭାବେ ପ୍ରଦର୍ଶିତ ହୋଇଥିଲା। ପରେ ଯଜ୍ଞାନୁଷ୍ଠାନ ଇନ୍ଦ୍ରମଣି କର ଓ ଇଂ. ଅଲେଖ କୁମାର ଜେନାଙ୍କ ଦ୍ୱାରା ସମାହିତ ହୋଇଥିଲା। ଉକ୍ତ ଯଜ୍ଞାନୁଷ୍ଠାନରେ ଅଧ୍ୟାପକ ମେଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ପ୍ରଦୀପ ସାମଲ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. କୃଷଚନ୍ଦ୍ର ପ୍ରଧାନ ଯୋଗଦେଇ ଯୋଗର କିଭଳି ପ୍ରଚାର ଓ ପ୍ରସାର ହୋଇପାରିବ ଏବଂ କିଭଳି ଅଧିକରୁ ଅଧିକ ଛାତ୍ରୀଛାତ୍ର ଏଥିପାଇଁ ଆଗ୍ରହ ପ୍ରକାଶ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତ ସ୍ୱାଭିମାନର ଜିଲା କାର୍ଯ୍ୟାଳୟ ପ୍ରଭାରୀ ମହେଶ୍ୱର ପ୍ରଧାନ ଯୋଗଦେଇ କକ୍ଷର ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ। ଭାରତ ସ୍ୱାଭିମାନ ନ୍ୟାଶର ଜିଲା ପ୍ରଭାରୀ ଅଧାପକ ବିବେକାନନ୍ଦ ଜେନା, ଅବସରପ୍ରାପ୍ତ ପ୍ରାଧାପକ କାମଦେବ ଦାସ, ନରେନ୍ଦ୍ର ଦାସ, ବିଜୟ କୁମାର ନାଥ ଶର୍ମା, ରବିନ ପଣ୍ଡା, ପ୍ରଭାସ ରାଉତ, ସିଆଚ ଶ୍ରିନୁ, ସନ୍ତୋଷ ପାତ୍ର, ଚୌଧୁରୀ ତାପସ ସାହୁ, ରାସବିହାରୀ ପାତ୍ର, ସତ୍ୟପ୍ରକାଶ ପାତ୍ର, ସୁଧାଂଶୁ ସାହାଣୀ, ପ୍ରବୀର ସ୍ୱାଇଁ, ଦିଲୀପ ଦଳେଇ, ଶରତ କୁମାର ଧଳ ଓ ଶ୍ରୀରାମ ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ସର୍ବୋଦୟ ସମ୍ମିଳନୀ

ଧର୍ମଶାଳା,୮।୪(ଡି.ଏନ.ଏ.):


ସର୍ବୋଦୟ ସମ୍ମିଳନୀରେ ଅତିଥିମାନେ ଜଣେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ସର୍ବୋଦୟ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଜିଲା ସଭାପତି ରାମଚନ୍ଦ୍ର ଶୁକ୍ଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସଭାପତି ମିହିର ପ୍ରତାପ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ସର୍ବୋଦୟ ଆନ୍ଦୋଳନରେ ଓଡ଼ିଶାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଦୁର୍ଗାପ୍ରସନ୍ନ ଦାଶ, ମାନସ ପଟ୍ଟନାୟକ, ଜ୍ଞାନରଞ୍ଜନ ସାମନ୍ତରାୟ ଓ କାହ୍ନୁଚରଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡ. ପୁରୁଷୋତ୍ତମ ବିଶ୍ୱାଳ, ଚିତ୍ତରଞ୍ଜନ ମହାନ୍ତି, ଦିଲୀପ କୁମାର ତ୍ରିପାଠୀ, ବସନ୍ତ ପରିଡ଼ା, ସର୍ବେଶ୍ୱର ବେହୁରା, ଗୋଲକ ପଲେଇ, ଭୁବନ ମୋହନ ମହାନ୍ତି, ନିର୍ମଳ ସାମଲ, ଖବରଦାତା ସୀତାକାନ୍ତ ସାମଲ, ମାନସ ରଞ୍ଜନ ଜେନା, ଅଖିଳ କୁମାର ସ୍ୱାଇଁ, ପ୍ରତାପ କୁମାର ଦାସ, କୃଷକ ଲକ୍ଷ୍ମଣ ଦାସ, କ୍ରୀଡ଼ାବିତ ଅମିୟ କୁମାର ପରିଡ଼ା, ଦିଲୀପ ଜେନା, ଅମୂଲ୍ୟ ଭୂୟାଁ, ରାଜକୁମାର ଜେନା ଓ ଇଂ.ପ୍ରବୋଧ ମିଶ୍ର ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବବ୍ରତ ରାଉତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ପାରାଦୀପ,୮।୪(ସ୍ୱ.ପ୍ର.) : ପାରାଦୀପ ଲକ୍ ଥାନା ଅଞ୍ଚଳରେ ଗତ ଶୁକ୍ରବାର ରାତିରେ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୧୪୩/୨୩) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ପ୍ରଶାନ୍ତ ଦଳାଇ। ଗିରଫ ପରେ ମହିଳା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି ବୋଲି ପୋଲିସ କହିଛି। ସମ୍ପୃକ୍ତା ମହିଳା ଏକ ପାନ ଦୋକାନ କରିଛନ୍ତି। ଅଭିଯୁକ୍ତ ପ୍ରଶାନ୍ତ ସେଠାକୁ ପ୍ରାୟ ଯାଉଥିଲେ। ଏହି ସମୟ ମଧ୍ୟରେ ସେମାନଙ୍କ ସମ୍ପର୍କ ନିବିଡ଼ ହୋଇଥିଲା। ଶୁକ୍ରବାର ରାତିରେ ଅଭିଯୁକ୍ତ ଦଳାଇ ପୀଡ଼ିତାଙ୍କ ଘରେ ପହଞ୍ଚି ତାଙ୍କୁ ମାଡ଼ ମାରିବା ସହ ବଳାତ୍କାର କରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି।

### ଶିକ୍ଷାବିତ୍ ନୃସିଂହ ସାର୍ଙ୍କ ପରଲୋକ

ରାଜନଗର, ୮।୪(ଡି.ଏନ.ଏ.)

ରାଜନଗର ଅଞ୍ଚଳର ସୁନାମଧନ୍ୟ ପ୍ରବୀଣ ଶିକ୍ଷାବିତ୍ ନୃସିଂହ ଚରଣ ଦାଶ(୯୪)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାଶ ଦୀର୍ଘ ୫ ଦଶନ୍ଧି ଧରି ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ସେ ଜଣେ ଛାତ୍ର ବତ୍ସଳ, ଧର୍ମପ୍ରାଣ, ପରୋପକାରୀ ମଣିଷ ଭାବେ କେବଳ ରାଜନଗର ନୁହେଁ ସମଗ୍ର ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ରାଜନଗରରେ ଦୀର୍ଘଦିନ ଶିକ୍ଷକତା ଜୀବନରେ ପଟ୍ଟାମୁଣ୍ଡାଇରେ ସଂସାରଫଳରୁ ସାଇକେଲ ଯୋଗେ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚୁଥିବାରୁ ସବୁରି ନିକଟରେ ପ୍ରିୟପାତ୍ର ଥିଲେ। ସ୍ୱର୍ଗତ ଦାଶ କେବଳ ଜଣେ ପ୍ରବୀଣ ଶିକ୍ଷାବିତ୍ ନ ଥିଲେ, ବରଂ ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଗଠନରେ ସଫଳ ରୂପକାର ଥିଲେ। ସ୍ୱର୍ଗତ ଦାଶ ଦୀର୍ଘଦିନ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ରାଜନଗର, ପଟ୍ଟାମୁଣ୍ଡାଇର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିଷ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଅଲେଖ କୁମାର ଜେନା, ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ବିରଞ୍ଚି ନାରାୟଣ ଜେନାପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଶିକ୍ଷକ ଅମର, ଅଧ୍ୟାପକ ଅରୁଣ କୁମାର ଦାଶ, ଅସୀମ ଦାଶ ଏବଂ ବୋହୂ, ନାତୁଣୀନାତିମାନେ ଉପସ୍ଥିତ ଥିଲେ।



# ଜଣ୍ଡିସ୍ ଆଶଙ୍କାରେ ଜିଲାବାସୀ

କେନ୍ଦ୍ରାପଡ଼ା ଅଫିସ, ୮।୪

- ଶୋଷ ମେଣ୍ଟାଉଛି ବୋତଲ, ପାଉଚ ପାଣି
- ଲସି, ଆଇସକ୍ରିମ୍ ଦୋକାନରେ ପାଣି ନମୁନା ଯାଞ୍ଚ ହେଉନି
- ପାନୀୟ ଜଳ ସମସ୍ୟା ଉତ୍କଟ ହେଉଛି, ନଳକୂପ ଅଚଳ

ଖରାର ପ୍ରକୋପ ବଢୁଛି। ଅସହ୍ୟ ତାତି ସହ ପାନୀୟ ଜଳ ସମସ୍ୟା କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ନିକଟରେ ପ୍ରତ୍ୟହ ଅଭିଯୋଗର ସଂଖ୍ୟା ବଢୁଛି। ଅପରପକ୍ଷରେ ଜିଲାର ଏବେ ଏକ ନୂଆ ସମସ୍ୟା ଜଣ୍ଡିସ୍। ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଏପରି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପାନୀୟ ଜଳ ସମସ୍ୟାରେ ଏହି ରୋଗ ବଢୁଥିବା ଜିଲାରେ ଏବେ ଆଲୋଚନା ହେଉଛି। ଭୂଗର୍ଭ ଜଳ ସଙ୍କଟରେ ଥିବା ଜିଲାରେ ପାଉଚ, ବୋତଲ, ଲସି, ଆଇସକ୍ରିମ ଆଦି ଶୋଷ ମେଣ୍ଟାଉ ଥିବା ବେଳେ ଏହାର ମୂଳ ଭିତ୍ତିଭୂମି ପାଣିର ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉନାହିଁ। ଯାହା ଏବେ ଜିଲାବାସୀଙ୍କ ଚିନ୍ତାର କାରଣ ସାଜିଛି।

ମହାକାଳପଡ଼ାର ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ଖରାଦିନ ଆରମ୍ଭରୁ ଜିଲାର ଉପାନ୍ତ ଅଞ୍ଚଳରେ ଜଣ୍ଡିସ୍ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩ ବର୍ଷ ମଧ୍ୟରେ ଏହି ରୋଗରେ ଜିଲାର ୧୪ ଲୋକଙ୍କ ମୃତ୍ୟୁ ହୋଇଛି। ଜଣ୍ଡିସ୍ ପାଇଁ ଅନ୍ୟ କାରଣ ଥିଲେ ମଧ୍ୟ ଅସ୍ୱାସ୍ଥ୍ୟକର ପାନୀୟ ଜଳ ଏହାକୁ ଅଧିକ ଜଟିଳ କରିଛି। ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ରାଜକନିକା, ରାଜନଗର,



ଏକ ପିକ୍‌ଅପ୍ ଭ୍ୟାନରେ ପାନୀୟ ଜଳ ନିଆଯାଉଛି।

ଆଳି, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ଲୁଣିଆ। ଏଥିସହ ଅନ୍ୟ ୪ ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ସଙ୍କଟ ଥିବା ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ସର୍ଭେ ହୋଇଛି। ନଦୀଜଳକୁ ପାନୀୟ ଜଳ ଭାବେ ବ୍ୟବହାର ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ କାଗଜପତ୍ରରେ ସୀମିତ ରହିଛି। ସମୟ ଅବଧି ସରିଥିଲେ ମଧ୍ୟ ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ଉପଯୋଗୀ ହୋଇନାହିଁ। ଫଳରେ ସାଧାରଣ ଲୋକ ଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ବିଭିନ୍ନ ରୋଗରେ ପଡୁଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିସ୍ଥିତ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ କୁମାର ବେହେରା କହିଛନ୍ତି, ଅଧିକାଂଶ ନଳକୂପ ଅଚଳ। ଶୋଷ ମେଣ୍ଟାଇବା ପାଇଁ ଗ୍ରାମାଞ୍ଚଳରେ ପାଉଚ ଓ ବୋତଲ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ତେବେ ଏହି ପାଣି କେବେ ସୁଦ୍ଧା ବ୍ୟବହାର କରିହେବ, ସେଥିନେଇ ତା' ଉପରେ କୌଣସି ସୂଚନା ନାହିଁ। ବିଭିନ୍ନ ସ୍ଥାନରେ ନକଲି ପାଣି ପାଉଚ ଓ ବୋତଲ ଫ୍ୟାକ୍ଟ୍ରି ବ୍ୟବସାୟ ଲମ୍ଫି ଚାଲିଛି। ସେହିପରି ଖରାଦିନେ ଆଇସକ୍ରିମ, ଲସି, ଫଳରସ ଆଦିର ଚାହିଦା ବଢ଼ିଛି। କାରଖାନାରେ ବରଫ ପାଇଁ ବ୍ୟବହାର ହେଉଥିବା ପାଣିର ନମୁନା ଜିଲା ପ୍ରଶାସନର ଅଧିକାରୀ ସଂଗ୍ରହ କରି ପରୀକ୍ଷା କରିବା ନଜିର ନାହିଁ। ଏପରି ପାଣି ପିଇବା ପରେ ଜଣ୍ଡିସ୍ ରୋଗ ବଢୁଥିବା ସେ ଆଶଙ୍କା ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ବୀରେନ କୁମାର ଦାସ କହିଛନ୍ତି, ଦୁଇବର୍ଷ ପୂର୍ବେ ପାଣିରେ ଇକୋଲି ଥିବା ପରୀକ୍ଷା ପରେ ଜଣାପଡିଥିଲା। ସେହିପରି ପଡୋଶୀ ଜିଲାର ଶିଳ୍ପ ବର୍ଜ୍ୟବସ୍ତୁ ଜିଲାରେ ପ୍ରବାହିତ ନଦୀ ଓ ନାଳରେ ମିଶୁଥିବାରୁ ଜଳ ଏବେ ରୋଗ ବାହକ ହୋଇଛି। ଏହାବ୍ୟତୀତ ଉନ୍ନୟନ କାର୍ଯ୍ୟ ସମୟରେ ଗଛକଟା ହେଉଥିଲେ ମଧ୍ୟ ଏହାର ପରିପୂରକ ଗଛ ଲଗାଯାଉନାହିଁ। ଖରାରେ ଅତିଷ୍ଠ ଲୋକ ପାଣି ପାଇଁ ଏବେ ପ୍ରଦୂଷିତ ଜଳ ପିଇବାକୁ ବାଧ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଖରାଦିନେ ପାଣି ବ୍ୟବସ୍ଥା କରୁଥିଲେ ମଧ୍ୟ ତାହା ମାଠିଆ, ବ୍ୟାନର ଓ ଟଙ୍କା ଖର୍ଚ୍ଚରେ ସୀମିତ ରହୁଛି। ଜଳ ସଙ୍କଟ ଥିବା ଏହି ଜିଲାର ପାନୀୟ ଜଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ସେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜନସାଧାରଣଙ୍କୁ ଖରାରୁ ବଞ୍ଚିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ଏଥିସହ ପାନୀୟ ଜଳ ଯୋଗଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଛନ୍ତି।

# ଜଳ ସ୍ରୋତ ହ୍ରାସ: ମହାନଦୀ ମଝିରେ ବାଲିପଠା ସୃଷ୍ଟି

ମହାକାଳପଡ଼ା, ୮।୪(ଡି.ଏନ.ଏ.)

- ଚିରସ୍ରୋତା ମହାନଦୀ ମରୁବାଲିର ଠିକଣା ପାଲଟିଛି
- ସାମୁଦ୍ରିକ ଲୁଣାଜଳ ଉପର ମୁଣ୍ଡକୁ ପ୍ରବାହିତ

କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ପାରାଦୀପ ମଧ୍ୟଭାଗରେ ଚିରସ୍ରୋତା ମହାନଦୀ ପ୍ରବାହିତ ହେଉଛି। ମହାକାଳପଡା ବ୍ଲକର ରାମନଗର ଓ ବଟିଘର ପଞ୍ଚାୟତର ହେଟାମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ସଂଲଗ୍ନ ପ୍ରବାହିତ ହୋଇଥିବା ମହାନଦୀ ବଙ୍ଗୋପସାଗରର ମୁହାଣରେ ମିଶ୍ରଣ ହୋଇଛି। ହେଲେ ମୁହାଣ ମୁହଁ ଅଧ କିମି ଦୂରଠାରୁ ଦଶ କିମି ଦୂର ପର୍ଯ୍ୟନ୍ତ ବାଲି ଚର ବୃଦ୍ଧି ପାଉଛି। ଫଳରେ ସାମୁଦ୍ରିକ ଲୁଣା ଜଳ ଉପର ମୁଣ୍ଡକୁ ପ୍ରବାହିତ ହେଉଛି। ଅପରପକ୍ଷରେ ମହାନଦୀର ଉପର ମୁଣ୍ଡରୁ ମଧୁର ଜଳ ପ୍ରବାହିତ ହ୍ରାସ ପାଉଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ ଓ ଚାଷୀମାନେ ବିଭିନ୍ନ ସମସ୍ୟାରେ ପଡିଥିବା ଅଭିଯୋଗ କରିଛନ୍ତି।

ଦିନ ଥିଲା ମହାନଦୀ ମୁହାଣର ୨୦ କିମି ଭୂତମୁଣ୍ଡାଇ ସେତୁ ପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ମାଛ ମାରି ମତ୍ସ୍ୟଜୀବୀମାନେ ଜୀବିକା ନିର୍ବାହ କରୁଥିଲେ। ଲବଣାକ୍ତ ଜଳ ବଢିବା ଓ ମଧୁର ଜଳ ପ୍ରବାହିତ ହ୍ରାସ ପାଇବା ଯୋଗୁ ମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀ ଦିନକୁ ୨ରୁ ୩ ହଜାର ଟଙ୍କାର ମାଛ ମାରୁଥିଲେ। ଅଦ୍ୟାବଧି ଦିନକୁ ମଜୁରି ଉଠିବା କଷ୍ଟ ହେଉଛି ବୋଲି ବହାକୁଦ ଗ୍ରାମର ମତ୍ସ୍ୟଜୀବୀ ଟୁଟୁଣି ବେହେରା କହିଛନ୍ତି। ଅପରପକ୍ଷରେ ସ୍ଥାନୀୟ ବରଜ ବାହାକୁଦ, ଆଖଡ଼ାସାହି ସମେତ ଅନ୍ୟ ଅଞ୍ଚଳର ଚାଷୀମାନେ ଏହି ମହାନଦୀ ମଧୁର ଜଳରେ ବର୍ଷ ସାରା ଖରିଫ୍ ଫସଲ, ଖରଦିନିଆ ଡାଲୁଆ ଧାନ, ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ବ୍ଲକର ରାମନଗର ପଞ୍ଚାୟତ ବାହାକୁଦ ଗ୍ରାମ ଓ ଆଖଡ଼ାସାହି ନିକଟରେ ମହାନଦୀ ମଝି ଅଂଶରେ ବଡ ବଡ ବଣ ବୁଦା, ବାଲି ପଙ୍କ ଜମିବା ସହ ପଠା ସୃଷ୍ଟିହୋଇଛି। ଏଥିଯୋଗୁ ଚିରସ୍ରୋତା ମହାନଦୀ ଜଳ ପ୍ରବାହିତ ପଥ ଅବରୋଧ ହେବାରେ ଲାଗିଛି। ପାରାଦୀପ ଶିଳ୍ପ କାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁର ଜଳ ମହାନଦୀକୁ ପ୍ରଦୂଷିତ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅପରପକ୍ଷରେ ମହାନଦୀରେ ଅପ୍ରାକୃତିକ ଭାବେ ପଠା ସୃଷ୍ଟି ହେବା ଯୋଗୁ ତା'ର ପୂର୍ବ ସୌନ୍ଦର୍ଯ୍ୟ ହରାଇବାରେ ଲାଗିଛି। ଯେଉଁ ସ୍ଥାନରେ ପୂର୍ବରୁ ଦେଶୀ ବିଦେଶୀ ପକ୍ଷୀମାନଙ୍କର ଜଳ କ୍ରୀଡ଼ାର ଭୂସ୍ୱର୍ଗ ପାଲଟିଥିଲା ଓ କୋଳାହଳ ରାବ ଶୁଭୁଥିଲା ତାହା ଏବେ ନିସ୍ତବ୍ଧ ଓ ବାଲିର ଠିକଣା ପାଲଟିଛି। ମହାନଦୀ ଗତିପଥର ଠିକଣା ବଦଳି ଯାଇଛି ବୋଲି ବୁଦ୍ଧିଜୀବୀ ଓ ପକ୍ଷୀପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି।



ମହାକାଳପଡା ବ୍ଲକ ବାହାକୁଦ ଗ୍ରାମ ନିକଟ ମହାନଦୀରେ ବାଲି ପଠା ସୃଷ୍ଟି ହୋଇଛି।

## ଭାଜପା ସାଙ୍ଗଠନିକ ସଭା

# 'ଗରିବଙ୍କ କଲ୍ୟାଣ ପାଇଁ ଦଳ ସମର୍ପିତ'

ଏରସମା,୮।୪(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମସ୍ଥିତ ମା' ଉତ୍ତରେଶ୍ୱରୀ ମନ୍ଦିର ପରିସରରେ ଭାଜପା ପକ୍ଷରୁ ଶବିବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଉପସ୍ଥିତ ରହି କେନ୍ଦ୍ର ସରକାର ସାମାଜିକ ନ୍ୟାୟ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ ବୋଲି କହିଥିଲେ । ଏଥିରେ ଭାଜପା ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ ଉପସ୍ଥିତ ରହି ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଭାଜପା ନେତା ଶିବବ୍ରତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଜଗନ୍ନାଥ ସ୍ୱାଇଁ, କ୍ଷୀରୋଦ ପରିଡ଼ା, ନିର୍ଲିପ୍ତ ଜେନା, ଜଟାଧାରୀ ସ୍ୱାଇଁ, ସୁଦର୍ଶନ ମଲ୍ଲିକ, ନୃସିଂହ ସେଠୀ, ନେତ୍ରାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

ତିର୍ତ୍ତୋଲ, ୮।୪ ( ଡି.ଏନ.ଏ.)

## ଶ୍ମଶାନ ରାସ୍ତା ମାପକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ତିର୍ତ୍ତୋଲ ଥାନା କୁଜଙ୍ଗ ବ୍ଲକ ଗରେଇ ପଞ୍ଚାୟତ ଅନ୍ତର୍ଗତ ଶିରୋଳ ଗ୍ରାମରେ ଶ୍ମଶାନ ରାସ୍ତା ମାପଚୁପକୁ କେନ୍ଦ୍ରକରି ଘଟିଥିବା ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ପ୍ରସନ୍ନ ଲେଙ୍କାଙ୍କ ପୁଅ ଅନିଲ।

ସୂଚନା ମୁତାବକ, ଗ୍ରାମର ଶ୍ମଶାନ ନିକଟକୁ ଯାଇଥିବା ରାସ୍ତାର ମାପଚୁପକୁ ନେଇ ସ୍ଥାନୀୟ ଅଞ୍ଚଳର ଅଶୋକ କୁମାର ରାଉତଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଶ୍ମଶାନ ରାସ୍ତାକୁ ଲାଗି ଥିବା ଏକ ଜମିକୁ ପ୍ରସନ୍ନ ଅକ୍ତିଆର କରି ଚାଷ କରୁଥିଲେ। ମାପ ସମୟରେ ତାଙ୍କ ଅକ୍ତିଆରରେ ଥିବା ଜମି ରାସ୍ତାରେ ଥିବା ଚିହ୍ନଟ ହେବାରୁ ସେ ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ। ଏହି ଘଟଣାରେ ପ୍ରସନ୍ନ ଓ ତାଙ୍କ ପୁଅ ଅନିଲ ମିଶି ଅଶୋକଙ୍କୁ ଆକ୍ରମଣ କରି ଗୁରୁତର କରିଥିଲେ। ଏବେ ଅଶୋକ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ତାଙ୍କ ମା' ଶାନ୍ତିଲତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମର କେତେଜଣ ଲୋକ ଶୁକ୍ରବାର ରାତିରେ ଅତର୍କିତ ଭାବେ ପ୍ରସନ୍ନ ଘରେ ପଶି ଭଙ୍ଗାରୁଜା କରିବା ସହ ତାଙ୍କର ଏକ ବାଇକ୍ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଲୋକାପଡାରେ ରାମଲୀଳା ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ କଳାକାରଙ୍କ ସହ ଅତିଥି।

ଆଳି,୮।୪(ଡି.ଏନ.ଏ.)

ଆଜିର ଯୁବପିଢ଼ି ଆଧୁନିକତା ପଛରେ ଧାଇଁ କଳା, ସଂସ୍କୃତିକୁ ଭୁଲି ଯାଉଛନ୍ତି । କିନ୍ତୁ ପ୍ରତିବର୍ଷ ରାମନବମୀ ଅବସରରେ ଭଗବାନ ଶ୍ରୀରାମଙ୍କ ଜୀବନ ଚର୍ଯ୍ୟା ସମ୍ପର୍କରେ ନାଟ୍ୟ ମାଧ୍ୟମରେ ମଞ୍ଚସ୍ଥ କରି ଲୋକମାନଙ୍କୁ ପୁରାଣ କଥା ମନେ ପକେଇ ଦେଉଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଲୋକାପଡା ଗ୍ରାମର କପିଳେଶର ରାମଚରିତ ମାନସ କଳାପରିଷଦ । ପ୍ରାୟ ୧୫୦ ବର୍ଷ ପୂର୍ବେ ଆଳିର ତତ୍କାଳୀନ ରାଜା ବ୍ରଜ ସୁନ୍ଦର ଦେବ ଏହି ରାମଲୀଳା କାର୍ଯ୍ୟକ୍ରମ ଲୋକାପଡା ଗ୍ରାମରେ ଆରମ୍ଭ କରିଥିଲେ । ରାଜାଙ୍କ ଦେହାନ୍ତ ପରେ ଗ୍ରାମବାସୀଙ୍କ ସହଯୋଗରେ ସେଦିନଠାରୁ ଏହି ପୌରାଣିକ ନାଟକ ୯ ଦିନ ବ୍ୟାପୀ ମଞ୍ଚସ୍ଥ ହେଉଛି । ଏ ନେଇ ଅନୁଷ୍ଠାନର ସଭାପତି ମନୋଜ ରାୟ, ସମ୍ପାଦକ ପ୍ରଫୁଲ୍ଲ ସିଂ ଓ ନାଟ୍ୟ ନିର୍ଦ୍ଦେଶକ ସଞ୍ଜୟ ସିଂ ରାମଲୀଳା କାର୍ଯ୍ୟ ପରିଚାଳନା କରୁଥିବା ବେଳେ ଅନୁଷ୍ଠାନର ସଦସ୍ୟମାନେ ଏଥିରେ ସହଯୋଗ କରୁଥିଲେ ।

# ଉପକୂଳରେ ଅଲଚିକ ଭାଷା ବିଦ୍ୟାଳୟ ପ୍ରତିଷ୍ଠା ହେବ

ମହାକାଳପଡ଼ା,୮।୪(ଡି.ଏନ.ଏ.)

## ନିଜ ମାତୃଭାଷାରେ ପଢ଼ିବେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତିଷ୍ଠା ହେବ ଅଲଚିକେ ଭାଷା ବିଦ୍ୟାଳୟ। ଶୁକ୍ରବାର ଖରିନାଶି ପଞ୍ଚାୟତ ୧୨ ନଂ. ଆଦିବାସୀ ଗ୍ରାମରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ଲୋକମାନେ ଅଲଚିକେ ଭାଷା କଥାବାର୍ତ୍ତା କରୁଛନ୍ତି। ଏବେ ସେହି ଭାଷାରେ ପଢିବାର ସୁଯୋଗ ପାଇବେ ବୋଲି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ମତ ପ୍ରକାଶ ପାଇଛି। ଆସନ୍ତା ମେ' ୫ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ଅଲଚିକ୍ ଭାଷାରେ ପାଠପଢା ଆରମ୍ଭ ହେବ, ଉକ୍ତ ବିଦ୍ୟାଳୟରେ ନିଜ ଭାଷାରେ ଲେଖିବା, ପଢ଼ିବାର ସୁଯୋଗ ମିଳିବ। ବିଦ୍ୟାଳୟରେ ଅଲଚିକେ ଭାଷାରେ ଅଫ୍ ଲାଇନ ଓ ଅନ୍ ଲାଇନରେ ପଢ଼ିବା ସହିତ ସବୁବର୍ଗର ଲୋକମାନେ ଅଲଚିକ୍ ଭାଷାରେ ଶିକ୍ଷା ଗ୍ରହଣ କରିପାରିବେ। ଏହି ସ୍କୁଲରେ ନାମ ଲେଖାଇବା ପାଇଁ ବୟସର କୌଣସି ସୀମା ନାହିଁ। ଆବାଳବୃଦ୍ଧବନିତା ଶିକ୍ଷା ଲାଭ କରିପାରିବେ। ଏଭଳି ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ଉଦୟ ମାନିକ ଅଲ ଇତୁନ ଆଶ୍ରା ସଙ୍ଗଠନ। ଏହାକୁ ସହଯୋଗ କରିଛନ୍ତି ଗ୍ରାମର ଦୀନବନ୍ଧୁ ମୁର୍ମୁ, ଅଜି ଟୁଡୁ, ନୟନ ମାରାଣ୍ଡି, ଛୋଟରାୟ ମାଝି, ମଙ୍ଗଳ ମୁର୍ମୁ, ଉଦୟ ମାଝି, ଚନ୍ଦା ମୁର୍ମୁ, ଦକ୍ଷିଣ ମୁର୍ମୁ ଓ ଧିଲୁ ମୁର୍ମୁଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ।

# ଅଗ୍ନିକାଣ୍ଡରେ ୬ ବଖରା ଜଳିଗଲା

## ୬ଟି ଲେଖାଏ ଗାଈ, ମେଣ୍ଢା ପୋଡ଼ିଗଲେ

ବାଲିକୁଦା,୮।୪(ସ୍ୱ.ପ୍ର.)

ବାଲିକୁଦା ତହସିଲ ଅଧୀନ ଅଡ଼ଙ୍ଗା ପଞ୍ଚାୟତ ଦେବଗ୍ରାମ (ଦାଗାଁ)ରେ ଶନିବାର ଅଗ୍ନିକାଣ୍ଡ ଘଟିଛି । ଏଥିରେ ୬ ବଖରା ଜଳିଯାଇଥିବାବେଳେ ୬ଟି ଲେଖାଏ ଗାଈ ଓ ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଥିସହ ୩ ଗୋରୁ ଗୁରୁତର ହୋଇଛନ୍ତି। ଏ ସମସ୍ତ ଗୋରୁ ପ୍ରତାପ ଦାସଙ୍କର ବୋଲି ଜଣାପଡ଼ିଛି। ପ୍ରତାପଙ୍କ ସମେତ ବାସୁଦେବ ଦାସ, ରଞ୍ଜନ ଦାସଙ୍କ ୨ ବଖରା ଲେଖାଏ ପୋଡ଼ିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ମୁତାବକ, ଭୋର ସମୟରେ ଉକ୍ତ ଗାଁର ପ୍ରତାପ ଦାସଙ୍କ ଗୁହାଳରେ କୌଣସି କାରଣରୁ ନିଆଁ ଲାଗି ବାସୁଦେବ ଓ ରଞ୍ଜନଙ୍କ ଘରକୁ ବ୍ୟାପୀ ଯାଇଥିଲା। ଖବରପାଇ ବାଲିକୁଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ହେଲେ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା।



# ଥାନାରେ ଏତଲା ଦେଲା ବିଜେଡି

ପାରାଦୀପ,୮।୪(ସ୍ୱ.ପ୍ର.)

## ଅଠରବାଙ୍କୀ ବାଲିପ୍ଲଟ୍‌ରେ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

- ପୋଲିସର ତଦନ୍ତ ଆରମ୍ଭ

ପାରାଦୀପ ଅଠରବାଙ୍କୀ ବାଲିପ୍ଲଟ୍‌ରେ କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତି ଘର ଛାତ ଉପରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଗତ ଦୁଇ ଦିନ ତଳେ ଭଙ୍ଗାଯାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଶନିବାର ପାରାଦୀପ ନଗର ବିଜେଡି ପକ୍ଷରୁ ସ୍ଥାନୀୟ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦଳର ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅଭିଯୋଗରେ ଦର୍ଶାଇଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩।୧।୨୦୦୩ରେ ଏହି ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ଏହାକୁ ଭଙ୍ଗାଯିବା ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅଭିଯୋଗ ପରେ ଏଏସ୍‌ପି ନିମାଇଁ ସେଠୀ, ଥାନାଧିକାରୀ ସବ୍ୟସାଚୀ ରାଉତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଥାନାଧିକାରୀ ରାଉତ କୁହନ୍ତି, ଅଭିଯୋଗର ତଦନ୍ତ କରାଯାଉଛି। ଏହା କୌଣସି ଆପରାଧିକ ମାମଲା ନୁହେଁ। ସେପରି କିଛି ସୁରାକ୍ ମିଳିଲେ ମାମଲା ରୁଜୁ ହେବ। ଏବେ କେବଳ ଷ୍ଟେଶନ ଡାଏରୀ କରାଯାଇଛି। ଅପରପକ୍ଷେ ମୂର୍ତ୍ତି ଭଙ୍ଗାଯିବା ସମ୍ପର୍କରେ ସମିତିର ସମ୍ପାଦକ ଅଲେଖ ଚନ୍ଦ୍ର ତରାଇ କହିଛନ୍ତି, ଘରର ଛାତ ସୁରକ୍ଷା ପାଇଁ ସେହି ମୂର୍ତ୍ତିକୁ ଆଣି ରଖାଯାଇଛି। ମରାମତି କାର୍ଯ୍ୟ ଶେଷ ହେବା ପରେ ଉପଯୁକ୍ତ ସ୍ଥାନରେ ପୁଣି ସ୍ଥାପନ କରାଯିବ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଏବେ ରାଜ୍ୟସ୍ତରରେ ରାଜନେତାମାନେ ପରସ୍ପର ବିରୋଧରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି। ୧୯୯୭-୯୮ରେ ପାରାଦୀପ ବନ୍ଦର ସମ୍ପ୍ରସାରଣ ପାଇଁ ଘନଗଳିଆ ଉଚ୍ଛେଦ କରାଯାଇଥିଲା। ଘନଗଳିଆରେ ଥିବା ମତ୍ସ୍ୟ ବେପାରୀମାନଙ୍କ ଗଦିକୁ ସେତେବେଳେ ବନ୍ଦର ପ୍ରଶାସନ ଅଠରବାଙ୍କୀ କାଉଡ଼ିଆ ନଦୀ ପାଖରେ ବାଲି ପକାଇ ପ୍ଲଟ୍ କରି ଗଦି କରିଥିଲେ। ସେଥିପାଇଁ ଏହାର ନାମ ବାଲିପ୍ଲଟ୍ ହୋଇଛି। ସେହି ବାଲିପ୍ଲଟ୍‌ରେ କୈବର୍ତ୍ତମାନଙ୍କ ସଙ୍ଗଠନ କଳିଙ୍ଗ କର୍ଣ୍ଣଧାରକୁ ଏକ ଜାଗା ମିଳିଥିଲା। ସେତେବେଳେ ସମିତିର ସଭାପତି ଥିବା ସ୍ୱର୍ଗତ ଶଙ୍ଖ ବେହେରା ଏକ ୩ ମହଲାବିଶିଷ୍ଟ ଘର କରିଥିଲେ। ଘରର ଛାତ ଉପରେ ସିମେଣ୍ଟ ଓ ରଡ୍ ଦ୍ୱାରା ଏକ ଡଙ୍ଗା ତିଆରି ହୋଇଥିଲା। ନେହେରୁ ଓ ବିଜୁବାବୁଙ୍କ ଉଦ୍ୟମ ଯୋଗୁ ପାରାଦୀପ ବନ୍ଦର ପ୍ରତିଷ୍ଠା ହୋଇଥିବାରୁ ସେହି ଡଙ୍ଗା ଉପରେ ଉଭୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା।

# ଛଦ୍ମଚାଷୀ ଟାର୍ଗେଟ୍ ପୂରଣ କଲେ

ପଟ୍ଟାମୁଣ୍ଡାଇ,୮।୪(ସ୍ୱ.ପ୍ର.)

- ଧାନକିଣା ଅବଧି ସରିଲା
- ପ୍ରକୃତ ଚାଷୀ ଧାନ ଦେବାରୁ ବଞ୍ଚିତ ହେଲେ

ଚଳିତ ଖରିଫ ଋତୁ ପାଇଁ ଧାନକିଣା ଅବଧି ମାର୍ଚ୍ଚ ୩୦ରେ ଶେଷ ହେଇଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ୧୪ଟି ମଣ୍ଡିରୁ ୫୮୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୧ ଲକ୍ଷ ୭୮ ହଜାର ୪୩୬ କୁଇଣ୍ଟାଲ ୩୨ କିଲୋ ଧାନ ସଂଗ୍ରହ କରାଯାଇଥିବା ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି। ମାତ୍ର ୫୮୮୩ ଜଣ ଚାଷୀଙ୍କ ମଧ୍ୟରୁ ପ୍ରାୟ ୪୦ ଭାଗ ଚାଷୀ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ, ମିଲର, ସମବାୟ ସମ୍ପାଦକଙ୍କ ସହ ସମବାୟ କର୍ମଚାରୀ ଓ ଛଦ୍ମ ଚାଷୀମାନଙ୍କ ଅସାଧୁ ମେଣ୍ଟରେ ପ୍ରକୃତ ଚାଷୀ ବଳି ପଡିଥିବା ନେଇ ଅଭିଯୋଗ ହୋଇଛି। ଧାନ ବିକିବା ପାଇଁ ବ୍ୟାକୁଳ ହେଉଥିବା ଚାଷୀଙ୍କ ସୁଯୋଗ ନେଇ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକମାନେ ମୂଳଚାଲ କରି ଇଚ୍ଛା ମୁତାବକ ଧାନ କାଟି ସେମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ। ମାତ୍ର ସେମାନଙ୍କ ଧାନ ୧୦୦ ଭାଗ ଜାଗାରେ ୩୦ ଭାଗ କିଣା ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରି କି ଅନେକ ଚାଷୀଙ୍କ ଧାନର ୪୦ରୁ ୫୦ ଭାଗ କିଣିବା ପାଇଁ ବାଧ କରାଯାଉଥିଲା। ଯେଉଁମାନେ ସ୍ୱର ଉତ୍ତୋଳନ କରିଥିଲେ ସେମାନଙ୍କ ଧାନ ଆଜି ପର୍ଯ୍ୟନ୍ତ ଘରେ ପଡ଼ି ରହିଛି। ଆଉ କେହି କେହି ବେପାରୀଙ୍କୁ ଦେଇ ଦେଲେଣି ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ କରାଯାଇଛି।

ସଙ୍ଗଠନ ନେତା ବିଜୟ ଦାସ କହିଛନ୍ତି, ଚଳିତବର୍ଷ ଧାନ ଭଲ ହୋଇଥିଲା। ତେଣୁ ଚାଷୀମାନଙ୍କ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରାଇ ଥିଲେ। ଏହି ମୁତାବକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଟୋକନ ଦିଆଯାଇଥିଲା। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୪ଟି ସରକାରୀ ମଣ୍ଡିରେ ଧାନ କିଣା ହୋଇଥିଲା। ସେଥି ମଧ୍ୟରୁ ବଡପଡା, ଖଡିଅଣ୍ଟା, ଶ୍ୟାମସୁନ୍ଦରପୁର, ସଂସାରଫଳ, କଷଣଅଣ୍ଟା ଓ ବଡମୂଳବସନ୍ତ ସମବାୟ ସମିତିରେ ପ୍ରକୃତ ଚାଷୀଙ୍କ ଟୋକନ କାଟି ଦିଆଯାଇଥିବା ନେଇ ଅଭିଯୋଗ ହୋଇଆସୁଥିଲା। ମାତ୍ର ସମ୍ପାଦକ ସେ ଜମିକୁ ଅନ୍ୟ ଛଦ୍ମ ଚାଷୀଙ୍କ ନାମରେ କରାଇ ନିଜେ ଅନ୍ୟ ଅଞ୍ଚଳରୁ ଧାନ ଆଣି ବିକ୍ରି କରାଇଛନ୍ତି। ସମ୍ପାଦକଙ୍କ କଥାରେ ପରିଚାଳିତ ଛଦ୍ମ ଚାଷୀମାନେ ତାଙ୍କ ନାମରେ ଧାନ ଦେବା ଓ ତାଙ୍କ ଆଖି ସ୍ୱାନ କରି ସମ୍ପାଦକ ଓ ଛଦ୍ମ ଚାଷୀମାନେ ପଇସା ଉଠାଇ ନେଇଥିବା ନେଇ ଅଭିଯୋଗ ହେଉଛି। ଧାନକିଣାର ସୁପରିଚାଳନା ଲାଗି ଯେଉଁ ସ୍କ୍ୱାଡ୍ ଗଠନ ହୋଇଛି ତାହା କେବଳ ଔପଚାରିକତା ପାଇଁ ବୋଲି ସେ ଅଭିଯୋଗ କରିଛନ୍ତି। ଫଳରେ ଚାଷୀଙ୍କ ଉପରେ ଅତ୍ୟାଚାର ଜାରି ରହିଛି। ଏହାର ଏକ ଉଦାହରଣ ବଡପଡ଼ା ସମବାୟ ସମିତିରେ ଦେଖିବାକୁ ମିଳିଛି। ଏଠାରେ ୫୭୩ ଜଣ ଚାଷୀ ଧାନ ଦେବା ପାଇଁ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦୮ଜଣ ଚାଷୀ ଧାନ ଦେଇଥିବା ବେଳେ ୨୬୫ ଜଣ ଚାଷୀ ଧାନ ଦେଇ ନ ପାରି ବାହାରେ କମ୍ ଦାମରେ ବିକ୍ରି କରିଛନ୍ତି ବୋଲି ବଡ଼ପଡ଼ାର ଚାଷୀ ଦେବାଶିଷ ମଲିକ, ଦିଲୀପ ମଲିକ, ପ୍ରଶାନ୍ତ ମଲିକ, ସୁଶାନ୍ତ ମଲିକ, ବାବାଜୀ ନାୟକ, ପ୍ରଦୀପ ଦାଶଙ୍କ ସମେତ ପ୍ରାୟ ୬୦ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ଖଡିଅଣ୍ଟା ସମବାୟ ସମିତି ଅଧୀନ ଚାଷୀ ରମେଶ ସ୍ୱାଇଁ, ପାରେଶ୍ୱର ନାୟକ, ସଂସାରଫଳର ସୁଶାନ୍ତ ସାମନ୍ତରାୟ, ବସନ୍ତ ବେହେରା, ଶ୍ୟାମସୁନ୍ଦରପୁରର କଳ୍ପତରୁ ମଲିକ, ଗୌରାଙ୍ଗ ମଲିକ, କଷଣଅଣ୍ଟାରୁ ରବୀନ୍ଦ୍ର ଭଞ୍ଜ, ମୁରଲୀ ମଲିକ, ପ୍ରଶାନ୍ତ ମହାନ୍ତି, ଅଶୋକ ଦାସ, ବିକାଶ ମଲିକ ପ୍ରମୁଖଙ୍କ ଧାନ କିଣାଯାଇ ନ ଥିବା ଅଭିଯୋଗ କରିଛନ୍ତି। ସେମାନେ ଏହାର ପ୍ରତିବାଦରେ ରାଜ ରାସ୍ତାରେ ଧାନ ବସ୍ତା ରଖି ଆନ୍ଦୋଳନ କରିବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ବଡ଼ପଡ଼ା ସମବାୟ ସମିତି ସଭାପତି ଧନୁଞ୍ଜୟ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ଆମେ ଯୋଗାଣ ବିଭାଗ ପାଖରେ ୫୫ ହଜାର କୁଇଣ୍ଟାଲ ରିକ୍ୱାରମେଣ୍ଟ ରଖିଥିଲୁ। ଆମକୁ ୧୩ ହଜାର କୁଇଣ୍ଟାଲ ଧାନ ଦେବାକୁ କୁହାଗଲା। ସେଥିଲାଗି ଏପରି ହୋଇଛି ବୋଲି ସେ କହିଥିଲେ। ଏହା ଉପରେ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ଗନ୍ତାୟତଙ୍କୁ ପଚାରିବାରୁ ଏପରି କରିଥିବା ପାକ୍ସ ସମ୍ପାଦକମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।




ବଡପଡା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ।

## ସଂକ୍ଷେପରେ

### ଗିରଫଦାରି ଭୟରେ ଗାଁ ପୁରୁଷ ଶୂନ୍ୟ

**ବୋମାମାଡ଼ ପରେ ଅଶାନ୍ତ ବଡଦେଶ ହରିପୁର**

ନୟାଗଡ଼ ଅଫିସ,୮।୪: ଗିରଫଦାରୀ ଭୟରେ ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଅଧୀନ ବଡଦେଶ ହରିପୁର ଗାଁ ପୁରୁଷ ଶୂନ୍ୟ ହୋଇ ପଡିଛି । ୧ ପ୍ଲାଟୁନ ଫୋର୍ସ ଗାଁରେ ମୁତୟନ ହୋଇ ଥିବାବେଳେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଗାଡ଼ି ଘୁରି ବୁଲୁଛି । ସୂଚନାଯୋଗ୍ୟ, ଗତ ୩ ତାରିଖ ସନ୍ଧ୍ୟାରେ ମାରପିଟ୍ ଓ ବୋମାମାଡ଼ ପରେ ଅଶାନ୍ତ ହୋଇ ରହିଛି ହରିପୁର। ଗାଁ ଗଣ୍ଡଗୋଳକୁ ନେଇ ୨ମାମଲାରେ ୨ଜଣ ଗିରଫ ହୋଇ ସାରିଲେଣି । ତଥାପି ଉତ୍ତେଜନା ବଢ଼ି ଚାଲିଛି । ସେଥିପ୍ରତି ପୋଲିସ ସତର୍କ ଦୃଷ୍ଟି ରଖିଛି ।

### ନାବାଳିକା ଅପହରଣ ଅଭିଯୋଗ

ଗୋପାଳପୁର,୮।୪(ଡି.ଏନ.ଏ.): ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ଗ୍ରାମର କୃଷ୍ଣ ବେହେରାଙ୍କ ନାବାଳିକା ଝିଅଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କେଶ ନଂ ୧୯୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗତ ୫ ତାରିଖରେ କୋଣସି କାମରେ କୃଷ୍ଣଙ୍କ ପରିବାର ବାହାରକୁ ଯାଇଥିବା ବେଳେ ନାବାଳିକା ଝିଅ ଘରେ ଏକା ଥିଲେ। ସନ୍ଧ୍ୟାରେ କୃଷ୍ଣ ଘରେ ପହଞ୍ଚି ଦେଖିବା ବେଳେ ଝିଅ ନଥିଲା। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ ପାଇ ନଥିଲେ। ଏ ନେଇ କୃଷ୍ଣ ଶନିବାର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ଉଦ୍ଧାର ପାଇଁ ପୋଲିସର ଏକ ଟିମ ଗଠନ ହୋଇଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### କାଜୁ ଜମିରେ ୧୪୪ ଧାରା

କାଶୀନଗର, ୮।୪: ଗଜପତି ଜିଲା କାଶୀନଗର ବ୍ଲକ ଖାଣ୍ଡବା ପଞ୍ଚାୟତ ଅନ୍ତର୍ଗତ ଅରମଡ଼ା ଗ୍ରାମାଞ୍ଚଳରେ କାଜୁ ଚାଷ କରାଯାଇଥିବା ଜମିକୁ କେନ୍ଦ୍ର କରି ଦୀର୍ଘ ଦିନ ହେଲା ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଚଳିତ ବର୍ଷ ମଧ ବିବାଦ ଓ ସମ୍ଭାବ୍ୟ ଗଣ୍ଡଗୋଳକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ସ୍ଥାନୀୟ ତହସିଲଦାର ମାଜିଷ୍ଟ୍ରେଟ କ୍ଷମତା ସହ ଉକ୍ତ ଅଞ୍ଚଳକୁ ଯାଇ ବିବାଦୀୟ ଜମିର ସୀମା ନିର୍ଦ୍ଧାରଣ କରିଥିଲେ। ଆଇଆଇସି ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ପହଞ୍ଚିଥିଲେ। ତୋଳା ଯାଇଥିବା କାଜୁ ଆରଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ବିକ୍ରିଲବ୍ଧ ଅର୍ଥ ରାଜକୋଷକୁ ଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

କବିସୂର୍ଯ୍ୟନଗର,୮।୪(ଡି.ଏନ୍.ଏ.)-ବାଲିଛାଇ ଫାଣ୍ଡି ପୋଲିସ ଭାଟଖାଲି କଅଁାଧାଡ଼ିରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ପୋଲସରା ବ୍ଲକ ରୁମାଗଡ଼ ପଞ୍ଚାୟତ ଭାଟଖାଲିର ନାରାୟଣ ନାହାକ ଶୁକ୍ରବାର ରାତିରୁ ଘରକୁ ଫେରି ନ ଥିଲେ। ଶନିବାର ଗ୍ରାମବାସୀ ଭାଟଖାଲି କଅଁାଧାଡିରେ ଥିବା ଏକ ଆମ୍ବଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ବାଲିଛାଇ ଓ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲ ପଠାଇଛି। ମୃତକଙ୍କ ବାପା ନୀଳ ନାହାକ ପୁଅକୁ କେହି ହତ୍ୟା କରିଥିବା କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବାଳିବଧ, ସୁଗ୍ରୀବଙ୍କ ଅଭିଷେକ



ବାଳି,ସୁଗ୍ରୀବ ଯୁଦ୍ଧ।



ବାଳି ବଧ।

ଦଶପଲ୍ଲା,୮।୪(ଡି.ଏନ.ଏ.)

ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ଶନିବାର ଦଶମ ଦିନରେ ବାଳି ବଧ ଓ ସୁଗ୍ରୀବ ଅଭିଷେକ ମଞ୍ଚସ୍ଥ ହୋଇଥିଲା । ପୂର୍ବାହ୍ନରେ ଶ୍ରୀ ରଘୁନାଥ ଜୀଉ ଏବଂ ମହାବୀରଦେବଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହେବା ପରେ ରାତିରେ ମନ୍ଦିର ସମ୍ମୁଖସ୍ଥ ରଙ୍ଗମଞ୍ଚରେ କଳାକାରମାନଙ୍କ ଦ୍ୱାରା ରାମଲୀଳା ମଞ୍ଚସ୍ଥ କରାଯାଇଥିଲା । ସୀତାଙ୍କ ସନ୍ଧାନରେ ଦକ୍ଷିଣ ଦିଗକୁ ପ୍ରଭୂ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଗ୍ରସର ଯାଇଥିଲେ । କିଷ୍କିନ୍ଧା ରାଜ୍ୟରେ ପ୍ରବେଶ ସମୟରେ ପ୍ରବଳ ପରାକ୍ରମୀ ବାନର ରାଜା ବାଳୀଙ୍କ ପ୍ରଭାବରେ ସାନ ଭାଇ ସୁଗ୍ରୀବ ରୁଷ୍ୟମୁକ ପର୍ବତରେ ଆତ୍ମ ଗୋପନ କରିଥିଲେ । କପିରାଜ ସୁଗ୍ରୀବଙ୍କ ସହିତ ଜାମ୍ବବାନ ହନୁମାନ, ସୁଷେଣ, ଅଙ୍ଗଦ, ନଳ, ନୀଳ, ଗବୟ ଓ ଗବାକ୍ଷ ଆଦି ଅଷ୍ଟସେନା ଥିଲେ । ସେମାନେ ଋଷ୍ୟମୁକ ପର୍ବତ ଉପରୁ ନୀରିକ୍ଷଣ କରି ୨ଭାଇଙ୍କୁ ଗୁପ୍ତଚର ମନେକରି ମହାପରାକ୍ରମୀ ଚତୁର ହନୁମାନଙ୍କୁ ବ୍ରାହ୍ମଣ ବେଶରେ ପଠାଇଥିଲେ । ହନୁମାନ

### ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

ରାମ ଲକ୍ଷ୍ମଣଙ୍କୁ ଚିହ୍ନିପାରି ଦୁଇ ଭାଇଙ୍କୁ କାନ୍ଧରେ ବସାଇ ସୁଗ୍ରୀବଙ୍କ ପାଖରେ ପହଞ୍ଚାଇବା ପରେ ମୈତ୍ରୀର ମହାମିଳନ ହୋଇଥିଲା । ଏହାପରେ ସୁଗ୍ରୀବ ମହାବଳୀ ବାଳୀଙ୍କୁ କର୍ମ ବିଷୟରେ ପ୍ରଭୁ ଶ୍ରୀରାମଙ୍କୁ ଅବଗତ କଲାପରେ, ପ୍ରଭୂ ଶ୍ରୀରାମ ବାଳୀବଧ କରିବାକୁ ଶପଥ ନେଇଥିଲେ । ପ୍ରଭୁ ଶ୍ରୀରାମଙ୍କ ବୀରତ୍ୱ ଉପରେ ସୁଗ୍ରୀବଙ୍କ ସନ୍ଦେହ ହେବାରୁ, ପ୍ରଭୁ ସୁଗ୍ରୀବଙ୍କ ସଙ୍କା ଦୂର କରିବା ପାଇଁ ଦୁନ୍ଦୁଭି ଅସ୍ଥି ନିକ୍ଷେପଣ ଓ ଶପ୍ତ ଶଳାକା ଛେଦନ କରବାପରେ, ମହାବୀର ବାନରରାଜ ବାଳୀଙ୍କୁ ବଧକରି ସୁଗ୍ରୀବଙ୍କୁ କିଷ୍କିନ୍ଧା ରାଜ୍ୟରେ ଅଭିଷିକ୍ତ କରିଥିଲେ ପ୍ରଭୁ ଶ୍ରୀରାମ । ଏହାପରେ ସୀତା ଠାବ ପାଇଁ ଅଷ୍ଟମଲ୍ଲଙ୍କ ସହିତ ମନ୍ତ୍ରଣାକରି ବିଭିନ୍ନ ଦିଗକୁ ମଲ୍ଲମାନଙ୍କୁ ପ୍ରେରଣ କରିବା ନିଷ୍ପତ୍ତି ଗ୍ରହଣ କରାଯିବା ଅଭିନୟ ମୁଖ୍ୟ ମଞ୍ଚରେ ଅନୁଷ୍ଠିତ ହୋଇଥିଲା ।



ସୁଗ୍ରୀବଙ୍କୁ ଅଭିଷେକ କରାଯାଉଛି ।

# ତାରସିଂ ରେଞ୍ଜରେ ଦନ୍ତା ଆତଙ୍କ, ଲୋକେ ଭୟଭୀତ

ଭଞ୍ଜନଗର,୮।୪(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ତାରସିଂ ରେଞ୍ଜରେ ଗୋଟିଏ ଦନ୍ତା ହାତୀ ଆଜକୁ ପ୍ରାୟ ୧୫ଦିନ ହେବ ଆତଙ୍କ ଚଳାଇଛି। ବିଳମ୍ବିତ ରାତି ହେଲେ ଜଙ୍ଗଲରୁ ବାହାରି ନିକଟବର୍ତ୍ତି ଗ୍ରାମଗୁଡ଼ିକରେ ପଶି ଘରର କବାଟ ବାଡ଼େଇ ଭାଙ୍ଗି ଦେଉଛି । ଘରେ ଯାହା ଖାଦ୍ୟ ପଦାର୍ଥ ଥିବ ତାହାକୁ ଖାଇ ଦେଉଛି। ଗୁରୁବାର ରାତିରେ ଟିଙ୍ଗିଗୋଛାରେ ଏହିଭଳି ଆତଙ୍କ କରିଥିଲା। ଏହାପୂର୍ବରୁ ଉକ୍ତ ଦନ୍ତାହାତୀଟି କନ୍ଧସାରଲା, କନ୍ଧନବଗୋଛା, ଗ୍ରାମଦେବତୀ, ମାଣପୁର, ଟିନିଛକିଆ, ବାରଦଣ୍ଡା, ଶିଶୁଣ୍ଡା, ମାଟିଗାଡ଼ିଆ ପ୍ରମୁଖ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ଦନ୍ତାହାତୀ ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବର୍ତ୍ତମାନ ଦନ୍ତାଟି ଘର ଭାଙ୍ଗିବା ସହ ଫସଲ କ୍ଷତି କରୁଥିଲେ ମଧ ଭବିଷ୍ୟତରେ ଲୋକଙ୍କ ଜୀବନ ପ୍ରତି ବିପଦ ଅଛି । ଅନ୍ୟପଟେ ବନ ବିଭାଗ ଉକ୍ତ ଦନ୍ତାକୁ ନିୟନ୍ତ୍ରଣ କରିପାରୁନାହିଁ। ତାରସିଂ ରେଞ୍ଜର ତାରାକାନ୍ତ ଉଦ୍‌ଗାତା ଆଜକୁ ୫ମାସ ହେବ ବ୍ୟକ୍ତିଗତ କାରଣ ଦର୍ଶାଇ ଛୁଟିରେ ପଳାଇଛନ୍ତି। ତାଙ୍କ ସ୍ଥାନରେ ଜଣେ ଡେ଼ପୁଟି ରେଞ୍ଜର କୃତିବାସ କୁମାରଙ୍କୁ ଦାୟିତ୍ୱ ଦିଆଯାଇଛି । ସେ ହାତୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି। ତେଣୁ ଡିଏଫଓ ଇତିମଧ୍ୟରେ ୨ଜଣ ଡେ଼ପୁଟି ରେଞ୍ଜର, ଜଣେ ବନପାଳ, ୨ଜଣ ବନରକ୍ଷୀଙ୍କୁ ପୁଣି ଉକ୍ତ ରେଞ୍ଜକୁ କେବଳ ହାତୀକୁ ନିୟନ୍ତ୍ରଣ କରିବା ପାଇଁ ଡେ଼ପୁଟେସନରେ ପଠାଇଛନ୍ତି। କିନ୍ତୁ କର୍ମଚାରୀମାନେ ଗୋଟିଏ ପଟେ ହାତୀକୁ ଜଗୁଥିବା ବେଳେ ହାତୀ ଆଉ ଗୋଟେ ପଟେ ବାହାରିଯାଉଛି। ଶୁକ୍ରବାର ସୁଧା ଏହି ବନଖଣ୍ଡରେ ୪୦ରୁ ଉର୍ଦ୍ଧ୍ୱ ହାତୀ ଥିବା ଅନୁମାନ କରାଯାଉଛିଦ୍। .ଏନେଇ ଡେ଼ପୁଟି ରେଞ୍ଜର କୃତିବାସ କୁମାର କହିଛନ୍ତି ଯେ, ହାତୀ ସେଭଳି କିଛି ବଡ଼ଧରଣର କ୍ଷତି କରିନାହିଁ । ତେଣୁ କାହାକୁ କ୍ଷତିପୂରଣ ଦେବା ଯୋଜନା ନାହିଁ। ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ସଚେତନତା କରାଯାଉଛି। ହାତୀର ଗତିବିଧି ଜାଣିବା ପାଇଁ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯାଉଛି।



ଆତଙ୍କ କରୁଥିବା ଦନ୍ତାହାତୀ ।

### ଆହତ ମାନସିକ ରୋଗୀଙ୍କୁ ଚିକିତ୍ସା କରାଇଲେ ପୋଲିସ

ଜଗନ୍ନାଥପ୍ରସାଦ,୮।୪(ଡି.ଏନ୍.ଏ.)

ଜଣେ ମାନସିକ ରୋଗାଗ୍ରସ୍ତ ବ୍ୟକ୍ତି ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ତାଙ୍କୁ ଉଦ୍ଧାର କରି ପୋଲିସ ଟିମ୍ ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୋଲିସ ଟିମ ପାଟ୍ରୋଲିଂ କରୁଥିବା ସମୟରେ କମସରଗଡ଼ ଗ୍ରାମ ନିକଟ ରାସ୍ତା କଡରେ ରକ୍ତାକ୍ତ ଅବସ୍ଥାରେ ଜଣେ ମାନସିକ ରୋଗାଗ୍ରସ୍ତ ବ୍ୟକ୍ତି ପଡ଼ିଥିବା ଦେଖିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖି ତାଙ୍କୁ ପୋଲିସ ଟିମ୍ ପାଟ୍ରୋଲିଂ ଗାଡ଼ିରେ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଇ ତାଙ୍କୁ ସଫା ସୁତୁରା କରିବା ସହ ତା'ର ଚୁଟି ଓ ଦାଢ଼ିକୁ କାଟି ନୂତନ ପୋଷାକ ଓ ଖାଦ୍ୟ ଦେଇ ସେ ରହୁଥିବା ଗ୍ରାମରେ ଛାଡ଼ିଥିଲେ। ସବଇନ୍ସପେକ୍ଟର ନିରଞ୍ଜନ ଦାସ, କନେଷ୍ଟବଳ ରଞ୍ଜନ କୁମାର ଆଚାର୍ଯ୍ୟ, ଅମର ତରେଇ, ଓପିଏଫ ଜଗନ୍ନାଥ ପାତ୍ର, ବିନୟ ରଇତ ପ୍ରମୁଖ ପୋଲିସ ଟିମ୍‌ରେ ସାମିଲ ଥିଲେ।

# ନୂଆଗାଁ ରେଳଷ୍ଟେଶନରୁ ନାବାଳିକା ଉଦ୍ଧାର

ନୂଆଗାଁ,୮।୪ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ ରେଳ ଷ୍ଟେଶନରୁ ଶନିବାର ଜଣେ ନାବାଳିକାଙ୍କୁ ଚାଇଲ୍ଡ ଲାଇନ ସଦସ୍ୟମାନେ ଉଦ୍ଧାର କରିଛନ୍ତି । ନାବାଳିକା ଜଣକ ଉତ୍ତର ପ୍ରଦେଶ ପ୍ରୟାଗରାଜର ବୋଲି ଜଣାପଡିଛି। ଶୁକ୍ରବାର ରାତିରେ ପୁରୀରୁ ନୂଆଗାଁ ଆସୁଥିବା ଟ୍ରେନରେ ଜଣେ ନାବାଳିକା ଆସି ସ୍ଥାନୀୟ ଷ୍ଟେଶନରେ ଓହ୍ଲାଇଥିଲେ । ଏହାପରେ ସେ ସେହି ଷ୍ଟେଶନରେ ବୁଲୁଥିବା ଦେଖିବାକୁ ମିଳିଥିଲା । ନୂଆଗାଁ ଆରପିଏଫ୍ ନାବାଳିକାଙ୍କୁ ଦେଖି ଷ୍ଟେଶନରେ ବସାଇବା ସହ ଚାଇଲ୍ଡ ଲାଇନ-୧୦୯୮କୁ ଖବର ଦେଇଥିଲେ । ଖବର ପାଇ ନୟାଗଡ଼ ଚାଇଲଡ ଲାଇନ୍ ଟିମ୍ ନୂଆଗାଁ ଷ୍ଟେଶନରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର ପରେ ତାଙ୍କୁ ସଖୀ କେନ୍ଦ୍ରରେ ରଖିବାର ବ୍ୟବସ୍ଥା କରିଥିଲେ । ନାବାଳିକା ଜଣଙ୍କୁ ପଚାରାଉଚରା କରିବାରୁ ସେ ଉତ୍ତରପ୍ରଦେଶ ପ୍ରୟାଗରାଜର ବୋଲି ଜଣାପଡିଛି । ନୂଆଗାଁ ଷ୍ଟେଶନମାଷ୍ଟର ସରୋଜ ରାଉତ, ଆରପିଏଫ୍ ସୁବ୍ରତ ମହାରଣା, ନୟାଗଡ଼ ଚାଇଲଡ ଲାଇନ କାଉନସିଲର ଚନ୍ଦ୍ର ଶେଖର ବେହେରା ଓ ସୁଜାତା ବେହେରା ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ।

# ଶୂନ୍ୟ ମୃତ୍ୟୁ ସପ୍ତାହ, ଧରାପଡ଼ିଲେ ୧୩ ନିଶାସକ୍ତ ଚାଳକ

ବ୍ରହ୍ମପୁର ଅଫିସ,୮।୪

- ୭ ଦିନରେ ୧୪.୩୪ ଲକ୍ଷ ଜରିମାନା
- ୬୧ ଡିଏଲ୍ ରଦ୍ଦ ପାଇଁ ସୁପାରିସ

ଏପ୍ରିଲ ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯାଇଛି। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ବ୍ରହ୍ମପୁର ସହରରେ ମଧ ଟ୍ରାଫିକ୍ ପୋଲିସ ତରଫରୁ ବିଭିନ୍ନ ସ୍ଥାନରେ ଯାଞ୍ଚ ହୋଇଥିଲା । ଏହି ୭ଦିନର ଯାଞ୍ଚ ବେଳେ ୧୪ଲକ୍ଷ ୩୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ସପ୍ତାହରେ ୧୩ ଜଣ ନିଶାସକ୍ତ ଗାଡ଼ି ଚାଳକଙ୍କୁ ଟ୍ରାଫିକ୍ ପୋଲିସ ଧରିଛି। ସେହିପରି ମୋଟ ୬୧ଜଣ ଅମାନିଆ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ରଦ୍ଦ ପାଇଁ ପରିବହନ ବିଭାଗକୁ ସୁପାରିସ କରାଯାଇଥିବା ସୂଚନା ଦିଆଯାଇଛି। ଟ୍ରାଫିକ୍ ଥାନା ତରଫରୁ ଗତ ୧ତାରିଖରେ ୨ଲକ୍ଷ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨ତାରିଖରେ ୧ଲକ୍ଷ ୯୩ହଜାର, ୩ରେ ୨ଲକ୍ଷ ୧୨ହଜାର, ୪ରେ ୧ଲକ୍ଷ ୯୫ହଜାର, ୫ରେ ୨ଲକ୍ଷ ୫ହଜାର, ୬ରେ ୨ଲକ୍ଷ ୮ହଜାର ଓ ୭ତାରିଖରେ ୨ଲକ୍ଷ ୧୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି।

# ଗଞ୍ଜାମର ୧୦୬୫୩ ଚାଷୀ ଧାନ ବିକି ପାରିଲେନି

ଛତ୍ରପୁର,୮।୪(ଡି.ଏନ୍.ଏ)

ଗଞ୍ଜାମ ଜିଲାରେ ଚଳିତ ବର୍ଷ ୧୦ ହଜାର ୬୫୩ ଜଣ ପଞ୍ଜୀକୃତ ଚାଷୀ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି । ମାର୍ଚ୍ଚ ୩୧ ତାରିଖରେ ଗଞ୍ଜାମ ଜିଲାରେ ଧାନ କିଣା ପ୍ରକ୍ରିୟା ସରିଛି । କିନ୍ତୁ ଧାନ କିଣା ଲକ୍ଷ୍ୟ ପୂରଣ କରିବାରେ ପ୍ରଶାସନ ଫେଲ୍ ମାରିଛି। ସୂଚନାଯୋଗ୍ୟ, ଗତ ୨୦୨୧-୨୨ରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୨୬ ହଜାର ୩୪୩ ଜଣ ଚାଷୀ ଧାନ ବିକି ପାରିନଥିଲେ । ଠିକ୍ ସମୟରେ ଧାନ କିଣା ଟାର୍ଗେଟ ଆସୁନଥିବା, ଟୋକେନ୍ ଲ୍ୟାପ୍ସ ହେବା ଏବଂ ପ୍ରଥମ ପର୍ଯ୍ୟାୟରୁ ବଡ ଚାଷୀମାନଙ୍କ ଠାରୁ ଧାନ କିଣାଯାଉଥିବାରୁ ବହୁ ଛୋଟ ଚାଷୀ ନିଜ ଧାନ ବିକିପାରିନାହାନ୍ତି । ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଏସବୁ କାରଣ ଦର୍ଶାଇ ଏହାକୁ ଦାୟୀ କରିଛନ୍ତି। ଏପରିକି ୨୦ଟି ପ୍ୟାକ୍ସ ଓ ମହିଳାସଂଘ ଆଦୌ ଧାନ କିଣିନାହାନ୍ତି। ମିଳିଥିବା ସୂଚନା ଅନୁସାରେ, ୩୬୫ ପ୍ୟାକ୍ସ, ୧୦୪ ଏସ୍ଏଚ୍‌ଜି ଓ ଗୋଟିଏ ପାଣି ପଞ୍ଚାୟତ ପକ୍ଷରୁ ଜିଲାର ୧ ଲକ୍ଷ ୨୦ ହଜାର ୫୮୪ ଜଣ ଚାଷୀଙ୍କ ଠାରୁ ୫୧ଲକ୍ଷ ୨୬ ହଜାର ୫୩.୬୨ କ୍ୟୁଇଣ୍ଟାଲ ଧାନ କିଣାଯାଇପାରିଥିଲା । ସରକାରଙ୍କୁ ଧାନ ବିକିବା ପାଇଁ ଚଳିତ ବର୍ଷ ଗଞ୍ଜାମ ଜିଲାର ୧ ଲକ୍ଷ ୩୧ ହଜାର ୨୩୮ଜଣ ଚାଷୀ ଅନଲାଇନ୍‌ରେ ପଞ୍ଜୀକୃତ ହୋଇଥିଲେ। ଏହି ଧାନ କିଣା ପ୍ରକିୟାରେ ଜିଲାର ୩୬୪ ମିଲର ମଧ ସାମିଲ ହୋଇଥିଲେ। ଆହୁରି ଜଣାଯାଇଛି ଯେ ପ୍ୟାକ୍ସକୁ ଦିଆଯାଇଥିବା ଲକ୍ଷ୍ୟ ଅନୁସାରେ ୧ ଲକ୍ଷ ୯ ହଜାର ୫୬ ଜଣ ଚାଷୀଙ୍କ ଠାରୁ ଧାନ କିଣିବା କଥା। ମାତ୍ର ପ୍ୟାକ୍ସଗୁଡିକ ୯୯ ହଜାର ୮୮୩ ଜଣ ଚାଷୀଙ୍କ ଠାରୁ ୪୨ ଲକ୍ଷ ୮୭ ହଜାର ୬୨୭.୪୩ କ୍ୟୁଇଣ୍ଟାଲ ଧାନ କିଣିପାରିଥିଲେ। ସେହିପରି ୧୦୪ ମହିଳା ସଂଘଗୁଡିକୁ ୨୨ ହଜାର ୭୪ ଜଣ ଚାଷୀଙ୍କଠାରୁ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା। ସେଥିରୁ ୨୦ ଜହାର ୫୯୪ଜଣ ଚାଷୀଙ୍କ ଠାରୁ ୮ ଲକ୍ଷ ୩୪ ହଜାର ୯୮୧.୩୬ କ୍ୟୁଇଣ୍ଟାଲ ଧାନ କିଣାଯାଇଛି। ଗୋଟିଏ ପାଣି ପଞ୍ଚାୟତକୁ ୧୦୭ ଜଣ ଚାଷୀଙ୍କ ଠାରୁ ଧାନ କିଣିବାକୁ ଲକ୍ଷ୍ୟ ଦିଆଯାଇଥିଲା । ସେଥିରୁ ୧୦୬ ଜଣ ଚାଷୀଙ୍କ ଠାରୁ ୩ ହଜାର ୪୦୯.୧୫ କ୍ୟୁଇଣ୍ଟାଲ ଧାନ କିଣାଯାଇଥିଲା ।

# ନାବାଳିକା ଅପହରଣକାରୀ ଗିରଫ

ବ୍ରହ୍ମପୁର ଅଫିସ,୮।୪



ଗିରଫ ଅଭିଯୁକ୍ତ ।

ଜଣେ ନାବାଳିକା ଅପହରଣକାରୀଙ୍କୁ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସଦର ଥାନା ଅନ୍ତର୍ଗତ ପତିତପାବନପୁର ଗ୍ରାମର ଶଙ୍କର ଦାସ(୨୩)। ମାମଲା ନମ୍ବର ୧୧୨/୨୩ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

ପ୍ରକାଶ ଯେ, ବଡବଜାର ଥାନା ଅଞ୍ଚଳରେ ରହୁଥିବା ଗୋଟିଏ ପରିବାର ସହ ଶଙ୍କରଙ୍କ ଭଲ ସମ୍ପର୍କ ରହିଥିଲା। ସେ ତାଙ୍କ ଘରକୁ ଯିବା ଆସିବା କରିବା ସହ ବେଳେବେଳେ କେତେକ କାମରେ ସାହାଯ୍ୟ କରିଥାନ୍ତି। ଗତ ୫ ତାରିଖରେ ନାବାଳିକାଙ୍କ ବାପାଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁ ମା' ହସ୍ପିଟାଲ ଯାଇଥିଲେ। ଉକ୍ତ ଦିନ ସନ୍ଧ୍ୟାରେ ଶଙ୍କର ନାବାଳିକାଙ୍କ ଘରେ ପହଞ୍ଚି ନିଜ ଗାଡ଼ିରେ ତାଙ୍କୁ ହସ୍ପିଟାଲ ନେବାକୁ କହିଥିଲେ। ହେଲେ ଶଙ୍କର ହସ୍ପିଟାଲ ନେବା ପରିବର୍ତ୍ତେ ତାଙ୍କ ଭଉଣୀ ଘରକୁ ନେଇଥିଲେ। ନାବାଳିକାଙ୍କ ବାପା ଓ ମା' ହସ୍ପିଟାଲରୁ ଫେରି ଝିଅକୁ ଘରେ ନ ପାଇ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଶଙ୍କର ନାବାଳିକାଙ୍କୁ ତାଙ୍କ ଭଉଣୀ ଘରେ ରଖି ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନାବାଳିକା ଜଣଙ୍କ ସେଠାରେ କାନ୍ଦି ଥିଲେ। ଶଙ୍କରଙ୍କ ଭଉଣୀ ନାବାଳିକାଙ୍କୁ ନେଇ ତାଙ୍କ ବାପାଙ୍କ ଘରେ ଛାଡିବାକୁ ଭାଇକୁ କହିଥିଲେ। ପରେ ଶଙ୍କର ନାବାଳିକାଙ୍କୁ ତାଙ୍କ ବାପା ଘରେ ଛାଡ଼ି ଚାଲିଯାଇଥିଲେ। ପରେ ନାବାଳିକାଙ୍କ ମା' ଝିଅକୁ ନେଇ ବଡବଜାର ଥାନାରେ ପହଞ୍ଚିଥିଲେ। ପୋଲିସ ପୀଡ଼ିତାଙ୍କ ବୟାନକୁ ଆଧାର କରି ଶଙ୍କରଙ୍କୁ ଗିରଫ କରିଥିଲା।

# ନୟାଗଡ଼ ଜିଲାରେ ଦୁର୍ଘଟଣାଜନିତ ମୃତାହତ ଶୂନ

ନୟାଗଡ଼ ଅଫିସ,୮।୪

- ୧୧ ଲକ୍ଷ ୫୭ ହଜାର ଟଙ୍କା ଜରିମାନା ଆଦାୟ
- ଯାଞ୍ଚ ବନ୍ଦ ପରେ ଆଶ୍ୱସ୍ତ ହେଲେ ଗାଡ଼ି ଚାଳକ

ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିବା ପରେ ସରକାର ଓଡ଼ିଶା ଦିବସରୁ ୭ ଦିନ ଅର୍ଥାତ୍ ଏପ୍ରିଲ୍ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳନ କରିଥିଲେ । ଦୁର୍ଘଟଣା ଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳନ ଅବସରରେ ହେଲମେଟ, ମଦ୍ୟପାନକରି ଗାଡ଼ି ଚାଳନା, ସିଟ୍‌ବେଲ୍ଟ ଧରପଗଡ଼, ଓଭର ସ୍ପିଡ, ଓଭରଲୋଡ, ନାବାଳକ ଗାଡ଼ି ଚାଳନା, ଗାଡ଼ି ଚାଳନାବେଳେ ମୋବାଇଲରେ କଥାବାର୍ତ୍ତା ଧରପଗଡ଼ ଚାଲିବା ପରେ ସାଧାରଣରେ ଭୟ ସଞ୍ଚାର ହୋଇଥିଲା । ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ ପରେ ନୟାଗଡ଼ ଜିଲାରେ ଏହାର ସଫଳତା ମିଳିଛି । ୭ଦିନ ଭିତରେ ସଡ଼କ ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି । ତେବେ ୭ଦିନ ଭିତରେ ୧୧ ଲକ୍ଷ ୫୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି । ଏହି ସପ୍ତାହ ଶେଷ ପରେ ସାଧାରଣରେ ଆଶ୍ୱସ୍ତି ଦେଖିବାକୁ ମିଳିଛି । ଶନିବାର ସଡ଼କରେ ପୂର୍ବ ଅବସ୍ଥା ଫେରି ଆସିଛି ।

ଅନ୍ୟପକ୍ଷେ ଓଭର ସ୍ପିଡରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କେବଳ ୧୫୧ଟି ଚାଲାଣ କଟା ଯାଇଛି । ହେଲମେଟ ନ ପିନ୍ଧି ବାଇକ ଚାଳନାରେ ମୋଟରେ ୧୧୨୯ ଚାଲାଣ କଟା ଯାଇଛି । ସିଟ୍ ବେଲ୍ଟ ନ ପିନ୍ଧି ଗାଡି ଚାଳନାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ୧୧୨ଟି ଚାଲାଣ କାଟିଛି । ମୋବାଇଲ ଫୋନ ବ୍ୟବହାର କରି ଗାଡ଼ି ଚାଳନା କରୁଥିବାବେଳେ ୬୩ ଚାଲାଣ କଟା ଯାଇଛି । ମଦ୍ୟପାନକରି ଗାଡ଼ି ଚାଳନା କରୁଥିବାବେଳେ ପୋଲିସ ୩ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୧୩ଟି ଏପରି ମୋଟ୍‌ରେ ୧୬ ଚାଲାଣ କଟା ଯାଇଛି । ଗାଡ଼ିରେ ଅଧିକ ଯାତ୍ରୀ ନେବାରେ ପୋଲିସ ୧ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ୪ଟି ଏପରି ମୋଟରେ ୫ ଚାଲାଣ କଟାଯାଇଛି । ଓଭର ଲୋଡରେ କେବଳ ଆଞ୍ଚଳିକ ପରିବହନ କାର୍ଯ୍ୟାୟ ୩ଟି ଚାଲାଣ କାଟିଛି । ସେହିପରି ବାଇକ୍‌ରେ ୩ଜଣ ବସି ଗାଡ଼ି ଚାଳନା କରି ଯାଉଥିବାବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୨୨ ଓ ପୋଲିସ ପକ୍ଷରୁ ୧୨୨ ଏପରି ମୋଟରେ ୧୪୪ ଚାଲାଣ କଟା ହୋଇଛି । ଭୁଲ ରାସ୍ତାରେ ଗାଡ଼ି ଚାଳନା କରି ପୋଲିସ ୧୭ଜଣଙ୍କ ଚାଲାଣ କାଟିଛି । ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବେଆଇନ ଭାବେ ପାର୍କିଂ କରି ପୋଲିସ ୨୪ ଜଣଙ୍କ ଚାଲାଣ କାଟି ପାରିଛି । ୨୪ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଛି । ୪ ନାବାଳକଙ୍କୁ ଧରାଯାଇ ୨୫ ହଜାର ଲେଖାଏଁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି । ପୋଲିସ ମୋଟ୍‌ରେ ୭୩୮ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୯୯୯ ଏପରି ମୋଟରେ ୧୭୩୭ ଚାଲାଣ କଟା ଯାଇଛି । ଅପରପକ୍ଷେ ୯ ବ୍ଲାକ ସ୍ୱଷ୍ଟ ପ୍ରଚାର ପରେ ଭୟ ଦେଖା ଦେଇଛି । ସମ୍ପୃକ୍ତ ଅଞ୍ଚଳ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ବୁଗୁଡା, ଟାକେରା, ଏସ.ଆର. ପେଟ୍ରୋଲ ପମ୍ପ ଓ ସୁବଳୟା, ନୂଆଗାଁ ଥାନାର ଲୁଣିସରା ଓ ସମ୍ପଡା, ନୟାଗଡ଼ ସଦର ଥାନାର ଶିମଳିସାହି, ଇଟାମାଟି ଥାନାର ଇଟାମାଟି ସିନେମାହଲ ଛକଠାରୁ ଖୁସି ଢ଼ାବା ପର୍ଯ୍ୟନ୍ତ ଓ ପଣ୍ଡୁସରଠାରୁ ହରେକୃଷ୍ଣପୁର ପର୍ଯ୍ୟନ୍ତରେ ଚାଳକମାନେ ଗାଡ଼ି ଧିରେ ଚଳାଉଥିବା ପରିଲକ୍ଷିତ ହେଉଛି । ଏନେଇ ଆରଟିଓ ପ୍ରଶାନ୍ତ ପରିଡ଼ା କୁହନ୍ତି ଦୁର୍ଘଟଣା ଜନିତ ମୃତ୍ୟୁଶୂନ୍ୟ ସପ୍ତାହରେ ଗଣମାଧ୍ୟମର ସହଯୋଗରୁ ଦୁର୍ଘଟଣାରେ ମୃତକ ସଂଖ୍ୟା ଶୂନ୍ୟ ହୋଇଗଲା । ପୋଲିସ ଓ ଆରଟିଓ ପକ୍ଷରୁ ଧରପଗଡ଼ ପରେ ସଡ଼କ ଯାତ୍ରାରେ ଶୃଙ୍ଖଳା ଆସିଛି ।



ଜଣେ ଗାଡ଼ି ଚାଳକ ନିଶାସକ୍ତ କି ନୁହେଁ ଯାଞ୍ଚ କରାଯାଉଛି ।

# ସୁସ୍ଥ ସମାଜକୁ ନେଇ ସୁସ୍ଥ ପରିବେଶ

ଭୁବନେଶ୍ୱର,୮।୪



ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷ କରି ଓଡ଼ିଶାର ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ହସ୍ପିଟାଲ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଗୋଷ୍ଠୀ, କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ସମେତ ୭୫୦ରୁ ଅଧିକ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ସେହିଭଳି କମ୍ପାନୀର ଝାରସୁଗୁଡ଼ା ସ୍ଥିତ ପରିଚାଳନା ଅଞ୍ଚଳରେ ମଧ୍ୟ ଏକ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ପୁଷ୍ଟିହୀନତା, ସନ୍ତୁଳିତ ଖାଦ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ଏକ ସଚେତନତା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସେହିପରି ଛତିଶଗଡ଼ସ୍ଥିତ ରାୟପୁର ବାଲ୍କୋ ହସ୍ପିଟାଲରେ ମଧ୍ୟ ଏକ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିର ଜରିଆରେ କୋର୍ବା ଜିଲାର ୧୫୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଏପରିକି ଦୀର୍ଘ ୪ ଦିନ ଧରି ମହିଳା ଓ ଗର୍ଭବତୀଙ୍କ ପାଇଁ ଏଚ୍‌ବି ପରୀକ୍ଷା, ଡାକ୍ତରୀ ପରାମର୍ଶ ଏବଂ ଔଷଧ ବଣ୍ଟନ ସହ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। ଅପରପକ୍ଷରେ ବେଦାନ୍ତ ଆଲୁମିନିୟମର ପରିଚାଳନା କ୍ଷେତ୍ର ଅଞ୍ଚଳରେ ବସବାସ କରୁଥିବା ଉଭୟ ଓଡ଼ିଶା ଓ ଛତିଶଗଡ଼ର ଅଣ ସଂରକ୍ଷିତ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ମୌଳିକ ସୁବିଧା ପ୍ରଦାନ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଓ ଛତିଶଗଡ଼ କ୍ଷେତ୍ରର ୨.୫ଲକ୍ଷରୁ ଅଧିକ ଲୋକ କମ୍ପାନୀର ସ୍ୱାସ୍ଥ୍ୟସେବା ଶିବିରରୁ ଉପକୃତ ହୋଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ସୁସ୍ଥ ସମାଜ ବଳରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। କମ୍ପାନୀ ତା'ର କର୍ମଚାରୀ ଓ ସ୍ଥାନୀୟ ଗୋଷ୍ଠୀର ସର୍ବବିଧ କଲ୍ୟାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଆସୁଛି। ବିଶେଷକରି ସ୍ୱାସ୍ଥ୍ୟ ପଦକ୍ଷେପ ଜରିଆରେ ଆମେ ଲୋକମାନଙ୍କ ଜୀବନରେ ଏକ ସକାରାତ୍ମକ ଉନ୍ନତି ଆଣିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ଆଲୁମିନିୟମକୁ ଭବିଷ୍ୟତର ଧାତୁରେ ପରିଣତ କରିବାର ପ୍ରୟାସ ମଧ୍ୟ ଜାରି ରଖିଛୁ। ସେହିଭଳି କଳାହାଣ୍ଡି ଜିଲାର ସିଡିଏମ୍ ଓ ପିଏଚ୍‌ଓ ଡା. ଗିରୀଶ ଚନ୍ଦ୍ର ରାଉତ କହିଥିଲେ, ବେଦାନ୍ତ ପକ୍ଷରୁ ବିଭିନ୍ନ ସମୟରେ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିର ଦ୍ୱାରା ସ୍ଥାନୀୟ ଲୋକମାନେ ବେଶ୍ ଉପକୃତ ହେଉଛନ୍ତି। ଏପରିକି ସ୍ୱାସ୍ଥ୍ୟସେବା ସମ୍ପର୍କରେ ବହୁ ସୂଚନା ମଧ୍ୟ ପାଇପାରୁଛନ୍ତି। କଳାହାଣ୍ଡିରେ ଏଭଳି ଅନେକ ମହତ କାର୍ଯ୍ୟ କରିବା ପାଇଁ ମୁଁ ବେଦାନ୍ତକୁ ଉତ୍ସାହିତ କରୁଛି। ସେହିପରି ଚୁଇୟା ଗ୍ରାମର ସରପଞ୍ଚ ଶିବରାଜ ସିଂ କନ୍‌ୱର କହିଥିଲେ, ଆମ ଗ୍ରାମର ଲୋକମାନେ ବାଲ୍‌କୋ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରୁ ଉପକୃତ ହେଉଛନ୍ତି। ଏହି କେନ୍ଦ୍ରଟି ଏକ ଭଲ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏଠାରେ ଅଭିଜ୍ଞ ଡାକ୍ତରଙ୍କ ସମେତ ବହୁ ସୁବିଧା ସୁଯୋଗ ରହିଛି।

## ଅପ୍‌ଷ୍ଟକ୍ସ ପକ୍ଷରୁ ଇନ୍‌ଭେଷ୍ଟ ରାଇଟ୍ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୮।୪

ଦେଶର ପ୍ରମୁଖ ଡିଜିଟାଲ ନିବେଶ ପ୍ଲାଟ୍‌ଫର୍ମ ଅପ୍‌ଷ୍ଟକ୍ସ ପକ୍ଷରୁ ଇନ୍‌ଭେଷ୍ଟ ରାଇଟ୍ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଭାରତୀୟମାନଙ୍କୁ ନିବେଶ ଯାତ୍ରାରେ ସହାୟତା ପ୍ରଦାନ କରିବା ଲାଗି ଏଭଳି ଏକ ଅଭିଯାନ ସହ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ନୂଆ ଋତୁ ଆରମ୍ଭ ହୋଇଥିବା ବେଳେ ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ସେହିଭଳି ଗତ ବର୍ଷ ଆଇପିଏଲ୍ ସମୟରେ କମ୍ପାନୀ 'ଷ୍ଟାର୍ଟ କର୍‌କେ ଦେଖୋ' ଅଭିଯାନ ଜରିଆରେ ନିବେଶ କରିବାର ପ୍ରଥମ ପଦକ୍ଷେପ ଗ୍ରହଣ କରିବା ଲାଗି ଭାରତୀୟମାନଙ୍କୁ ଉତ୍ସାହିତ କରିଥିଲାବେଳେ ଚଳିତ ବର୍ଷ ମଧ୍ୟ 'ସଠିକ୍ ନିବେଶ' ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏ ସମ୍ପର୍କରେ ଅପ୍‌ଷ୍ଟକ୍ସର ସହ ପ୍ରତିଷ୍ଠାତା କବିତା ସୁବ୍ରମଣ୍ୟନ କହିଛନ୍ତି, ପୋର୍ଟଫୋଲିଓରେ ବିବିଧତା ଆଣିବା ଏବଂ ଅର୍ଥନୀତିର ବିଭିନ୍ନ କ୍ଷେତ୍ରର ଅଭିବୃଦ୍ଧିରେ ଅଂଶଗ୍ରହଣ କରିବା ଲାଗି ନିବେଶକମାନଙ୍କୁ ମ୍ୟୁଚୁଆଲ ଫଣ୍ଡ୍ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ଭାରତର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ୧୮ରୁ ୩୫ ବର୍ଷ ବୟସର ବ୍ୟକ୍ତିମାନଙ୍କୁ ନଜରରେ ରଖି ଏହି ଅଭିଯାନ ପ୍ରସ୍ତୁତ କରାଯାଇଛି।

## ଲୁହାପଥର ଉତ୍ପାଦନରେ ଓଏମ୍‌ସିର ସଫଳତା

ଭୁବନେଶ୍ୱର,୮।୪

### ୨୦୨୨-୨୩ରେ ୨୯.୭ ନିୟୁତ ଟନ୍ ଲୁହାପଥର ଉତ୍ପାଦନ

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଏମ୍‌ସି ୨୯.୭ ନିୟୁତ ଟନ୍ ଲୁହାପଥର ଉତ୍ପାଦନ କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଓଏମ୍‌ସି ୨୫.୩୧ ନିୟୁତ ଟନ୍ ଉତ୍ପାଦନ କରିଥିଲା। ଓଏମ୍‌ସି ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଲୁହାପଥର ଉତ୍ପାଦନ ହାର ୧୭% ବୃଦ୍ଧି କରିବାରେ ସକ୍ଷମ ହୋଇଛି। ଓଏମ୍‌ସିର ମୋଟ ଉତ୍ପାଦନ ହାରକୁ ଦେଖିଲେ ୨୦୨୧-୨୨ ଆର୍ଥିକ ବର୍ଷ ଅପେକ୍ଷା ୨୦୨୨-୨୩ରେ ୧୪.୯% ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୯.୬୮ ନିୟୁତ ଟନ୍ ଲୁହାପଥର, ୩ ନିୟୁତ ଟନ୍ ବକ୍ସାଇଟ୍ ଓ ୧.୦୮ ନିୟୁତ ଟନ୍ କ୍ରୋମ୍ ପଥର ଓଏମ୍‌ସି ଉତ୍ପାଦନ କରିଛି। ଓଏମ୍‌ସିର ମୋଟ ଖଣିଜ ବିକ୍ରି ପରିମାଣ ୨୦୨୨-୨୩ ଆର୍ଥିକ ବର୍ଷରେ ୨୮.୬ ନିୟୁତ ଟନ୍‌ରେ ପହଞ୍ଚିବା ସହ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ମୋଟ ଖଣିଜ ବିକ୍ରି ପରିମାଣ ୩.୧% ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷରେ ୨୩.୮ ନିୟୁତ ଟନ୍ ଲୁହାପଥର, ୩.୬୧ ନିୟୁତ ଟନ୍ ବକ୍ସାଇଟ୍ ଏବଂ ୧.୧୬ ନିୟୁତ ଟନ୍ କ୍ରୋମ୍ ପଥର ବିକ୍ରି କରିବାରେ ଓଏମ୍‌ସି ସକ୍ଷମ ହୋଇଛି। ବର୍ତ୍ତମାନ ଓଏମ୍‌ସି ନିକଟରେ ୧୮ଟି ଖଣି କାର୍ଯ୍ୟକ୍ଷମ ରହିଛି। ଓଏମ୍‌ସି ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳ ବ୍ୟବହାର କ୍ଷେତ୍ରରେ ଅଗ୍ରଦୂତ ସାଜି ପ୍ରଭାବଶାଳୀ ରୂପାନ୍ତରଣ ଆଣିବାରେ ସକ୍ଷମ ହୋଇଛି। ସୁରକ୍ଷିତ ତଥା ସୁଗମ ଖଣିଜ ପଦାର୍ଥ ସ୍ଥାନାନ୍ତର ଲାଗି ଉଦ୍ଦିଷ୍ଟ କଷ୍ଟମର ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ସିଷ୍ଟମ(ସିଆଇଏମ୍‌ଏସ୍) ହେଉ ଅବା ଓଏମ୍‌ସିକୁ ବିଭିନ୍ନ ସେବା ଯୋଗାଉଥିବା ବ୍ୟବସାୟୀଙ୍କ କାରବାରରେ ସ୍ୱଚ୍ଛତା ଅବଲମ୍ବନ ଲାଗି ଉଦ୍ଦିଷ୍ଟ ଭେଣ୍ଡର ଇନ୍‌ଭଏସ୍ ମ୍ୟାନେଜମେଣ୍ଟ ସିଷ୍ଟମ(ଭିଆଇଏମ୍‌ଏସ୍) ହେଉ ଅବା ନିଜ କର୍ମଚାରୀ ଏବଂ ଅନ୍ୟ ହିତାଧିକାରୀଙ୍କ ଲାଗି ଉଦ୍ଦିଷ୍ଟ କମ୍ପ୍ଲିଆନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ ହେଉ, ଓଏମ୍‌ସି ସର୍ବଦା ସ୍ମାର୍ଟ ଟେକ୍ନୋଲୋଜି ବ୍ୟବହାର କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବାରେ ସମର୍ଥ ହୋଇଛି। ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ମାଧ୍ୟମରେ ପରିବହନ ବ୍ୟବସ୍ଥାର ସରଳୀକରଣ କରାଯାଇପାରିଛି। ସେହିପରି ସେଫ୍ଟି ମ୍ୟାନେଜମେଣ୍ଟ ସିଷ୍ଟମ ବଳରେ ନିରାପତ୍ତାକୁ ସୁନିଶ୍ଚିତ କରାଯାଇପାରୁଛି।

| | | | | | |
|---|---|---|---|---|---|
| ୭୯୧/୧୨୧୮ | ୬୩୦/୩୨୪୯ | ଜଳ ସେଚିତ | ୦.୦୪୨ | ୦.୦୪୨ | ଚିନାରି ଶ୍ରୀନିବାସ ରାଓ, ପି- ଚି. ରାମସ୍ୱାମୀ, ଜା- ଗୋଲା, ବା- ପାର୍କସାହି |
| ୭୯୧/୧୨୨୩ | ୬୩୦/୩୨୫୨ | ବଗାୟତ-୨ | ୦.୦୪୨ | ୦.୦୪୨ | ଜାନିଲା, ହେମଲତା, ସ୍ୱା- ଜେ. ରାଧାଶ୍ୟାମ, ଜା- ଯାଦବ, ବା- ପାର୍କସାହି |
| ୭୯୧/୧୨୨୫ | ୬୨୭/୩୨୫୪ | ପଦର | ୦.୦୦୫ | ୦.୦୦୫ | ମନୋଜ କୁମାର ମହାନ୍ତି, ପି- ବିନାୟକ ମହାନ୍ତି, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ |
| ୭୯୧/୧୨୨୫ | ୬୨୮/୩୨୫୫ | ପଦର | ୦.୦୧୫ | ୦.୦୧୫ | |
| ୭୯୧/୧୨୪୭ | ୬୩୦/୩୨୭୧ | ବିଲ ଦୋଫସଲି-୧ | ୦.୦୪୨ | ୦.୦୪୨ | ବଂଶିଟି ପୂର୍ଣ୍ଣ ରାଓ, ପି- ବି,ସାରିୟା, ଜା- ଡେରା, ବା- ବାଲାଜୀପେଣ୍ଠ ସାହି |
| ୭୯୧/୧୨୬୨ | ୫୯୮/୩୨୮୫ | ପଦର-୧ | ୦.୦୩୦ | ୦.୦୩୦ | ମନୋଜ କୁମାର ମହାନ୍ତି, ପି- ବିନାୟକ ମହାନ୍ତି, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ |
| ୭୯୧/୧୩୦୧ | ୫୯୮/୩୩୨୭ | ପଦର-୨ | ୦.୦୧୭ | ୦.୦୧୭ | ତାରିଣୀ ମହାରଣା, ପି- ନରହରି ମହାରଣା, ଜା- ବଢ଼େଇ, ବା- ଲାଞ୍ଜିପଲ୍ଲୀ |
| ୭୯୧/୧୩୦୧ | ୬୦୩/୩୩୨୬ | ପଦର-୨ | ୦.୦୦୩ | ୦.୦୦୩ | |
| ୭୯୧/୧୩୭୬ | ୬୦୨/୩୩୯୩ | ପଦର-୧ | ୦.୦୦୫ | ୦.୦୦୫ | ଉଜ୍ଜଳ ମହାରଣା, ପି- ପିତାମ୍ବର ମହାରାଣା, ଜା- ବଢେଇ, ବା- ନୂଆପେଣ୍ଠ ସାହି, ଜରଡା |
| ୭୯୧/୧୩୭୯ | ୬୦୧/୩୩୯୬ | ପଦର-୧ | ୦.୦୧୫ | ୦.୦୧୫ | ଉଜ୍ଜଳ ମହାରଣା, ପି- ପିତାମ୍ବର ମହାରାଣା, ଜା- ବଢେଇ, ବା- ନୂଆପେଣ୍ଠ ସହି, ଜରଡା |
| ୭୯୧/୧୩୮୩ | ୬୦୧/୩୩୯୮ | ପଦର-୧ | ୦.୦୧୫ | ୦.୦୧୫ | ରୀତା କୁମାରୀ ସାହୁ, ସ୍ୱା- ନାରାୟଣ ସାହୁ, ଜା- ବ୍ରାହ୍ମଣ, ବା- ଚଣ୍ଡିପୁର, ଜରଡା |
| ୭୯୧/୧୩୮୪ | ୬୦୨/୩୩୯୯ | ପଦର-୧ | ୦.୦୦୫ | ୦.୦୦୫ | ରୀତା କୁମାରୀ ସାହୁ, ସ୍ୱା- ନାରାୟଣ ସାହୁ, ଜା- ବ୍ରାହ୍ମଣ, ବା- ଚଣ୍ଡିପୁର, ଜରଡା |
| ୭୯୧/୧୪ | ୭୪୦ | ବିଲ ଜଳ ସେଚିତ-୨ | ୧.୪୭୦ | ୦.୩୭୦ | ଭଗବାନ ସାହୁ, ପି- ମଙ୍ଗୁଲୁ ସାହୁ, ଜା- ବ୍ରାହ୍ମଣ, ବା-ଗୋଷାଣି ନୂଆଗାଁ, ନୂଆସାହି |
| ୭୯୧/୧୪୩୯ | ୬୨୯/୩୪୪୭ | ପଦର-୧ | ୦.୦୨୦ | ୦.୦୨୦ | ଗୀତାଞ୍ଜଳି ଦେବୀ, ସ୍ୱା- ସୀମାଞ୍ଚଳ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଖାରିଣିପଡା |
| ୭୯୧/୧୪୬୨ | ୬୦୩/୩୪୬୬ | ପଦର | ୦.୦୪୧ | ୦.୦୩୯ | ସନ୍ତୋଷ କୁମାର ପଟ୍ଟନାୟକ, ପି- ରଘୁନାଥ ପଟ୍ଟନାୟକ, ଜା- କରଣ, ବା- ବିଜିପୁର ଲକ୍ଷ୍ମୀସାହି, ବ୍ରହ୍ମପୁର |
| ୭୯୧/୧୪୬୮ | ୬୨୬/୩୪୭୨ | ବିଲ | ୦.୧୧୨ | ୦.୧୧୨ | ବେଣୁପାଣି ବେହେରା, ପି- ଆପନା ବେହେରା, ଜା- କଣ୍ଡରା, ବା- ମାର୍କଣ୍ଡି |
| ୭୯୧/୧୪୭୪ | ୫୯୫/୩୪୭୯ | ଘରବାରି | ୦.୦୩୩ | ୦.୦୩୩ | ଗୋଲାପ ମଣ୍ଡଳ, ସ୍ୱା- ଶ୍ରବସ୍ତ ମଣ୍ଡଳ, ଜା- ଖଣ୍ଡାୟତ, ବା- ଆଙ୍କୁଲି |
| ୭୯୧/୧୪୮୮ | ୬୫୧/୩୪୮୭ | ଘରବାରି | ୦.୦୨୦ | ୦.୦୨୦ | ରଞ୍ଜିତା ପାଣିଗ୍ରାହୀ, ପି- ଜଗବନ୍ଧୁ ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ପାରଳାଖେମୁଣ୍ଡି ଭିକ୍ଟର କଲୋନୀ |
| ୭୯୧/୧୪୯୩ | ୭୧୨ | ବିଲ ଜଳ ସେଚିତ-୨ | ୦.୩୪୦ | ୦.୦୨୭ | କେ. ଲାଛେୟା ପାତ୍ର, ପି- କେ. ରଘୁନାଥ ପାତ୍ର, ଜା- ଗୋଲା, ବା- ନିଜଗାଁ |
| ୭୯୧/୧୪୯୩ | ୭୧୯ | ବିଲ ଜଳ ସେଚିତ-୨ | ୦.୪୧୫ | ୦.୩୧୫ | |
| ୭୯୧/୧୪୯୫ | ୬୫୧/୩୪୯୩ | ଘରବାରି | ୦.୦୨୦ | ୦.୦୨୦ | ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ସ୍ୱା- ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ଶିବାନଗର ଡାଲ୍‌ଡାମିଲ୍, ଛତ୍ରପୁର, ଥାନା- ଛତ୍ରପୁର |
| ୭୯୧/୧୪୯୯ | ୬୫୧/୩୪୯୫ | ଘରବାରି | ୦.୦୪୧ | ୦.୦୨୯ | ଦିଲ୍ଲିପ କୁମାର ଭୂୟାଁ, ପି- ଗନ୍ତାୟତ ଭୂୟାଁ, ଜା- କାଳଞ୍ଜି, ବା- ଗୋବିନ୍ଦପୁର, ଥାନା- ଶେରଗଡ଼ |
| ୭୯୧/୧୫୦୮ | ୫୮୦/୩୫୦୫ | ବିଲ ଜଳ ସେଚିତ-୧ | ୦.୧୯୪ | ୦.୧୯୪ | ସରୋଜ କୁମାର ପାଣିଗ୍ରାହୀ, ପି- ଦଣ୍ଡପାଣି ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ସତ୍ୟନାରାୟଣପୁର, ଗୋପାଳପୁର |
| ୭୯୧/୧୫୨୭ | ୬୨୬/୩୫୧୯ | ବିଲ ଅଣ ଜଳସେଚିତ-୧ | ୦.୦୬୭ | ୦.୦୬୭ | କାଳୁ ସେଠୀ, ପି- ନାଥ ସେଠୀ, ଜା- ଧୋବା, ବା- କୃଷ୍ଣପୁର |
| ୭୯୧/୧୫୩୭ | ୬୨୬/୩୫୨୭ | ବିଲ ଅଣ ଜଳସେଚିତ-୧ | ୦.୦୪୭ | ୦.୦୪୭ | ଚନ୍ଦ୍ରଶେଖର ବେହେରା, ପି- ରଘୁନାଥ ବେହେରା, ଜା- ଧୋବା, ବା- ଲାଞ୍ଜିପଲ୍ଲୀ |
| ୭୯୧/୧୬୦୩ | ୫୮୧ | ବିଲ ଜଳ ସେଚିତ-୧ | ୦.୨୧୦ | ୦.୦୨୭ | ନାକା ଆପନ୍ନା, ପି- ନାକା ଏଙ୍କେୟା, ଜା- ମାଟିଆ, ବା- ମଦନମୋହନପୁର |
| ୭୯୧/୧୬୧୩ | ୫୮୦/୩୫୮୮ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ନାକା ତ୍ରିପତୀ, ପି- ନାକା ନାଲେୟା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୬୧୪ | ୫୮୦/୩୫୮୯ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ନାକା ଶ୍ରୀରାମୁଲୁ, ପି- ନାକା ସିଙ୍ଗା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୬୩୨ | ୫୮୦/୩୬୦୪ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ନାକା ରାଜୁ, ପି- ନାକା ଚେନେୟା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୬୬୧ | ୬୨୯/୩୬୩୦ | ପଦର | ୦.୦୨୦ | ୦.୦୨୦ | ଉମେଶ କୁମାର ବାରିକ, ପି-ଲକ୍ଷ୍ମୀଧର ବାରିକ, ଜା- ଭଣ୍ଡାରି, ବା-ଲାଞ୍ଜିପଲ୍ଲୀ, ବ୍ରହ୍ମପୁର |
| ୭୯୧/୧୬୮୬ | ୬୩୧/୩୬୫୭ | ଘରବାରି | ୦.୦୦୬ | ୦.୦୦୬ | କବିରାଜ ଚୌଧୁରୀ, ପି- ରାଧାକୃଷ୍ଣ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଗୋଦାବରୀନଗର, ୪ର୍ଥ ଲାଇନ୍ |
| ୭୯୧/୧୬୮୯ | ୬୩୧/୩୬୬୦ | ଘରବାରି | ୦.୦୦୬ | ୦.୦୦୬ | ମମତା ମହାନ୍ତି, ସ୍ୱା- ମହେନ୍ଦ୍ର କୁମାର ମହାନ୍ତି, ଜା- ବ୍ରାହ୍ମଣ, ବା- ଗୋଦାବରୀ ନଗର, ୩ୟ ଲାଇନ୍ |
| ୭୯୧/୧୮୫୧ | ୬୩୦/୩୭୯୩ | ବିଲ ଅଣଜଳ ସେଚିତ-୧ | ୦.୦୨୦ | ୦.୦୨୦ | ଝିଲି ବିଷୋୟୀ, ସ୍ୱା- କାଳିଆ ବିଷୋୟୀ, ଜା- ଦଳୁଆ, ବା- ତୁଳସୀ ନଗର, ଷଷ୍ଠ ଲାଇନ୍ |
| ୭୯୧/୧୮୯୫ | ୫୮୦/୩୮୩୦ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ଇପୁରୁ ମାଣିକ ରାଓ, ସ୍ୱା- ଇ. ରାମଚନ୍ଦ୍ର ରାଓ, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୯୭୨ | ୫୮୦/୩୮୯୧ | ବିଲ ଜଳ ସେଚିତ-୧ | ୦.୦୨୬ | ୦.୦୨୬ | ଅଭି ପ୍ରଧାନ, ପି- ଲାଛେୟା ପ୍ରଧାନ, ଜା- ମାଟିଆ, ବା- ବାଣପୁର, ଖୋର୍ଦ୍ଧା |
| ୭୯୧/୧୯୯୬ | ୬୦୫ | ବିଲ ଅଣଜଳ ସେଚିତ-୧ | ୦.୩୩୫ | ୦.୦୨୫ | ଗଣେଶ ଜେନା, ପି- ପ୍ରଫୁଲ୍ଲ ଜେନା, ଜା- ଦଳୁଆ, ବା- କନିଷହାଟ |
| ୭୯୧/୨୦୩୩ | ୬୩୦/୩୯୪୦ | ବିଲ ଅଣ ଜଳ ସେଚିତ-୧ | ୦.୦୨୦ | ୦.୦୨୦ | ଗିରିଶ ଚନ୍ଦ୍ର ଗୌଡ଼, ପି- ଦୁଃଖୀ ଗୌଡ଼,ଜା- ଗଉଡ଼, ବା- ଚଢେୟାପଲ୍ଲୀ |
| ୭୯୧/୨୧୫୩ | ୫୯୮/୪୦୩୯ | ପଦର | ୦.୦୧୩ | ୦.୦୧୩ | ସୁଶାନ୍ତ କୁମାର ପାତ୍ର, ପି- କାମନା ପାତ୍ର, ଜା- ଦଳୁଆ, ବା- ବିଜିପୁର |
| ୭୯୧/୨୩୩୪ | ୬୨୭/୪୨୫୫ | ପଦର | ୦.୦୦୩ | ୦.୦୦୩ | ରଜନୀକାନ୍ତ ଶତପଥୀ, ପି- ଚନ୍ଦ୍ରଶେଖର ଶତପଥୀ, ଜା- ବ୍ରାହ୍ମଣ, ବା- ଆଙ୍କୁଲି |
| ୭୯୧/୨୩୩୪ | ୬୨୮/୪୨୫୬ | ପଦର | ୦.୦୧୭ | ୦.୦୧୭ | |
| ୭୯୧/୨୩୪ | ୮୦ | ବିଲ ଜଳ ସେଚିତ-୨ | ୦.୩୫୦ | ୦.୩୨୯ | ଗୋଲାପଲି ଏଙ୍କେୟା, ପି- ଗୋଲାପଲି ରାମେୟା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୨୩୫୨ | ୬୦୧/୪୨୨୪ | ପଦର | ୦.୦୩୦ | ୦.୦୩୦ | ଦମୟନ୍ତି ସାହୁ, ସ୍ୱା- ସୁଦର୍ଶନ ସାହୁ, ଜା- ଶୁଣ୍ଢି, ବା- ଶାସ୍ତ୍ରୀନଗର-୨, ବ୍ରହ୍ମପୁର |
| ୭୯୧/୨୩୭୫ | ୬୨୭/୩୦୭୨ | ପଦର | ୦.୦୦୫ | ୦.୦୦୫ | ଭଗବାନ ପାଢ଼ୀ, ପି- ନାରାୟଣ ପାଢ଼ୀ, ଜା- ବ୍ରାହ୍ମଣ, ବା- ଅଶୋକ ନଗର, ୪ର୍ଥ ଲାଇନ୍, ବ୍ରହ୍ମପୁର |
| ୭୯୧/୨୪୨୪ | ୬୩୧/୨୧୪୫ | ଘରବାରି | ୦.୦୦୪ | ୦.୦୦୪ | କୁନ୍ତଳା କୁମାରୀ ଚୌଧୁରୀ, ସ୍ୱା- ଭଗନାନ ଚୌଧୁରୀ, ଜା- ବ୍ରାହ୍ମଣ, ବା- ତିନିଘରିଆ, ଜରଡା |
| ୭୯୧/୨୪୩୬ | ୬୦୨/୩୧୪୦ | ପଦର | ୦.୦୫୧ | ୦.୦୨୫ | ଗୀତାଞ୍ଜଳି ପାତ୍ର, ସ୍ୱା- ହରିକୃଷ୍ଣ ପାତ୍ର, ଜା- ଦଳୁଆ, ବା- ତୋଟାସାହି, ଖୋଡିସିଙ୍ଗି, ବ୍ରହ୍ମପୁର |
| ୭୯୧/୨୪୭୦ | ୬୦୨/୪୩୧୩ | ଘରବାରି | ୦.୦୦୩ | ୦.୦୦୩ | ପ୍ରିୟଙ୍କା ସାହାଣି, ସ୍ୱା- ସନ୍ତୋଷ କୁମାର ଜେନା, ଜା- ଦଳୁଆ, ବଠା-ନେହେରୁ ନଗର, ୬ଷ୍ଠ ଲାଇନ୍, ବ୍ରହ୍ମପୁର |
| ୭୯୧/୨୪୭୧ | ୬୦୧/୪୩୧୪ | ଘରବାରି | ୦.୦୦୨ | ୦.୦୦୨ | ସୁଧାଂଶୁ ଶେଖର ଦାସ, ପି- କେଦାରଗୌରୀ ଦାସ, ଜା- ବ୍ରାହ୍ମଣ, ବା- ବୁଗୁଡା, ସୀମାଞ୍ଚଳ ମାର୍ଗ |
| ୭୯୧/୨୪୭୧ | ୬୨୯/୪୩୧୫ | ଘରବାରି | ୦.୦୧୮ | ୦.୦୧୮ | |
| ୭୯୧/୨୪୭୨ | ୬୦୧/୪୩୧୬ | ଘରବାରି | ୦.୦୧୩ | ୦.୦୧୩ | ସୌଦାମିନି ଦାସ, ସ୍ୱା- କେଦାରଗୌରୀ ଦାସ, ଜା- ବ୍ରାହ୍ମଣ, ବା- ବୁଗୁଡା, ସୀମାଞ୍ଚଳ ମାର୍ଗ |
| ୭୯୧/୨୪୭୨ | ୬୨୯/୪୩୧୭ | ଘରବାରି | ୦.୦୦୭ | ୦.୦୦୭ | |
| ୭୯୧/୨୫୨୨ | ୬୨୯/୨୭୮୫ | ପଦର | ୦.୦୪୧ | ୦.୦୪୧ | ରୀନା ସାହୁ, ସ୍ୱା- ସୁରେନ୍ଦ୍ରନାଥ ସାହୁ, ଜା- ରଙ୍ଗୁଣୀ, ବା- ଜଗନ୍ନାଥ ମାର୍ଗ, ହିଞ୍ଜିଳିକାଟୁ |
| ୭୯୧/୨୫୪୮ | ୬୦୧/୪୩୭୨ | ପଦର | ୦.୦୨୧ | ୦.୦୨୧ | କାଳୀପ୍ରସାଦ ମହାପାତ୍ର, ପି- ଶଶିଭୂଷଣ ମହାପାତ୍ର, ଜା- ବ୍ରାହ୍ମଣ, ବା- କନିଷି ହାଟ |
| ୭୯୧/୨୫୬୮ | ୬୦୧/୨୬୮୬ | ପଦର | ୦.୦୨୦ | ୦.୦୨୦ | ପ୍ରଦୀପ କୁମାର ମହାପାତ୍ର, ପି- ଶଶିଭୂଷଣ ମହାପାତ୍ର, ଜା- ବ୍ରାହ୍ମଣ, ବା- କନିଷି ହାଟ |
| ୭୯୧/୨୬୦୯ | ୬୫୨ | ବିଲ ଜଳ ସେଚିତ-୨ | ୧.୪୫୫ | ୦.୩୮୧ | କରାଡି ସୁରେଶ କୁମାର ପାତ୍ର, କରାଡି ଶିବା ପାତ୍ର, ପି- କରାଡି ରାମେୟା ପାତ୍ର, ଜା- ଗୋଲା, ବା- ମନଦନମୋହନପୁର |
| ୭୯୧/୨୬୧୬ | ୫୮୦/୪୪୧୧ | ବିଲ ଜଳ ସେଚିତ-୧ | ୦.୦୨୮ | ୦.୦୦୪ | ପ୍ରଫୁଲ୍ଲ କୁମାର ପ୍ରଧାନ,ପି- ବୀର ପ୍ରଧାନ, ଜା- ମାଟିଆ, ବା- ବାଣପୁର, ଖୋର୍ଦ୍ଧା |
| ୭୯୧/୨୬୨୭ | ୬୫୧/୩୪୯୦ | ଘରବାରି | ୦.୦୨୦ | ୦.୦୨୦ | ମୃତ୍ୟୁଞ୍ଜୟ ଦାଶ, ପି- ଦୟାନିଧି ଦାଶ, ଜା- ବ୍ରାହ୍ମଣ, ବା- ବାଲିମେଳା ଏନ.ଏ.ଏସି., ଅରବିନ୍ଦ ଲାଇନ୍, ଥାନା- ଓର୍କେଲ, ଜିଲ୍ଲା- ମାଲକାନଗିରି |
| ୭୯୧/୨୭୨୯ | ୬୦୧/୩୭୪୨ | ପଦର | ୦.୦୧୪ | ୦.୦୧୪ | ଅଜୟ କୁମାର ପଣ୍ଡା, ପି- ହରିଶ୍ଚନ୍ଦ୍ର ପଣ୍ଡା, ଜା- ବ୍ରାହ୍ମଣ, ବା- ଡୁଲୁ ରୋଡ, କନିଷି ହାଟ |
| ୭୯୧/୨୭୨୯ | ୬୦୨/୩୭୪୦ | ପଦର | ୦.୦୦୬ | ୦.୦୦୬ | |
| ୭୯୧/୨୭୮୬ | ୬୫୧ | ଘରବାରି | ୦.୦୨୦ | ୦.୦୨୦ | ସାରଥି ପ୍ରସାଦ ଗଉଡ, ପି-ଦୁର୍ଯ୍ୟୋଧନ ଗୌଡ, ଜା- ଗଉଡ, ବା- ବାଘଲଟି, ପୋ- ସିଂହଳା |
| ୭୯୧/୨୭୯୧ | ୬୦୩/୨୫୩୭ | ପଦର | ୦.୨୦ | ୦.୦୨୦ | ଡି. ବିଜୟଲକ୍ଷ୍ମୀ ପାତ୍ର, ସ୍ୱା- ହନୁମନ୍ତ ସନ୍ତୋଷ, ଜା- କାଳଞ୍ଜି, ବା- ବିଜିପୁର ୧ମ ତୋଟା ସାହି, ପୋ- ବ୍ରହ୍ମପୁର, ଥା- ଗୋଷାଣି ନୂଆଗାଁ |
| ୭୯୧/୨୮୦୦ | ୬୦୧/୪୫୬୪ | ଘରବାରି | ୦.୦୧୬ | ୦.୦୧୬ | ଲିପିକା ମହାପାତ୍ର, ସ୍ୱା- ରବିନ୍ ଚନ୍ଦ୍ର ମହାପାତ୍ର, ଜା-ବ୍ରାହ୍ମଣ, ବା- କନିଷି |
| ୭୯୧/୨୮୦୦ | ୬୦୩/୨୩୬୩ | ଘରବାରି | ୦.୦୦୨ | ୦.୦୦୨ | |
| ୭୯୧/୨୮୦୨ | ୬୩୦ | ବିଲ ଅଣ ଜଳ ସେଚିତ-୧ | ୦.୦୫୦ | ୦.୦୫୦ | କୁରୀ ପାତ୍ର, ସ୍ୱା- ଲିଙ୍ଗରାଜ ପାତ୍ର, ଜା- ଗୋଲା, ବା- ବିଜିପୁର, ବ୍ରହ୍ମପୁର |
| ୭୯୧/୨୯୨୭ | ୫୯୮/୪୬୩୭ | ପଦର | ୦.୦୨୧ | ୦.୦୨୧ | ତୋଟା ରଘୁନାଥ ରାଓ, ପି- ଟି. ମୁକୁନ୍ଦ ରାଓ, ଜା- କ୍ଷତ୍ରୀୟ, ବା- ବ୍ରହ୍ମପୁର |
| ୭୯୧/୨୯୮୫ | ୬୦୧/୪୭୪୬ | ପଦର | ୦.୦୧୦ | ୦.୦୧୦ | ପ୍ରଶାନ୍ତ କୁମାର ପଟ୍ଟନାୟକ, ପି- ନୀଳାଞ୍ଚଳ ପଟ୍ଟନାୟକ, ଜା-କରଣ, ବା- ମଙ୍ଗଳରାଜ ସାହି, ନବରଙ୍ଗପୁର |
| ୭୯୧/୩୦୩୫ | ୬୩୧/୨୧୨୯ | ଘରବାରି | ୦.୦୧୦ | ୦.୦୧୦ | ହରିଚନ୍ଦ୍ର ପଣ୍ଡା, ପି- ସୀମାଞ୍ଚଳ ପଣ୍ଡା, ଜା- ବ୍ରାହ୍ମଣ, ବା- ବାଦପୁର, ସାନ ସାହି |
| ୭୯୧/୩୨୮ | ୬୬୪ | ବିଲ ଜଳ ସେଚିତ-୨ | ୦.୩୯୦ | ୦.୩୦୧ | କରାଡି ବିଷ୍ଣୁ ପାତ୍ର, କରାଡି ଲଡୁ ଓରଫ୍ କରାଡି ଲକ୍ଷ୍ମୀ ନାରାୟଣ ପାତ୍ର, କରାଡି ଚେନ୍ନୁ ଓରଫ୍ କରାଡି ନରସିଂହ ପାତ୍ର, କରାଡି ବାବୁଲା ପାତ୍ର, ପି- କରାଡି ଦଣ୍ଡପାଣି ପାତ୍ର, କରାଡି ଦୁର୍ଯ୍ୟୋଧନ ପାତ୍ର, ମାଇନର ହେତୁ ଗାର୍ଡିୟାନ, ମାତା- କରାଡି କାମାକ୍ଷା, କରାଡି କାମାକ୍ଷା, ସ୍ୱା- କରାଡି ଦଣ୍ଡପାଣି ପାତ୍ର, ଜା- ଗୋଲା, ବା- ନିଜଗାଁ |
| ୭୯୧/୩୨୮ | ୬୬୫ | ବିଲ ଜଳ ସେଚିତ-୨ | ୨.୦୪୦ | ୦.୧୩୧ | |
| ୭୯୧/୩୨୯ | ୬୩୨/୨୧୧୦ | ଘରବାରି | ୦.୦୪୧ | ୦.୦୪୧ | ସଂଯୁକ୍ତା କୁମାରୀ ଗନ୍ତାୟତ, ସ୍ୱା- ପ୍ରଶାନ୍ତ କୁମାର ଗନ୍ତାୟତ, ଜା- ବ୍ରାହ୍ମଣ, ବା- ଭୁବନେଶ୍ୱର, ୟୁନିଟ୍-୩ |
| ୭୯୧/୩୩୦ | ୬୩୨/୨୧୧୧ | ଘରବାରି | ୦.୦୪୧ | ୦.୦୪୧ | ଚିତ୍ତ ରଞ୍ଜନ ସାହୁ, ପି- ବିନୋଦ କୁମାର ସାହୁ, ଜା- ବ୍ରାହ୍ମଣ, ବା- ବ୍ରହ୍ମପୁର କୋପରେଟିଭ କଲୋନୀ ପ୍ରଥମ ଲାଇନ ସାହି |
| ୭୯୧/୩୩୯ | ୬୩୨/୨୧୨୧ | ଘରବାରି | ୦.୦୪୧ | ୦.୦୧୦ | ସତ୍ୟ ନାରାୟଣ ପ୍ରଧାନ, ପି- କେଦାରନାଥ ପ୍ରଧାନ, ଜା- ଖଣ୍ଡାୟତ, ବା- ରଘୁନାଥପୁର, ଥାନା- ବାଣପୁର |
| ୭୯୧/୩୪୩ | ୬୩୧/୨୧୨୫ | ଘରବାରି | ୦.୦୧୦ | ୦.୦୧୦ | ସୁବାସ ଚନ୍ଦ୍ର ମାହାପାତ୍ର, ପି- ଗଙ୍ଗାଧର ମହାପାତ୍ର, ଜା- ବ୍ରାହ୍ମଣ, ବା- ଅଯୋଧ୍ୟା ନଗର, ତୃତୀୟ ଲାଇନ୍, ବ୍ରହ୍ମପୁର |
| ୭୯୧/୩୪୩ | ୬୩୨/୨୧୨୪ | ଘରବାରି | ୦.୦୩୧ | ୦.୦୩୧ | |
| ୭୯୧/୩୪୪ | ୬୩୧/୨୧୨୭ | ଘରବାରି | ୦.୦୪୧ | ୦.୦୪୧ | ସୁଧାଂଶୁ ଶେଖର ପଣ୍ଡା, ପି- ପଦ୍ମ ଚରଣ ପଣ୍ଡା, ଜା- ବ୍ରାହ୍ମଣ, ବା-ବିଜିପୁର ବଡସାହି, ବ୍ରହ୍ମପୁର |
| ୭୯୧/୩୪୪ | ୬୩୨/୨୪୨୬ | ଘରବାରି | ୦.୧୨୪ | ୦.୦୦୬ | |
| ୭୯୧/୩୫୭ | ୬୨୯/୨୧୪୮ | ଘରବାରି | ୦.୦୪୧ | ୦.୦୪୧ | ସଞ୍ଜୟ କୁମାର ଜେନା, ପି- ନକୁଳ କୁମାର ଜେନା, ଜା- ବେଣାୟତ ଓଡିଆ, ବା- ଗୋଦାବରିଶ ନଗର, ତୃତୀୟ ଲାଇନ ବ୍ରହ୍ମପୁର |
| ୭୯୧/୪୪୫ | ୬୫୭ | ବିଲ ଜଳ ସେଚିତ-୧ | ୦.୮୨୦ | ୦.୦୧୦ | ପ୍ରମିଳା ଚୌଧୁରୀ, ସ୍ୱା- ରାଧାରମଣ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ, ବଡସାହି |
| ୭୯୧/୪୪୮ | ୬୨୯/୨୩୪୩ | ଘରବାରି | ୦.୦୫୨ | ୦.୦୫୨ | କୋପୁଲୁ ପ୍ରିୟଙ୍କା ରାଓ ମୈନର ହେତୁ ଗାର୍ଡିୟାନ ଜନନୀ ବୁରୁଲୁ ଜ୍ୟୋତି ଦୋରା, ସ୍ୱା- କେ ଧର୍ମ ନାରାୟଣ ରାଓ, ଜା- ତେଲୁଙ୍ଗୁ, ବା- କାଚରା କ୍ଷତ୍ରୀୟ କୁଳ ରାଉଳ ସାହି, ଗଞ୍ଜାମ |
| ୭୯୧/୪୫୩ | ୬୨୯/୨୩୪୭ | ଘରବାରି | ୦.୦୫୨ | ୦.୦୫୨ | ବିଜୟଲକ୍ଷ୍ମୀ ପଣ୍ଡା, ସ୍ୱା- ରମାକାନ୍ତ ପଣ୍ଡା, ଜା- ବ୍ରାହ୍ମଣ, ବା- ବ୍ରଜନଗର, ୩ୟ ଲାଇନ୍, ବ୍ରହ୍ମପୁର |
| ୭୯୧/୪୫୯ | ୬୨୭/୨୩୫୨ | ପଦର | ୦.୦୦୮ | ୦.୦୦୮ | ଗୌରୀ କୁମାରୀ ପାଣି, ସ୍ୱା.- ପ୍ରଦୀପ କୁମାର ପାଢ଼ୀ, ଜା- ବ୍ରାହ୍ମଣ, ବା- ଗଜପତି ନଗର, ଅଷ୍ଟମ ଲାଇନ୍, ବ୍ରହ୍ମପୁର |
| ୭୯୧/୪୫୯ | ୬୨୮/୨୩୫୩ | ପଦର | ୦.୦୩୪ | ୦.୦୩୪ | |
| ୭୯୧/୪୬୯ | ୬୦୨/୨୩୬୪ | ଘରବାରି | ୦.୦୦୨ | ୦.୦୦୨ | ସୁସମ୍ବାଦ ପାଣିଗ୍ରାହୀ , ପି- ନିରଞ୍ଜନ ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ଗୋଦାବରିଶ ନଗର, ଦ୍ୱିତୀୟ ଲାଇନ୍, ବ୍ରହ୍ମପୁର |
| ୭୯୧/୫୨୦ | ୭୧୫ | ବିଲ ଜଳ ସେଚିତ -୨ | ୧.୧୨୫ | ୦.୭୫୨ | ପ୍ରମିଳା ଚୌଧୁରୀ, ସ୍ୱା- ରାଧାରମଣ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ, ବଡ଼ସାହି |
| ୭୯୧/୫୨୦ | ୭୧୬ | ବିଲ ଜଳ ସେଚିତ-୨ | ୦.୫୫୦ | ୦.୧୮୯ | |
| ୭୯୧/୫୨୪ | ୬୨୯/୨୪୨୩ | ପଦର | ୦.୦୨୦ | ୦.୦୨୦ | ସୁନନ୍ଦା ପାଢ଼ୀ, ସ୍ୱା- ନରେନ୍ଦ୍ର ପାଢୀ, ଜା- ବ୍ରାହ୍ମଣ, ବା- ତୁଳସୀନଗର, ୧ମ ଲାଇନ୍, ବ୍ରହ୍ମପୁର |
| ୭୯୧/୫୩୪ | ୭୭ | ବିଲ ଜଳ ସେଚିତ-୨ | ୦.୪୬୦ | ୦.୧୪୨ | ଗୋଲାପଲ୍ଲି ନରସିଂହ, ପି- ଜି. ଆବେୟା, ଜା- ମାଟିଆ, ବା- ମାଟିଆ ସାହି, ନିଜଗାଁ |
| ୭୯୧/୫୬୦ | ୬୨୭/୨୪୫୭ | ପଦର | ୦.୦୧୧ | ୦.୦୧୧ | ମାଧବ ସାହୁ, ପି- ଗଣପତି ସାହୁ, ଜା- ତେଲି, ବା- ବାଲାଜୀପେଣ୍ଠ ସାହି, ବ୍ରହ୍ମପୁର |
| ୭୯୧/୫୬୦ | ୬୨୮/୨୪୫୮ | ପଦର | ୦.୦୩୦ | ୦.୦୩୦ | |
| ୭୯୧/୫୯୪ | ୭୧୩ | ବିଲ ଜଳ ସେଚିତ-୨ | ୦.୩୦୦ | ୦.୧୯୨ | ନର୍ମଦା ଦାସ, ସ୍ୱା- ଲୋକନାଥ ଦାସ, ଜା- ବ୍ରାହ୍ମଣ, ବା- ଗିରି ରୋଡ, ବ୍ରହ୍ମପୁର |
| ୭୯୧/୫୯୪ | ୭୧୪ | ବିଲ ଜଳ ସେଚିତ-୨ | ୦.୧୮୦ | ୦.୧୮୦ | |
| ୭୯୧/୬୦୩ | ୭୨୧ | ବିଲ ଜଳ ସେଚିତ-୨ | ୦.୭୨୦ | ୦.୧୮୮ | ରାମଚନ୍ଦ୍ର ସାବତ, ପିତା- ରଘୁନାଥ ସାବତ, ଜା- ବ୍ରାହ୍ମଣ, ବା- ପାଣିଗ୍ରାହୀ ସାହି, ଗୋଷାଣି ନୂଆଗାଁ, ବ୍ରହ୍ମପୁର |
| ୭୯୧/୬୧୯ | ୬୨୭/୨୫୨୩ | ପଦର | ୦.୦୧୦ | ୦.୦୧୦ | ବିଷ୍ଣୁପ୍ରିୟା ମାଝି, ସ୍ୱାମୀ- ସୁବାସ ମାଝି, ଜା- ଦଳୁଆ, ବା-ଶାସ୍ତ୍ରୀନଗର-୨, ଗୋଷାଣି ନୂଆଗାଁ |
| ୭୯୧/୬୩୬ | ୬୦୨/୨୫୪୦ | ପଦର | ୦.୦୨୦ | ୦.୦୨୦ | ସୁଦାମ ପାଣିଗ୍ରାହୀ, ପି. ରାଜେନ୍ଦ୍ର ପାମିଗ୍ରାହୀ, ଜା- ବ୍ରାହ୍ମଣ, ବା- ତୋଟାସାହି, ଗୋଷାଣି ନୂଆଗାଁ |
| ୭୯୧/୬୭୨ | ୬୨୭/୨୫୭୮ | ଘରବାରି | ୦.୦୨୨ | ୦.୦୨୨ | ପୁଷ୍ପାଞ୍ଜଳି ଗୌଡ, ସ୍ୱା- ପ୍ରଶାନ୍ତ କୁମାର ଗୌଡ, ଜା- ଗଉଡ଼, ବା- ଶାସ୍ତ୍ରୀନଗର-୩, ଗୋଷାଣି ନୂଆଗାଁ, ବ୍ରହ୍ମପୁର |
| ୭୯୧/୭୦୭ | ୫୯୮/୨୬୦୮ | ପଦର | ୦.୦୧୫ | ୦.୦୧୫ | ଝୁନୁ ସାହୁ, ସ୍ୱାମୀ- ଶତ୍ରୁଘ୍ନ ସାହୁ, ଜା- ଶୁଣ୍ଢି, ବା- ମୁକ୍ତେଶ୍ୱର ମନ୍ଦିର ପାଖ ରାଉଳ ସାହି, ବ୍ରହ୍ମପୁର |
| ୭୯୧/୭୦୭ | ୬୦୩/୨୬୦୯ | ପଦର | ୦.୦୦୫ | ୦.୦୦୫ | |
| ୭୯୧/୭୦୮ | ୬୨୭/୨୬୧୦ | ପଦର | ୦.୦୧୮ | ୦.୦୧୮ | ଭୋଳାନାଥ ଶତପଥୀ, ପିତା- ପ୍ରଫୁଲ୍ଲ ଚନ୍ଦ୍ର ଶତପଥୀ, ଜା- ବ୍ରାହ୍ମଣ, ବା- ବୋର୍ଡିଂସାହି, ବିଜିପୁର, ବ୍ରହ୍ମପୁର |
| ୭୯୧/୭୦୮ | ୬୨୮/୨୬୧୧ | ପଦର | ୦.୦୨୩ | ୦.୦୨୩ | |
| ୭୯୧/୭୦୯ | ୬୨୭/୨୬୧୨ | ପଦର | ୦.୦୧୯ | ୦.୦୧୯ | ଶଶାଙ୍କ ଶେଖର ପାଢୀ, ପିତା- ସୋମନାଥ ପାଢୀ, ଜା- ବ୍ରାହ୍ମଣ, ବା- ରାମନଗର, କମାପଲ୍ଲି, ବ୍ରହ୍ମପୁର |
| ୭୯୧/୭୦୯ | ୬୨୮/୨୬୧୩ | ପଦର | ୦.୦୧୯ | ୦.୦୧୯ | |
| ୭୯୧/୭୧୬ | ୬୦୧/୨୬୨୧ | ପଦର | ୦.୦୦୧ | ୦.୦୦୧ | ବିକ୍ରମ କୁମାର ପାଢୀ, ପିତା- ଗଦାଧର ପାଢୀ, ଜା- ବ୍ରାହ୍ମଣ, ବା- ନାମନଗର, କମାପଲ୍ଲି, ବ୍ରହ୍ମପୁର |
| ୭୯୧/୭୫ | ୬୬୩/୧୮୫୮ | ବିଲ ଜଳ ସେଚିତ ଦୋଫସଲି | ୦.୨୩୦ | ୦.୨୩୦ | କରାଡି ନାରାୟଣ୍ଡୁ, ପି- କରାଡି କୃଷ୍ଣମୂର୍ତ୍ତି, ଜା- ଗୋଲା, ବା- ମଦନମୋହନପୁର |
| ୭୯୧/୭୭୦ | ୬୨୯/୨୬୮୭ | ପଦର | ୦.୦୪୧ | ୦.୦୪୧ | ସୁନିତା ସାହୁ, ସ୍ୱା- ଶଙ୍କର ସାହୁ, ଜା- ବ୍ରାହ୍ମଣ, ବା-ଢାମଣାସାହି, ଗୋଷାଣି ନୂଆଗାଁ, ବ୍ରହ୍ମପୁର |
| ୭୯୧/୮୦୭ | ୬୨୭/୨୭୨୫ | ଘରବାରି | ୦.୦୨୦ | ୦.୦୨୦ | ଗଙ୍ଗାଧର ମହାକୁଡ଼ ପି- କୃଷ୍ଣଚନ୍ଦ୍ର ମହାକୁଡ଼, ଜା-ଗଉଡ଼, ବା- ଅଶୋକନଗର-୬, ବ୍ରହ୍ମପୁର |
| ୭୯୧/୮୦୭ | ୬୨୮/୨୭୨୬ | ଘରବାରି | ୦.୦୬୦ | ୦.୦୬୦ | |
| ୭୯୧/୯୪୦ | ୬୨୯/୨୮୮୨ | ପଦର | ୦.୦୨୧ | ୦.୦୨୧ | ମହମ୍ମଦ ନିହାଲ ଅହମ୍ମଦ, ପି- ଅହମ୍ମଦ ଆକାସ୍, ଜା- ମୁସଲମାନ, ବା- ରାମନଗର, ବ୍ରହ୍ମପୁର |
| ୭୯୧/୯୫୧ | ୬୨୭/୨୮୯୬ | ପଦର | ୦.୦୧୨ | ୦.୦୧୨ | ପ୍ରଫୁଲ୍ଲ ପଣ୍ଡା, ପି- ଶ୍ରନିବାସ ପଣ୍ଡା, ଜା- ବ୍ରାହ୍ମଣ, ବା- ବାଦପୁର, ଥାନା- ଜରଡ଼ା |
| | | | ମୋଟ | ୧୨.୧୦୬ | |

OIPR-24124/14/0001/2324

# ଇଟାଲୀ ଆକାଶରେ ଏଲ୍‌ଭିସ୍

**ରୋମ୍:** କେନ୍ଦ୍ରୀୟ ଇଟାଲୀର ମଧ୍ୟ ଆକାଶରେ ଏକ ଲାଲ୍ ରଙ୍ଗର ବୃତ୍ତ(ଏଲ୍‌ଭିସ୍) ଦେଖିବାକୁ ମିଳିଛି। ଗତ ୨୭ ମାର୍ଚ୍ଚରେ ଏହି ଦୃଶ୍ୟ ଲୋକଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି, ଯାହା ଏକ ବୈଜ୍ଞାନିକ କଳ୍ପନାଭିତ୍ତିକ ଚିତ୍ର ପରି ଦୃଶ୍ୟମାନ ହେଉଥିଲା। ଏକ ପର୍ବତର ପାଦଦେଶରେ ଥିବା ପୋସାଗ୍ନୋ ସହରରୁ ସ୍ଥାନୀୟ ଫଟୋଗ୍ରାଫର ଭଲ୍ଟର ବିନୋଟୋ ଏହି ଦୃଶ୍ୟକୁ ତାଙ୍କ କ୍ୟାମେରାରେ କଏଦ୍ କରିଥିଲେ। କେନ୍ଦ୍ରୀୟ ଇଟାଲୀ ଉପରେ ଏହି ରିଙ୍ଗ୍ ଦେଖାଦେଇଥିବାବେଳେ ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି, ଏହି ବିଶାଳ ଲାଲ୍ ବୃତ୍ତର ବ୍ୟାସାର୍ଦ୍ଧ ଅତିକମ୍‌ରେ ୩୬୦ କିମି ହୋଇଥିବାବେଳେ ଏହା ଆଡ୍ରିଏଟିକ୍ ସମୁଦ୍ରକୁ ଆଚ୍ଛାଦିତ କରିଛି। ବୃତ୍ତଟି ୧୦୦ରୁ ୬୦୦ କିମି ମଧ୍ୟରେ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଇଟାଲୀ, ଫ୍ରାନ୍ସ, କ୍ରୋଏସିଆ, ଅଷ୍ଟ୍ରେଲିଆ ଏବଂ ହଙ୍ଗେରୀ ଆକାଶରେ ଦୃଶ୍ୟମାନ ହୋଇଥିବା ବିନୋଟୋ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ଶେୟାର କରିଛନ୍ତି। ଏଥିସହ ସେ କହିଛନ୍ତି, ଏହା ଏକ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ପଲ୍ସ ଉତ୍ସର ଫଳାଫଳ। ତାଙ୍କଠାରୁ ପ୍ରାୟ ୨୮୫ କିମି ଦକ୍ଷିଣରେ ଥିବା ଆଙ୍କୋନାରେ ସୃଷ୍ଟ ଝଡ଼ରେ ବଜ୍ରପାତରୁ ଏଲ୍‌ଭିସ୍ ସୃଷ୍ଟି ହୋଇଥିବା ସେ ଦେଖିଥିଲେ।



ଏଲ୍‌ଭିସ୍ ହେଉଛି ଏକ ସ୍ପିରିଟ୍, ଯାହା ବଜ୍ରପାତର ମେଘଠାରୁ ଉପରେ ବଡ଼ ଆକାରର ବୈଦ୍ୟୁତିକ ନିଷ୍କାସନ କରେ। ରିପୋର୍ଟ ଅନୁଯାୟୀ, ବଜ୍ରପାତ ଏତେ ବଡ଼ଧରଣର ଥିଲା, ଯାହାଫଳରେ ସେଥିରୁ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ପଲ୍ସ ସୃଷ୍ଟି ହୋଇଥିଲା। ବିଶେଷଜ୍ଞଙ୍କ ମୁତାବକ, ବଜ୍ରପାତ ୧୦ରୁ ୩୦ କିଲୋ ଆମ୍ପିୟର କରେଣ୍ଟ ଧାରଣ କରେ। ହେଲେ ଏହି ଏଲ୍‌ଭିସ୍ ତା'ଠାରୁ ୧୦ ଗୁଣା ଅଧିକ ଶକ୍ତିଶାଳୀ।

# ୧୨ ବର୍ଷୀୟ ମିନି ହଲ୍କ

ବ୍ରାସିଲିଆ

ଅନେକ ବଡିବିଲ୍ଡର ଅଛନ୍ତି, ଯେଉଁମାନେ କି ବହୁ ସମୟ ଜିମ୍‌ରେ ଅତିବାହିତ କରନ୍ତି। ସେମାନଙ୍କୁ ବଡି କରିବାକୁ କିଛି ବର୍ଷ ସମୟ ଲାଗିଥାଏ। ହେଲେ ଜଣେ ବାଳକ ୧୨ ବର୍ଷ ବୟସରେ ବଡି ତିଆରିକରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ଏଥିପାଇଁ ତାଙ୍କୁ ମିନି ହଲ୍କ ମଧ୍ୟ କୁହାଯାଉଛି। ବ୍ରାଜିଲ ବାସିନ୍ଦା କଉଜିନ୍‌ହୋ ନେଟୋ ତାଙ୍କର ଏପରି ବଡି ପାଇଁ ପ୍ରତିଦିନ ବହୁ ପରିଶ୍ରମ କରନ୍ତି। ସେ ପ୍ରତ୍ୟୁଷ ୫ଟା ୩୦ରୁ ଉଠି ୮ କିମି ଦୌଡ଼ିଥା'ନ୍ତି। ପରେ ସେ ସ୍କୁଲ ଯିବା ପାଇଁ ପ୍ରସ୍ତୁତ ହୁଅନ୍ତି। ସ୍କୁଲରୁ ଆସି ପାଠପଢ଼ା ଶେଷ କରିଥା'ନ୍ତି। ପରେ ୯ଟାରେ ଶୋଇବା ପୂର୍ବରୁ ୨ରୁ ସାଢ଼େ ୨ ଘଣ୍ଟା ଦିନର ୨ୟ ଥର ପାଇଁ ୱେଟ୍ ଟ୍ରେନିଂ ସେସନ କରନ୍ତି। ତାଙ୍କ ଓଜନ ୩୭ କିଲୋ ହୋଇଥିବାବେଳେ ସେ ବର୍ତ୍ତମାନ ୯୧ କିଲୋରୁ ଅଧିକ ଓଜନର ଡେଡଲିଫ୍ଟ କରିପାରୁଛନ୍ତି। ତାଙ୍କ ବାପା କାରଲୋସ୍ ପିଟାଙ୍ଗା ଫିଲ୍‌ହୋଙ୍କ କହିବା ମୁତାବକ, ନେଟୋ ୨୦୨୧ରୁ ଜିମ୍ ଯିବା ଆରମ୍ଭ କରିଛନ୍ତି। ଯେଉଁମାନେ ଲମ୍ବା ସମୟ ପର୍ଯ୍ୟନ୍ତ ପରେ ମଧ୍ୟ ଯେଉଁ କାର୍ଯ୍ୟ କରିପାରନ୍ତିନି ନେଟୋ ତାହା ଜିମ୍ ଆରମ୍ଭରୁ କରିପାରୁଥିଲେ। ସେ ସାଲ୍‌ଭାଡୋର୍‌ରେ ଆମାଟିଉର୍ ଏଲ୍‌ପିଓ ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏକ ଟ୍ରେନିଂ ଟିମ୍ ରହିଛି। ସେଥିରେ ଜଣେ କୋଚ୍, ଡାକ୍ତର, ଫିଜିଓଥେରାପିଷ୍ଟ, ନ୍ୟୁଟ୍ରିଶନିଷ୍ଟ ଅଛନ୍ତି।



# ଛୋଟପିଲାର ସ୍ୱପ୍ନ ପୂରଣ ହେଲା




**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍, ଟଲିଉଡ୍ ଷ୍ଟାର ଦଗ୍ଗୁବତି ଭେଙ୍କଟେଶ ଏବଂ ସାଉଥ୍ ସୁପରଷ୍ଟାର ରାମ ଚରଣଙ୍କ ବଲିଉଡ୍ ମୁଭି 'କିସି କି ଭାଇ କିସି କି ଜାନ୍'ର ଗୀତ ୟେତମ୍ମା ରିଲିଜ୍ ପରେ ପରଦାକୁ ଆସିଛି। ଏହି ଗୀତ ରିଲିଜ୍‌କୁ ନେଇ ରାମ ଚରଣ ଏକ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଏହି ଗୀତ ହେଉଛି ବ୍ଲାଷ୍ଟ। ଏହା ସବୁଠାରୁ ଭଲ ଗୀତ ମଧ୍ୟରୁ ଗୋଟିଏ। ସଲମାନ୍‌ଙ୍କ ସହ ଡ୍ୟାନ୍ସକରି ଜଣେ ଛୋଟ ପିଲାର ସ୍ୱପ୍ନ ପୂରଣ ହେଲା ବୋଲି ସେ କହିଛନ୍ତି। ଏହି ଗୀତରେ ସେ ବହୁତ ମଜା କରିଛନ୍ତି, ଯାହା ଦର୍ଶକଙ୍କ ବେଶ୍ ମନଲୋଭା ହୋଇଛି। ତେବେ ଏହି ଗୀତ ରିଲିଜ୍ ପରେ ଦର୍ଶକ ଏହାକୁ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। କିଛିଦିନ ହେବ 'ଆର୍‌ଆର୍‌ଆର୍' ମୁଭିର 'ନାଟୁ ନାଟୁ' ଗୀତକୁ ଓସ୍କାର ମିଳିବା ପରେ ରାମ ଚରଣ ଚର୍ଚ୍ଚାରେ ଥିଲେ। ଏହି ଓସ୍କାର ପାଇଁ ସେ ନିଜକୁ ବହୁ ଗର୍ବିତ ମନେକରୁଛନ୍ତି।

# ଓଡ଼ିଶା ସରକାର
# ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**No.XXIII-01**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act 2013) ର ଧାରା ୧୯ରେ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ତୁମ୍ବେକେଲା, ଥାନା-ବଡମାଳ, ତହସିଲ-ଝାରସୁଗୁଡା, ଜିଲ୍ଲା-ଝାରସୁଗୁଡାରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା M/s NLC India Ltd. ଶିଳ୍ପ ପ୍ରତିଷ୍ଠା ପ୍ରକଳ୍ପର ଶିଳ୍ପ ଓ ସମଜାତୀୟ କାର୍ଯ୍ୟର ସ୍ଥାପନା ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLA R&R Act-୨୦୧୩) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୬୧୬୦, ତା.୦୫.୧୦.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ତୁମ୍ବେକେଲା, ଥାନା-ବଡ଼ମାଳ, ତହସିଲ-ଝାରସୁଗୁଡ଼ା, ଜିଲ୍ଲା-ଝାରସୁଗୁଡା ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର - ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.jharsuguda.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକଙ୍କର ଭୂମି ଅଧିଗ୍ରହଣ ଘୋଷଣା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ଘୋଷଣା ପ୍ରକାଶନର ୩୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଝାରସୁଗୁଡା — ତହସିଲ-ଝାରସୁଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁମ୍ବେକେଲା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ୪୨.୯୭ | ଏଥିସହ ସଂଲଗ୍ନ |

●ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁମ୍ବେକେଲା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ୧୦୪.୨୧ (ହିର୍ମା) | ଏଥିସହ ସଂଲଗ୍ନ |

ଅଧିସୂଚନାର ବୈଧ ତାରିଖ ୩୦.୦୬.୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଝାରସୁଗୁଡା

## ଘରୋଇ ଜମିର ବିବରଣୀ
### ମୌଜା-ତୁମ୍ବେକେଲା, ଥା:ବଡମାଳ, ତହସିଲ:ଝାରସୁଗୁଡା, ଜିଲ୍ଲା:ଝାରସୁଗୁଡା

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ | ଜାତି |
|---|---|---|---|---|---|---|---|
| 1 | 6 | 513/1099 | 0.350 | 0.350 | ବା.ସା. | ଅଭିମନ୍ୟୁ ନାଥ, ପି-ତ୍ରିଲୋଚନ ନାଥ, ସଚ୍ଚିଦାନନ୍ଦ ନାଥ, ନିତ୍ୟାନନ୍ଦ ନାଥ, ପି-ପରମେଶ୍ୱର ନାଥ, ସୋମନାଥ ନାଥ, ଟିକେଶ୍ୱର ନାଥ, ପି-ଲକ୍ଷପତି ନାଥ, ବା.ନିଜଗାଁ | ବ୍ରାହ୍ମଣ |
| | | 518 | 0.230 | 0.230 | ଆ.ସା. | | |
| | | 516 | 0.080 | 0.080 | ବା.ସା. | | |
| | | 626/1101 | 0.180 | 0.180 | ବା.ସା. | | |
| 2 | 8 | 549/1069 | 0.250 | 0.250 | ଆ.ସା. | ଇନ୍ଦ୍ର ଧରୁଆ, ଚିନ୍ଦ୍ରା ଧରୁଆ, ପି-ଯାଦବ ଧରୁଆ, ପୂର୍ଣ୍ଣି ଧରୁଆ, ସ୍ୱା-ଯାଦବ ଧରୁଆ, ବା-ନିଜଗାଁ | ଗଣ୍ଡ |
| | | 549 | 0.300 | 0.300 | ଆ.ସା. | | |
| | | 524 | 0.300 | 0.300 | ଆ.ସା. | | |
| 3 | 11 | 639 | 0.470 | 0.470 | ବା.ସା. | ଉଗ୍ରସେନ ଗଣ୍ଡା, ପି-କୁଲ୍ଲା ଗଣ୍ଡା, ଟିଲ ଗଣ୍ଡା, ନୀଳାମ୍ବର ଗଣ୍ଡା, ରଞ୍ଜିତ ଗଣ୍ଡା, ପି-ଭିକ ଗଣ୍ଡା, ହନୁମତ ଗଣ୍ଡା, ମଙ୍ଗଲ ଗଣ୍ଡା, ସୁରେସନ ଗଣ୍ଡା, ପି-ନୀଲ ଗଣ୍ଡା,ବା.ନିଜଗାଁ | ଗଣ୍ଡା |
| | | 637 | 0.050 | 0.050 | ବା.ସା. | | |
| 4 | 16 | 480 | 0.390 | 0.390 | ବା.ସା | ମାଧବି ନାଥ, ସ୍ୱା-ଚକ୍ରଧର ନାଥ, ସରତ ଚନ୍ଦ୍ର ନାଥ, ଗୋବିନ୍ଦ ଚନ୍ଦ୍ର ନାଥ, ପି-ଚକ୍ରଧର ନାଥ, ସରୋଜିନୀ ପାଣିଗ୍ରାହୀ, ସ୍ୱା-ପ୍ରଫୁଲ୍ଲ ପାଣିଗ୍ରାହୀ, ବା-ନିଜଗାଁ | ବ୍ରାହ୍ମଣ |
| | | 693 | 0.400 | 0.400 | ଆ.ସା | | |
| | | 635 | 0.360 | 0.360 | ବା.ସା | | |
| | | 490 | 0.160 | 0.160 | ବା.ସା | | |
| | | 632 | 0.190 | 0.190 | ବା.ସା. | | |
| | | 485 | 0.310 | 0.310 | ବନ୍ଧ | | |
| | | 484 | 0.250 | 0.250 | ବା.ସା | | |
| 5 | 18 | 523 | 0.390 | 0.390 | ଆ.ସା. | କୁଞ୍ଜବିହାରୀ ପାଣିଗ୍ରାହୀ, ପି-ଭଗବାନ ପାଣିଗ୍ରାହୀ, ବା.ତରେଇକେଲା | ବ୍ରାହ୍ମଣ |
| 6 | 22 | 505 | 1.120 | 1.120 | ଆ.ସା. | ଖେତ୍ରୁ ଧୁରୁଆ, ହରିପ୍ରିୟା ପୁଟା, ସ୍ୱା:ମାନଧାତା ଧୁରୁଆ, ବା:ନିଜଗାଁ | ଗଣ୍ଡା |
| 7 | 29 | 527 | 0.250 | 0.250 | ବା.ସା | ଚଏନୁ ସାହୁ, ମାଖୁନୁ ସାହୁ, ପି-ଶାମ ସାହୁ, ବା-ନିଜଗାଁ | ତେଲି |
| | | 514 | 0.270 | 0.270 | ବା.ସା | | |
| | | 515 | 0.220 | 0.220 | ବା.ସା | | |
| | | 517 | 0.240 | 0.240 | ବା.ସା | | |
| | | 519 | 0.200 | 0.200 | ଆ.ସା | | |
| 8 | 30 | 547 | 0.080 | 0.080 | ଆ.ସା. | ଜଗନ୍ନାଥ ଗଣ୍ଡା, ପି-ଅଁଏଠୁ ଗଣ୍ଡା, ବା-ନିଜଗାଁ | ଗଣ୍ଡା |
| 9 | 34 | 472 | 0.720 | 0.720 | ବା.ସା | ଲମ୍ବୋଦର ରୋହିଦାସ, ପାନବତୀ ରୋହିଦାସ, ପି-ପୁରନ୍ଦର ରୋହିଦାସ, ଭାଗ ରୋହିଦାସ, ସ୍ୱା-ଉତ୍ତମ ରୋହିଦାସ, ବା-ନିଜଗାଁ | ଚମାର |
| 10 | 36 | 477/1081 | 0.180 | 0.180 | ବା.ପା.-୨ | ତପସ୍ୱିନୀ ନାୟକ, ପି-ବିଷ୍ଣୁ ମାଝୀ, ବା-ନିଜଗାଁ | ଗଣ୍ଡ |
| 11 | 37 | 530 | 0.500 | 0.500 | ଆ.ସା. | ଦଶରଥ ଚମାର, ପି-ପିଛାଲୁ ଚମାର, ଛେଲିଆ ଚମାର, ପି-ୟୁଗି ଚମାର, ରୂପଧର ଚମାର, ପି-ବୁଧୁ ଚମାର, କେପା ଚମାର, ହରିହର ଚମାର, ମୁନୁ ଚମାର, ନୃପ ଚମାର, ପି-ବଳଦେବ ଚମାର, ଗୌରୀ ଚମାର, ସ୍ୱା-ବଳଦେବ ଚମାର, ନିରଞ୍ଜନ ଚମାର, ପି-ବାମଦେବ ଚମାର, ଜନ୍ମ ରୋହିଦାସ, ପି-ୟୁଧିଷ୍ଠି ରୋହିଦାସ, ମାଲା ଚମାର, ସ୍ୱା-ମହାଦେବ ଚମାର, ବା:ହିରମା | ଚମାର |
| 12 | 38 | 466 | 0.250 | 0.250 | ମା.ସା. | ଦାଶରଥୀ ଧରୁଆ, ପି-ଶଙ୍କର ଧରୁଆ, ବନମାଳୀ ଧରୁଆ, ପି-ମାଧ ଧରୁଆ, ବା-ନିଜଗାଁ | ଗଣ୍ଡ |
| | | 473 | 0.550 | 0.550 | ବେ.ସା. | | |
| 13 | 39 | 469(P) | 0.240 | 0.120 | ମା.ସା. | ଲକ୍ଷ୍ମୀପ୍ରିୟା ଧୁରୁଆ, ସ୍ୱା:ଦୁର୍ଯ୍ୟୋଧନ ଧରୁଆ, ଜିବରଧନ ଧରୁଆ, ଗୋରୀ ଭୋଇ, ସ୍ନେହଲତା ନାଏକ, ପି-ଦାସରଥୀ ଧରୁଆ, ଚୈତନ୍ୟ ଧରୁଆ, ପି-ବନମାଳୀ ଧରୁଆ | ଗଣ୍ଡ |
| | | 464 | 0.240 | 0.240 | ଆ.ସା | | |
| | | 465 | 0.200 | 0.200 | ଆ.ସା | | |
| 14 | 40 | 512 | 2.180 | 2.180 | ଆ.ସା. | ଦୁଃଖୀ ଧରୁଆ, ସ୍ୱା-ଖଡୁ ଧରୁଆ, ଗୌତମ ଧରୁଆ, ପୁରୁଷୋତ୍ତମ ଧରୁଆ, ରେବତୀ ଧରୁଆ, ଖାଡି ଧରୁଆ, ପି-ଅଚ୍ୟୁତ ଧରୁଆ, ଦଶରଥ ଧରୁଆ, ପି-ଶଙ୍କର ଧରୁଆ, ଶୁକମଣି ଧରୁଆ, ସ୍ୱା-ଶଙ୍କର ଧରୁଆ, ବନମାଳୀ ଧରୁଆ, ପି-ମାଧ ଧରୁଆ, ବା-ନିଜଗାଁ | ଗଣ୍ଡ |
| 15 | 41 | 522 | 0.200 | 0.200 | ଆ.ସା | ଦୁଃଖୀ ଧରୁଆ, ସ୍ୱା-ଖଡୁ ଧରୁଆ, ଗୌତମ ଧରୁଆ, ପୁରୁଷୋତ୍ତମ ଧରୁଆ, ରେବତୀ ଧରୁଆ, ଖାଡି ଧରୁଆ, ପି-ଅଚ୍ୟୁତ ଧରୁଆ, ବା-ନିଜଗାଁ | ଗଣ୍ଡ |
| 16 | 42 | 476 | 0.320 | 0.320 | ବେ.ସା. | ଦୁଃଖୀ ଧରୁଆ, ସ୍ୱା-ଖଡୁ ଧରୁଆ, ଗୌତମ ଧରୁଆ, ପୁରୁଷୋତ୍ତମ ଧରୁଆ, ରେବତୀ ଧରୁଆ, ଖାଡି ଧରୁଆ, ପି-ଅଚ୍ୟୁତ ଧରୁଆ, ବା-ନିଜଗାଁ | ଗଣ୍ଡ |
| | | 483 | 0.130 | 0.130 | ବା.ସା. | | |
| 17 | 45 | 534 | 0.200 | 0.200 | ବା.ସା. | ଦୁର୍ଗା ପ୍ରସାଦ ସେଠ, ଉକିଆ ସେଠ, ପୂର୍ଣ୍ଣମୀ ସେଠ, ପି-ଗୁମାନୁ ସେଠ, ବା-ନିଜଗାଁ | କେଉଟ |
| 18 | 49 | 499 | 0.470 | 0.470 | ଆ.ସା. | ଦେବେନ୍ ପ୍ରଧାନ, ପି-ଶତ୍ରୁଘ୍ନ ପ୍ରଧାନ | ଗଣ୍ଡ |
| 19 | 51 | 520 | 0.240 | 0.240 | ଆ.ସା. | ଧନମାଳୀ ସେଠ, ପି-ଚମାର ସେଠ, ଘସିଆନ ସେଠ, ସ୍ୱା-ଚମାର ସେଠ, ବା-ନିଜଗାଁ | କେଉଟ |
| 20 | 54 | 510 | 0.060 | 0.060 | ବା.ସା | ସକୁନ୍ତଲା ଧରୁଆ, ସ୍ୱା-ସନ୍ୟାସୀ ଧରୁଆ, ନରେନ ଧରୁଆ, ସୁରେସ ଧରୁଆ, ସୁଭଦ୍ରା ମାଝି, ପି-ସନ୍ୟାସୀ ଧରୁଆ, ଶ୍ରୀଚରଣ ଧରୁଆ, ପି-ଧୁବେଇ ଧରୁଆ | ଗଣ୍ଡ |
| | | 511 | 0.500 | 0.500 | ଆ.ସା | | |
| | | 509 | 0.210 | 0.210 | ବା.ସା | | |
| | | 542 | 0.240 | 0.240 | ଆ.ସା | | |
| | | 551/1024 | 0.120 | 0.120 | ଆ.ସା | | |
| 21 | 59 | 502 | 0.120 | 0.120 | ଆ.ସା. | ମନୋହର ଘୁଘର, ବଂଶିଧର ଘୁଘର, ବିଶ୍ୱଧର ଘୁଘର, ପ୍ରେମଶୀଳା କଣ୍ଟ, ଚନ୍ଦ୍ରକାନ୍ତି ରନବିଡା, ପି-ପରମାନନ୍ଦ ଗଣ୍ଡା, ବା-ନିଜଗାଁ | ଗଣ୍ଡା |
| 22 | 60 | 545 | 0.090 | 0.090 | ଆ.ସା. | ପରମାନନ୍ଦ ଗଣ୍ଡା, ରସାନନ୍ଦ ଗଣ୍ଡା, ପି-ଦୁର୍ଯ୍ୟୋଧନ ଗଣ୍ଡା, ଅପୂର୍ବ ଗଣ୍ଡା, ସ୍ୱା-ଦୁର୍ଯ୍ୟୋଧନ ଗଣ୍ଡା, ଦଲଗଞ୍ଜନ ଗଣ୍ଡା, ସନାତନ ଗଣ୍ଡା, ପି-ବନ୍ଧୁ ଗଣ୍ଡା, ତାରା ଗଣ୍ଡା, ସ୍ୱା-ବନ୍ଧୁ ଗଣ୍ଡା, କୁମ୍ଭକର୍ଣ୍ଣ ଗଣ୍ଡା, ପି-ସିନ୍ଧୁ ଗଣ୍ଡା, ଫୁଲତୁଲି ଗଣ୍ଡା, ସ୍ୱା-ସିନ୍ଧୁ ଗଣ୍ଡା, ବା-ନିଜଗାଁ | ଗଣ୍ଡା |
| 23 | 61 | 532 | 0.570 | 0.570 | ବେ.ସା | ଭିକାରୀ ସେଠ, ପି-ଭକ୍ତ ସେଠ | କେଉଟ |
| | | 532/1035 | 0.240 | 0.240 | ବେ.ସା | | |
| | | 533 | 0.730 | 0.730 | ଆ.ସା. | | |
| | | 531 | 0.390 | 0.390 | ଆ.ସା. | | |
| 24 | 62 | 544 | 0.080 | 0.080 | ଆ.ସା. | ପୁଲନ ଗଣ୍ଡା, ବୁଧୁ ଗଣ୍ଡା, ରଚନା ଗଣ୍ଡା, ପି-ଚିନ୍ତା ଗଣ୍ଡା, ମଙ୍ଗଲୁ ଗଣ୍ଡା, କଳ୍ପ ଗଣ୍ଡା, ସନ୍ତୋଷ ଗଣ୍ଡା, ପି-ହିରା ଗଣ୍ଡା, ସୁବର୍ଣ୍ଣ ଗଣ୍ଡା, ସ୍ୱା- ହିରା ଗଣ୍ଡା, ବା-ଘୁଙ୍ଗିପାଲି | ଗଣ୍ଡା |
| 25 | 65 | 548 | 0.180 | 0.180 | ଆ.ସା. | ଫୁଲତୁଲି ଘୁଙ୍ଗୁର, ସ୍ୱା-ପିତାମ୍ବର ଘୁଙ୍ଗୁର, ବା-ନିଜଗାଁ | ଗଣ୍ଡା |
| 26 | 68 | 489 | 0.150 | 0.150 | ବା.ସା | ବିଦେଶୀ ନାଥ, ଜଗଦିଶ ନାଥ, ପି-ଗଙ୍ଗାଧର ନାଥ, ବା-ନିଜଗାଁ | ବ୍ରାହ୍ମଣ |
| | | 633 | 0.270 | 0.270 | ବା.ସା | | |
| | | 638 | 0.080 | 0.080 | ବା.ସା | | |
| | | 695 | 0.280 | 0.280 | ଆ.ସା | | |
| | | 481 | 0.370 | 0.370 | ବା.ସା | | |
| 27 | 77 | 546 | 0.100 | 0.100 | ଆ.ସା | ମହାଦେବ ଗଣ୍ଡା, ପି-ବୁଣ୍ଡ ଗଣ୍ଡା, ଗୁଷି ଗଣ୍ଡା, ସଦାନନ୍ଦ ଗଣ୍ଡା, ସଦାଶିବ ଗଣ୍ଡା, ପି-ବସୁଦେବ ଗଣ୍ଡା, ବା-ନିଜଗାଁ | ଗଣ୍ଡା |
| 28 | 80 | 482 | 0.920 | 0.920 | ବା.ସା. | ମୁଟୁର ଚମାର, ପି-ସତ୍ୟବାନ ଚମାର, ବାଜନ ଚମାର, ସ୍ୱା-ସତ୍ୟବାନ ଚମାର, ବା-ନିଜଗାଁ | ଚମାର |
| 29 | 82 | 503/1023 | 0.740 | 0.740 | ଆ.ସା. | ବସନ୍ତ କୁମାର ନାଥ, ସୁଶାନ୍ତ କୁମାର ନାଥ, ପ୍ରଶାନ୍ତ କୁମାର ନାଥ, ପି-ରାମଚନ୍ଦ୍ର ନାଥ | ବ୍ରାହ୍ମଣ |
| 30 | 90 | 634 | 0.330 | 0.330 | ବା.ସା. | ସନାତନ ନାଥ, ପି-ଦୁବେରାଜ ନାଥ, ବା-ନିଜଗାଁ | ବ୍ରାହ୍ମଣ |
| | | 692 | 0.260 | 0.260 | ଆ.ସା. | | |
| | | 491 | 0.820 | 0.820 | ବାହାଲ ପାଣି ୧ ଦୁଇ ଫସଲି | | |
| | | 479 | 0.990 | 0.990 | ବାହାଲ ପାଣି ୧ ଦୁଇ ଫସଲି | | |
| 31 | 92 | 636 | 0.230 | 0.230 | ବା.ସା | ଶରତ ଚନ୍ଦ୍ର ନାଥ, ଗୋବିନ୍ଦ ଚନ୍ଦ୍ର ନାଥ, ପି-ଚକ୍ରଧର ନାଥ, ନିଜଗାଁ | ବ୍ରାହ୍ମଣ |
| 32 | 99 | 477 | 0.470 | 0.470 | ବା.ପା.-୨ | ହେମବତୀ ନାୟକ, ସ୍ୱା-ପଦ୍ମଲୋଚନ ନାୟକ, ତାରାବତୀ ନେଟୀ, ସ୍ୱା-ଦୁବରାଜ ନେଟୀ, ପାର୍ବତୀ ପାଉଲେ, ସ୍ୱା-ପର୍ଶୁ ପାଉଲେ | ଗଣ୍ଡ |
| 33 | 100 | 503 | 1.060 | 1.060 | ଆ.ସା | ସନ୍ୟାସୀ ଧରୁଆ, ଶ୍ରୀଚରଣ ଧରୁଆ, ପି-ଧୁବେ ଧରୁଆ, ବା-ନିଜଗାଁ, ସ୍ୱତ୍ୱ-ଗ୍ରାମଦେବୀ ପୂଜା ପାଇଁ ମାଫି | ଗଣ୍ଡା |
| | | 553 | 0.050 | 0.050 | ଆ.ସା | | |
| | | 551 | 0.120 | 0.120 | ଆ.ସା | | |
| 34 | 99/2 | 552 | 0.350 | 0.350 | ଆ.ସା | ପଲଉ କିସାନ, ପି-ଖଗେଶ୍ୱର କିସାନ, ବା-ତରେଇକେଲା | କିସାନ |
| 35 | 99/9 | 626 | 0.200 | 0.200 | ବା.ସା | ଗଜପତି ସର, ପି- ଦୁର୍ଯ୍ୟୋଧନ ସର, ବା-ତରେଇକେଲା | ବ୍ରାହ୍ମଣ |
| | | 513 | 0.360 | 0.360 | ବା.ସା | | |
| 36 | 99/12 | 486/1163 | 0.030 | 0.030 | ଆ.ସା | ଜୟଧନ ପ୍ରଧାନ, ନୁନୁ ପ୍ରଧାନ, ପି-ଲଖିନ୍ଦର ପ୍ରଧାନ, ବା-ଘୁଂଗିପାଲି, ବା-ନିଜଗାଁ | କିସାନ |
| | | 487/1164 | 0.250 | 0.250 | ଆ.ସା | | |
| | | 504/1165 | 0.200 | 0.200 | ଆ.ସା | | |
| | | 628/1166 | 0.260 | 0.260 | ବେ.ସା | | |
| | | 629/1167 | 0.770 | 0.770 | ବା.ସା | | |
| 37 | 99/13 | 486 | 0.020 | 0.020 | ଆ.ସା | ସତିଆ ପ୍ରଧାନ, ନିତିଆ ପ୍ରଧାନ, ଦୁତିଆ ପ୍ରଧାନ, ପି-ଲଖିନ୍ଦର ପ୍ରଧାନ, ବା-ଘୁଂଗିପାଲି | କିସାନ |
| | | 628/1168 | 0.270 | 0.270 | ବେ.ସା | | |
| | | 629/1169 | 0.770 | 0.770 | ବା.ସା | | |
| | | 487 | 0.250 | 0.250 | ଆ.ସା | | |
| | | 504 | 0.200 | 0.200 | ଆ.ସା | | |
| 38 | 99/18 | 521 | 1.380 | 1.380 | ମା.ସା | ମନବୋଧ ପାଣିଗ୍ରାହୀ, ପି-ଉପେନ୍ଦ୍ର ପାଣିଗ୍ରାହୀ,ବା-ନିଜଗାଁ | ବ୍ରାହ୍ମଣ |
| | | 525 | 0.380 | 0.380 | ଆ.ସା | | |
| | | 526 | 0.310 | 0.310 | ବେ.ସା | | |
| | | 528 | 0.450 | 0.450 | ବା.ସା | | |
| 39 | 99/21 | 627 | 0.380 | 0.380 | ଆ.ସା | ସନାତନ ପ୍ରଧାନ, ପି-ଧନେଶ୍ୱର ପ୍ରଧାନ, ପ୍ରସନ୍ନ କିସାନ, ପି-ପରକ୍ଷୀତ କିସାନ, ବା-ଫୁଲ୍‌ଝାଙ୍ଗୁର | କିସାନ |
| | | 628 | 0.110 | 0.110 | ବେ.ସା | | |
| | | 629 | 1.340 | 1.340 | ବା.ସା | | |
| | | 507 | 0.040 | 0.040 | ଆ.ସା | | |
| | | 508 | 0.190 | 0.190 | ବା.ସା | | |
| 40 | 99/35 | 501/1241 | 1.020 | 1.020 | ଆ.ସା | ସରୋଜିନୀ ମହାନ୍ତି, ସ୍ୱା-ଗୋଲକ ଚନ୍ଦ୍ର ମହାନ୍ତି, ବା-ମଙ୍ଗଲ ବଜାର,ଝାରସୁଗୁଡା | କରଣ |
| 41 | 99/64 | 633/1280 | 0.180 | 0.180 | ବା.ସା | ବଳରାମ ଭଏଁସା, ପି-ଅବତାର ଭଏଁସା, ବା-ଖେତ୍ରୁଆଲ | ଗୌଡ଼ |
| | | 638/1281 | 0.100 | 0.100 | ବା.ସା | | |
| 42 | 99/72 | 694/1303 | 0.250 | 0.250 | ଆ.ସା | ବୁଧୁ ରାମ ଭଏଁସା, ପି-ଅବତାର ଭଏଁସା, ବା-ଖେତ୍ରୁଆଲ (କଟାଟିକରା) | ଗୌଡ଼ |
| | | 481/1301 | 0.370 | 0.370 | ବା.ସା | | |
| | | 489/1302 | 0.110 | 0.110 | ବା.ସା | | |
| 43 | 99/74 | 543 | 0.650 | 0.650 | ଆ.ସା | ଅମଲି ରବନା, ସ୍ୱା-ଗଙ୍ଗାଧର ରବନା, ଭିଲେଶ୍ୱର ରବନା, ଦିଲିପ ରବନା, ସରସ୍ୱତୀ ରବନା, ପି-ଗଙ୍ଗାଧର ରବନା, ଜା-ଗୌଡ, ବା-ନିଜଗାଁ | ଗୌଡ |
| 44 | 99/85 | 476/1313 | 0.110 | 0.110 | ବେ.ସା | ନିତ୍ୟାନନ୍ଦ ଧରୁଆ, ପି-ଗୌତମ ଧରୁଆ, ବା-ନିଜଗାଁ | ଗଣ୍ଡ |
| 45 | 99/106 | 493 | 0.390 | 0.390 | ଘରବାରି | ସୁଷମା ଦାଶ, ସ୍ୱା-ମନୋରଞ୍ଜନ ଦାଶ, ବା-ଚେଲେନ୍ଦ୍ରାଲି, ଥା-ବ୍ରଜରାଜନଗର | ବ୍ରାହ୍ମଣ |
| | | 497 | 3.340 | 3.340 | ଘରବାରି | | |
| 46 | 99/119 | 500 | 1.140 | 1.140 | ଘରବାରି | କହ୍ନେୟାଲାଲ ଲୋଧା, ପି-ସୀତାରାମ ଲୋଧା, ବା-ସରବାହାଲ ରୋଡ, ରାଜେନ୍ଦ୍ର କୁମାର ଅଗ୍ରୱାଲ, ପି-ହରଦେବ ଦାସ ଅଗ୍ରୱାଲ, ବା-ମାରୱାଡିପଡା, ଝାରସୁଗୁଡା | ବୈଶ୍ୟ |
| 47 | 99/129 | 501 | 1.020 | 1.020 | ଆ.ସା | ସରଲା ଦେବୀ ବୋନ୍ଦିଆ, ସ୍ୱା-ସୁବାଷ ବୋନ୍ଦିଆ, ବା-ମାରୱାଡିପଡା, ଜି-ଝାରସୁଗୁଡା | ବଣିଆ |
| 48 | 99/136 | 488 | 0.080 | 0.080 | ଆ.ସା | ଅରୁଣା ସିଂହ, ଉର୍ଫ ଶର୍ମା, ସ୍ୱା-ଅର୍ଜୁନ ସିଂହ, ଓସେନ ସିଂହ, ପି-ଅର୍ଜୁନ ସିଂହ, ବା-ମେନ୍ ରୋଡ, ବ୍ରଜରାଜନଗର | ରାଜପୁତ |
| 49 | 99/137 | 694 | 0.250 | 0.250 | ଘରବାରି | ଆଶିଷ ଅଗ୍ରୱାଲ, ପି-ଅଶୋକ କୁମାର ଅଗ୍ରୱାଲ, ବା-ସ୍ୱସ୍ତିକ ଲଜ, ଗାନ୍ଧୀ ରୋଡ,ରାଉରକେଲା | ବଣିଆ |
| 50 | 99/154 | 502/1354 | 0.600 | 0.600 | ଘରବାରି | ତ୍ରିଲୋଚନ ରୋହିଦାସ, ପି-ଗୁଲୁ ରୋହିଦାସ, ବା-ନିଜଗାଁ | ଚମାର |
| 51 | 99/174 | 498 | 0.300 | 0.300 | ବା.ସା | ଧନେଶ କୁମାର ଟିବ୍ରିୱାଲ, ପି-କାଶୀରାମ ଟିବ୍ରିୱାଲ, ବା-ମାରୱାଡିପଡା, ଝାରସୁଗୁଡା | ବଣିଆ |
| 52 | 99/188 | 534/1372 | 0.100 | 0.100 | ବା.ସା. | ଜନାର୍ଦ୍ଦନ ନାୟକ, ସଂକୀର୍ତ୍ତନ ନାୟକ, ପି-ଅଇଁଠା ନାୟକ, ବା-ଠେଲକୋଲୋଇ | କେଉଟ |
| 53 | 99/208 | 640/1383 | 0.090 | 0.090 | ଘରବାରି | ଶିବାନନ୍ଦ ପ୍ରଧାନ, ପି-ଜ୍ୟୋତିନ୍ଦ୍ର କୁମାର ପ୍ରଧାନ, ବା-ପଥୁରିଆ, ପିଏସ-ରେଢାଖୋଲ, ଜି-ସମ୍ବଲପୁର, ହା.ନି-ଜେଇଏସ୍ କଲୋନୀ,ଝାରସୁଗୁଡା | ଚଷା |
| 54 | 99/209 | 640 | 0.050 | 0.050 | ଘରବାରି | ସୁପ୍ରୀତି ଦିକ୍ଷୀତ,ସ୍ୱା-ମନୋଜ କୁମାର ଦିକ୍ଷୀତ,ବା-କୁକୁରଜଙ୍ଘା,ଝାରସୁଗୁଡା | ବ୍ରାହ୍ମଣ |
| ସର୍ବ ମୋଟ | 54 | 110 | 43.090 | 42.970 | | | |

OIPR-24022/14/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡେକାଥଲନରେ ତେଜସ୍ୱିନଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୮।୪ (ପି.ଟି.)**

ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଆରିଜୋନାଠାରେ ଅନୁଷ୍ଠିତ ଜିମ୍ କ୍ଲିକ୍ ଶୁଟ୍‌ଆଉଟ୍ ପ୍ରତିଯୋଗିତା ଡେକାଥଲନରେ ଭାରତର ରାଜ୍ୟଗୋଷ୍ଠୀ ପଦକ ବିଜେତା ହାଇଜମ୍ପର ତେଜସ୍ୱିନ ଶଙ୍କର ରୌପ୍ୟପଦକ ଜିତିଛନ୍ତି। ସେ ଅଳ୍ପକେ ଜାତୀୟ ରେକର୍ଡ ହାସଲ କରିପାରିନାହାନ୍ତି। ବର୍ମିଂହାମ୍‌ଠାରେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ଜିତିଥିବା ତେଜସ୍ୱିନ କଷ୍ଟସାଧ୍ୟ ୧୦ ଇଭେଣ୍ଟ ବିଶିଷ୍ଟ ଡେକାଥ୍‌ଲନରେ ଅଂଶଗ୍ରହଣ କରି ୭,୬୪୮ ପଏଣ୍ଟ ସ୍କୋର କରିଥିଲେ। ୨୦୧୧ରେ ୭,୬୫୮ ପଏଣ୍ଟ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଭରତିନ୍ଦର ସିଂଙ୍କଠାରୁ ସେ ୧୦ ପଏଣ୍ଟ ପଛରେ ରହିଯାଇଥିଲେ। ପ୍ରତିଯୋଗିତା ଆରିଜୋନା ୟୁନିଭର୍ସିଟିର ଟସ୍‌ସନ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ୧୦ଟି ଇଭେଣ୍ଟକୁ ଦେଇ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ନେବାସ୍କାର ଟିଲ୍ ଷ୍ଟିନ୍‌ଫୋର୍ଥ ୭,୮୪୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ୧୪ ବର୍ଷରୁ କମ୍ ଏସିଆନ ଡେଭଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ
# ମାୟା ରନରଅପ୍

**ଭୁବନେଶ୍ୱର, ୮।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ଓ ଡବଲ୍ସରେ ରନର୍‌ଅପ୍ ହୋଇଛନ୍ତି ଭାରତର ମାୟା ରାଜେଶ୍ୱରନ ରେଭଥୀ। ଶନିବାର ଅନୁଷ୍ଠିତ ଫାଇନାଲରେ ମାୟା ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ହାରି ଯାଇଥିଲେ। ବାଳିକା ସିଙ୍ଗଲ୍ସ ଫାଇନାଲରେ ମାୟା କୋରିଆର ଜିୟୁନ୍ ଓଙ୍କ ଠାରୁ ୬-୩, ୬-୧ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ହରିଥା ଶ୍ରୀ ଭେଙ୍କଟେଶଙ୍କ ସହିତ ସେ ବାଳିକା ଡବଲ୍ସ ଖେଳିଥିଲେ। ଡବଲ୍ସ ସେମିଫାଇନାଲରେ ମାୟା ଓ ହରିଥା ଯୋଡ଼ି କୋରିଆର ୟେରୀ ହୋଙ୍ଗ ଓ ଜିୟୁନ୍ ଓଙ୍କ ନିକଟରୁ ୬-୪ ଓ ୬-୧ ସେଟରେ ହାରି ଯାଇଥିଲେ। ବାଳକ ସିଙ୍ଗଲ୍ସ ଫାଇନାଲରେ କୋରିଆର ଓନମିନ କିମ୍ ନିଜ ଦେଶର ମିନ୍ ହ୍ୟୁକ୍ ଚୋଙ୍କୁ ୭-୬(୨) ଓ ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ବାଳକ ଡବଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ଓ ଓନମିନ କିମ୍‌ଙ୍କ ଯୋଡି ଥାଇଲାଣ୍ଡର ରୁ୍ୟ କୋଟିକୁଲା ଓ ଧର୍ମା ପାଣ୍ଟାରାଟର୍ନଙ୍କୁ ୬-୩ ଓ ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ସମ୍ବିତ ପଟ୍ଟନାୟକ ଉପସ୍ଥିତ ରହିଥିଲେ।




ଡବଲ୍ସ ଫାଇନାଲିଷ୍ଟଙ୍କ ସହ ଅତିଥି ତଥା ଭୁବନେଶ୍ୱର ମେୟର ସୁଲୋଚନା ଦାଶ।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385

SONY MOBILE NETWORK
ନିଜଛାତ,ଜମି,ଜଲିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ. ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
6390061477
7380925927

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୪

**ବେଙ୍ଗାଲୁରୁ,୮।୪(ପି.ଟି.)**

ଅଷ୍ଟ୍ରେଲିଆ ଗସ୍ତରେ ଯିବା ପୂର୍ବରୁ ଭାରତୀୟ ମହିଳା ହକି ଦଳର ଏକ ୩୫ ଦିନିଆ ପ୍ରସ୍ତୁତି ଶିବିର ହେବ। ଏଥିପାଇଁ ମନୋନୀତ ୩୩ ଜଣ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାରୁ ୪ ଜଣ ସାମିଲ ହୋଇଛନ୍ତି। ଡିଫେଣ୍ଡର ଦୀପ୍‌ଗ୍ରେସ ଏକ୍କାଙ୍କ ସହିତ ମାରିଆନା କୁଜୁର, ସୁନେଲିତା ଟପ୍ପୋ ଓ ଆଜମିନା କୁଜୁର ସାମିଲ ଅଛନ୍ତି। ମହିଳା ଦଳର ମୁଖ୍ୟ କୋଚ୍ ଜାନେକ ସ୍କପମ୍ୟାନ୍ ଏହି ଶିବିରରେ ଦଳର ଚୂଡ଼ାନ୍ତ ଏକାଦଶ ଚୟନ ହେବ ବୋଲି ସୂଚନା ଦେଇଛନ୍ତି। ଏପ୍ରିଲ ୯ ତାରିଖରୁ ଏହି ଶିବିର ଆରମ୍ଭ ହୋଇ ମେ’ ୧୩ ପର୍ଯ୍ୟନ୍ତ ଚାଲିବ। ଶିବିର ପରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ଅଷ୍ଟ୍ରେଲିଆ ଗସ୍ତରେ ସୁଯୋଗ ମିଳିବ ବୋଲି ସ୍କପ୍‌ମ୍ୟାନ୍ କହିଛନ୍ତି। ଏହି ଶିବିରରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ସହ ଏହାକୁ କାର୍ଯ୍ୟକ୍ଷମ କରିବାର ରାସ୍ତା ତିଆରି କରିବ ବୋଲି ସ୍କପ୍‌ମ୍ୟାନ୍ କହିଛନ୍ତି। ମହିଳା ହକିରେ ଅଷ୍ଟ୍ରେଲିଆ ଶୀର୍ଷ ଦଳ ଥିବାରୁ ଏହା ଆମକୁ ଆଗକୁ ବଢିବାରେ ସହାୟତା କରିବ ବୋଲି ସେ କହିଛନ୍ତି।

**ସମ୍ଭାବ୍ୟ ହକି ଦଳ**

**ଗୋଲକିପର:** ସବିତା, ରଜନୀ ଏଟିମାର୍ପୁ, ବିଚୁ ଦେବୀ ଖାରିବାମ୍, ବନ୍ସାରୀ ସୋଲାଙ୍କି।

**ଡିଫେଣ୍ଡର୍ସ:** ଦୀପ୍‌ଗ୍ରେସ ଏକ୍କା, ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ଅକ୍ଷତା ଆବାସୋ ଢେକାଲେ, ଜ୍ୟୋତି ଛତ୍ରି, ମହିମା ଚୌଧୁରୀ।

**ମିଡ୍‌ଫିଲ୍ଡର୍ସ:** ନିଶା, ସଲିମା ଟେଟେ, ସୁଶୀଲା ଚାନୁ ପୁଖରାମ୍ବାମ, ଜ୍ୟୋତି, ନବଜୋତ କୌର୍, ମୋନିକା, ମାରିଆନା କୁଜୁର, ସୋନିକା, ନେହା, ବଲଜିତ୍ କୌର୍, ରୀନା ଖୋଖର, ବୈଷ୍ଣବୀ ଫାଲକେ, ଆଜମିନା କୁଜୁର।

**ଫରୱାର୍ଡ୍ସ:** ଲାଲରେମସିଆମି, ନବନୀତ କୌର, ବନ୍ଦନା କଟାରିୟା, ଶର୍ମିଳା ଦେବୀ, ଦୀପିକା, ସଙ୍ଗୀତା କୁମାରୀ, ମୁମତାଜ ଖାନ୍ ଓ ସୁନେଲିତା ଟପ୍ପୋ।

# ଇକୋର୍ସା, ଭୁବନେଶ୍ୱର‘ଏ’, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ପାରାଦୀପ, ମାଲକାନଗିରି ବିଜୟୀ

**ଭୁବନେଶ୍ୱର, ୮।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଡାଇମଣ୍ଡ-ଏ ଓ ସିଲ୍‌ଭର-ଏ ଗ୍ରୁପ୍‌ର ୬ଟି ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକୋର୍ସା, ଭୁବନେଶ୍ୱର‘ଏ’, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ପାରାଦୀପ, ମାଲକାନଗିରି ଦଳ ବିଜୟୀ ହୋଇଛି। ଭୁବନେଶ୍ୱର ଏ’ ଦଳର ସିଦ୍ଧାନ୍ତ ଜେନା ସଫଳ ଖେଳାଳି ଭାବରେ ଶତକ ହାସଲ କରିଛନ୍ତି।

**ରେଭେନ୍ସା ଗ୍ରାଉଣ୍ଡ-୧:** ଏଠାରେ ଭୁବନେଶ୍ୱର-ଏ ୧୦୭ ରନ୍‌ରେ କଟକ-ବି’କୁ ପରାସ୍ତ କରିଛି। ଭୁବନେଶ୍ୱର-ଏ’ ୪୬.୩ ଓଭରରେ ୧୦ ଉଇକେଟ ହରାଇ ୨୬୯ ରନ୍ କରିଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୧୧୮ ଓ ଦେବାଶିଷ ୬୭ ରନ କରିଥିଲେ। କଟକ-ବି ୯ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା।

**ରେଭେନ୍ସା ଗ୍ରାଉଣ୍ଡ-୨:** ଇକୋର୍ସା ଦଳ ୯୫ ରନ୍‌ରେ ସୁନ୍ଦରଗଡକୁ ପରାସ୍ତ କରିଛି। ଇକୋର୍ସା ୪୬ ଓଭରରେ ୧୦ ଉଇକେଟ ହରାଇ ୨୪୧ ରନ କରିଥିଲା। ଦଳ ପକ୍ଷରୁ ମଳୟ ଜେନା ୬୨ ରନ୍ କରିଥିଲେ। ସୁନ୍ଦରଗଡ ୧୪୬ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।

**ସନ୍‌ସାଇନ୍ ଗ୍ରାଉଣ୍ଡ:** ଖୋର୍ଦ୍ଧା ଦଳ ଭଦ୍ରକକୁ ୫ ଉଇକେଟରେ ପରାସ୍ତ କରିଛି। ଭଦ୍ରକ ୪୩.୩ ଓଭରରେ ମାତ୍ର ୧୩୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ରୂପକ ଜେନା ୨୦ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଖୋର୍ଦ୍ଧା ଦଳ ୨୬.୩ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା।



ସିଦ୍ଧାନ୍ତ ଜେନା

**ଅଡଶପୁର ଗ୍ରାଉଣ୍ଡ:** କେନ୍ଦ୍ରାପଡ଼ା ଦଳ ୭୦ ରନ୍‌ରେ ନୂଆପଡ଼ାକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ା ୪୩.୩ ଓଭରରେ ୧୬୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ବାଲେଶ୍ୱର ମାଝୀ ଓ ଆୟୁଷ୍ମାନ ଗୁପ୍ତା ୩ ଉଇକେଟ ସଫଳତା ପାଇଥିଲେ। ନୂଆପଡା ୨୮ ଓଭରରେ ୯୮ ରନରେ ଅଲଆଉଟ ହୋଇଥିଲା।

**ଏମ୍‌ଜିଏମ୍ ଗ୍ରାଉଣ୍ଡ:** ପାରାଦୀପ ୧୮୬ ରନରେ କନ୍ଧମାଳକୁ ହରାଇଛି। ପାରାଦୀପ ଦଳ ୪୯.୫ ଓଭରରେ ୨୪୩ ରନରେ ଅଲଆଉଟ ହୋଇଥିଲା। ଚିତ୍ତରଞ୍ଜନ ପାତ୍ର ୬୧ ରନ୍ କରିଥିଲେ। କନ୍ଧମାଳ ଦଳ ୧୯.୪ ଓଭରରେ ୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।

**ବାରବାଟୀ ଷ୍ଟାଡିୟମ:** ମାଲକାନଗିରି ୪ ଉଇକେଟରେ ଗଜପତିକୁ ପରାସ୍ତ କରିଛି। ଗଜପତି ଦଳ ୨୩.୪ ଓଭରରେ ୯୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ମାଲକାନଗିରି ୨୨.୫ ଓଭରରେ ୫ ଉଇକେଟ ହରାଇ ୯୬ ରନ୍ କରିଥଲା।


# Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

ASHRIBAD WEDDING-ବୟସ 58 ଜାତି ବଙ୍ଗାଳୀ (ବୟସ 45 ଜାତି ତେଲି, ବୟସ 41 ଜାତି ଗୁଡ଼ିଆ Software Engineer in Bangalore) ବୟସ 34 ଜାତି ବ୍ରାହ୍ମଣ- ପୁରୁଷଙ୍କ ପାଇଁ ଉପଯୁକ୍ତ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-0060

**GROOM WANTED**

Beautiful Khandayat girl 1994 5’2” serving OJS “SUNASANSAR”. 9937512659, 8249969649. D-0061

ASHRIBAD WEDDING-ବୟସ 34 ଜାତି ଖଣ୍ଡାୟତ Divorce ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ, ସବୁଜାତି ଗ୍ରହଣୀୟ। ଯୋଗାଯୋଗ- 9178392294. D-0059

37 ବୟସ୍କା ସୁନ୍ଦର ବିଧବା ନିଃସନ୍ତାନ ଏକାକୀ ରହୁଥିବା ଖଣ୍ଡାୟତ ଜାତିର ସରକାରୀ କାର୍ଯ୍ୟରତ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7749076723 D-0054

56 ବୟସ୍କା ପେନ୍‌ସନ ପାଉଥିବା Govt. Teacher ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658185147. D-0058



REAL ESTATE

**SALE**

**Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ)** D-0023

ANTQUE Model bullet sale with valid documents. Contact. 9938205600. D-0043

**2400 sqft. Gharabari Land 50’ wide road facing near Pokhariput DAV School. Contact: 9090030067, 9090030068.** D-3028

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ-800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

Gharabari plot for sale Sivasakti Nagar (Hanspal) per sqft.- 2750/-. 7008492511. D- 0047

Land for sale at Pubasasan Mouza, infront of CIFA having area 2200sqft. with yellowzone (gharabari). Contact: 9938205600. D-0042

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରି ଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

ଭୁବନେଶ୍ୱର ଟଙ୍କପାଣି ରୋଡ୍ **BJEM-2 backside** ରାସ୍ତା ପାଖରେ **2100sqft.** ବାଉଣ୍ଡରି ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ବର୍ଗଫୁଟକୁ **900/-. Mob: 9438220432, 8144658008.** D- 0049

Plot sale (yellowzone) near TATA Memorial Cancer Hospital (proposed), infront- of BSF Cantonment. Contact: 9937269125. D-74531

Farmhouse having 5acre area sale near 9K.M. from Chaudwar. Contact: 9938205600. D-0041

ଭୁବନେଶ୍ୱର ସାଇମନ୍ଦିର ଛକରୁ 7K.M. ଦୂରରେ ରଙ୍ଗବଜାର ପାଖରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-74839

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74668

**Duplex At: Pokhariput near D.A.V. School. Land Area=2400 sqft., const. Area= 3700sqft. Contact. 9776996478.** D-3031



CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




2 Rooms,kitchen, toilet, Dinings pace Ground floor opposite hotel Presidency, Nayapalli 7077754377. D-74840

3BHK, 3 toilet near Palasuni Market, Bhubaneswar. Contact : 9337892385. D-73375




Newly open Spa Positively health benefit with expert. Contact- 7749976301 D-74532

**Full Body massage by Experience Therapist @999 only- 9078484455. (Bhubaneswar).** D-3134

Asribad Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

Newly open health benefits SPA special Offer @ 799, Jaydev Vihar. 8018429809. D-73697

All types of professional body massage by professional therapy. Contact:9556924059, 7077933109. D-0046

**Relax, Refresh your body, Mind at Saikrupa Spa with best therapies. 8984068077.** D-0034




**B. Ed Andhrapradesh under Nagarjuna Andhra University 2023-2025 batch Contact- 8339831898, 8260311845, 9930627570 seat booking admission.** D-0056

University Gold medallist offers expert PERSONAL coaching for English, Maths, Science Class 8 to 10 any board. Khandagiri 8599086770. D-0044

**AFFIDAVIT**

I, Anila Kumar Patnaik, S/o Late Kanhu Charan Patnaik, presently residing at Qr. No. LA-693, HAL Township, Post: Sunabeda-2, PS.- Sunabeda, Dist.- Koraput (Odisha). Do hereby declare that by virtue of affidavit dt.07/4/2023 before the Notary, Sunabeda, I have changed my name from Anila Kumar Patnaik to Anil Kumar Patnaik. Hence in future I will be known as Anil Kumar Patnaik in all official and other purposes. D-0055

By virtue of an affidavit sworn before the Notary Public, Bolangir, I Sayed Kotabur Rasul, R/o. Gandhinagar pada, Bolangir town, PO/Dist. Bolangir declared that I want to change my name from Sayad Kotobur Rasul, S/o. Sayad Nayim Rasul (Father) and Sayada Anwari Begum (Mother) to Sayed Kotabur Rasul, S/o. Sayed Naim Rasul (Father) and Sayeda Anwara Begum (Mother) for all purposes. D-0052

**LEGAL NOTICE**

ଆମ୍ଭେ ଶ୍ରୀମତୀ ରୀନା ଜେନା, ସ୍ୱାମୀ: ଧ୍ରୁବ ଚରଣ ବିଶ୍ୱାଳ, ଗ୍ରାମ: କୋରଡ଼କଣ୍ଟା, ଥାନା: ବଡ଼ଗଡ଼, ଜିଲ୍ଲା: ଖୋର୍ଦ୍ଧା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ ଯେ ଦୀର୍ଘ ୧୨ (ବାର) ବର୍ଷରୁ ଅଧିକ ସମୟ ଧରି ଆମ୍ଭେ କୋରଡ଼କଣ୍ଟାରେ ଘର କରି ବାସ କରି ଆସୁଅଛୁ। ଗ୍ରାମର କିଛି ଖଳ ପ୍ରକୃତିର ଲୋକ ଜାଲ୍ କାଗଜପତ୍ର ବଳରେ ମୋର ଜମି ଓ ଘର ଦଖଲ କରିବାକୁ ଷଡ଼ଯନ୍ତ୍ର କରୁଥିବା ଆମ୍ଭେ ଜାଣିବାକୁ ପାଉଛୁ। ଭବିଷ୍ୟତରେ ଯଦି ଏହି ଜମି ଓ ଘର ସେମାନଙ୍କ ପ୍ରରୋଚନାରେ ପଡ଼ି ଜାଲ୍ କାଗଜପତ୍ର ଦ୍ୱାରା କେହି କ୍ରୟ କରନ୍ତି, ତେବେ ଆମ୍ଭେ ଏଥିପାଇଁ ଦାୟୀ ହେବୁ ନାହିଁ।

ଇତି- ଶ୍ରୀମତୀ ରୀନା ଜେନା
କୋରଡ଼କଣ୍ଟା
ଧ-୦୦୫୧

**ନିରୁଦ୍ଦିଷ୍ଟ**



ନାମ- ସହଦେବ ଗୌଡ, ରଙ୍ଗ- ଗୋରା, ବୟସ: 60 ସେ ଗଲା ବେଳେ ଧୋତି ପିନ୍ଧି ଥିଲେ, ସେ ନୟାପଲ୍ଲୀରୁ ନିଖୋଜ ଅଛନ୍ତି ଏବଂ ସେ ଦାଶକାଠିଆ ବଜାନ୍ତି। ଗତମାସ ୨୦ ତାରିଖଠାରୁ ସେ ନିଖୋଜ ଅଛନ୍ତି, ତେଣୁ ତାଙ୍କର କୌଣସି ସନ୍ଧାନ ପାଆନ୍ତି ତେବେ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। 9316230902. 8455986851. D-0053

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ଏଲିଫ୍ୟାଣ୍ଟ କଞ୍ଜରଭେଶନ ନେଟ୍‌ୱର୍କ .......... ରାଜ୍ୟରେ ଆରମ୍ଭ କରାଯାଇଛି ?
୨– ପ୍ରେସ୍ ଇନ୍‌ଫର୍ମେଶନ୍ ବ୍ୟୁରୋର ନୂତନ ଡାଇରେକ୍ଟର ଜେନେରାଲ୍ ଭାବେ .......... ନିଯୁକ୍ତ ହୋଇଛନ୍ତି ?
୩– ଦିବ୍ୟ କଳା ମେଳା ............ ରାଜ୍ୟରେ ପାଳନ କରାଯାଏ ?
୪– ପିଏମ୍ ମିତ୍ର ସ୍କିମ୍ .............. ପକ୍ଷରୁ ଆରମ୍ଭ କରାଯାଇଛି ?
୫– ମିରାକିଲ୍ସ ଅଫ୍ ଫେସ୍ ୟୋଗା ପୁସ୍ତକ ......... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ଫାଇନାନ୍ସିଆଲ୍ ଆକ୍ସନ ଟାସ୍କ ଫୋର୍ସ
୨ ଟାଇପ୍–୨ ଡାଇବେଟିସ୍
୩ ସିକିମ୍
୪ ଆମେରିକା
୫ ସେଲ୍ୟୁଲଏଡ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଶୁଭଶ୍ରୀ ମହାନ୍ତି, ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ଉଚ୍ଚା ପକ୍ଷୀ

| | |
|---|---|
| ୧– କମନ୍ ଅଷ୍ଟ୍ରିଚ୍ | ୨.୮ ମିଟର |
| ୨– ସୋମାଲି ଅଷ୍ଟ୍ରିଚ୍ | ୨.୭୨ ମିଟର |
| ୩– ଏମୁ | ୧.୯ ମିଟର |
| ୪– ସଦର୍ନ କ୍ୟାଜୋୟାରୀ | ୧.୮ ମିଟର |
| ୫– ଡାଲମାଟିଆନ୍ ପେଲିକାନ୍ | ୧.୭୫ ମିଟର |
| ୬– ନର୍ଦନ କ୍ୟାଜୋୟାରୀ | ୧.୭ ମିଟର |
| ୭– ମ୍ୟୁଟ୍ ସ୍ୱାନ୍ ଓ ଟ୍ରମ୍ପେଟର ସ୍ୱାନ୍ | ୧.୭ ମିଟର |
| ୮– ଗ୍ରେଟର ରେଆ | ୧.୫ ମିଟର |
| ୯– ମାରାବୋଉ ଷ୍ଟର୍କ | ୧.୫ ମିଟର |
| ୧୦– ଶୋଏବିଲ୍ | ୧.୫ ମିଟର |

ୟୁଥ୍ ଆଲର୍ଟ

# ଦୃଷ୍ଟିଶକ୍ତି ବଢ଼ାଇବା ଖାଦ୍ୟ



ବର୍ତ୍ତମାନ ଅଧିକ ସମୟ ମୋବାଇଲ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦି ବ୍ୟବହାର କରିବା ଏବଂ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଭଳି ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ିଙ୍କଠାରେ ଚକ୍ଷୁ ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ନିଜ ଖାଦ୍ୟ ତାଲିକାରେ କ'ଣ ସବୁ ସାମିଲ କଲେ ଦୃଷ୍ଟିଶକ୍ତି ବୃଦ୍ଧି ହେବାରେ ସହାୟକ ହେବ, ଜାଣିରଖନ୍ତୁ ସେ ସମ୍ପର୍କରେ...

**ଶାଗ:** ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ଶାଗ ହେଉଛି ସବୁଠୁ ଭଲ ଖାଦ୍ୟ। ଏଥିରେ ଭରି ରହିଛି ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ। ତେଣୁ ପ୍ରତିଦିନ ଖାଦ୍ୟ ତାଲିକାରେ ତଟକା ସବୁଜ ଶାଗକୁ ସାମିଲ କରି ଉପକୃତ ହୋଇପାରିବେ।

**ଅଣ୍ଡା:** ଏଥିରେ ଭରିରହିଛି ପ୍ରଚୁର ପରିମାଣର ଲ୍ୟୁଟିନ୍, ଭିଟାମିନ୍ ଇ, ସି, ଯାହାକି ଚକ୍ଷୁ ସମସ୍ୟା ଦୂର କରିବା ଲାଗି ବହୁତ ଉପକାରୀ।



**ସି ଫୁଡ୍:** ସାଲମନ୍, ଟୁନା ଭଳି ସମୁଦ୍ର ମାଛରେ ପ୍ରଚୁର ପରିମାଣରେ ଓମେଗା–୩ ଫ୍ୟାଟି ଏସିଡ୍ ଭରି ରହିଛି, ଯାହାକି ଚକ୍ଷୁ ଶୁଷ୍କ ହେବା ବା ଡ୍ରାଏ ଆଇ ଏବଂ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଏହି ସି ଫୁଡ୍ ଖାଇବା ଦ୍ୱାରା ଗ୍ଲୁକୋମା ଭଳି ସମସ୍ୟାଠାରୁ ମଧ୍ୟ ଦୂରେଇ ରହିବାରେ ସାହାଯ୍ୟ କରେ।

**ଛୁଇଁ:** ଶିମ୍ବ, ବିନ୍ସ, ଝୁଡ଼ଙ୍ଗ, ସଜନାଛୁଇଁ ଆଦି ଭଳି ଛୁଇଁଜାତୀୟ ଖାଦ୍ୟରେ ପ୍ରୋଟିନ୍ ଏବଂ ଜିଙ୍କ୍ ପରିମାଣ ଖୁବ୍ ଅଧିକ, ଯାହାକି ଚକ୍ଷୁ ପାଇଁ ବେଶ୍ ଉପକାରୀ। ତେଣୁ ଏହାକୁ ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧି ହେବ।

**ମଞ୍ଜି ଓ ବାଦାମଜାତୀୟ ଖାଦ୍ୟ:** ଆଖିର ମାଂସପେଶୀକୁ ସୁସ୍ଥ ଏବଂ ମଜଭୁତ ରଖିବା ଲାଗି ଭିଟାମିନ୍ ଇ, ସି, ଜିଙ୍କ୍, ଓମେଗା–୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏ ସବୁ ଭରପୂର ମାତ୍ରାରେ ରହିଛି ବିଭିନ୍ନ ମଞ୍ଜି ଏବଂ କାଜୁ, ପେସ୍ତା, ଚିନାବାଦାମ ଏବଂ ଅନ୍ୟ ବାଦାମଜାତୀୟ ଖାଦ୍ୟରେ।

**ପନିପରିବା:** ଗାଜର, ଫୁଲକୋବି ଏବଂ ଅନ୍ୟାନ୍ୟ ତଟକା ପନିପରିବା ଜାତୀୟ ଖାଦ୍ୟ ମଧ୍ୟ ଆପଣଙ୍କ ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

# ଚ୍ୟାଲେଞ୍ଜ



ସଫଳତା ମାର୍ଗରେ 'ଚ୍ୟାଲେଞ୍ଜ' ହେଉଛି ଏମିତି ଏକ ବାଧକ, ଯାହାକୁ ଡରି କେହି କେହି ସମ୍ପୂର୍ଣ୍ଣ ଓହରି ଯାଇ ଲକ୍ଷ୍ୟଚ୍ୟୁତ ହୋଇଯାଆନ୍ତି ତ ଆଉ କାହା ପାଇଁ ଏହା ହିଁ ପାଲଟେ ଦୃଢ଼ ମନୋବଳ ରଖି ସଫଳତାର ଶୀର୍ଷରେ ପହଞ୍ଚିବାର ଚାବିକାଠି। ତେବେ ମଣିଷର ମାନସିକତାକୁ ନେଇ ଏହାର ପରିଭାଷା କାହା ପାଇଁ କେମିତି...

ଜୀବନର ପ୍ରତିଟି ସମୟରେ ମଣିଷକୁ ଅନେକ ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସଫଳତା ପାଇବାକୁ ହେଲେ ଅନେକ ଚ୍ୟାଲେଞ୍ଜର ବି ସାମ୍ନା କରିବାକୁ ବି ପଡ଼େ। ହେଲେ ଯିଏ ଏହି ଚ୍ୟାଲେଞ୍ଜକୁ ଡରିଯାଏ ସେ ହାରିଯାଏ ଏବଂ ଯିଏ ଏହାକୁ ଜୀବନର ଏକ ପରୀକ୍ଷା ଭାବେ ଗ୍ରହଣ କରି ଉଦ୍ୟମ ଜାରି ରଖେ, ସେ ହିଁ ସଫଳତାର ସ୍ୱାଦ ଚାଖିପାରେ। ତେଣୁ କୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଲାଗି କେଉଁ ସବୁ ଦିଗକୁ ଅଣଦେଖା କଲେ ଆଗକୁ ବଢ଼ିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

**ନକାରାତ୍ମକ ଭାବନା ଦୂରାନ୍ତୁ:** ଯେବେ ଜଣେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୁଏ, ସେତେବେଳେ ଅନେକ ବାଧା ବା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାଏ। ହେଲେ କେବେକେବେ ମନରେ ନକାରାତ୍ମକ ଭାବନା ରହିଲେ ଏହା ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ଦିଏନାହିଁ ଏବଂ ପ୍ରଗତି ପଥରେ ବାଧକ ସାଜେ। ଏହା ମାନସିକ ସ୍ତରରେ ଜଣଙ୍କୁ ଦୁର୍ବଳ କରିଦିଏ। ଫଳରେ ଆଗକୁ କୌଣସି ଚ୍ୟାଲେଞ୍ଜ ଆସିଲେ ତାହାକୁ ସାମ୍ନା କରିବା ତ ଦୂରର କଥା, ଭୟରେ ଜଣେ ସେଥିରୁ ସମ୍ପୂର୍ଣ୍ଣ ଓହରିଯାଏ। ତେଣୁ ସର୍ବପ୍ରଥମେ ନିଜ ମନରେ ଏଭଳି ଭାବନା ଦୂରେଇ ସକାରାତ୍ମକ ଭାବନା ରଖନ୍ତୁ।

**ଲକ୍ଷ୍ୟ ପ୍ରତି ରଖନ୍ତୁ ଫୋକସ୍:** ଆମ ଭିତରେ ଅନେକ ଏମିତି ବି ଅଛନ୍ତି, ଯାହାଙ୍କର ଲକ୍ଷ୍ୟ କେବଳ ଗୋଟିଏ ହୋଇ ନ ଥାଏ। ସେମାନେ ସେ ସବୁକୁ ସଫଳ କରିବା ଲାଗି ଉଦ୍ୟମ ବି କରନ୍ତି। ହେଲେ କୌଣସି କାର୍ଯ୍ୟରେ ଯଦି ଥରେ ବିଫଳତା ଆସେ ଅବା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼େ, ତେବେ ବାରମ୍ବାର ଉଦ୍ୟମ କରିବା ବଦଳରେ ସେମାନେ ଏହାକୁ ଛାଡ଼ି ଅନ୍ୟ ସମସ୍ତ ଲକ୍ଷ୍ୟ ପୂରଣ କରିବାକୁ ଗୁରୁତ୍ୱ ଦିଅନ୍ତି। ସେହିପରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରତି ଫୋକସ୍ ନ ରହିବାରୁ ଗୋଟିଏ ପରେ ଗୋଟିଏ ଲକ୍ଷ୍ୟରେ ଆସୁଥିବା ଚ୍ୟାଲେଞ୍ଜକୁ ସେମାନେ ଅବହେଳା କରି ଛାଡ଼ିଦିଅନ୍ତି ଏବଂ ଶେଷରେ କୌଣସି ଲକ୍ଷ୍ୟ ହାସଲ କରିବା ସହଜ ହୋଇପାରି ନ ଥାଏ।







### ଏମାନେ କ'ଣ କୁହନ୍ତି



**ପ୍ରସନ୍ନ କୁମାର ସାଉ** (ଚିତ୍ରଶିଳ୍ପୀ, ଧନିଶୋ, ଜଗତ୍‌ସିଂହପୁର)– ଯଦି ଜୀବନରେ ଚ୍ୟାଲେଞ୍ଜ ନାହିଁ, ତେବେ ଜୀବନ ଏକ ମରୁ ଉଦ୍ୟାନ। ତେଣୁ ଜୀବନର ଘାତ–ପ୍ରତିଘାତ ଏବଂ ଅନ୍ୟର କଟାକ୍ଷକୁ ଚ୍ୟାଲେଞ୍ଜ ଭାବେ ନେଇ ଆତ୍ମବିଶ୍ୱାସ ଓ ନିଷ୍ଠାର ସହ ଆଗକୁ ବଢ଼ିବା, ତେବେ ସଫଳତାର ମିଠା ସ୍ୱାଦ ଚାଖିପାରିବା। ଏହା ମୋ ଚିତ୍ରଶିଳ୍ପୀ ଜୀବନର ଆଇନା ପ୍ରତିବିମ୍ବ ସଦୃଶ। ପେସାରେ ଜଣେ ଶିକ୍ଷକ ହୋଇଥିଲେ ହେଁ ନିଶା ଚିତ୍ର ଆଙ୍କିବା। ଏଥିପାଇଁ ଏସବୁ କାହିଁକି କରୁଛୁ, ଏଥିରେ ଲାଭ କ'ଣ, ଅଯଥା ସମୟ ନଷ୍ଟ ଭଳି ଅନେକ ନକାରାତ୍ମକ କଥା ଶୁଣିଛି। ହେଲେ ପଛଘୁଞ୍ଚା ନ ଦେଇ ଏହାକୁ ଚ୍ୟାଲେଞ୍ଜ ଭାବି ଆଗେଇ ଆସିଛି ବୋଲି ଆଜି ଦେଶ ବିଦେଶରେ ନିଜ ଚିତ୍ରକଳା ପ୍ରଦର୍ଶନ କରି ପ୍ରଶଂସିତ ଓ ପୁରସ୍କୃତ ହେବାର ସୌଭାଗ୍ୟ ପାଇଛି। ତେଣୁ ଚ୍ୟାଲେଞ୍ଜକୁ ମୁଁ ସବୁବେଳେ ସ୍ୱାଗତ କରେ।



**ମାମାଲି ଜେନାମଣି** (କଣ୍ଠଶିଳ୍ପୀ, ବାଲିମେଳା, ମାଲକାନଗିରି)– ମୋ ମତରେ ନିଜ ଭାବନାକୁ ଉଚ୍ଚ ଓ ନିଜକୁ ବେଷ୍ଟ ପ୍ରମାଣିତ କରିବାକୁ ହେଲେ ସବୁବେଳେ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଦରକାର। କାରଣ ବିନା ଚ୍ୟାଲେଞ୍ଜରେ ବା ବିନା କଷ୍ଟରେ ଯେଉଁ ସଫଳତା ମିଳେ ସେଥିରେ ସେତିକି ଖୁସି ମିଳେନି ଯେତିକି ମିଳେ କଷ୍ଟ କରି ନିଜ ଉଦ୍ୟମରେ ହାସଲ କରିଥିବା ସଫଳତାରେ। ନିଜ କଥା କହିବି ଜଣେ ସିଙ୍ଗର ହେବା ଲାଗି ଅନେକ କଷ୍ଟ କରିଛି। ମାଲକାନଗିରିରୁ ପ୍ରତିଦିନ ଭୁବନେଶ୍ୱର ବାପାଙ୍କ ସାଙ୍ଗେ ବସ୍‌ରେ ଆସିଛି ଗୀତ ଶିଖିବାକୁ। ପ୍ରଥମେ ସମସ୍ତେ ହସୁଥିଲେ ଏବଂ ଏହାକୁ ମୋର ପାଗଳାମି କହୁଥିଲେ, ହେଲେ ମୋ ବାପାମାଆ ମୋତେ ସର୍ବଦା ଉତ୍ସାହିତ କରିବା ସହ ଏହାକୁ ଏକ ଚ୍ୟାଲେଞ୍ଜ ଭାବି ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ଯେଉଁଥିପାଇଁ ଆଜି ଓଡିଶାର ଅନେକ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ସହ ଗାଇ ନିଜର ଏକ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି।

**ଛାଡ଼ନ୍ତୁ ଭୟ:** ଭୟ ଏଭଳି ଏକ ଭାବନା, ଯାହାକି ମଣିଷକୁ ପଛକୁ ପଛକୁ ଟାଣେ। ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦେବ, ଯଦ୍ୱାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼ିବ। ଉଦାହରଣ ସ୍ୱରୂପ ଭବିଷ୍ୟତରେ ସଫଳ ଓକିଲ ହେବାକୁ ଇଚ୍ଛା ରଖିଥିବା ଜଣେ ଛାତ୍ରୀ କିମ୍ବା ଛାତ୍ର କ୍ଲାସ୍‌ରୁମ୍‌ରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ପଦେ କଥା କହିବାକୁ ଡରନ୍ତି। ଧୀରେ ଧୀରେ ଏହି ଡର ମନରେ ରହିଯାଏ। ଫଳରେ ଜବ୍ ମିଳିଲେ କିପରି କୋର୍ଟରେ ନିଜର ମତ ରଖିବେ ତାକୁ ନେଇ ଭୟ କରନ୍ତି ଏବଂ ଲକ୍ଷ୍ୟ ପଥ ବଦଳାଇ ଦିଅନ୍ତି। ହେଲେ ଏହା ଜଣେ ବିଦ୍ୟାର୍ଥୀର ପରିଚୟ ନୁହେଁ। ତେଣୁ ସର୍ବପ୍ରଥମେ ନିଜର ଦୁର୍ବଳତାକୁ ନିଜେ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ମନରୁ ଭୟ ଦୂର କରି ସଫଳତା ପାଇବାର ଏକମାତ୍ର ଉପାୟ।

**ଅନ୍ୟ କଥାରେ ହୁଅନ୍ତୁନି ଦୁର୍ବଳ:** ଅନ୍ୟକୁ ଆଗକୁ ବଢ଼ିବାରେ ଉତ୍ସାହିତ କରିବା କିମ୍ବା ପ୍ରେରଣା ଯୋଗାଇଦେବା ଲୋକଙ୍କ ତୁଳନାରେ ବିଭିନ୍ନ ନକାରାତ୍ମକ କଥା କହି ପଛକୁ ଟାଣିବା ଲୋକଙ୍କ ସଂଖ୍ୟା ବେଶି। ହେଲେ ଏଥିରେ ମନକୁ ଦୁର୍ବଳ ନ କରି ସେଭଳି ଲୋକଙ୍କ କଥାକୁ ଏକ ଚ୍ୟାଲେଞ୍ଜ ଭାବି ଦୃଢ଼ ମନୋବଳ ରଖି ବାରମ୍ବାର ଚେଷ୍ଟା କଲେ ସଫଳ ହୋଇପାରିବେ ସେଥିରେ ସନ୍ଦେହ ନାହିଁ। ତେଣୁ କିଏ କ'ଣ କହୁଛି କିମ୍ବା କିଏ କ'ଣ ଭାବିବ ସେ ଦିଗରେ ଧ୍ୟାନ ଦେଇ ନିଜକୁ ଦୁର୍ବଳ କରିବା ବଦଳରେ ନିଜ କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ ଏବଂ ଆଗକୁ ବଢ଼ନ୍ତୁ।

ୟୁଥ୍ ଫ୍ୟାଶନ୍

# ଅଜବ ବ୍ୟାଗ୍

ଭଳିକିଭଳି ଅଜବ ଫ୍ୟାଶନ୍ ଆପଣେଇବାରେ ଯୁବପିଢ଼ି ସବୁବେଳେ ଆଗରେ। ଯେଉଁଥିରୁ ବାଦ୍‌ପଡ଼ିନି ବ୍ୟାଗ୍। ଜାଣିବା କେତୋଟି ଅଜବ ବ୍ୟାଗ୍ ସମ୍ପର୍କରେ...



**ଲିଜାର୍ଡ ଏବଂ ଫ୍ରଗ୍ ବ୍ୟାଗ୍:** ଯୁବତୀ ହୁଅନ୍ତୁ ଅବା ଯୁବକ, ଭଳିକିଭଳି ପୋଷାକ ସହିତ ନୂଆ ଡିଜାଇନର ବ୍ୟାଗ୍ ଧରିବାର ସଉକ ପ୍ରାୟ ଅନେକଙ୍କର ରହିଛି। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବର୍ତ୍ତମାନ ଲେଦରରେ ପ୍ରସ୍ତୁତ ଲିଜାର୍ଡ ବା ଝିଟିପିଟି ଏବଂ ବେଙ୍ଗ ଆକୃତିର ବ୍ୟାଗ୍ ବି କେହି କେହି ବ୍ୟବହାର କରୁଛନ୍ତି। ତେବେ ଏଗୁଡ଼ିକୁ ଦେଖିଲେ ଜୀବନ୍ତ ଲାଗୁଥିବାରୁ ଏଭଳି ବ୍ୟାଗ୍ ଧରିଲେ ଅନ୍ୟର ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ ବୋଲି ବ୍ୟବହାରକାରୀ ମତ ରଖନ୍ତି। କେତେକ ଅନ୍‌ଲାଇନ୍ ସାଇଟ୍‌ରେ ମଧ୍ୟ ଏସବୁ ଉପଲବ୍ଧ ହେଲାଣି।

**ଗାଡ଼ି ବ୍ୟାଗ୍:** କାହା କାନ୍ଧରେ ଝୁଲୁଛି ବସ୍ ତ କାହାର ଟ୍ରକ୍, ଆଉ ପୁଣି କାହା ପିଠିରେ ଲାଟେଷ୍ଟ ମଡେଲ୍ କାର ଡିଜାଇନ୍‌ର ବ୍ୟାଗ୍ ପ୍ୟାକ୍। ଏଭଳି ଅଜବ ଗାଡ଼ି ଡିଜାଇନ୍‌ର ବ୍ୟାଗ୍ ଏବେ ପାଲଟିଛି ଅନେକ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ। ଏସବୁ ଲେଦର, ଫୋମ୍, କାନ୍‌ଭାସ୍ ଆଦି ବିଭିନ୍ନ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ହେଉଛି। ତେବେ ଏସବୁ ମଧ୍ୟରୁ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କଲର କମ୍ବିନେଶନ୍ ଥିବା ବସ୍ ଏବଂ ଲକ୍‌ଜୁରୀ କାର୍ ଡିଜାଇନ୍ ବ୍ୟାଗ୍‌କୁ ଯୁବତୀମାନେ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ଭାୟୋଲିନ୍ ବ୍ୟାଗ୍:** ଏହି ବ୍ୟାଗ୍‌ପ୍ୟାକ୍ ଦେଖିବାକୁ ଅବିକଳ ଭାୟୋଲିନ୍ ପରି। କେହି ଜଣେ ଏହାକୁ କ୍ୟାରି କଲାବେଳେ ଆପଣ ଦେଖିଲେ ଏହା ଭାୟୋଲିନ୍ ବୋଲି ହଠାତ୍ ଭ୍ରମରେ ପଡ଼ିଯିବେ। ଏହାର ବିଭିନ୍ନ କଲର ଏବଂ ଡିଜାଇନ୍ ମଧ୍ୟ ମିଳୁଛି। ମ୍ୟୁଜିକ୍ ଲଭର ୟୁଥ୍ ଏହାକୁ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



**ସ୍କଲ୍ ବ୍ୟାଗ୍:** ଅଜବ ଫ୍ୟାଶନ୍ ରୁଚି ରଖୁଥିବା ଯୁବପିଢ଼ିଙ୍କ ପାଇଁ ଏହା ସବୁଠୁ ବେଷ୍ଟ ଚଏସ୍। କାରଣ ଏହି ବ୍ୟାଗ୍‌ଟି ଦେଖିବା ପାଇଁ ମଣିଷ ଖପୁରି ଭଳି। ଭୟଙ୍କର ଲାଗୁଥିଲେ ହେଁ ଅନ୍ୟଠୁ ଡିଫରେଣ୍ଟ ଲାଗିବା ନିଶାରେ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମଳୁଛି। ଏହାର ବିଭିନ୍ନ ଭେରାଇଟି ମିଳୁଥିବା ବେଳେ ଲେଦର ସ୍କଲ ବ୍ୟାଗ୍ ଅଧିକ ବ୍ୟବହୃତ ହେଉଥିବା ଦେଖିବାକୁ ମିଳୁଛି।

**କ୍ୟାଟେଲ୍ ବ୍ୟାଗ୍:** କେହି ଜଣେ ଏହି ବ୍ୟାଗ୍ ଧରିଥିବା ଦେଖିଲେ ଆପଣ ହୁଏତ ଭାବିପାରନ୍ତି ସେ ଚା, ଗରମ ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ନେବା ଲାଗି କ୍ୟାଟେଲ୍ ବ୍ୟବହାର କରୁଛନ୍ତି। ହେଲେ ଏହା ବାସ୍ତବରେ ଏକ ବ୍ୟାଗ୍; ଯେଉଁଥିରେ ଆପଣ ପର୍ସ, ମୋବାଇଲ୍ ଫୋନ୍, ମେକ୍‌ଅପ୍ କିଟ୍ ଆଦି କ୍ୟାରି କରିପାରିବେ। ଫ୍ୟାଶନ୍ ଟ୍ରେଣ୍ଡରେ ଅପ୍‌ଡେଟ୍ ରହିବାକୁ ପସନ୍ଦ କରୁଥିବା କେତେକ ଯୁବତୀ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

ଧରିତ୍ରୀ
DHARITRI



# ପଏଣ୍ଟ ଟେବୁଲ ଶୀର୍ଷରେ ରାଜସ୍ଥାନ ରୟାଲ୍ସ

**ଗୁଆହାଟୀ, ୮।୪(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ (ଆଇପିଏଲ)ର ୧୧ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୭ ରନ୍‌ରେ ପରାସ୍ତ କରିଛି ରାଜସ୍ଥାନ ରୟାଲ୍ସ। ରାଜସ୍ଥାନର ଦ୍ୱିତୀୟ ହୋମ୍ ଟର୍ଫ ଗୁଆହାଟୀର ବର୍ଷାପଡା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ଉଇକେଟ ହରାଇ ୧୪୨ ରନ୍ କରିବାରେ ସମର୍ଥ ହୋଇଥିଲା। ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ହାସଲ କରି ରାଜସ୍ଥାନ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି। ଖଲିଲ୍ ଅହମଦଙ୍କ ସ୍ଥାନରେ ପୃଥ୍ୱୀ ଶ’ ଓ ଜୋସ୍ ବଟଲରଙ୍କ ସ୍ଥାନରେ ସନ୍ଦୀପ ଶର୍ମା ଇମ୍ପାକ୍ଟ ପ୍ଲେୟର ଭାବରେ ଆସିଥିଲେ।

**ବଟଲର-ଜୟସ୍ୱାଲଙ୍କ ଧମାକା:** ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନକୁ ଆଉ ଏକ ଭଲ ଆରମ୍ଭ ଦେଇଥିଲେ ଯଶସ୍ୱୀ ଜୟସ୍ୱାଲ ଓ ଜୋସ୍ ବଟଲର। ଉଭୟ ଖେଳାଳି ୮.୩ ଓଭରରେ ୯୮ ରନ୍ ଯୋଡି ଏକ ଦୃଢ ମୂଳଦୁଆ ପ୍ରଦାନ କରିଥିଲେ। ମ୍ୟାଚର ପ୍ରଥମ ଓଭରରେ ଖଲିଲ ଅହମଦଙ୍କୁ ୫ ଚୌକା ମାରି ଇନିଂସ ଆରମ୍ଭ କରିଥିଲେ ଜୟସ୍ୱାଲ। ଜୟସ୍ୱାଲ ୩୧ ବଲ୍ ଖେଳି ୬୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଟପ୍ ସ୍କୋରର ରହିଥିବା ବଟଲର ୫୨ ବଲ୍ ଖେଳି ୭୯ ରନ୍ କରିଥିଲେ। ଉଭୟ ଖେଳାଳିଙ୍କ ଇନିଂସରେ ୧୧ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ମଧ୍ୟକ୍ରମରେ ସଞ୍ଜୁ ସାମସନ୍ ୦ ଓ ରିୟାନ୍ ପରାଗ ୭ ବିଫଳ ହୋଇଥିବା ବେଳେ ଶେଷ ଆଡକୁ ସିମରନ୍ ହେଟମେୟରଙ୍କ ଅପରାଜିତ ୩୯ ରନ୍ ବଳରେ ରାଜସ୍ଥାନ ୧୯୯ ରନ୍‌ରେ ପହଞ୍ଚିଥିଲା। କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୨ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ଓ ରୋଭମାନ ପାୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ବୋଲ୍ଟଙ୍କ ପ୍ରଭାବୀ ବୋଲିଂ:** ନ୍ୟୁଜିଲାଣ୍ଡ ପେସର୍ ଟ୍ରେଣ୍ଟ ବୋଲ୍ଟ ମ୍ୟାଚର ପ୍ରଥମ ଓଭରରୁ ହିଁ ରୟାଲ୍ସର ବିଜୟ ଟୋନ୍ ସେଟ୍ କରିଥିଲେ। ପ୍ରଥମ ଓଭର ମେଡେନ୍ ପକାଇବା ସହିତ ସେ ପୃଥ୍ୱୀ ଶ ଓ ମନୀଷ ପାଣ୍ଡେଙ୍କୁ ଆଉଟ୍ କରିଥିଲେ। ପ୍ରଥମ ଓଭରରେ ଦୁଇ ଉଇକେଟ ହରାଇବା ସହିତ କ୍ୟାପିଟାଲ୍ସର ରନ୍‌ଗତି ଉପରେ ମଧ୍ୟ ଅଙ୍କୁଶ ଲାଗିଥିଲା। ଅଧିନାୟକ ଡେଭିଡ୍ ୱାର୍ନର ସର୍ବାଧିକ ୬୫ ରନ୍ କରିଥିବା ବେଳେ ଲଳିତ ଯାଦବ ୩୮ ଓ ରିଲି ରୋଷୋ ୧୪ ରନ୍ କରିଥିଲେ। ଏହି ୩ ଖେଳାଳିଙ୍କ ବାଦ୍ ଦଳର ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ରୟାଲ୍ସ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ୟୁଜବେନ୍ଦ୍ର ଚହଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର. ଅଶ୍ୱିନ୍ ୨ ଓ ସନ୍ଦୀପ ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୯/୪( ଜୋସ୍ ବଟଲର-୭୯, ଯଶସ୍ୱୀ ଜୟସ୍ୱାଲ-୬୦, ସିମରନ୍ ହେଟମେୟର-୩୯, ମୁକେଶ କୁମାର-୨/୩୬, ରୋଭମାନ ପାୱେଲ-୧/୧୮, କୁଲଦୀପ ଯାଦବ-୧/୩୧)।

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୨/୯(ଡେଭିଡ୍ ୱାର୍ନର-୬୫, ଲଳିତ ଯାଦବ-୩୮, ରିଲି ରୋଷୋ-୧୪, ୟୁଜବେନ୍ଦ୍ର ଚହଲ-୩/୨୭, ଟ୍ରେଣ୍ଟ ବୋଲ୍ଟ-୩/୨୯, ରବିଚନ୍ଦ୍ରନ ଅଶ୍ୱିନ-୨/୨୫)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଗୁଜରାଟ ବନାମ କୋଲକାତା**
ସ୍ଥାନ:ଅହମଦାବାଦ, ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ ବନାମ ପଞ୍ଜାବ**
ସ୍ଥାନ: ହାଇଦ୍ରାବାଦ, ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସୁପରକିଙ୍ଗ୍ସର ସହଜ ବିଜୟ

**ମୁମ୍ବାଇ,୮।୪:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ(ଆଇପିଏଲ)ର ୧୨ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)। ଅଜିଙ୍କ୍ୟ ରାହାଣେଙ୍କ ଅର୍ଦ୍ଧଶତକ ବଳରେ ୭ ଉଇକେଟରେ ଦଳ ଏହି ମ୍ୟାଚକୁ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୨୦ ଓଭରରେ ୮ ଉଇକେଟରେ ୧୫୭ ରନ୍ କରିଥିଲା। ଚେନ୍ନାଇ ୧୮.୧ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଟସ୍ ହାରି ବ୍ୟାଟିଂ କରିଥିବା ମୁମ୍ବାଇ ପକ୍ଷରୁ ରୋହିତ ଶର୍ମା ଓ ଇଶାନ କିଶନ ଓପନିଂ ଯୋଡିରେ ୩୮ ରନ୍ ଯୋଡିଥିଲେ। ରୋହିତ ଶର୍ମା ୨୧ଙ୍କୁ ବୋଲ୍ଡ କରି ତୁଷାର ଦେଶପାଣ୍ଡେ ଏହି ଯୋଡି ଭାଙ୍ଗିଥିଲେ। କାମେରୁନ୍ ଗ୍ରୀନ୍ ୧୧,ତିଲକ ବର୍ମା ୨୨ ରନ୍ , ଶେଷ ଆଡକୁ ଟିମ୍ ଡେଭିଡ୍ ୩୧ ଓ ହ୍ରିତିକ୍ ଶୋକିନ୍ ୧୮ ରନ୍ କରିବାରୁ ମୁମ୍ବାଇ ୧୫୦ ରନ୍ ପାର କରିଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ୨୦ ରନ୍‌ରେ ୩ ଉଇକେଟ ନେଇଥିଲେ। ୧୫୮ ରନ୍ ଜବାବରେ ଚେନ୍ନାଇ ଓପନର ଡେଭନ କନୱେଙ୍କୁ ଖାତା ଖୋଲିବା ପୂର୍ବରୁ ହରାଇଥିଲା। ରାହାଣେ ୬୧, ଋତୁରାଜ ଗାଏକ୍ୱାଡ ୪୦* ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୭/୮(ଇଶାନ କିଶନ-୩୨, ଟିମ୍ ଡେଭିଡ୍-୩୧, ତିଲକ ବର୍ମା-୨୨, ରବୀନ୍ଦ୍ର ଜାଡେଜା-୩/୨୦, ମିଚେଲ ସାଣ୍ଟନର-୨/୨୮, ତୁଷାର ଦେଶପାଣ୍ଡେ-୨/୩୧)। ଚେନ୍ନାଇ ସୁପର କିଙ୍ଗ୍ସ ୧୮.୧ ଓଭରରେ ୧୫୯/୩(ଅଜିଙ୍କ୍ୟ ରାହାଣେ-୬୧, ଋତୁରାଜ ଗାଏକ୍ୱାଡ-୪୦*, ଶିବମ ଦୁବେ-୨୮, ଜାସନ୍ ବେହେଣ୍ଡ୍ରଫ୍-୧/୨୪ ,କୁମାର କାର୍ତ୍ତିକେୟ-୧/୨୪, ପୀୟୁଷ ଚାୱଲା-୧/୩୩)।

## ରାଜାୱତ ଫାଇନାଲରେ

**ଓର୍ଲିନ୍ସ,୮।୪ (ପି.ଟି.):** ଭାରତର ପ୍ରିୟାଂଶୁ ରାଜାୱତ ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଆୟର୍ଲାଣ୍ଡର ଏନହାଟ୍ ଏନ୍‌ଗୁୟେନଙ୍କୁ ହରାଇ ଦେଇଛନ୍ତି।

## ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ତାଲିକାରେ ଶୁଭ୍ରାଂଶୁ



**ଭୁବନେଶ୍ୱର, ୮।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଚେନ୍ନାଇ ସୁପରକିଙ୍ଗ୍ସ ଦଳରେ ସାମିଲ ଥିବା ଓଡ଼ିଶା ରଣଜୀ ଟ୍ରଫି ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ୫ ଜଣ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଖେଳାଳିଙ୍କ ମଧ୍ୟରେ ଶୁଭ୍ରାଂଶୁ ସାମିଲ ଥିଲେ। ଚେନ୍ନାଇ ପକ୍ଷରୁ ଆକାଶ ସିଂ, ରାଜବର୍ଦ୍ଧନ ହଙ୍ଗରଗେକର୍, ଶେକ୍ ରଶିଦ୍, ଅମ୍ବାତି ରାୟୁଡୁ ଓ ଶୁଭ୍ରାଂଶୁ ସେନାପତି ଏହି ତାଲିକାରେ ସାମିଲ ଥିଲେ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ